ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୪/୨୦୨୨ (୧୪ ପୃଷ୍ଠା) Bhubaneswar, Thursday, July 14/2022 Page 14 ₹ 7.00 ★★★★

୪୮ଶ ଭାଗ ୨୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

ବୁମ୍‌ରା ନମ୍ବରୱାନ

ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ର୍ୟାଙ୍କିଙ୍ଗ୍‌ର ନମ୍ବରୱାନ ସ୍ଥାନକୁ ଫେରିଛନ୍ତି।

୧୪

୧୦

ହ୍ରିତିକ୍‌ଙ୍କ ପ୍ରେମରେ ଅନନ୍ୟା

ବଲିଉଡ୍‌ର ନାୟିକା ଅନନ୍ୟା ପାଣ୍ଡେ ହ୍ୟାଣ୍ଡସମ୍ ହିରୋ କୁହାଯାଉଥିବା ହ୍ରିତିକ ରୋଶନଙ୍କର ଜଣେ ବଡ଼ ଫ୍ୟାନ୍ ବୋଲି କହିଛନ୍ତି।

୧୯ରେ ଓଡ଼ିଶା ବନ୍ଦ

ରୁଚିକା ଆତ୍ମହତ୍ୟା ଘଟଣା

- ୧୪ରୁ ୧୬ ବିଭିନ୍ନ କଲେଜରେ ଜନଜାଗରଣ ଯାତ୍ରା
- ୧୭ରେ ଡିଜିଙ୍କ କାର୍ଯ୍ୟାଳୟ ବାହାରେ ଶାନ୍ତିପୂର୍ଣ୍ଣ ଧାରଣା
- ୧୮ରେ ଓଡ଼ିଶା ବନ୍ଦ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ
- ଗୃହରେ ପ୍ରସଙ୍ଗ ଉଠାଇବୁ କହି ବିରୋଧୀ ଚୁପ୍

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଉପରେ ଆଉ ଭରସା ନାହିଁ। ଏ ସରକାର ନ୍ୟାୟ ଦେଇପାରିବ ନାହିଁ। ତେଣୁ ଆସନ୍ତା ୧୯ ତାରିଖ ଓଡ଼ିଶା ବନ୍ଦରେ ସାମିଲ ହୁଅନ୍ତୁ। ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ମା' ବୁଧବାର ଏଭଳି ଆହ୍ୱାନ ଦେଇଛନ୍ତି। ନବନିର୍ମାଣ ଛାତ୍ର ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ଏହି ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପଟେ ବିଧାନସଭାରେ ରୁଚିକାଙ୍କ ମା'ଙ୍କୁ ପୋଲିସ ବିଜେବି କଲେଜ ସମ୍ମୁଖରୁ ଯେପରି ଉଠାଇନେଲା ସେକଥା ଗୃହରେ ଉଠାଯିବ ବୋଲି କଂଗ୍ରେସ ଓ ଭାଜପାର ବରିଷ୍ଠ ନେତା ମତ ରଖିଥିଲେ ମଧ୍ୟ ବୁଧବାର ଅଧିବେଶନ ସମୟରେ ସେହି ପ୍ରସଙ୍ଗ ଉପରେ ବିରୋଧୀ ଗୁରୁତ୍ୱ ଦେଇନାହାନ୍ତି। ତେବେ ପ୍ରସଙ୍ଗ ଉଠାଇବେ କହି କାହିଁକି କଂଗ୍ରେସ ଏବଂ ଭାଜପା ନୀରବ ରହିଲେ ତାକୁ ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଉଇହୁଙ୍କାରେ ସାପ



ରଙ୍ଗିନ ବ୍ରହ୍ମାଣ୍ଡ | ନ୍ୟାଶନାଲ ଏରୋନଟିକ୍ସ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା)ର ଶକ୍ତିଶାଳୀ ଜେମ୍ସ ୱେବ ଟେଲିସ୍କୋପ୍ କ୍ୟାମେରାରେ କଏଦ ହୋଇଛି ବ୍ରହ୍ମାଣ୍ଡର ପ୍ରଥମ ରଙ୍ଗିନ ଫଟୋ। ଏହି ଫଟୋର କେନ୍ଦ୍ରରେ ଥିବା ଗ୍ୟାସ୍ ଏବଂ ଧୂଳିର ଏକ ବିଶାଳ ବିସ୍ତାର କ୍ଷେତ୍ର ସଦର୍ନ ରିଙ୍ଗ୍ ବା ଏଇଟ୍–ବ୍ରଷ୍ଟ ନେବୁଲା (ନିହାରିକା) ମରିବାକୁ ଯାଉଥିବା ଏକ ନକ୍ଷତ୍ରରୁ ବାହାରୁଥିବା ଆଲୋକରେ ଆଲୋକିତ ହୋଇଛି। ସଦର୍ନ ରିଙ୍ଗ୍‌ର ବ୍ୟାସ ପ୍ରାୟ ଏକ ଆଲୋକବର୍ଷର ଅଧା ହେବ। ଏହା ପୃଥିବୀଠାରୁ ପ୍ରାୟ ୨ ହଜାର ଆଲୋକବର୍ଷ ଦୂରରେ ରହିଛି।

ଦିନକରେ ୭୪୩ ପଜିଟିଭ୍

ମାସ୍କ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ରାଜ୍ୟରେ ଦ୍ରୁତଗତିରେ ମାଡ଼ିଚାଲିଛି କରୋନା ସଂକ୍ରମଣ। ଗତ କିଛିଦିନ ହେବ ଦୈନିକ ୫୦୦ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଏବେ ୭ଶହ ଟପିଛି। ମଙ୍ଗଳବାର ୫୦୯ଜଣ ସଂକ୍ରମିତ ବାହାରିଥିଲେ। ହେଲେ ଗତ ୨୪ ଘଣ୍ଟା ମଧ୍ୟରେ ୭୪୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ସଚେତନ ଓ ସତର୍କ ରହିବା ☞ପୃଷ୍ଠା–୪

୧୫ରୁ ମାଗଣା ବୁଷ୍ଟର ଡୋଜ୍

ନୂଆଦିଲ୍ଲୀ, ୧୩।୭

ଆସନ୍ତା ୧୫ ତାରିଖରୁ ଦେଶର ସମସ୍ତ ସରକାରୀ ଟିକାକରଣ କେନ୍ଦ୍ରରେ ୧୮ରୁ ୫୯ ବର୍ଷ ବୟସ ବର୍ଗର ଲୋକଙ୍କୁ ମାଗଣାରେ କରୋନା ବୁଷ୍ଟର ଟିକା ଦିଆଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ୭୫ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ସୂଚନା ଦେଇଛନ୍ତି। ୭୫ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆୟୋଜନ ହେଉଥିବା 'ଆଜାଦୀ କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମର ଏହା ଏକ ଅଂଶ। ଦେଶରେ ପୁଣି କରୋନା ସଂକ୍ରମଣ ବଢ଼ି ଚାଲିଥିବାବେଳେ ବୁଷ୍ଟର ଡୋଜ୍ ପାଇଁ ଯୋଗ୍ୟ ସମସ୍ତ ବ୍ୟକ୍ତି ଟିକା ନେବାକୁ ମାଣ୍ଡବ୍ୟ ପରାମର୍ଶ ଦେଇଛନ୍ତି।

ସାର ମିଳୁନି, ଗଜା ହେଉନି ବିହନ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ଚାଷୀମାନଙ୍କୁ ସାର ମିଳୁନି। ସାର ଯୋଗାଣ କଳାବଜାରକାରୀଙ୍କ କବ୍‌ଜାରେ ରହିଛି। ଚାଷୀଙ୍କୁ ସରକାରୀ ମୂଲ୍ୟଠାରୁ ବହୁ ଅଧିକ ଦାମ୍ ଦେବାକୁ ପଡୁଛି। ସାର ସହିତ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ବାଧ୍ୟ କରାଯାଉଛି। ବର୍ଷା ହେଉଥିବାରୁ ଚାଷୀ ତଳି ପକାଇବାକୁ ବିହନ ପାଉନାହାନ୍ତି। ଯେଉଁ ବିହନ ଯୋଗାଇ ଦିଆଯାଉଛି ସେଥିରୁ ୫୦ ପ୍ରତିଶତ ଗଜା ହେଉନି। ରାଜ୍ୟର ବିଭିନ୍ନ ଜିଲାରେ ସାର ଓ ବିହନ ଯୋଗାଣକୁ ନେଇ ବିଧାନସଭାରେ ଅସନ୍ତୋଷ ଦେଖାଦେଇଛି। ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ସାର ଯୋଗାଣରେ ହେଉଥିବା ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ କୃଷିମନ୍ତ୍ରୀଙ୍କଠାରୁ ଜବାବ ତଲବ କରିଛନ୍ତି।

ବିଧାନସଭା ମୌସୁମୀ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ଗୃହକୁ ପ୍ରବେଶ କଲେ। ସଦସ୍ୟମାନେ ଛିଡ଼ା ହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇଲେ । କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ମୂଳ ପ୍ରଶ୍ନ ନମ୍ବର ୧୨୧ରୁ ଆରମ୍ଭ ହୋଇଥିଲା ପ୍ରଶ୍ନକାଳ। ସେ ପଚାରିଥିଲେ, ରାଜ୍ୟ ସରକାର ଚଳିତ ଖରିଫ ଋତୁରେ କେଉଁ ଜିଲାକୁ କେତେ ପରିମାଣର ୟୁରିଆ, ପଟାସ, ଡଏପି, ଗ୍ରୋମୋର ଆଦି ସାର ଯୋଗାଇ ଦେଇଛନ୍ତି। ସାର ଚାଷୀଙ୍କୁ ନ ମିଳି କଳାବଜାର ହେଉଥିବା ସରକାର ଜାଣନ୍ତି କି।

ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ଚଳିତ ଖରିଫ ଋତୁରେ ରାଜ୍ୟର ବିଭିନ୍ନ

ବିଧାନସଭାରେ ଉଦ୍‌ବେଗ

- କେନ୍ଦ୍ର ସରକାର ଆବଶ୍ୟକ ସାର ଯୋଗାଉ ନାହାନ୍ତି: କୃଷିମନ୍ତ୍ରୀ

ଜିଲାକୁ ୨ ଲକ୍ଷ ୫ ହଜାର ୯୯୨ ମେଟ୍ରିକ ଟନ୍ ୟୁରିଆ, ୭୭ ହଜାର ୬୭୧ ମେଟ୍ରିକ ଟନ୍ ଡିଏପି, ୨୬ ହଜାର ୬୯୮ ମେଟ୍ରିକ ଟନ୍ ପଟାସ(ଏମ୍‌ଓପି) ଏବଂ ୯୫ ହଜାର ୬୩୮ ମେଟ୍ରିକ ଟନ ଏନ୍‌ପିକେ (ଗ୍ରୋମୋର) ଯୋଗାଇ ଦିଆଯାଇଛି। ରାଜ୍ୟରେ ଚାଷୀମାନେ ଲାଇସେନ୍ସପ୍ରାପ୍ତ ଖୁଚୁରା ବିକ୍ରେତାଙ୍କଠାରୁ ସର୍ବାଧିକ ଖୁଚୁରା ମୂଲ୍ୟରେ ସାର କିଣିଥାଆନ୍ତି। ସାରଗୁଡ଼ିକର କଳାବଜାର ହେଉଥିବା ତଥ୍ୟ ବିଭାଗର ହସ୍ତଗତ ହୋଇ ନାହିଁ।

ବିଜେଡି ସଭ୍ୟ ଭୂପିନ୍ଦର ସିଂ ଅତିରିକ୍ତ ପ୍ରଶ୍ନରେ କହିଲେ, ଚାଷୀଙ୍କୁ ସାର ସୋସାଇଟି ଜରିଆରେ ଦିଆଯାଉ। ବିଜେଡି ସଭ୍ୟ ଭାସ୍କର ମଡ଼େଇ କହିଲେ, କର୍ମଚାରୀ ଅଭାବରୁ ସାର ଚାଷୀଙ୍କୁ ଠିକ୍ ସମୟରେ ବଣ୍ଟାଯାଇ ପାରୁନାହିଁ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହଲେ, ଚାଷୀଙ୍କୁ ୟୁରିଆ ଓ ଗ୍ରୋମୋର ପ୍ରଚୁର ମିଳୁଛ। ମାତ୍ର ଅନ୍ୟାନ୍ୟ ସାର, ବିହନ, କୀଟନାଶକ, ଜୈବିକ ସାର ମିଳୁ ନାହିଁ। ସରକାର ତୁରନ୍ତ ଯୋଗାଇ ଦେବାର ବ୍ୟବସ୍ଥା କରନ୍ତୁ। ☞ପୃଷ୍ଠା–୪

ରଣୀ ମହିଳାଙ୍କୁ ଏସିଡ୍ ମାଡ଼

ତିରିଗିଆ,୧୩।୭(ଡି.ଏନ୍.ଏ.)

- କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି
- ସିସିଟିଭି ଫୁଟେଜକୁ ଆଧାରକରି ତଦନ୍ତ ଆରମ୍ଭ

କରଜ ଶୁଝି ନ ପାରିବାରୁ କଟକ ଜିଲା ତିରିଗିଆ ଥାନା ମଙ୍ଗଳା ବଜାରରେ ବୁଧବାର ଭୋର ସମୟରେ ଜଣେ ମହିଳାଙ୍କୁ ଏସିଡ୍ ମାଡ଼ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୫୦% ପୋଡ଼ିଯାଇଥିବା ଜଣାପଡ଼ିଛି। ଧାର ଟଙ୍କା ଫେରାଇବାରେ ବିଳମ୍ବ ହେବାରୁ ବୁଧବାର ଭୋର ୪ଟା ସମୟରେ ଜଣେ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ରୀନା ସାହୁ(୩୬)ଙ୍କ ଉପରକୁ ଏସିଡ୍ ମାଡ଼ କରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରୀନାଙ୍କୁ ହସ୍ପିଟାଲକୁ ନେଇଥିଲା। ରୀନାଙ୍କ ଘର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ତାଙ୍କ ସ୍ୱାମୀ ଏନେଇ ଥାନାରେ ୨ଜଣ ମହିଳା ଏବଂ ୨ଜଣ ପୁରୁଷଙ୍କ ବିରୋଧରେ ଲିଖିତ ଏତଲା କରିଛନ୍ତି। ଅଭିଯୋଗକୁ ଆଧାର କରି ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରିଣୀ ସୁଚିତା ଜେନା କହିଛନ୍ତି।

ମିଳିଥିବା ସୂଚନାନୁସାରେ ରୀନା ଗତ ୫ବର୍ଷ ହେଲା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଘରୋଇ ଅର୍ଥ ଲଗାଣ ସଂସ୍ଥାରୁ ବହୁ ଗରିବ ମହିଳାଙ୍କ ଜରିଆରେ ଲକ୍ଷାଧିକ ଟଙ୍କା ଋଣ ନେଇଥିଲେ। ଏପର କ ସ୍ଥାନୀୟ ଲୋକଙ୍କଠାରୁ ହାତ ଉଧାରି କରି ବ୍ୟବସାୟ କରୁଥିଲେ। ଉକ୍ତ ଋଣ ଟଙ୍କାରେ ମଙ୍ଗଳାବଜାରରେ ଏକ ୩ମହଲା କୋଠା କରି ତାକୁ ଭଡ଼ାରେ ମଧ୍ୟ ଲଗାଇଛନ୍ତି। କରୋନା ସମୟରେ ବ୍ୟବସାୟରେ ଛତି ହେବାରୁ ସେ ଲୋକଙ୍କ ଟଙ୍କା ଫେରାଇପାରି ନ ଥିଲେ। ଫଳରେ ଟଙ୍କା ଦେଇଥିବା ଲୋକମାନେ ତାଙ୍କୁ ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହ ଧମକ୍ ଦେଇ ଆସୁଥିଲେ। ରୀନାଙ୍କ ସ୍ୱାମୀ ଭାରତ ଏବଂ ଝିଅ ପୁରୀରେ ରହୁଥିବାବେଳେ ସେ ଘରେ ଏକାକୀ ରହୁଥିଲେ। ଋଣ ଟଙ୍କା ଶୁଝି ନ ପାରିବା କାରଣରୁ ତାଙ୍କ ଉପରେ ଆକ୍ରୋଶମୂଳକ ଭାବେ ଏଭଳି ଆକ୍ରମଣ କରାଯାଇଥାଇ ପାରେ ବୋଲି କୁହାଯାଉଛି। ଅପରପକ୍ଷରେ ଗଣମାଧ୍ୟମ ନିକଟରେ ରୀନା ☞ପୃଷ୍ଠା–୪

ପୀଡ଼ିତା ମହିଳା ରୀନା ସାହୁ

ଗୃହରେ ହଙ୍ଗଗୋଳ ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓଙ୍କ ମାଡ଼ ଘଟଣା

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳର ଏକ ଗାଁକୁ ଯାଇ ନିରୀହ ଆଦିବାସୀଙ୍କୁ ପୋଲିସ ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ମାଡ଼ ମାରିବା ଘଟଣାର ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି।

ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକର ଏକ ଗ୍ରାମରେ ୪ ଜଣ ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓ ବିନା ମହିଳା ପୋଲିସରେ ମାଡ଼ ମାରିଛନ୍ତି। ସେମାନଙ୍କର ସମ୍ବେଦନଶୀଳ ଅଂଶକୁ ବାଡ଼ିରେ ବାଡ଼େଇଛନ୍ତି। ସେହି ମହିଳାଙ୍କ ମଧ୍ୟରେ ଜଣେ ୮୦ ବର୍ଷର ବୃଦ୍ଧା ଥିବା ବେଳେ ଜଣେ ଗର୍ଭବତୀ ଓ ଜଣେ ନାବାଳିକାଙ୍କୁ ପୋଲିସ ଅତି ଅମାନୁଷିକ ଭାବେ ମାଡ଼ ମାରିଛି। ଏହା କ'ଣ ମୁଖ୍ୟମନ୍ତ୍ରୀଙ୍କର ☞ପୃଷ୍ଠା–୪

ଶ୍ରୀଲଙ୍କାରେ ପୁଣି ଏମର୍ଜେନ୍ସି

- ମାଳଦ୍ୱୀପ ପଳାଇଲେ ଗୋଟାବାୟା
- ଉଗ୍ର ହେଲା ବିକ୍ଷୋଭକାରୀଙ୍କ ଆନ୍ଦୋଳନ
- ରାନିଲ ୱିକ୍ରମସିଂଘେ କାମଚଳା ରାଷ୍ଟ୍ରପତି
- ୨୦ରେ ନୂଆ ରାଷ୍ଟ୍ରପତି ନିର୍ବାଚନ

କଲମ୍ବୋ/ନୂଆଦିଲ୍ଲୀ,୧୩।୭

ଶ୍ରୀଲଙ୍କାର ଭାଗ୍ୟ ଓ ଭବିଷ୍ୟତକୁ ଘୋର ଅନିଶ୍ଚିତତା ଭିତରକୁ ଠେଲିଦେଇ ବୁଧବାର ମାଳଦ୍ୱୀପକୁ ପଳାୟନ କରିଛନ୍ତି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ। ଗୋଟାବାୟାଙ୍କ ସହ ତାଙ୍କ ସ୍ତ୍ରୀ ଓ ପରିବାରର କେତେଜଣ ସଦସ୍ୟ ଏବଂ ସୁରକ୍ଷା କର୍ମୀଙ୍କୁ ଭୋର ୩ଟାରେ ବାୟୁସେନାର ଏକ ବିମାନ ମାଲିରେ ଅବତରଣ କରିଛି। ନିଜ ପ୍ରତିଶ୍ରୁତି ଅନୁସାରେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରିବର୍ତ୍ତେ ଗୋଟାବାୟାଙ୍କ ଏହି ପଳାୟନ ଶ୍ରୀଲଙ୍କାବାସୀଙ୍କୁ ଆହୁରି ଉଗ୍ର କରିଛି। ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ପାର୍ଲାମେଣ୍ଟ ଭବନ ସମେତ ସରକାରୀ ଅଫିସଗୁଡ଼ିକୁ ଟାର୍ଗେଟ କରିଛନ୍ତି। ସ୍ଥିତି ଅଣାୟତ୍ତ ହେବାରୁ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂହେ ଦେଶରେ ଜରୁରିକାଳୀନ ପରିସ୍ଥିତି (ଏମର୍ଜେନ୍ସି) ଘୋଷଣା କରିଛନ୍ତି। ଇତିମଧ୍ୟରେ ସମ୍ବିଧାନର ଅନୁଚ୍ଛେଦ ୩୭(୧) ଅନୁସାରେ ପାର୍ଲାମେଣ୍ଟ ପ୍ରଧାନମନ୍ତ୍ରୀଙ୍କୁ କାମଚଳା ରାଷ୍ଟ୍ରପତି ନିଯୁକ୍ତ କରିଛି। ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଦେନା ଏହି ବିଷୟ ଘୋଷଣା କରିବା ପରେ ବିକ୍ଷୋଭକାରୀମାନେ ଆହୁରି ଉତ୍ତ୍ୟକ୍ତ ହୋଇ ଜଳାପୋଡ଼ା ଓ ଭଙ୍ଗାରୁଜା କରିଛନ୍ତି। ସବୁଠି ସେନା ଓ ପୋଲିସ ମୁତୟନ କରି ସୁରକ୍ଷା ବଳକୁ ଅଧିକ କ୍ଷମତା ଦିଆଯାଇଛି। ଏଥିସହ ୱେଷ୍ଟର୍ନ ପ୍ରୋଭିନ୍ସ ଏବଂ ପ୍ରଧାନମନ୍ତ୍ରୀଙ୍କ ଅଫିସ ଥିବା କଲମ୍ବୋର ଫ୍ଲାୱାର ରୋଡ୍‌ରେ କର୍ଫ୍ୟୁ ଜାରି କରାଯାଇଛି। ଫାସିବାଦୀମାନଙ୍କୁ ଛଡ଼ାଯିବ ନାହିଁ ବୋଲି ରାଷ୍ଟ୍ରପତି ଦାୟିତ୍ୱ ସମ୍ଭାଳିବା ପରେ ୱିକ୍ରମସିଂଘେ ଏକ ସ୍ୱତନ୍ତ୍ର ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ନୂଆ ସର୍ବଦଳୀୟ ସରକାର ☞ପୃଷ୍ଠା–୪

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ଅଫିସ୍‌କୁ ବୁଧବାର ବିକ୍ଷୋଭକାରୀ ଦଖଲ କରିଛନ୍ତି।

ତୈଳ ଯୋଗାଇଲା ଲଙ୍କା ଆଇଓସି

ଭାରତର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଅଧୀନ ଲଙ୍କା ଆଇଓସି ପକ୍ଷରୁ ଶ୍ରୀଲଙ୍କା ୨୧୬ ପେଟ୍ରୋଲ ପମ୍ପକୁ ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର ଯୋଗାଣ କରାଯାଇଛି। ଜରୁରୀ ଆବଶ୍ୟକତା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଥିବା ଲଙ୍କା ଆଇଓସି ପରିଚାଳନା ନିର୍ଦ୍ଦେଶକ ମନୋଜ ଗୁପ୍ତା ସୂଚନା ଦେଇଛନ୍ତି। ଲଙ୍କା ଆଇଓସି ପମ୍ପଗୁଡ଼ିକରେ ଲୋକଙ୍କ ଲମ୍ବାଧାଡ଼ିକୁ ଦୃଷ୍ଟିରେ ରଖି ଦୈନିକ ୧,୫୦୦ କିଲୋଲିଟର (୧.୫ ନିୟୁତ ଲିଟର) ପେଟ୍ରୋଲ ଓ ଡିଜେଲ ଯୋଗାଣ କରାଯାଉଛି।

ସଂକ୍ଷେପରେ

ଆଫଗାନିସ୍ତାନରେ ବନ୍ୟା: ୩୯ ମୃତ

କାବୁଲ, ୧୩।୭: ଆଫଗାନିସ୍ତାନରେ ବର୍ଷା ଓ ବନ୍ୟାର ତାଣ୍ଡବ ଲାଗି ରହିଛି। ଏଥିଯୋଗୁ ଅଦ୍ୟାବଧି ୩୯ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୯ ଜଣ ଶିଶୁ ରହିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ବର୍ଷା ଯୋଗୁ ଭୂସ୍ଖଳନ ହେବା ଫଳରେ ୪ ଦଶନ୍ଧି ଧରି ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନ ମାଟିତଳୁ ମାଇନ୍ସଗୁଡ଼ିକ ବାହାରିଆସୁଛି। ଧନଜୀବନ ବଞ୍ଚାଇବା ପାଇଁ ସେଗୁଡ଼ିକୁ ଅନ୍ୟତ୍ର ନିଆଯାଇ ବିସ୍ଫୋରଣ କରାଯାଉଛି। ଗତ ଜୁନ୍‌ରେ ଭୀଷଣ ବର୍ଷା ଯୋଗୁ ଏଠାରେ ୧୯ ଜୀବନ ଯାଇଥିଲା।

ବିଶପ୍ ଚୟନ କମିଟିରେ ୩ ମହିଳାଙ୍କ ନାଁ ଘୋଷଣା କଲେ ପୋପ୍



ଭାଟିକାନ୍ ସିଟି, ୧୩।୭: କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ପ୍ରଥମ ଥର ପାଇଁ ବିଶପ୍ ଚୟନ କମିଟିର ସଦସ୍ୟ ଭାବେ ୩ ମହିଳାଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ଭାଟିକାନ୍ ସିଟିର ଡେପୁଟି ଗଭର୍ନର ସିଷ୍ଟର ରାଫେଲା ପେଟ୍ରିନି, ଫ୍ରେଞ୍ଚ ନନ୍ ୟୋଭନି ରେଉନ୍‌ଗୋଟ୍ ଏବଂ ଆସୋସିଏଶନ ଅଫ୍ ଓମେନ୍‌ସ କ୍ୟାଥୋଲିକ୍ ଅର୍ଗାନାଇଜେଶନସ୍ ୟୁଏମ୍‌ଓଏଫ୍‌ସିର ମୁକ୍ୟ ମାରିଆ ଲିଆ ଜେରଭିନୋ। ଏହି କମିଟି ବିଶ୍ୱର ବିଶପ୍‌ମାନଙ୍କୁ ବାଛିବାରେ ପୋପ୍‌ଙ୍କୁ ପରାମର୍ଶ ଦେଇଥାଏ। ପୂର୍ବରୁ ଏହି କମିଟିରେ କେବଳ ପୁରୁଷ ସଦସ୍ୟ ରହିଥିଲେ। ଏକ ସାକ୍ଷାତକାରରେ ପୋପ୍ ତାଙ୍କର ଏହି ନିଷ୍ପତ୍ତି ବାବଦରେ ମତ ରଖିଛନ୍ତି। ମହିଳାମାନଙ୍କୁ ଏହି ପବିତ୍ର କାର୍ଯ୍ୟପାଇଁ ଉଚ୍ଚସ୍ତରୀୟ ପଦବୀରେ ରଖାଯିବାକୁ ସେ ଚାହୁଁଥିଲେ ବୋଲି ପୋପ୍ କହିଛନ୍ତି।

ଆଜି ଆଇ୨ୟୁ୨ ସମ୍ମିଳନୀ

ନୂଆଦିଲ୍ଲୀ, ୧୩।୭: ମିଳିତ ନିବେଶ ଏବଂ କାରବାରକୁ ଦୃଷ୍ଟିରେ ରଖି ଭାରତ, ଇସ୍ରାଏଲ, ଆମେରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଗୁରୁବାର ପ୍ରଥମ ଆଇ୨ୟୁ୨ ସମ୍ମିଳନୀ ଭର୍ଚୁଆଲ ମାଧ୍ୟମରେ ଆୟୋଜନ ହେବ। ଏଥିରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇସ୍ରାଏଲ ପ୍ରତିପକ୍ଷ ୟେର ଲ୍ୟାପିଡ୍, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହୟାନ୍ ଏବଂ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଯୋଗ ଦେବେ। ୨୦୨୧ ଅକ୍ଟୋବର ୧୮ରେ ଏହି ୪ ଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ଆଇ୨ୟୁ୨ ସମିଟ୍ ଆୟୋଜନ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଜଳ, ଶକ୍ତି, ପରିବହନ, ମହାକାଶ ସମ୍ବନ୍ଧୀୟ ଯୋଜନା, ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା ଆଦି କ୍ଷେତ୍ରରେ ମିଳିତ ନିବେଶକୁ ପ୍ରୋତ୍ସାହିତ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ।

ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ସରକାରୀ ବାସଭବନରେ ଉତ୍ତ୍ୟକ୍ତ ଜନତାଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।

ଭିଡ଼ ଅଣାୟତ୍ତ, ସେନା ନରମ

ଗୃହଯୁଦ୍ଧ ମୁହାଁ କଲମ୍ବୋ ଆକାଶରେ ଉଡୁଥିଲା ସେନା ହେଲିକପ୍ଟର। ଅଣାୟତ୍ତ ଭିଡ଼କୁ ନିୟନ୍ତ୍ରଣ ପାଇଁ ସୈନ୍ୟ ଛାଡୁଥିଲେ ତୁହାକୁ ତୁହା ଲୁହବୁହା ବାଷ୍ପ। ଉତ୍ତ୍ୟକ୍ତ ଜନତା ରଡ଼ି ଛାଡୁଥିଲେ 'ରାନିଲ ଗୋ ହୋମ୍'। ଟିଅର୍ ଗ୍ୟାସ୍‌ରେ ବିକ୍ଷୋଭକାରୀଙ୍କ ଆଖି ପୋଡ଼ିଲେ ମୁହଁ ଧୋଇବା ପାଇଁ ସାମରିକ ବଳ ପାଣି ଦେଉଥିଲା। ଲୋକେ ସେନା ଗାଡ଼ି ଆଗରେ ଛିଡ଼ା ହୋଇଗଲେ ସୈନ୍ୟମାନେ ଅସ୍ତ୍ର ତଳକୁ କରିଦେଉଥିଲେ। ଏଥିରୁ ଜନ ଆନ୍ଦୋଳନ ପ୍ରତି ନୀରବ ସାମରିକ ସମର୍ଥନ ଠଉରାଇ ହେଉଥିଲା।

ତ୍କଲମ୍ବୋ/ନୂଆଦିଲ୍ଲୀ, ୧୩।୭

ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତି ପଦରୁ ଇସ୍ତଫା ନ ଦେଇ ମାଳଦ୍ୱୀପ ପଳାୟନ କରିବା ପରେ ବୁଧବାର ଧୈର୍ଯ୍ୟଚ୍ୟୁତ ଶ୍ରୀଲଙ୍କାବାସୀଙ୍କ ପ୍ରକୃତ କ୍ରୋଧ ଦେଖିବାକୁ ମିଳିଛି। ସେମାନେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ଅଫିସ (ପିଏମ୍‌ଓ)କୁ ଟାର୍ଗେଟ କରିଛନ୍ତି। ସ୍ଥିତି ସେନା ଓ ପୋଲିସର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଗୋଟାବାୟା ଓ ୱିକ୍ରମସିଂଘେଙ୍କ ଇସ୍ତଫା ଦାବିରେ ଲକ୍ଷାଧିକ ଲୋକ ସରକାରୀ ପ୍ରତିଷ୍ଠାନଗୁଡ଼ିକ ଆଡ଼କୁ ଧାଉଁଥିବାବେଳେ ଭିଡ଼କୁ ଘଉଡ଼ାଇବା ପାଇଁ ସେନା ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଛି। ଏପରି କି ଅନେକ ବିକ୍ଷୋଭକାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାବେଳେ ପୋଲିସ ବ୍ଲାଙ୍କ ଫାୟାର କରିଛି। କିନ୍ତୁ ସେନା ପକ୍ଷରୁ କୌଣସି ସ୍ଥାନରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏପରି କି କାମଚଳା ରାଷ୍ଟ୍ରପତି ରୂପେ ନିର୍ବାଚିତ ୱିକ୍ରମସିଂଘେ ଏମର୍ଜେନ୍ସି ଜାରି କରି ସେନାକୁ କଡ଼ା କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେବା ପରେ ମଧ୍ୟ କୌଣସି ସ୍ଥାନରେ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ଟାର୍ଗେଟ କରାଯାଇ ନାହିଁ। ଏଥିରୁ ଆନ୍ଦୋଳନରତ ଜନତାଙ୍କ ପ୍ରତି ସାମରିକ ବଳର ନୀରବ ସମର୍ଥନ ବୁଝିହେଉଛି।

> ଜନସାଧାରଣ ସରକାରୀ ସମ୍ପତ୍ତି ନଷ୍ଟ ନ କରି ଆଇନଶୃଙ୍ଖଳା ବଜାୟ ରଖିବାରେ ସେନାକୁ ସହଯୋଗ କରନ୍ତୁ।
>
> **–ଜେନେରାଲ ଶଭେନ୍ଦ୍ର ସିଲ୍‌ଭା, ଶ୍ରୀଲଙ୍କା ସିଡିଏସ୍**

> ଶ୍ରୀଲଙ୍କାର ଗଣତନ୍ତ୍ର ପ୍ରତି ଏକ 'ଫାସିବାଦୀ ବିପଦ' ରହିଛି। ରାଷ୍ଟ୍ରର ସମ୍ପତ୍ତିକୁ ନଷ୍ଟ ହେବାରୁ ରକ୍ଷା କରାଯିବ। ସ୍ୱାଭାବିକ ସ୍ଥିତି ଫେରାଇ ଅଣାଯିବ। ରାଷ୍ଟ୍ରପତିଙ୍କ ଅଫିସ ଓ ସେକ୍ରେଟାରିଏଟ୍, ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବ। ଯେଉଁମାନେ ମୋତେ କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇ ନ ଦେବା ପାଇଁ ମୋ ଅଫିସରେ ଅଛନ୍ତି, ସେମାନଙ୍କୁ ଆମ ସମ୍ବିଧାନକୁ ନଷ୍ଟ କରିବାକୁ ଦିଆଯିବ ନାହିଁ। ଏହି କଠୋରପନ୍ଥୀମାନଙ୍କୁ କେତେଜଣ ମୁଖ୍ୟସ୍ରୋତର ରାଜନୈତିକ ଦଳ ନେତା ସମର୍ଥନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି କାରଣରୁ ମୁଁ ଦେଶବ୍ୟାପୀ ଏମର୍ଜେନ୍ସି ଓ କର୍ଫ୍ୟୁ ଜାରି କରିବାକୁ ନିର୍ଦ୍ଦେଶ ଦେଇଛି।
>
> **–ରାନିଲ ୱିକ୍ରମସିଂଘେ, ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ତଥା କାମଚଳା ରାଷ୍ଟ୍ରପତି**



ମାଳଦ୍ୱୀପ କାହିଁକି

ଶ୍ରୀଲଙ୍କାର ବିଦାୟୀ ନେତା ଗୋଟାବାୟା ରାଜପାକ୍ସେ ରାତିଅଧିଆ ପଡ଼ୋଶୀ ମାଳଦ୍ୱୀପକୁ ସ୍ତ୍ରୀ ଲୋମା ଓ ଦୁଇ ସୁରକ୍ଷା ଅଧିକାରୀଙ୍କ ସହ ବାୟୁସେନାର ଏଏନ୍-୩୨ ଏୟାରକ୍ରାଫ୍ଟରେ ପଳାୟନ କରିଛନ୍ତି। କଲମ୍ବୋରୁ ଭାରତ ମହାସାଗରରେ ଅବସ୍ଥିତ ମାଳଦ୍ୱୀପର ରାଜଧାନୀ ମାଲିର ଦୂରତା ୭୬୦ କି.ମି., ଯାହାକୁ ଅତିକ୍ରମ କରିବା ପାଇଁ ବିମାନରେ ମାତ୍ର ଦେଢ଼ ଘଣ୍ଟା ଲାଗିଥାଏ। ବ୍ରିଟିଶ ଶାସକଙ୍କଠାରୁ ସ୍ୱାଧୀନତା ପାଇବା ପରଠୁ ଉଭୟ ରାଷ୍ଟ୍ର ମଧ୍ୟରେ ଏକ ସକାରାତ୍ମକ କୂଟନୈତିକ ଓ ଆର୍ଥିକ ସମ୍ପର୍କ ରହିଛି। ଏପରି କି ମାଳଦ୍ୱୀପର ସୈନ୍ୟମାନେ ଶ୍ରୀଲଙ୍କା ସେନାରେ ତାଲିମ ନେଇଥାନ୍ତି। ଗୋଟାବାୟାଙ୍କ ପରିବାରର ମଧ୍ୟ ମାଳଦ୍ୱୀପ ସହିତ ସୁସମ୍ପର୍କ ରହିଆସିଛି। ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ତଥା ବର୍ତ୍ତମାନର ବାଚସ୍ପତି ମହମ୍ମଦ ନାଶିକ୍ ଗୋଟାବାୟାଙ୍କ ପଳାୟନକୁ ସୁଗମ କରିଛନ୍ତି। ଗୋଟାବାୟ ଦମ୍ପତି ମାଲି ଏୟାରପୋର୍ଟରେ ପହଞ୍ଚିବା ପୂର୍ବରୁ ଉଭୟଙ୍କୁ ସ୍ୱାଗତ କରିବା ପାଇଁ ନାଶିକ୍ ବ୍ୟକ୍ତିଗତ ଭାବେ ସେଠାରେ ଉପସ୍ଥିତ ଥିଲେ। ଏହି ଦ୍ୱୀପରାଷ୍ଟ୍ରରେ ଗୋଟାବାୟାଙ୍କ ଘରଦ୍ୱାର ଓ ଅନ୍ୟ ସମ୍ପତ୍ତି ରହିଥିବା କୁହାଯାଏ। ତେବେ ଶ୍ରୀଲଙ୍କାବାସୀଙ୍କୁ ସଙ୍କଟ ଭିତରକୁ ଠେଲି ଦେଇ ମାଳିକୁ ଯିବା ମାଳଦ୍ୱୀପର ରାଜନୈତିକ ଦଳଗୁଡ଼ିକ ନାପସନ୍ଦ କରିଛନ୍ତି। ମାଳଦ୍ୱୀପରେ ରହୁଥିବା ଶ୍ରୀଲଙ୍କା ନାଗରିକମାନେ ଗୋଟାବାୟାଙ୍କୁ ସୁରକ୍ଷା ନ ଦେବା ପାଇଁ ସ୍ଥାନୀୟ ସରକାରଙ୍କୁ ଅନୁରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆହୁରି ମଧ୍ୟ କୁହାଯାଉଛି, ମାଳି ଗୋଟାବାୟାଙ୍କ ଶେଷ ଗନ୍ତବ୍ୟସ୍ଥଳ ନୁହେଁ ବରଂ ଏକ ଟ୍ରାଞ୍ଜିଟ୍ ପଏଣ୍ଟ। ମାଳିରୁ ସେ ସିଙ୍ଗାପୁର କିମ୍ବା ଅନ୍ୟ କୌଣସି ତୃତୀୟ ରାଷ୍ଟ୍ରକୁ ଯିବେ, ଯେଉଁଠି ତାଙ୍କୁ ଓ ତାଙ୍କ ପରିବାରକୁ ନାଗରିକତ୍ୱ ଅଥବା ଶରଣ ସହଜରେ ମିଳିପାରିବ। ଜୁଲାଇ ୯ରେ ଶ୍ରୀଲଙ୍କାର ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନ ଦଖଲ କରିବା ପୂର୍ବରୁ ଉଭାନ ହୋଇଯାଇଥିବା ଗୋଟାବାୟା ପ୍ରଥମେ ୫ଟି ଦେଶକୁ ତାଲିକାରେ ରଖିଥିଲେ। ୨୦୧୯ ପୂର୍ବରୁ ଗୋଟାବାୟାଙ୍କର ଦ୍ୱୈତ ନାଗରିକତ୍ୱ ରହିଥିଲା। ଗୋଟିଏ ଶ୍ରୀଲଙ୍କା ଓ ଅନ୍ୟଟି ଆମେରିକା। କିନ୍ତୁ ଶ୍ରୀଲଙ୍କା ସମ୍ବିଧାନ ଅନୁଯାୟୀ ଦେଶର ପ୍ରଥମ ନାଗରିକ ହେବା ପାଇଁ ଅନ୍ୟ ଦେଶର ନାଗରିକତ୍ୱ ଛାଡ଼ିବାକୁ ପଡ଼ିଥାଏ। ତେଣୁ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଗୋଟାବାୟା ଆମେରିକା ନାଗରିକତ୍ୱ ତ୍ୟାଗ କରିଥିଲେ। ଦୁଇ ଦିନ ତଳେ ଆମେରିକା ଯିବା ପାଇଁ ଗୋଟାବାୟା ଯୋଜନା କରିଥିଲେ ହେଁ ୱାଶିଂଟନ୍‌ର ଅନୁମତି ମିଳି ନ ଥିଲା। ଭାରତ କୂଟନୈତିକ ସମ୍ପର୍କ ଖରାପ ହେବା ଆଶଙ୍କାରେ ଗୋଟାବାୟାଙ୍କୁ ଶରଣ ଦେଇ ନ ଥାଇପାରେ ବୋଲି ଅନୁମାନ କରାଯାଉଛି। ମରିସସ୍ କଥା ଜଣା ପଡ଼ିନାହିଁ। ମଙ୍ଗଳବାର ଗୋଟାବାୟା ଓ ତାଙ୍କ ସାନଭାଇ ତଥା ପୂର୍ବତନ ଅର୍ଥମନ୍ତ୍ରୀ ବାସିଲ ରାଜପାକ୍ସେ କଲମ୍ବୋ ଅନ୍ତର୍ଜାତୀୟ ବିମାନବନ୍ଦରର ଭିଆଇପି ପୋର୍ଟ ଟର୍ମିନାଲ ଦେଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପଳାୟନ ଉଦ୍ୟମ କରୁଥିବାବେଳେ ଅପ୍ରବାସନ କର୍ତ୍ତୃପକ୍ଷ ଉଭୟଙ୍କୁ ଅଟକାଇଥିଲେ। ସମ୍ଭବତଃ ଏଇଥିପାଇଁ ସେ ମାଳଦ୍ୱୀପକୁ ବାଛିଥିବା କୁହାଯାଉଛି।

ସ୍ତ୍ରୀ ଲୋମାଙ୍କ ସହ ଗୋଟାବାୟା ରାଜପାକ୍ସେ।

ସୁଶାନ୍ତଙ୍କ ପାଇଁ ଡ୍ରଗ୍ସ କିଣୁଥିଲେ ରିଆ

ଏନ୍‌ସିବି ଚାର୍ଜଶିଟ୍

ମୁମ୍ବାଇ, ୧୩।୭

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ମଙ୍ଗଳବାର ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ନାଁରେ ଡ୍ରାଫ୍ଟ ଚାର୍ଜଶିଟ୍ ଦାଖଲ କରିଛି। ରିଆ ବଡ଼ଧରଣର ଡ୍ରଗ୍ସ ର୍ୟାକେଟ ଚଳାଉଥିଲେ। ସେ ବଲିଉଡ୍ କଳାକାରଙ୍କ ସମେତ ସେଲିବ୍ରିଟି ଓ ହାଇ ସୋସାଇଟି ଲୋକଙ୍କୁ ଡ୍ରଗ୍ସ ଯୋଗାଉଥିଲେ। ସୁଶାନ୍ତଙ୍କ ପାଇଁ ମଧ୍ୟ ସେ ଏହି ନିଶାଦ୍ରବ୍ୟ କିଣୁଥିଲେ ବୋଲି ମୁମ୍ବାଇର ଏକ ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ଏନ୍‌ସିବି ଦର୍ଶାଇଛି। ୨୦୨୦ ମାର୍ଚ୍ଚ-ଡିସେମ୍ବର ମଧ୍ୟରେ କିପରି ରିଆ, ତାଙ୍କ ଭାଇ ଶୌବିକ୍ ଏବଂ ସୁଶାନ୍ତଙ୍କ ମୃତ୍ୟୁ ମାମଲାରେ ଜଡିତ ଅନ୍ୟ ୩୪ ଜଣ ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଗଞ୍ଜେଇ, ଚରସ, କୋକେନ୍, ଏଲ୍‌ଏସ୍‌ଡି ଆଦି ବିକ୍ରି ସହ ଏହାର ପରିବହନ ଓ ବିତରଣ ଭଳି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ତାହା ଚାର୍ଜଶିଟ୍‌ରେ ରହିଛି। ୨୦୨୦ ଜୁନ୍ ୧୪ରେ ସୁଶାନ୍ତଙ୍କ ସାଙ୍ଗ ସିଦ୍ଧାର୍ଥ ପିଠାନିଙ୍କ ମୃତଦେହ ବାନ୍ଦ୍ରାସ୍ଥିତ ତାଙ୍କ ଘରୁ ମିଳିଥିଲା। ସେ ମଧ୍ୟ ରିଆ, ଶୌବିକ୍‌ଙ୍କ ସମେତ ଅନ୍ୟ ଅଭିଯୁକ୍ତ ସାମୁଏଲ ମିରାଣ୍ଡା, ଦିପେଶ ସାୱନ୍ତଙ୍କ ସହ ସମ୍ପର୍କରେ ଥିଲେ। ପିଠାନି ସୁଶାନ୍ତ ସିଂଙ୍କ ବ୍ୟାଙ୍କ ଆକାଉଣ୍ଟ ଥିବା ଆପ୍ ବ୍ୟବହାର କରି 'ପୂଜା ସାମଗ୍ରୀ' ନାଁରେ ଡ୍ରଗ୍ସ ମଗାଉଥିଲେ। ଶୌବିକ୍ ମଧ୍ୟ ସୁଶାନ୍ତଙ୍କ ନାଁରେ ମାଫିଆଙ୍କଠାରୁ ଡ୍ରଗ୍ସ କିଣୁଥିଲେ ବୋଲି ଏନ୍‌ସିବି କହିଛି।

ଦମ୍ପତିଙ୍କଠାରୁ ମିଳିଲା ୪୫ ପିସ୍ତଲ

ନୂଆଦିଲ୍ଲୀ, ୧୩।୭

ଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏକ ଭାରତୀୟ ଦମ୍ପତିଙ୍କ ନିକଟରୁ ୪୫ ପିସ୍ତଲ ଜବତ ହୋଇଛି। ଘଟଣାରେ ଉଭୟଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗଜିତ୍ ସିଂ ଏବଂ ଯଶବିନ୍ଦର ସିଂ। ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ(ଏନ୍‌ଏସ୍‌ଜି)ର ଆତଙ୍କବାଦ ନିରୋଧୀ ୟୁନିଟ୍ ଏହାର ତଦନ୍ତ କରୁଛି। ପିସ୍ତଲଗୁଡ଼ିକ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ଥିଲେ ବୋଲି ଏନ୍‌ଏସ୍‌ଜି ଜାଣିବାକୁ ପାଇଛି। ଏହାର ମୂଲ୍ୟପ୍ରାୟ ୨୨ ଲକ୍ଷ ୫୦ ହଜାର ଟଙ୍କା ହେବ।

ଜଗଜିତ୍ ଏବଂ ଯଶବିନ୍ଦର ଗତ ୧୦ ତାରିଖରେ ଭିଏତନାମର ହୋ ଚି ମିନ୍ ସହରରୁ ଭାରତକୁ ଫେରିଥିଲେ। ସର୍ଭେଲାନ୍ସ ପାଇଁ ତାଙ୍କୁ ଅଟକ ରଖାଯାଇଥିଲା। ଜଗଜିତଙ୍କ ୨ଟି ଟ୍ରଲି ବ୍ୟାଗ୍‌ରୁ ପିସ୍ତଲ ବାହାରିଥିଲା। ଜଗଜିତ୍‌ଙ୍କ ଭାଇ ମନ୍‌ଜିତ ସିଂ ପ୍ୟାରିସ୍‌ରୁ ଭିଏତନାମରେ ପହଞ୍ଚିବା ପରେ ତାଙ୍କୁ ଏହି ବ୍ୟାଗ୍ ଦେଇଥିଲେ। ଯଶବିନ୍ଦର ଟ୍ରଲିରେ ଲାଗିଥିବା ଟ୍ୟାଗ୍ ନଷ୍ଟ କରିବାରେ ସ୍ୱାମୀଙ୍କୁ ସହଯୋଗ କରିଥିଲେ। ଏହା ପୂର୍ବରୁ ସେମାନେ ତୁର୍କୀରୁ ୨୫ ପିସ୍ତଲ ଭାରତକୁ ଆଣିଥିବା କଥା ମଧ୍ୟ ସ୍ୱୀକାର କରିଛନ୍ତି।

ଜେମ୍ସ ୱେବ୍ ଟେଲିସ୍କୋପ୍‌ରେ 'ବ୍ରହ୍ମାଣ୍ଡ'

ୱାଶିଂଟନ, ୧୩।୭

ଶକ୍ତିଶାଳୀ ଜେମ୍ସ ୱେବ୍ ଟେଲିସ୍କୋପ ଜରିଆରେ ଉତ୍ତୋଳନ ହୋଇଥିବା ବ୍ରହ୍ମାଣ୍ଡର ଫଟୋ ନାସା ପକ୍ଷରୁ ଜାରି କରାଯାଇଛି। ୧୦ ବିଲିୟନ ଡଲାର ମୂଲ୍ୟର ସାଟେଲାଇଟରେ ତାରକାମାନଙ୍କ ଜନ୍ମସ୍ଥାନ, ବ୍ଲାକ୍‌ହୋଲ୍, ମୃତ ତାରକାମାନଙ୍କ ଅନ୍ତିମ କାର୍ଯ୍ୟପ୍ରଣାଳୀ କ'ଣ ଥିଲା ଏବଂ ଅନ୍ୟ ଗ୍ରହମାନଙ୍କ ଜଳବାୟୁ କିଭଳି ରହିଛି ସେସବୁର ଫଟୋ ଏହା ଜରିଆରେ ଉତ୍ତୋଳନ କରାଯାଇଛି। ନାସା, ୟୁରୋପିଆନ ଏବଂ କାନାଡିଆନ୍ ସ୍ପେସ୍ ଏଜେନ୍ସି ମିଳିତ ଭାବେ ଏଥିରେ କାମ କରିଛନ୍ତି। ଟେଲିସ୍କୋପର ନିୟର-ଇନ୍‌ଫ୍ରେରଡ୍ କ୍ୟାମେରା (ଏନ୍‌ଆଇଆର୍ କ୍ୟାମ୍) ଏବଂ ମିଡ୍-ଇନ୍‌ଫ୍ରେରଡ୍ ଇନ୍‌ଷ୍ଟ୍ରୁମେଣ୍ଟ (ଏମ୍‌ଆଇଆର୍‌ଆଇ) ସାହାଯ୍ୟରେ ଫଟୋଗୁଡ଼ିକୁ ସଂଗ୍ରହ କରାଯାଇଛି। ଏହି ସ୍ପେସ୍ ଅପରେଶନ୍ ଗତବର୍ଷ ଡିସେମ୍ବର ୨୫ରୁ ଆରମ୍ଭ କରାଯାଇଥିଲା। ୪.୬ ବିଲିୟନ ବର୍ଷ ଦୂରରେ ଅବସ୍ଥିତ ଆକାଶଗଙ୍ଗା (ଗାଲାକ୍ସି କ୍ଲଷ୍ଟର) ସମୂହ ଏସ୍‌ଏମ୍‌ଏସିଏସ୍ ୦୭୨୩ର ଫଟୋ ଜାରି ହୋଇଛି। ସାଟେଲାଇଟ୍ ଜରିଆରେ କସ୍‌ମିକ୍ କ୍ଲିଫ୍‌ର ଫଟୋ ମଧ୍ୟ ଉତ୍ତୋଳନ କରାଯାଇଛି। ଜାରି ୩-ଡି (ଥ୍ରି ଡାଇମେନ୍‌ସନାଲ) ଫଟୋରେ ଏହା ଚନ୍ଦ୍ର ଆଲୋକରେ ଏକ ପଥୁରିଅ ପାହାଡ଼ ଭଳି ଦୃଶ୍ୟମାନ ହେଉଛି। ସାଟେଲାଇଟ୍ ଜରିଆରେ ୧ ହଜାର ଇମେଜ୍ ଫାଇଲ୍ ସଂଗ୍ରହ କରାଯାଇଛି।

ବିପର୍ଯ୍ୟୟ ଆଣିଲା ମୌସୁମୀ ବର୍ଷା

ମୁମ୍ବାଇ/ଅହମ୍ମଦାବାଦ ୧୩।୭

ଦେଶର ବିଭିନ୍ନ ସ୍ଥାନର ମୌସୁମୀଜନିତ ବର୍ଷା ଜଳପ୍ରଳୟ ସୃଷ୍ଟି କରିଛି। ଏକାଧିକ ରାଜ୍ୟରେ ବନ୍ୟା ଯୋଗୁ ଶତାଧିକ ଜୀବନ ହାନି ହେବା ସହ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କର

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୬,୩୩,୦୯,୮୬୮	୬୩,୭୭,୨୭୩	୫୩,୫୭,୪୭,୧୦୫
ଭାରତ	୪,୩୬,୭୨,୧୫୫	୫,୨୫,୫୧୯	୪,୩୦,୧୧,୮୭୪
ଓଡ଼ିଶା	୧୨,୯୫,୩୨୮	୯୧୨୭(+୫୩)	୧୨,୮୨,୬୯୦

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ଜନସେବା କେନ୍ଦ୍ରରେ ଛାପୁଥିଲେ ନକଲି ନୋଟ

ଜବତ ହୋଇଥିବା ନକଲି ନୋଟ୍ ଏବଂ ଗିରଫ ୨ ଅଭିଯୁକ୍ତ ।

ସମ୍ବଲପୁରରେ ଏସ୍‌ଟିଏଫ୍ ଚଢ଼ାଉ

- ୧୫ଲକ୍ଷର ନକଲି ନୋଟ୍ ଜବତ, ୨ ଗିରଫ
- ରାତି ୯ଟା ପରେ ଚାଲୁଥିଲା ନୋଟ୍ ଛାପା

ସମ୍ବଲପୁର/ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନାର ଦୁର୍ଗମ ଅଞ୍ଚଳ ନୂଆ ଅଢ଼ାପଡା ଗ୍ରାମରେ ମଙ୍ଗଳବାର ରାତିରେ ଏସ୍‌ଟିଏଫ୍ ଚଢାଉ କରି ୧୫ଲକ୍ଷ ୧୨ ହଜାର ୫୦୦ ଟଙ୍କାର ନକଲି ନୋଟ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମରେ ଜନସେବା କେନ୍ଦ୍ର ଖୋଲିଥିବା ପୋଦାର ପ୍ରସାଦ ସାହୁ (୨୮) ଓ ତାଙ୍କ ସହଯୋଗୀ ଜନ୍ମେଜୟ ବାଗ୍ (୩୨)। ପୋଦାର ଜନସେବା କେନ୍ଦ୍ରରେ ନକଲି ନୋଟ୍ ଛାପି ବିଭିନ୍ନ ସ୍ଥାନକୁ ପଠାଉଥିଲେ। ଏହି ନକଲି ନୋଟ୍ ଜନସେବା କେନ୍ଦ୍ର ଓ ଅଭିଯୁକ୍ତମାନଙ୍କ ଘରୁ ଜବତ ହୋଇଛି। ଜବତ ନୋଟ୍ ମଧ୍ୟରେ ୪ ଗୋଟି ଭିନ୍ନ ସିରିୟଲ ନମ୍ବରର ୨୮୬୫ଟି ୫ଶହ ଟଙ୍କାଆ ନୋଟ୍, ୪ ଶହ ଗୋଟି ୨ ଶହ ଟଙ୍କାଆ ନୋଟ୍ ରହିଛି। ଅନ୍ୟ ଜବତ ସାମଗ୍ରୀ ମଧ୍ୟରେ ୨ ଲାପ୍‌ଟପ୍, ଏକ ପ୍ରିଣ୍ଟର, ମିନି ମ୍ୟାଜିକ ଏଟିଏମ୍ କାର୍ଡ, ମାଉସ, ୧୦ଟି ଜିଓ କମ୍ପାନୀ ସିମ୍ କାର୍ଡ ରହିଛି। ଏ ନେଇ ଏସ୍‌ଟିଏଫ୍ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୦୪/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ ଯୁଯୁମୁରା ଥାନା ଅଞ୍ଚଳରେ ରହିଥିବା ଅଢାପଡା ଜନସେବା କେନ୍ଦ୍ରରେ ନକଲି ନୋଟ୍ ତିଆରି କରାଯାଉଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ଏସ୍‌ଟିଏଫ୍ ଟିମ ସମ୍ବଲପୁର ପୋଲିସ ସହାୟତାରେ ଉକ୍ତ କେନ୍ଦ୍ରରେ ଚଢାଉ କରିଥିଲା। ଯାଞ୍ଚ ସମୟରେ ଟିମ୍ ସଦସ୍ୟ ନକଲି ନୋଟ୍ ଓ ଅନ୍ୟ ସାମଗ୍ରୀ ଜବତ କରିଥିଲେ। ଏ ସମ୍ବନ୍ଧରେ ସେମାନଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ସେମାନଙ୍କୁ ଅଟକ ରଖି ଯୁଯୁମୁରା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ଯୁଯୁମୁରା ଥାନାରେ ଏକ ମକଦ୍ଦମା ରୁଜୁ ହୋଇ ସେମାନଙ୍କୁ ଗିରଫ କରାଯାଇଥିଲା। ଏହି କାରବାର ଚେର କେଉଁଆଡେ ଲମ୍ବିଛି ତାହାର ତଦନ୍ତ ଚଳାଇଛି ଏସ୍‌ଟିଏଫ୍ ଟିମ୍। କିଛିଦିନ ତଳେ ବରଗଡ଼ ଜିଲା ବରପାଲିରୁ ୧୪ ଲକ୍ଷରୁ ଅଧିକ ଟଙ୍କାର ନକଲି ନୋଟ୍ ଜବତ ହୋଇଥିଲା। ୨ ଜଣଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଏଥିରେ ଏହି ଦୁଇଜଣଙ୍କ ଲିଙ୍କ୍ ରହିଛି କି ନାହିଁ ତାହା ମଧ୍ୟ ପୋଲିସ ଖୋଳତାଡ ଜାରି ରଖିଛି। ସେହିଭଳି କ୍ରାଇମବ୍ରାଞ୍ଚର ତଥ୍ୟ ଅନୁସାରେ ୧୦ ବର୍ଷ ଭିତରେ ୧୦ କୋଟିରୁ ଅଧିକ ଟଙ୍କାର ଜାଲ୍‌ନୋଟ୍ ଜବତ ହେବା ସହ ୩୨୦ରୁ ଅଧିକ ଅଭିଯୁକ୍ତ ଧରାପଡ଼ିଛନ୍ତି ଏବଂ ୧୮୦ରୁ ଅଧିକ ମାମଲା ହୋଇଛି।

ଦିନରେ ଅଫିସ କାମ, ରାତିରେ ନକଲି ନୋଟ୍ ଛାପା

ଯୁଯୁମୁରା ଥାନା ଅଞ୍ଚଳରେ ନକଲି ନୋଟ୍ ଜବତ ହେବା ପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଅଭିଯୁକ୍ତ ପୋଦାର ପ୍ରଥମେ ଗ୍ରାମ ଭିତରେ ଜନସେବା କେନ୍ଦ୍ର ଖୋଲିଥିଲେ। ପରେ ଗ୍ରାମ ଛକରେ ଏକ ଭଡାଘର ନେଇ କେନ୍ଦ୍ର ଖୋଲିଥିଲେ। ପ୍ରାୟ ୨ବର୍ଷ ହେଲା ଛକରେ ଏହି କେନ୍ଦ୍ର ରହିଛି। ଦିନ ସମୟରେ ସାଧାରଣ ଲୋକଙ୍କ ବିଭିନ୍ନ କାମ କରୁଥିଲେ। ରାତି ୯ଟା ପରେ ନୋଟ୍ ଛାପା କାମ କରୁଥିଲେ। ମଙ୍ଗଳବାର ରାତି ୧୨ଟା ପର୍ଯ୍ୟନ୍ତ ପ୍ରିଣ୍ଟର ମେଶିନ ଚାଲୁଥିବା ଶବ୍ଦ ଶୁଭୁଥିଲା ବୋଲି ସେମାନେ କହିଛନ୍ତି।

କେମିତି ଛାପୁଥିଲେ

ଗିରଫ ଅଭିଯୁକ୍ତ ଦ୍ୱୟ ଲାପ୍‌ଟପ୍ ଓ ପ୍ରିଣ୍ଟର ମେଶିନରେ ପ୍ରଥମେ ଗୋଟେ ସଫ୍ଟୱେର ଲୋଡ୍ କରିଥିଲେ, ଯାହାକୁ ଆଡୋବ ପେଜ୍ ମେକର କୁହାଯାଏ। ଏହା ଜରିଆରେ ଅସଲି ୫୦୦ ଟଙ୍କିଆ ଓ ୨୦୦ ଟଙ୍କିଆ ନୋଟକୁ ସ୍କାନ କରି ତାହାର ଦୈର୍ଘ୍ୟ ଓ ପ୍ରସ୍ଥକୁ ସାଇଜ କରି ନକଲି ଟଙ୍କା ପ୍ରିଣ୍ଟ ବାହାର କରନ୍ତି ବୋଲି ଏସ୍‌ଟିଏଫ୍ ଡିଏସ୍‌ପି ସଚ୍ଚିଦାନନ୍ଦ ରଥ କହିଛନ୍ତି। ଏହାପରେ ୨୦ ହଜାର ଓ ୩୦ ହଜାର ଅସଲି ନୋଟ୍ ନେଇ ୧ ଲକ୍ଷ ଟଙ୍କା ନକଲି ଦେଇଥାନ୍ତି ବୋଲି କହିଛନ୍ତି। ତେବେ ଏହି ଟେକ୍‌ନିକ ସେମାନେ କେଉଁଠି ଶିଖିଛନ୍ତି ଆଉ କେବେଠୁ ଚଳାଇଛନ୍ତି ତଦନ୍ତ କଲେ ଜଣାପଡିବ ବୋଲି ଏସ୍‌ଟିଏଫ୍ ଡିଏସ୍‌ପି କହିଛନ୍ତି।

ଘରକାନ୍ଥ ଭୁଶୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ନନ୍ଦାହାଣ୍ଡି,୧୩।୭(ଡି.ଏନ.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ଗ୍ରାମରେ ଘଟିଯାଇଛି। ଲଗାଣ ବର୍ଷାରେ ଘରକାନ୍ଥ ଭୁଶୁଡ଼ି ମଙ୍ଗଳବାର ରାତିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗଙ୍ଗା ସୌରା(୬୫)।

୩ ଦିନ ହେଲା ବର୍ଷା ଲାଗିରହିଛି। ସ୍ତ୍ରୀ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଅନ୍ୟ ଗ୍ରାମକୁ ଯାଇଥିବାବେଳେ ରାତିରେ ଗଙ୍ଗା ଏକାକୀ ନିଜ କଚ୍ଚାଘରେ ଶୋଇଥିଲେ। ଏହି ସମୟରେ ଘରର ମାଟି କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଥିଲା। ସକାଳେ ଗ୍ରାମବାସୀ ଦେଖି ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବାହିନୀ ଏବଂ ପୋଲିସକୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ ଗଙ୍ଗାଙ୍କ ମୃତଦେହ ବାହାର କରିଥିଲା। ନନ୍ଦାହାଣ୍ଡି ତହସିଲଦାର ଏ. ସ୍ନେହଲତା, ଏବିଡିଓ ପ୍ରଫୁଲ୍ଲ କୁମାର କହଁରଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ପଠାଯାଇଛି। ସରକାରୀ ଯୋଜନା ଅନୁଯାୟୀ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି। ଗଙ୍ଗା ୨୦ ବର୍ଷ ହେଲା ପିତାକୁମୁଲି ଗ୍ରାମରୁ ଆସି ଏଠାରେ ଏକ କୁଡ଼ିଆରେ ସ୍ତ୍ରୀଙ୍କ ସହ ରହୁଥିଲେ।

ବର୍ଷାରେ ନଷ୍ଟ ହୋଇଥିବା ଗଙ୍ଗାଙ୍କ କଚ୍ଚାଘର ।

ଓସିଏସ୍ ପରୀକ୍ଷାରୁ ୭୦୩୯ ବଞ୍ଚିତ

ଦରଖାସ୍ତ ନାକଚ କଲା ଓପିଏସ୍‌ସି

କଟକ ଅଫିସ, ୧୩।୭

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍(ଓସିଏସ୍) ପରୀକ୍ଷା ବହୁ ଆଶାୟୀ ବଞ୍ଚିତ ହେବେ। ଏକକାଳୀନ ୭୦୩୯ ଜଣ ଆଶାୟୀଙ୍କ ଦରଖାସ୍ତକୁ ଓପିଏସ୍‌ସି ନାକଚ କରିଦେଇଛି। ଏନେଇ ସୋମବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦରଖାସ୍ତଗତ ତ୍ରୁଟି ଲାଗି ଏକକାଳୀନ ଏତେ ସଂଖ୍ୟକ ଆବେଦନକୁ ଓପିଏସ୍‌ସି ନାକଚ କରିଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କାରଣ ପୂର୍ବରୁ କେବଳ ଫି' ଡିପୋଜିଟ୍ ହୋଇ ନ ଥିବା ଆବେଦନକାରୀଙ୍କ ଫର୍ମ ବାତିଲ ହେଇଥିବା ଘଟଣା ନଜରକୁ ଆସିଥିବାବେଳେ ଏଥର ଏକାଧିକ କାରଣ ଲାଗି ଦରଖାସ୍ତ ନାକଚ୍ ହୋଇଛି। ବିଶେଷକରି ବ୍ୟକ୍ତିଗତ ବିବରଣୀ ଓ ଠିକଣା ନ ଦେବା, ଫିଜିକାଲ୍ ମେଜରମେଣ୍ଟ, ଶିକ୍ଷାଗତ ଯୋଗ୍ୟତା ବିବରଣୀ ନ ଥିବା ଓ ଅନ୍ୟ ପ୍ରମାଣପତ୍ର ଅନ୍ ଲାଇନେରେ ଅପ୍ଲୋଡ୍ ହୋଇ ନ ଥିବା କାରଣରୁ ଅନେକ ଆଶାୟୀଙ୍କ ଦରଖାସ୍ତ ନାକଚ ହୋଇଛି।

ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୩।୭: ନାବାଳିକା ବଳାତ୍କାର ମାମଲାର ବିଚାର କରି ବୁଧବାର କନ୍ଧମାଳ ଜିଲା ଫୁଲବାଣୀ ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ସହକାରୀ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଟିକାବାଲି ଥାନା ସଲାଗୁଡ଼ା(ନେଡ଼ିପଦର)ର କରନ କୁମାର କହଁର(୨୨)। ୨୦୧୯ ଜାନୁୟାରୀ ୫ ତାରିଖରେ କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ କରନ କେରଳ ନେଇ ଯାଇଥିଲେ। ସେଠାରେ ଗୋଟିଏ ଘରେ ସ୍ୱାମୀ-ସ୍ତ୍ରୀ ଭାବେ ରହି ଏକ ଫ୍ଲାଏଅସ କମ୍ପାନୀରେ କାମ କରୁଥିଲେ। ପୀଡ଼ିତାଙ୍କ ଅନିଚ୍ଛା ସତ୍ତ୍ୱେ ଜବରଦୋସ୍ତ ଶାରୀରିକ ସମ୍ପର୍କ ରଖୁଥିଲେ ଅଭିଯୁକ୍ତ। ଅନ୍ୟପଟେ ପୀଡ଼ିତାଙ୍କ ପରିବାର ଲୋକେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଟିକାବାଲି ଥାନାରେ ଏକ ମାମଲା ରୁଜୁ କରିଥିଲେ। ପୋଲିସ ନଂ.୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଅଭିଯୁକ୍ତଙ୍କ ମା'ବାପାଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ବାପା ଅଭିଯୁକ୍ତଙ୍କୁ ଫୋନ କରି ସେମାନେ ଥାନାରେ ଥିବା କହିବାରୁ ସେ ଘରକୁ ଆସିଥିଲେ। ଫଳରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ବିଚାରପତି ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।

ଆଜିର ମନ୍ତବ୍ୟ

କଶ୍ମୀର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଲୋକଙ୍କ ଜୀବନ ଯାଉଥିବ। ସରକାର କଶ୍ମୀରବାସୀଙ୍କ ହୃଦୟ ନ ଜିତଲେ ଏଠାରେ ଆତଙ୍କବାଦ ଶେଷ ହେବ ନାହିଁ। **-ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ**

ଜନ୍ମଦିନର ଶୁଭେଚ୍ଛା

ଫିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଖଇଞ୍ଚି ପେଟରେ ମୀନ,
କାନ୍ତ ମନେ ଯେବେ କପଟ ନ ଥିଲା;
କିମ୍ବା କଲେ ଭିନ୍ନାଭିନ୍ନ।

ପ୍ରେମ ଦୁଇ ମନର ପବିତ୍ର ବନ୍ଧନ। ଏହା ମାନେନା ଆକଟ, ବାଧା କିମ୍ବା ବନ୍ଧନ। ସାଧାରଣତଃ ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଅବିଶ୍ୱାସ କରିବା ଆରମ୍ଭ କରେ ସେତେବେଳେ ଭରସା ତୁଟିଯାଏ। ବେଶି ଦିନ ତିଷ୍ଠି ପାରି ନ ଥାଏ ସେହି ସମ୍ପର୍କ। ସ୍ୱାମୀର ହତାଦର ଭାବକୁ ସହ୍ୟ କରି ନ ପାରି ସ୍ତ୍ରୀ ବ୍ୟଥିତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଖାଲିକି ତୁଚ୍ଛା;
ମାଗଣା କଥାରେ ମନ ମୁରୁଛା।

ଅଯଥା କଥା ଶୁଣି ମନ ଖରାପ କରିବାରେ କିଛି ଲାଭ ମିଳି ନ ଥାଏ। କଥା ଯେଉଁଠି ମୂଲ୍ୟହୀନ ବା ଅତି ମାମୁଲି ସେଭଳି କଥାକୁ ମନରେ ଧରି ଗୁଣି ହୋଇ ମନ ଉଦାସ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ରଣୀ ମହିଳାଙ୍କୁ ...

ଦେଇଥିବା ବୟାନ ଅନୁସାରେ ଭୋର ୩ ଟା ୫୬ ମିନିଟ୍ ୩୦ ସେକେଣ୍ଡରେ ତାଙ୍କୁ କେହି ଏସିଡ୍ ମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ ପିଠିରୁ ଧୂଆଁ ବାହାରୁଥିବା ଅବସ୍ଥାରେ ସେ ଘର ନିକଟରେ ଥିବା ଏକ ଜଳଖିଆ ଦୋକାନକୁ ଧାଇଁ ପଳାଇଥିଲେ। ସେଠାରେ ଉକ୍ତ ଜଳଖିଆ ଦୋକାନୀ ତାଙ୍କ ଦେହରେ ପାଣି ପକାଇଲା ପରେ ସେ ଘରକୁ ଫେରି ପୋଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ସେ ଘରୁ ବାହାରି ନିକଟସ୍ଥ ଦୋକାନକୁ ଦୌଡ଼ି ଯାଉଥିବାର ଦୃଶ୍ୟ ସିସିଫୁଟେଜରୁ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗତ ୮ ଦିନ ତଳେ ରୀନା ଦେଇଥିବା ଏକ ଦୋକାନକୁ ଋଣ ଦେଇଥିବା କେତେକ ଲୋକ ତାଲା ପକାଇଦେଇଥିବା ନେଇ ଭାରତ ଅଭିଯୋଗରେ ଦର୍ଶାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

ଦିନକରେ ୭୪୩ ...

ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ମହାମାରୀର ବିପଦ ଏବେ ବି ଟଳିନାହିଁ। ଏହାର ସଂକ୍ରମଣରୁ ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମାସ୍କ ନିଶ୍ଚିତ ପିନ୍ଧନ୍ତୁ। ସଚେତନ ହୁଅନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବଢୁଥିବା ସଂକ୍ରମଣ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ କରୋନା ଗ୍ରାଫ୍ ଉପରମୁହାଁ ରହିଛି। ସଂକ୍ରମଣ ଏବେ ଧୀର ଗତିରେ ବଢୁଛି। ପ୍ରଥମ, ଦ୍ୱିତୀୟ ଲହର ପରି ଏହା କ୍ଷିପ୍ର ବେଗରେ ଆଗକୁ ବଢ଼ିବ ନାହିଁ। ସମାନ୍ତରାଳ ସ୍ଥିତିକୁ ଆସିବା ପରେ ହିଁ ଖସିବ। ଅନ୍ୟ ରାଜ୍ୟରେ ଯେଉଁଭଳି ସଂକ୍ରମଣ ଖସୁଛି, ତାହାକୁ ଆକଳନ କଲେ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶା ଭଲ ସ୍ଥିତିକୁ ଆସିବ। ରଥଯାତ୍ରା ସରିଥିବାରୁ ଏବେ ରାଜ୍ୟରେ ସଂକ୍ରମଣ ବୃଦ୍ଧି ଆଶଙ୍କା ରହିଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକ ନିଜ ନିଜ ଘରକୁ ଫେରିଛନ୍ତି। ତେଣୁ ବିଭିନ୍ନ ଜିଲାର କରୋନା ସ୍ଥିତି ଉପରେ ନଜର ରଖାଯାଇଛି। କମ୍ୟୁନିଟି ପଜିଟିଭିଟି ପାଇଁ ବିଭିନ୍ନ ଜିଲାର ସ୍ଥିତିକୁ ତର୍ଜମା କରାଯାଉଛି। ସଂକ୍ରମଣ ବୃଦ୍ଧି ହେବା ସହ ତାହାର ଆକାର ଉପରେ ନଜର ରଖାଯାଇଛି। ଚଳିତ ଲହରରେ କରୋନାରେ ଜଣେ ୭୮ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ବିଭିନ୍ନ ରୋଗରେ ପୀଡିତ ଥିଲେ। ତେଣୁ ବହୁବିଧ ରୋଗରେ ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସତର୍କତା ଅବଲମ୍ବନ କରିବା ଉଚିତ। ଟିକା ନେଇ ନ ଥିବା ଲୋକେ ଟିକା ନେଇଯିବା ପାଇଁ ସ୍ୱାସ୍ଥ୍ୟ ନର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେପଟେ ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ୭୪୩ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୮୭ ଜଣ ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୦୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୧୧୫, ସୁନ୍ଦରଗଡ଼ ୬୫, ପୁରୀ ୩୬, ମୟୂରଭଞ୍ଜ ୧୬, ସମ୍ବଲପୁର ୧୪, ଯାଜପୁର ୧୨, ବାଲେଶ୍ୱର ୧୨, ଜଗତ୍‌ସିଂହପୁର ୧୧, କୋରାପୁଟ ୧୦, ନୂଆପଡ଼ା ଓ ନୟାଗଡ଼ରୁ ୧୧ ଲେଖାଏ, ବୌଦ୍ଧ, ଭଦ୍ରକ ଓ ଦେବଗଡ଼ରୁ ୮ ଲେଖାଏ, ନବରଙ୍ଗପୁର ଓ ସୋନପୁରରୁ ୭ ଲେଖାଏ, ଝାରସୁଗୁଡ଼ା ୬, କେନ୍ଦୁଝର ୫, ବରଗଡ଼, କେନ୍ଦ୍ରାପଡ଼ା ଓ ବଲାଙ୍ଗୀରରୁ ୪ ଲେଖାଏ, ରାୟଗଡ଼ା ୩, କଳାହାଣ୍ଡି ଓ ଗଜପତିରୁ ୨ ଲେଖାଏ ଏବଂ ଗଞ୍ଜାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୫,୩୨୮ରେ ପହଞ୍ଚିଛି। ।

୧୯ରେ ଓଡ଼ିଶା ...

ନେଇ ନାନା ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ନବନିର୍ମାଣ କୃଷକ ସଙ୍ଗଠନର ନେତା ଅକ୍ଷୟ କୁମାର କହିଛନ୍ତି, ଏହି ଚାଞ୍ଚଲ୍ୟକର ଘଟଣାର ୧୧ ଦିନ ପରେ ମଧ୍ୟ ପୋଲିସ ଅଭିଯୁକ୍ତକୁ ଖୋଜି ପାଇଲାନାହିଁ। ଜଣେ ଚାଷୀଙ୍କ ଉପରେ ବିପଦ ପଡ଼ିଥିବାରୁ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ଯେହେତୁ ହଷ୍ଟେଲରେ ରହିବା ବେଳେ ହିଁ ରୁଚିକା ଆତ୍ମହତ୍ୟା କରିଛନ୍ତି, ଏଥିଲାଗି ହଷ୍ଟେଲର ୱାର୍ଡେନ ଏବଂ ସୁପରିଣ୍ଟେଣ୍ଡେଣ୍ଟ ପ୍ରଥମେ ଦାୟୀ। ସେମାନେ ପ୍ରଥମେ ଇସ୍ତଫା ଦିଅନ୍ତୁ। ନଚେତ୍ ସରକାର ସେମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରନ୍ତୁ। ସୁଇସାଇଡ୍ ନୋଟ୍‌ରେ ୩ ଜଣ ସିନିୟରଙ୍କୁ ଦାୟୀ କରାଯାଇଥିବାରୁ ସେମାନଙ୍କୁ ତଦନ୍ତକାରୀ ଟିମ୍ ଖୋଜି ବାହାର କରିବା କଥା। ହେଲେ ତଦନ୍ତରେ ଜାଣିଶୁଣି ବିଳମ୍ବ କରାଯାଉଛି। ସରକାର ଏହି ଘଟଣାରେ ଉଦାସୀନ ହୋଇଛନ୍ତି। ତେଣୁ ଏହାକୁ ବିରୋଧକରି ସଙ୍ଗଠନ ଓଡ଼ିଶା ବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ରୁଚିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ୧୯ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଆନ୍ଦୋଳନରେ ସମସ୍ତଙ୍କୁ ସାମିଲ କରିବାକୁ ସ୍ୱତନ୍ତ୍ର ଅଭିଯାନ କରାଯିବ। ୧୪,୧୫ରେ ଭୁବନେଶ୍ୱରରେ ଏବଂ ୧୬ରେ କଟକର ସଙ୍ଗଠନ କର୍ମକର୍ତ୍ତା ବିଭିନ୍ନ କଲେଜରେ ଜନଜାଗରଣ କରି ଛାତ୍ରୀଛାତ୍ରଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରାଯିବ। ୧୭ରେ ପୋଲିସ ଡିଜିଙ୍କ କାର୍ଯ୍ୟାଳୟ ବାହାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ୧୮ରେ ଓଡ଼ିଶା ବନ୍ଦ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯିବ ବୋଲି ଅକ୍ଷୟ କୁମାର କହିଛନ୍ତି। ଅନ୍ୟପଟେ ରୁଚିକାଙ୍କ ମା' ବୁଧବାର ଅନଶନ ଭାଙ୍ଗିଛନ୍ତି। ଅକ୍ଷୟ କୁମାରଙ୍କ ଅନୁରୋଧକ୍ରମେ ସେ ଅନଶନ ଭଙ୍ଗ କରିଛନ୍ତି। ବିଜେବି କଲେଜ ସମ୍ମୁଖରୁ ତାଙ୍କୁ ପୋଲିସ ଉଠାଇନେବାପରେ ସେ ଲୋୟର ପିଏମ୍‌ଜିରେ ଅନଶନରେ ବସିଥିଲେ। ଅନ୍ୟପଟେ ରୁଚିକାଙ୍କ ମା'ଙ୍କୁ ପୋଲିସ ବଳପୂର୍ବକ ଉଠାଇ ନେବା ପ୍ରସଙ୍ଗ ବିଧାନସଭାରେ ଉଠାଯିବ କହି ବୁଧବାର ଗୃହରେ ବିରୋଧୀ ଚୁପ୍ ରହିବା ଘଟଣାରେ ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଆଦିବାସୀଙ୍କ ଉପରେ ପୋଲିସ ମାଡ଼ ମାରିବା କଥାରେ ଗୃହ ବନ୍ଦ ହୋଇଯିବା କାରଣରୁ ଉକ୍ତ ପ୍ରସଙ୍ଗ ଉଠିପାରି ନ ଥିବା ସେ କହିଛନ୍ତି।

ଶ୍ରୀଲଙ୍କାରେ ପୁଣି ...

ଗଠନ ହେବା ପରେ ସେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ଓ୍ୱିକ୍ରମସିଂଘେ ଦୋହରାଇଛନ୍ତି। ଇତିମଧ୍ୟରେ ଶ୍ରୀଲଙ୍କାର ସରକାରୀ ଟିଭି ଚ୍ୟାନେଲ ବିଲ୍ଡିଂକୁ ବିକ୍ଷୋଭକାରୀମାନେ ଧସେଇ ପଶି ବିଭ୍ରାଟ ସୃଷ୍ଟି କରିବାରୁ କାର୍ଯ୍ୟକ୍ରମ ପ୍ରସାରଣ ସାମୟିକ ଭାବେ ବନ୍ଦ କରାଯାଇଛି। ଶ୍ରୀଲଙ୍କାରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ପାଇଁ ଆସନ୍ତା ୨୦ରେ ନୂଆ ରାଷ୍ଟ୍ରପତି ବାଛିବା ଲାଗି ନିର୍ବାଚନ କରାଯିବାକୁ ଥିବାବେଳେ ପୂର୍ବତନ ରାଷ୍ଟ୍ରପତି ମୈତ୍ରିପାଳ ସିରିସେନାଙ୍କ ପକ୍ଷରୁ ପ୍ରତିକ୍ରିୟା ଆସିଛି। ରାଷ୍ଟ୍ରପତି ଓ କାମଚଳା ରାଷ୍ଟ୍ରପତିଙ୍କ ପାଖରେ ଦେଶ ଚଳାଇବା ପାଇଁ ଜନାଦେଶ ନାହିଁ। ସେମାନଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ସେହିପରି ବିରୋଧୀ ଦଳ ନେତା ସାଜିଥି ପ୍ରେମାଦାସା ଟୁଇଟ୍ କରିଛନ୍ତି, ଜଣେ ଏମ୍‌ପି, ଯାହାଙ୍କ କେବଳ ଗୋଟିଏ ଆସନ ରହିଛି, ତାଙ୍କୁ ପ୍ରଧାନମନ୍ତ୍ରୀ ପରେ କାମଚଳା ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି। ଏହା ହେଉଛି ରାଜପାକ୍ସେ ଶୈଳୀର ଗଣତନ୍ତ୍ର। କି ପ୍ରହସନ ଚାଲିଛି। ଏହା ପୂର୍ବରୁ ଶ୍ରୀଲଙ୍କା ବାୟୁସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଥିଲା, ରାଷ୍ଟ୍ରପତି ଗୋଟାବାୟା ନିଜ ସ୍ତ୍ରୀ ଓ ୨ ସୁରକ୍ଷା ଅଧିକାରୀଙ୍କ ସହ ଦେଶ ଛାଡ଼ି ଚାଲିଯାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମତି କ୍ରମେ ସେନାର ଏକ ଜେଟ୍‌ରେ ସେମାନଙ୍କୁ ମାଳଦ୍ୱୀପ ନିଆଯାଇଛି। ମାଳଦ୍ୱୀପର ମଜଲିସ୍ (ପାର୍ଲାମେଣ୍ଟ) ବାଚସ୍ପତି ତଥା ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାଶିଦ୍ ଗୋଟାବାୟାଙ୍କୁ ମାଲେକୁ ନେବା ପଥ ପରିଷ୍କାର କରିଥିବା କୁହାଯାଉଛି। ତେବେ ମାଳଦ୍ୱୀପ ନ୍ୟାଶନାଲ ପାର୍ଟି (ଏମ୍‌ଏନ୍‌ପି) ନେତା ତଥା ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଦୁନ୍ୟା ମଉମୁନ ଏହାକୁ ସମାଲୋଚନା କରିଛନ୍ତି। ପଡ଼ୋଶୀ ଶ୍ରୀଲଙ୍କାର ଜନସାଧାରଣଙ୍କ ଭାବାବେଗକୁ ମାଳଦ୍ୱୀପ ସମ୍ମାନ ଦେବା ଉଚିତ ଥିଲା ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମିଳିଥିବା ସୂଚନାନୁସାରେ ଗୋଟାବାୟା ମାଳଦ୍ୱୀପରୁ ସିଙ୍ଗାପୁର ଗସ୍ତ କରିବେ। ସେଠାରେ ପହଞ୍ଚିବା ପରେ ନିଜ ଇସ୍ତଫାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇବେ। ଅନ୍ୟପକ୍ଷେ ଗୋଟାବାୟାଙ୍କ ପଳାୟନରେ କଲମ୍ବୋସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସହାୟତା କରିଥିବା ନେଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ଭିତ୍ତିହୀନ ଓ କପୋଳକଳ୍ପିତ କହି ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଖଣ୍ଡନ କରିଛି। ପ୍ରକାଶ ଯେ, ବିଦେଶୀ ଋଣ ଭାରରେ ନଇଁପଡ଼ିଥିବା ପଡ଼ୋଶୀ ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ଦରଦାମ ବୃଦ୍ଧି ଯୋଗୁ ପ୍ରାୟ ୪ ମାସ ଧରି ଲୋକେ ଆନ୍ଦୋଳନ ଚଳାଇଛନ୍ତି। ଏହାକୁ ନେଇ ଗତ ମେ'ରେ ମଧ୍ୟ ଏମର୍ଜେନ୍ସି ଜାରି କରାଯାଇଥିଲା।

ସାର ମିଳୁନି, ଗଜା ...

ବିଜେଡି ସଭ୍ୟ ପ୍ରଦୀପ ଦିଶାରୀ କହିଲେ, ଚାଷୀଙ୍କୁ ସାର ସହିତ ଅନ୍ୟାନ୍ୟ ଜିନିଷ କିଣିବାକୁ ବାଧ୍ୟ କରାଯାଉଛି। ସେହି ଡିଲରମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଜେଡି ସଭ୍ୟ ରୁଦ୍ର ମହାରଥୀ କହିଲେ, ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଏ ପର୍ଯ୍ୟନ୍ତ ୨୫% ସାର ଚାଷୀଙ୍କୁ ମିଳି ନାହିଁ। ଯେଉଁ ବିହନ ଯୋଗାଇ ଦିଆଯାଇଛି ସେଥିରୁ ୫୦ ପ୍ରତିଶତ ଗଜା ହେଉନି। କଂଗ୍ରେସ ସଭ୍ୟ ଅଧିରାଜ ପାଣିଗ୍ରାହୀ କହିଲେ, ନାନୋ ୟୁରିଆ ନେବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ପଞ୍ଚାୟତ ଗୋଦାମରେ ସାର ରଖି ପ୍ୟାକ୍ସ ଓ ଲାମ୍ପ୍ସ ଜାରିଆରେ ଚାଷୀଙ୍କୁ ସାର ଯୋଗାଇ ଦେବା ବ୍ୟବସ୍ଥା କରିବେ କି? ଉତ୍ତରରେ ମନ୍ତ୍ରୀ କହିଲେ, ୨୦୨୨ ଏପ୍ରିଲରୁ ଜୁଲାଇ ୧୧ ମଧ୍ୟରେ ରାଜ୍ୟକୁ ୧୦୩% ୟୁରିଆ ମିଳିଥିବା ବେଳେ ଡିଏପି ୬୭, ଏମ୍‌ଓପି ୬୬, ଏନ୍‌ପିକେ ୮୦ ପ୍ରତିଶତ ମିଳିଛି। ସେଥିରୁ ୮୫% ସାର ଯୋଗାଇ ଦିଆଯାଇଛି। ସାର ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କ ସଚିବଙ୍କ ସହ ପ୍ରତି ସପ୍ତାହର ମଙ୍ଗଳବାର, ଜିଲା ଅଧିକାରୀଙ୍କ ସହ ବୁଧବାର ଏବଂ ସାର ଯୋଗାଉଥିବା କମ୍ପାନୀଗୁଡ଼ିକ ସହ ଶୁକ୍ରବାର କଥାବାର୍ତ୍ତା କରାଯାଉଛି। ଚାଷୀମାନେ ସାର ଯେପରି ଠିକ୍ ସମୟରେ ପାଇବେ ସେ ନେଇ ଉଦ୍ୟମ କରାଯାଉଛି। ଏପ୍ରିଲ ପହିଲାରୁ ଜୁନ୍ ୩୦ ମଧ୍ୟରେ କେନ୍ଦ୍ର ସରକାରଙ୍କ ନିକଟରୁ ୩ ଲକ୍ଷ ୬୪ ହଜାର ୨୩୨ ମେଟ୍ରିକ ଟନ ସାର ପାଇଛୁ। ଆହୁରି ୨ଲକ୍ଷ ୩୫ ହଜାର ୭୫୦ ମେଟ୍ରିକ ଟନ ସାର କେନ୍ଦ୍ର ସରକାର ଦେଇନାହାନ୍ତି । ସାର ଆମାଜନ କି ଫ୍ଲିପକାର୍ଟ ଜରିଆରେ କିଣାଯାଇ ପାରିବ ନାହିଁ। କେନ୍ଦ୍ର ସରକାର ଯୋଗାଇଲେ ଚାଷୀଙ୍କୁ ଦିଆଯିବ। ସାର ମୂଲ୍ୟ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ରାଜ୍ୟର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ସରକାର ସାର ଯୋଗାଇ ଦେଉନାହାନ୍ତି । ଫଳରେ ଓଡ଼ିଶାରେ ଚାଷୀମାନେ ପ୍ରତି ହେକ୍ଟର ପିଛା ୬୦ରୁ ୭୦ କେଜି ସାର ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଯେଉଁ ଡିଲରମାନେ ଚାଷୀଙ୍କୁ ଅନ୍ୟ ଜିନିଷ ନେବାକୁ ବାଧ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଡେଲାଙ୍ଗକୁ ୬,୨୧୮ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲାକୁ ମୋଟ ୭ ହଜାର ୮୮ ମେଟ୍ରିକ ଟନ ସାର ଯୋଗାଣ ହୋଇଛି। ଆମଦାନୀ ଶୁଳ୍କ ବଢ଼ି ଯାଇଥିବାରୁ ସାର ଦାମ ମଧ୍ୟ ବଢ଼ିଛି। ନୂଆପଡ଼ା ଜିଲାକୁ ୧୬,୫୩୩ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି। ଯେଉଁଠି ସାର ଛଡ଼ା ଅନ୍ୟ ଜିନିଷ ନେବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ପଠାଇ ତାହାର ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଗୃହରେ ହଙ୍ଗାମା ପରେ ...

ମା' ଓ ଆଦିବାସୀଙ୍କୁ ସମ୍ମାନ। ସେହି ପୋଲିସ ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ କରିବା ସହ ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ କରିବା ଦାବିରେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୂଳ କରିଛନ୍ତି। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଉଠାଇ କହିଲେ, ଚିତ୍ରକୋଣ୍ଡା ବ୍ଲକର ଏକ ଗ୍ରାମରେ ଜଣେ ୮୦ ବର୍ଷୀୟା ଆଦିବାସୀ ମହିଳା, ଜଣେ ଗର୍ଭବତୀ ଓ ଜଣେ ୧୪ ବର୍ଷର ନାବାଳିକାଙ୍କୁ ପୋଲିସ ରାତିଅଧରେ ମାଡ଼ ମାରିଛି। ଏସ୍‌ଡିପିଓ ତାଙ୍କର ପ୍ରାଇଭେଟ ପାର୍ଟରେ ବାଡ଼ିରେ ବାଡ଼େଇଛନ୍ତି। କଂଗ୍ରେସର ୪ ଜଣିଆ ସଦସ୍ୟ ସେହି ମହିଳାଙ୍କୁ ଭେଟିଛନ୍ତି। ତାହାର ପ୍ରମାଣ ରହିଛି। ଏସ୍‌ଡିପିଓ ମଦ ପିଇ ଏହି କାଣ୍ଡ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଓ ଏସ୍‌ପିଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ଘଟଣାର ଜଣେ ସିଟିଂ ମାଜିଷ୍ଟ୍ରେଟଙ୍କ ଦ୍ୱାରା ତଦନ୍ତ କରାଯାଉ। ଏସ୍‌ଡିପିଓଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଜୁନ୍ ୫ ରାତି ଗୋଟାଏରେ ଆଦିବାସୀ ମହିଳାଙ୍କୁ ନିବସ୍ତ୍ର କରି ମାଡ଼ ମାରିଛନ୍ତି। ୪ ଜଣ ମହିଳାଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏସ୍‌ଡିପିଓଙ୍କ ନାମରେ ଏଫ୍‌ଆଇଆର ଦେଲେ ମଧ୍ୟ ତାହା ଗ୍ରହଣ କରାଗଲା ନାହିଁ। ତୁରନ୍ତ ଘଟଣାର ବିଚାର ବିଭାଗୀୟ କିମ୍ବା ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କରାଯାଉ। ଭାଜପା ସଭ୍ୟ ମୋହନ ଚରଣ ମାଝି କହିଥିଲେ ଯେ ଯେଉଁମାନେ ରକ୍ଷକ ସେହିମାନେ ଭକ୍ଷକ ସାଜୁଛନ୍ତି। ଯେଉଁ ଆଦିବାସୀମାନେ ବଞ୍ଚିବା ପାଇଁ ଦିନ ରାତି ସଂଘର୍ଷ କରୁଛନ୍ତି ସେମାନଙ୍କୁ ମାଡ଼ ମରାଯାଉଛି। ଏହି ଘଟଣାର ତଦନ୍ତ ପାଇଁ ଏକ ଗୃହ କମିଟି ଗଠନ କରାଯାଉ। କଂଗ୍ରେସ ଓ ଭାଜପା ସଭ୍ୟମାନେ ମିଳିତ ହୋଇ ଏହି ଘଟଣାକୁ ବିରୋଧ କରିବା

ଦେବୀଦତ୍ତ ବିଶ୍ୱାଳ ନୂଆ ପିସିସିଏଫ୍

ଭୁବନେଶ୍ୱର, ୧୩।୭(ବ୍ୟୁରୋ): ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ତଥା ବନବାହିନୀ ମୁଖ୍ୟ ଭାବେ ଦେବୀଦତ୍ତ ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୮ ବ୍ୟାଚ୍‌ର ଆଇଏଫ୍‌ଏସ୍ କ୍ୟାଡରର ଦେବୀଦତ୍ତ ଅତିରିକ୍ତ ପିସିସିଏଫ୍ ଥିଲେ। ଶିଶିର ରଥ ପିସିସିଏଫ୍ ପଦବୀରୁ ଅବସର ନେବା ପରେ ଦେବୀଦତ୍ତ ବିଶ୍ୱାଳଙ୍କୁ ପିସିସିଏଫ୍ ଭାରପ୍ରାପ୍ତ ଦାୟିତ୍ୱ ଦିଆଯାଇଥିଲା। ଏବେ ସରକାର ତାଙ୍କୁ ପିସିସିଏଫ୍ ଭାବେ ନୂତନ ଦାୟିତ୍ୱ ଦେଇଛନ୍ତି।

ୱାନ୍ ନେଶନ, ୱାନ୍ ରାଶନ ଯୋଜନା

୧.୧୦ ଲକ୍ଷ ପରିବାର ଉପକୃତ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ 'ୱାନ୍ ନେଶନ ୱାନ ରାଶନ' ଯୋଜନା ଯୋଗୁ ଓଡ଼ିଶାରେ ମୋଟ ୧.୧୦ଲକ୍ଷ ପରିବାର ଉପକୃତ ହୋଇଛନ୍ତି। ଏହି ଯୋଜନାରେ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ସୁବିଧା ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ବିଧାନସଭା ପ୍ରଶ୍ନକାଳରେ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୨୧ ଜୁଲାଇ ୨୯ତାରିଖ ଠାରୁ ଏହି ଯୋଜନା ଓଡ଼ିଶାରେ ଲାଗୁ ହୋଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୧୦୫୭୮ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୧.୧୦ଲକ୍ଷ ପରିବାର ଉପକୃତ ହୋଇଛନ୍ତି।

ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଅନ୍ତର୍ଗତ ମୋଟ ୯୩,୧୩,୪୪୮ ପରିବାରକୁ ରାଶନକାର୍ଡ ମିଳିଛି ଓ ୩ କୋଟି ୩୩ଲକ୍ଷ ୨୭ହଜାର ୨୫୫ଜଣ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ

ଏନ୍‌ଏଫ୍‌ଏସ୍‌ଏରେ ଓଡ଼ିଶା ପ୍ରଥମ

୨ଲକ୍ଷ ୬୧ହଜାର ୨୨୭ ପରିବାରର ୮ଲକ୍ଷ ୮ହଜାର ୮୦୦ ଜଣ ଯୋଗ୍ୟ ହିତାଧିକାରୀ ସାମିଲ ଅଛନ୍ତି।

କରୋନା ସମୟରେ ଜୀବନଜୀବିକା ପ୍ରଭାବିତ ହେଇଥିବାରୁ ଗରିବ ରାଶନକାର୍ଡଧାରୀଙ୍କୁ ଓଡ଼ିଶା ସରକାର ଦୁଇଟି ପର୍ଯ୍ୟାୟରେ ହଜାରେ ଟଙ୍କା ଲେଖାଏ ସହାୟତା ଦେଇଥିଲେ। ଏହି ସହାୟତା ରାଶି ରାଶନ କାର୍ଡଧାରୀମାନେ ନିଜର ମାସିକ ରାଶନ ସାମଗ୍ରୀ ସହ ନଗଦ ଆକାରରେ ନିଜ ଅଞ୍ଚଳର କଣ୍ଟ୍ରୋଲ ଡିଲର ମାଧ୍ୟମରେ ପାଇଥିଲେ। କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୨.୦୯ଲକ୍ଷ ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩.୬୪ଲକ୍ଷ ପରିବାର ଏହି ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି। ମକରନ୍ଦ ଅତିରିକ୍ତ ପ୍ରଶ୍ନରେ ପଚାରିଲେ, ଓଡ଼ିଶା ଏକ ନମ୍ବର ହୋଇଥିବା ବେଳେ କେଉଁ ରାଜ୍ୟ ଓଡ଼ିଶା ତଳକୁ ରହିଛନ୍ତି। କେଉଁ ଆଧାରରେ ଓଡ଼ିଶା ଏକ ନମ୍ବର ହେଲା। ମୁଖ୍ୟମନ୍ତ୍ରୀ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରୋମ୍ ଯାଇଥିଲେ। ସେଠାରୁ ଆସି କ'ଣ ଦିଗ୍‌ଦର୍ଶନ ଦେଇଛନ୍ତି। ମନ୍ତ୍ରୀ କହିଲେ, ଓଡ଼ିଶା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍‌ଏଫ୍‌ଏସଏ)ରେ ପ୍ରଥମ ସ୍ଥାନ ଅଧିକାର କରିଛି। ଓଡ଼ିଶା ପଛକୁ ୟୁପି, ଆନ୍ଧ୍ର ପ୍ରଦେଶ, ଗୁଜରାଟ ଭଳି ରାଜ୍ୟ ରହିଛନ୍ତି। ମୁଖ୍ୟମନ୍ତ୍ରୀ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଓଡ଼ିଶାର ମଡେଲକୁ ଅନ୍ୟ ଦେଶରେ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହା ଓଡ଼ିଶା ପାଇଁ ଗର୍ବ ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ନିତ୍ୟାନନ୍ଦ ଗଣ୍ଡ କହିଲେ, ତାଙ୍କ ନିର୍ବାଚନମଣ୍ଡଳୀରେ ୧୫୦୧ ଜଣ ହିତାଧିକାରୀଙ୍କ ୮୦୦ କୁଇଣ୍ଟାଲ ଚାଉଳ ହଡପ ହୋଇଛି। ଏହାର ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସରକାର କି ପଦକ୍ଷେପ ନେଉଛନ୍ତି। ବିଜେଡି ସଭ୍ୟ ପଦ୍ମନାଭ ବେହେରା ଅତିରିକ୍ତ ପ୍ରଶ୍ନରେ କହିଲେ, ରାଜ୍ୟରେ ଅନେକ ଗରିବ ଲୋକ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। କେବେ ସୁଦ୍ଧା ସେମାନଙ୍କୁ କାର୍ଡ ମିଳିବ। ମନ୍ତ୍ରୀ କହିଲେ, ଚାଉଳ ହଡପ ଘଟଣାର ତଦନ୍ତ କରାଯିବ। ରାଶନ କାର୍ଡ ଦେବା ବନ୍ଦ ହୋଇ ନାହିଁ। କେନ୍ଦ୍ର ସରକାର ୨୦୧୧ ଜନଗଣନାକୁ ହିସାବକୁ ନେଇ ୩.୨୬ କୋଟି ଲୋକଙ୍କୁ ରାଶନ କାର୍ଡ ଯୋଗାଇ ଦେବା ନେଇ ସିଲିଂ କରିଛନ୍ତି। ଏହା ଉପରେ କାର୍ଡ ଦେଇ ହେବ ନାହିଁ। ସେଥିପାଇଁ ବଳକା ଲୋକଙ୍କ ସକାଶେ ରାଜ୍ୟ ସରକାର ନିଜର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଅନେକ ଜିଲା ଓ ବ୍ଲକରେ ବହୁ ଆବେଦନ ପଡ଼ିଛି। କେନ୍ଦ୍ର ସରକାରଙ୍କୁ ଏ ବାବଦରେ ଅବଗତ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ସିଆର୍‌ସିସିଙ୍କୁ ତାଲା ପକାଇଲେ ଅଭିଭାବକ

- ବିଦ୍ୟାଳୟ ସମସ୍ୟା ସମାଧାନ କରିବାକୁ ଆସି ଫସିଲେ
- ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ମୁକୁଳିଲେ

ବରୀ,୧୩।୭(ଡି.ଏନ.ଏ.)

ଯାଜପୁର ଜିଲା ବରୀ ଶିକ୍ଷାମଣ୍ଡଳ ଅଧୀନ ରତଳାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଓ ଅଭିଭାବକ ଗଣଧାରଣା ଦେଇଛନ୍ତି। ତେବେ ଗଣଧାରଣା ଖବର ପାଇ ଏହି କ୍ଲଷ୍ଟର ଦାୟିତ୍ୱରେ ଥିବା ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ଅମିତାଭ ଜେନା ଘଟଣାସ୍ଥଳକୁ ଆସି ସମସ୍ୟା ସମାଧାନ କରିବାବେଳେ ଗ୍ରାମବାସୀ ଓ ଅଭିଭାବକଙ୍କ ରୋଷର ଶିକାର ହୋଇଛନ୍ତି। ତାଙ୍କୁ ସେମାନେ ବିଦ୍ୟାଳୟରେ ତାଲା ପକାଇ ଦୀର୍ଘ ସମୟ ଅଟକ ରଖିଥିଲେ। ଖବର ପ୍ରଚାରିତ ହେବାପରେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ ଗ୍ରାମବାସୀ ଓ ଅଭିଭାବକଙ୍କ ସହ ଫୋନ୍ ଯୋଗେ କଥା ହୋଇ ସମସ୍ତ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଓ ଅଭିଭାବକ ସିଆର୍‌ସିସି ଜେନାଙ୍କୁ ଛାଡ଼ି ଦେଇଥିଲେ। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୧୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ଲାଗି ୫ଜଣ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ଥିଲେ।

ସିଆର୍‌ସିସିଙ୍କୁ ଅଟକ ରଖାଯାଇଛି।

ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲା। କିନ୍ତୁ ତାଙ୍କ ସ୍ଥାନରେ ଅନ୍ୟ କୌଣସି ଶିକ୍ଷକଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିଲା। ଫଳରେ ୩ ଦିନ ଧରି ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରୁ ବଞ୍ଚିତ ହୋଇଥିଲେ। ଏଥିସହିତ ବିଦ୍ୟାଳୟରେ ପାଠ ପଢ଼ା ବାଧାପ୍ରାପ୍ତ ହୋଇଥିଲା। ତେଣୁ ଏସବୁ ପ୍ରସଙ୍ଗକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଅଭିଯୋଗ ସମ୍ପର୍କରେ ଅବଗତ ଅଛି। ତେଣୁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଓ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ସମାଧାନ କରାଯିବା କ୍ଷେତ୍ରରେ ଶୀଘ୍ର ପଦକ୍ଷେପ ନିଆଯିବ।

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଡିସି ଆଣ୍ଡ ପିଏ), ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ବିଭାଗୀୟ ମୂଲ୍ୟ; ଅମାନତ ରାଶି:** (୧) **ସିଓଏମ୍‌୩୦-ଟିଏସ୍-ଓଡି-୨୨, ତାରିଖ: ୦୫।୦୭।୨୦୨୨;** ଚକ୍ରଧରପୁର ଡିଭିଜନରେ ଓଡ଼ିଶା ରାଜ୍ୟର ଭୌଗୋଳିକ କ୍ଷେତ୍ର ମଧ୍ୟରେ ଦୁଇବର୍ଷ କିମ୍ବା ୧୦୦ଟି ୱାଗନ୍, ଯାହା ପୂର୍ବରୁ ହେଉଥିବ, ପାଇଁ ରୁଗ୍‌ଣ ୱାଗନ୍‌ଗୁଡ଼ିକର ଟ୍ରାନ୍ସଶିପ୍‌ମେଣ୍ଟ; ₹୧୭,୩୬,୬୨୩/-; ₹୩୪,୮୦୦/- । (୨) **ସିଓଏମ୍‌୫୪-ଏଏମ୍‌ଏନ୍-ଜେଏସ୍‌ଜି-ଏମ୍‌ସି-୨୨, ତାରିଖ: ୦୯।୦୭।୨୦୨୨;** ଝାରସୁଗୁଡ଼ା ରେଳ ଷ୍ଟେଶନର ୭୩୦ ଦିନ ଅବଧି ପାଇଁ କାର୍ଯ୍ୟକାଳ ଆଧାରିତ ସମନ୍ୱିତ ଯାନ୍ତ୍ରିକ ସଫେଇ ଓ ରକ୍ଷଣାବେକ୍ଷଣ; ₹୧,୦୦,୧୭,୪୯୮/-; ₹୨,୦୦,୧୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୨,୦୦୦/- ଏବଂ କ୍ର.ସଂ. ୨ ପାଇଁ ₹୫,୦୦୦/- । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ତା୨୭।୦୭।୨୦୨୨ରିଖ ୧୨.୩୦ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୦୧।୦୮।୨୦୨୨ରିଖ ୧୨.୩୦ ଘଟିକା । **ୱେବ୍‌ସାଇଟ୍ ବିବରଣୀ:** ଉଭୟ ପାଇଁ **www.ireps.gov.in** । **ବି.ଦ୍ର.:** ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡରଦାତା **www.ireps.gov.in**ରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବେ । **(PR-333)**

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଏନ୍‌ପିଏମ୍ ଏମ୍‌ଡି

ବାଲେଶ୍ୱରରେ ସ୍ଥାପନ ହେବ ଟଙ୍କା କାଗଜ ମିଲ୍

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ଟଙ୍କା କାଗଜ ମିଲ୍ ସ୍ଥାପନ କରିବା ସକାଶେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ଟିମ୍ ବାଲେଶ୍ୱର ଜିଲା ଗସ୍ତ କରିବାର ଦିନକ ପରେ ବ୍ୟାଙ୍କ୍ ନୋଟ ପେପର ମିଲ୍(ବିଏନ୍‌ପିଏମ୍) ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପ୍ରତିନିଧି ଦଳ ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ବିଏନ୍‌ପିଏମ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଥାଲିକେରାପ୍ପା ଏସ୍ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସଂକ୍ଷେପରେ ଅବଗତ କରାଇଥିଲେ। ବିଏନ୍‌ପିଏମ୍ ଇଣ୍ଡିଆ ଲିମିଟେଡ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରାଇଭେଟ ଲିମିଟେଡ ମିଳିତ ଭାବେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ବାଡ଼ବଡ଼ଗାଁଠାରେ ୨୫୦୦ କୋଟି ଟଙ୍କାର ଏକ ଟଙ୍କା କାଗଜ ମିଲ୍ ସ୍ଥାପନ କରିବାକୁ ଯୋଜନା କରିଛନ୍ତି। ବାଲେଶ୍ୱରର ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ୩ ଜଣିଆ ଟିମ୍ ବାଡ଼ବଡ଼ଗାଁକୁ ଯାଇ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଥିଲେ।

ରାଜ୍ୟ ସରକାରଙ୍କୁ ଲାଭାଂଶ ଅର୍ଥ ପ୍ରଦାନକଲେ ୩ ନିଗମ

ଭୁବନେଶ୍ୱର,୧୩।୭(ବ୍ୟୁରୋ): ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନ ବିଭିନ୍ନ ନିଗମ ଯଥା ଓଡ଼ିଶା କୃଷି ନିଗମ ଲିଃ, ଓଡ଼ିଶା କାଜୁ ଉନ୍ନୟନ ନିଗମ ଲିଃ ଏବଂ ଓଡ଼ିଶା ବିହନ ନିଗମ ଲିଃ ତଥା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ସେମାନଙ୍କ ଲାଭାଂଶ ପ୍ରଦାନ କରିଛନ୍ତି। ବୁଧବାର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରୁ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିଲେ। ସଚିବାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଲାଭାଂଶର ଉକ୍ତ ଚେକ୍ ଗ୍ରହଣ କରିଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୨ କୋଟି ୫୨ ଲକ୍ଷ ୧୭ ହଜାର ୨୧୮ ଟଙ୍କା ଏବଂ ୨୦୧୯-୨୦୨୦ ଆର୍ଥିକ ବର୍ଷ ପାଇଁ ୩ କୋଟି ୧୦ ଲକ୍ଷ ୩୬ ହଜାର ୫୭୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ୧୯୬୨ରୁ ପ୍ରତିଷ୍ଠିତ କୃଷି ଶିଳ୍ପ ନିଗମ ପୁନଃପୌନିକ ଲାଭ ୨୦୨୦-୨୧ ସୁଦ୍ଧା ୯୪.୩୩ କୋଟି ଟଙ୍କା ରହିଛି। ଏହା ଏକ ରଣମୁକ୍ତ ଲାଭକାରୀ ସରକାରୀ ନିଗମ। ସେହିପରି ଓଡ଼ିଶା କାଜୁ ଉନ୍ନୟନ ନିଗମ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅଂଶଧନ ଲାଭ ବାବଦକୁ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛି। ୧୯୭୮ରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ବିହନ ନିଗମ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅଂଶଧନ ବାବଦକୁ ୨୩ ଲକ୍ଷ ୨୦ ହଜାର ୫୬୭ ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଅଂଶଧନ ଉପରେ ୨.୧୬ ପ୍ରତିଶତ ଲାଭାଂଶ ଘୋଷଣା କରିଛି। ଏହି ବ୍ୟାଙ୍କରେ ରାଜ୍ୟ ସରକାରଙ୍କର ୨୨.୫ ପ୍ରତିଶତ ଅଂଶଧନ ରହିଛି। ରାଜ୍ୟ ସରକାରଙ୍କୁ ବୁଧବାର ୨୦୨୦-୨୧ ବର୍ଷ ପାଇଁ ଲାଭାଂଶ ବାବଦକୁ ୨ କୋଟି ୬୮ ଲକ୍ଷ ୪୯ ହଜାର ୪୨୫ ଟଙ୍କା ପ୍ରଦାନ କରିଛନ୍ତି।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A, CUTTACK-753014, ODISHA
O.A. NO. 468 OF 2021

HDFC BANK LIMITED .....APPLICANT
-VERSUS-
LOZALIN ROUT & ANOTHER .....DEFENDANT(S)

To,
1. **LOZALIN ROUT,** aged about 34 years, D/o- Bijay Kumar Rout, W/o- Rajat Kumar Jena, At-Plot No. C-04/15, Civil Township Room No. 8, Raghunathpali, Rourkela, Dist : Sundergarh-769004.
2. **RAJAT KUMAR JENA,** aged about 40 years, At- Plot No. C-04/15, Civil Township Room No. 8, Raghunathpali, Rourkela, Dist : Sundergarh-769004.
Both are also at: Quarter No. E/77, Sector-7, Rourkela, Dist : Sundergarh-769003 **AND** At-Bandhatia, Radhaballav Pur, Dhamnagar, Dist : Bhadrak-766117.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A No. 468 of 2021** in the court of the Debts Recovery Tribunal, Cuttack for recovery of **Rs.1,27,01,290/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **29.08.2022** at **10.30 A.M.** as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this Tribunal on this **05th** day of **July, 2022.**

Sd/- Registrar

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ODISHA
C-71, SECTOR-7, C.D.A, CUTTACK, ODISHA
O.A. NO. 191/2022

HDFC BANK LIMITED .....APPLICANT
-Vrs.-
Ganga Dhara Sundaray & another .....DEFENDANTS

To,
1. **Ganga Dhara Sundaray,** Son of Biragi Charan Sundaray, Plot No. 511, Aiginia, Near Durga Mandapa, Alginia, Bhubaneswar, Khordha, Orissa-751019.
2. **Niranjan Sundaray,** Son of Gangadhar Sundaray, Bhubaneswar, Aiginia, Khordha, Orissa-751019.

.....DEFENDANTS

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an **O.A No. 191/2022** in the Court of the Debts Recovery Tribunal, Cuttack for recovery of **Rs.28,72,243.71 (Rupees Twenty Eight Lakhs Seventy Two Thousand Two Hundred Forty Three and Seventy One)** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within 30 days from the publication or on **05.09.2022** at **10.30 a.m.** as to why reliefs prayed for should not be granted.

Take notice that in case of default, the applicant will be heard and determined in their absence.

Given under my hand and seal of this Tribunal on this **11th** day of **May, 2022.**

Sd/- Registrar

ଜାତୀୟ ପୁନର୍ବାସ ପରୀକ୍ଷା ପରିଷଦ
(ଭାରତୀୟ ପୁନର୍ବାସ ପରିଷଦ, ଏମ୍‌ଓଏସ୍‌ଜେ ଆଣ୍ଡ ଇ, ଡିଇପିଡବ୍ଲ୍ୟୁଡି, ଭାରତ ସରକାରଙ୍କ ଏକ ଅନୁବଦ୍ଧ ନିକାଶ)
ଭାରତୀୟ ପୁନର୍ବାସ ପରିଷଦ୍

ଶିକ୍ଷା ଅଧିବେଶନ: ୨୦୨୨-୨୩ ନିମନ୍ତେ ସ୍ୱତନ୍ତ୍ର ଶିକ୍ଷା ଏବଂ ଭିନ୍ନକ୍ଷମତା ପୁନର୍ବାସ କ୍ଷେତ୍ରରେ ଆର୍‌ସିଆଇ ଅନୁମୋଦିତ ଡିପ୍ଲୋମା ସ୍ତର ପାଠ୍ୟକ୍ରମରେ ନାମଲେଖା ନିମନ୍ତେ
ଅଲ୍ ଇଣ୍ଡିଆ ଅନ୍‌ଲାଇନ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ (ଏଆଇଓଏଟି): ୨୦୨୨

ଜାତୀୟ ପୁନର୍ବାସ ପରୀକ୍ଷା ପରିଷଦ (ଏନ୍‌ବିଇଆର୍), ଭାରତୀୟ ପୁନର୍ବାସ ପରିଷଦ (ଆର୍‌ସିଆଇ)ର ଏକ ଅନୁବଦ୍ଧ ନିକାଶ ସାରା ଭାରତରେ ଆର୍‌ସିଆଇର ଅନୁମୋଦିତ ଅନୁଷ୍ଠାନ/ବିଶ୍ୱବିଦ୍ୟାଳୟ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱତନ୍ତ୍ର ଶିକ୍ଷା ଏବଂ ଭିନ୍ନକ୍ଷମତା ପୁନର୍ବାସରେ ଏହାର ବିଭିନ୍ନ ଡିପ୍ଲୋମାସ୍ତରୀୟ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି । ଡିପ୍ଲୋମା ସ୍ତରୀୟ ପାଠ୍ୟକ୍ରମରେ ନାମଲେଖା କେବଳ ଅଲ୍ ଇଣ୍ଡିଆ ଅନ୍‌ଲାଇନ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ୍: ୨୦୨୨ର ଫଳାଫଳ

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ

ଉଇହୁଙ୍କାରେ ସାପ

ଦେବଦତ୍ତ ପଟ୍ଟନାୟକ

ଭାରତୀୟ ସଂସ୍କୃତି ଓ ଧର୍ମୀୟ ପରମ୍ପରାରେ ଅତି ପବିତ୍ର ଛବି ସବୁ ରହିଛି। ସେଗୁଡ଼ିକ ମଧ୍ୟରୁ ଉଇହୁଙ୍କାରୁ ସାପ ବାହାରୁଥିବା ଛବି ସବୁଠୁ ପବିତ୍ର ବୋଲି କୁହାଯାଏ। ଏହାକୁ ଦିବ୍ୟତାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଉଇମାନେ ଦିନରାତି ଲାଗିପଡ଼ି ହୁଙ୍କା ତିଆରି କରିଥାନ୍ତି। ଏଗୁଡ଼ିକର ନିର୍ମାଣ ଶୈଳୀ ସମ୍ପୂର୍ଣ୍ଣ ପ୍ରାକୃତିକ ମନେହୁଏ। ଏହାକୁ ସେମାନେ ଏଭଳି ନିର୍ମାଣ କରିଥାନ୍ତି ଯେ, ତା' ମଧ୍ୟରେ ବାୟୁ ଚଳାଚଳ ଉତ୍ତମ ରହେ। ଏହା ମଧ୍ୟ ଉଇଙ୍କୁ ବନ୍ୟା ଓ ଶତ୍ରୁ ଦାଉରୁ ସୁରକ୍ଷା ଦିଏ । ତେବେ ଏତେ ସବୁ ଭଲ ବ୍ୟବସ୍ଥା କରି ମଧ୍ୟ ସବୁଦିନ ପାଇଁ ଉଇମାନେ ହୁଙ୍କାରେ ରହି ନ ଥାନ୍ତି। କୌଣସି ସମୟରେ ସେମାନଙ୍କ ଦ୍ୱାରା ନିର୍ମିତ ସେହି ବିଶାଳ ମାଟିସ୍ତୂପକୁ ଛାଡ଼ିଚାଲିଯାଆନ୍ତି। ପରେ ସାପମାନେ ତାହାକୁ ଦଖଲ କରିନିଅନ୍ତି ଓ ସେମାନେ ହୁଙ୍କାରେ ରହି ବାହ୍ୟ ଉତ୍ତାପରୁ ରକ୍ଷା ପାଇବା ସହ ସମ୍ଭାବ୍ୟ ଶତ୍ରୁଙ୍କ ନଜରରୁ ନିଜକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇଥାଆନ୍ତି।

ଭାରତର ପୌରାଣିକ ଲୋକ କଥାରେ ସାପଟିଏ (ମୁଖ୍ୟତଃ ନାଗସାପ) ରହୁଥିବା ଉଇ ହୁଙ୍କାଗୁଡ଼ିକୁ ଆମ ଧର୍ମୀୟ ପରମ୍ପରାରେ ଏକ ଶ୍ରଦ୍ଧା ତଥା ଭକ୍ତି ଓ ଆଦରର ବିଷୟ ଭାବେ ଗ୍ରହଣ କରାଯାଇଥାଏ। ଏହି ହୁଙ୍କାଗୁଡ଼ିକୁ ବିଭିନ୍ନ ପ୍ରକାରେ ପୂଜା କରାଯାଏ। ସନ୍ତାନ ଆଶା କରୁଥିବା ମହିଳା ଏବଂ ଉତ୍ତମ ଫସଲ ଚାହୁଁଥିବା ଚାଷୀମାନେ ସାପ ରହୁଥିବା ହୁଙ୍କାରେ ଚନ୍ଦନ ଏବଂ ସିନ୍ଦୂର ଲଗାଇ ମନାସିଥାନ୍ତି। କେବଳ ଏତିକି ନୁହେଁ, ହୁଙ୍କା ଭିତରେ ଥିବା ସାପକୁ ଖାଦ୍ୟ ଆକାରରେ କ୍ଷୀର ଦେଇଥାନ୍ତି। ଏଭଳି ସବୁ ହୁଙ୍କାକୁ ନେଇ ଆମ ପରମ୍ପରାରେ ଦେଖିବାକୁ ମିଳେ ଅନ୍ୟ ଏକ କାହାଣୀ। ଏଗୁଡ଼ିକ ନିକଟରେ ଦେବୀ ସନ୍ତାନ ରୂପରେ ଆବିର୍ଭାବ ହୋଇଥାଆନ୍ତି ବୋଲି ପୁରାଣରେ ବର୍ଣ୍ଣନା ରହିଛି। ଏଣୁ ଏଭଳି ହୁଙ୍କା ଯେଉଁ ସବୁ ରାଜ୍ୟରେ ଥାଏ ସେଗୁଡ଼ିକୁ ସେଠାକାର ରାଜାମାନେ ଭକ୍ତି କରନ୍ତି ଓ ତାହାର ଯତ୍ନ ନେବା ସହ ତାହାକୁ ବଢ଼ିବାକୁ ଦେଇଥାନ୍ତି।

ଉଇହୁଙ୍କା ଓ ସାପକୁ ନେଇ ପୁରାଣରେ ଆହୁରି ଭିନ୍ନ କଥା ରହିଛି। ହୁଙ୍କାକୁ ଭୋଗବତୀ ଅର୍ଥାତ୍ ପାତାଳରେ ସାପମାନଙ୍କ ରାଜ୍ୟ ବା ନାଗଲୋକରେ ନାଗମାନଙ୍କ ରାଜଧାନୀକୁ ଏକ ବାଟ ବୋଲି ବିବେଚନା କରାଯାଏ। କୁହାଯାଏ, ଭୋଗବତୀରେ ସାପମାନେ ମସ୍ତକରେ ମଣି ଧାରଣ କରି ରହନ୍ତି। ଏହି ମଣିର ଶକ୍ତି ଅମାପ । ରୋଗ ଉପଶମ କରିବାରେ ଏହାର ରହିଛି ଅପାର ସାମର୍ଥ୍ୟ । ଯେଉଁମାନେ ମଣି ଧାରଣ କରନ୍ତି ସେମାନଙ୍କ ଭାଗ୍ୟ ବଦଳିଯାଏ ଓ ସମୃଦ୍ଧି ଆସେ। ଅନେକ ପୁରାଣରେ ବି ଉକ୍ତ ମଣି ବିଷୟରେ ବର୍ଣ୍ଣନା କରାଯାଇଛି। ପାତାଳରେ ରହୁଥିବା ସାପମାନଙ୍କ ରାଜା ହେଉଛନ୍ତି ବସୁକୀ। ତାଙ୍କ ଭଉଣୀଙ୍କ ନାମ ମନସାଦେବୀ। ମନସାଦେବୀଙ୍କର ବି ଅମୋଘ ଶକ୍ତି ରହିଛି। କୌଣସି ଲୋକକୁ ସର୍ପ ଦଶନ କଲେ ତାଙ୍କ ଶରୀରରେ ବିଷ ଖେଳିଯାଏ। କୁହାଯାଏ, ବିଷ ଜର୍ଜରିତ ଏଭଳି ବ୍ୟକ୍ତିଙ୍କୁ ବିଷମୁକ୍ତ କରି ଆରୋଗ୍ୟ କରିଥାନ୍ତି ମନସାଦେବୀ। ତେବେ ସାପ ଓ ହୁଙ୍କାର ବିଶ୍ୱାସକୁ ନେଇ ପୁରାଣ ଏତିକିରେ ଅଟକି ନାହିଁ। ପାତାଳ ଓ ନାଗଲୋକରେ ରହୁଥିବା ସାପ ଓ ଗରୁଡ଼ ମଧ୍ୟରେ ଥିବା ସମ୍ପର୍କକୁ ପ୍ରକାଶ କରିଛି ପୁରାଣ। ନାଗଲୋକବାସୀ ସାପମାନଙ୍କ ସହ ଆକାଶରେ ଉଡ଼ିବୁଲୁଥିବା ଗରୁଡ଼ଙ୍କ ସହ ସବୁବେଳେ ଯୁଦ୍ଧ ଲାଗିଥାଏ ବୋଲି କୁହାଯାଇଛି। ଏହା ବ୍ୟତୀତ ମଣିଷ ଓ ସାପମାନଙ୍କ ସମ୍ପର୍କ ସମ୍ବନ୍ଧରେ ରାମାୟଣରେ ବର୍ଣ୍ଣନା କରାଯାଇଛି। କୁହାଯାଇଛି ଯେ, ରାବଣର ପୁତ୍ର ଇନ୍ଦ୍ରଜିତ ସର୍ପ(ନାଗ)କନ୍ୟାକୁ ବିବାହ କରିଥିଲେ। ଏଥିପାଇଁ ତାଙ୍କର ସର୍ପାସ୍ତ୍ର ପ୍ରୟୋଗ କରିବାର କ୍ଷମତା ରହିଥିଲା। ମହାଭାରତରେ ଉଭୟ ଅର୍ଜୁନ ଓ ଭୀମ ମଧ୍ୟ ନାଗକନ୍ୟାଙ୍କୁ ବିବାହ କରିଥିଲେ। ଏଣୁ ସେମାନଙ୍କ ସନ୍ତାନମାନେ ସବୁଠୁ ବୀର ଥିଲେ ବୋଲି କୁହାଯାଏ।

ଉଇହୁଙ୍କାରେ ସାପ ରହିବାକୁ ନେଇ ଆମ ମଧ୍ୟରେ ଯେଉଁସବୁ ଭକ୍ତି ଓ ଶ୍ରଦ୍ଧାର ଭାବ ରହିଛି ତାହା ବାଦ୍ ହୁଙ୍କାଗୁଡ଼ିକର ଗଠନକୁ ନେଇ ଆହୁରି ରୋଚକ ତଥା ବିସ୍ମୟକର କାହାଣୀ ଶୁଣିବାକୁ ମିଳେ । କିମ୍ବଦନ୍ତୀରୁ ଜଣାଯାଏ ଯେ, ଜଣେ ସଚ୍ଚ ଈଶ୍ୱର ପ୍ରାପ୍ତି ମାର୍ଗରେ ଆଗଉଥିବା ସମୟରେ ବିଭିନ୍ନ ସ୍ତର ଦେଇ ଗଭୀର ଧ୍ୟାନରେ ପ୍ରବେଶ କରିଥାନ୍ତି। ଧ୍ୟାନ ସମୟରେ ତାଙ୍କର ଦେହଜ୍ଞାନ ରହି ନ ଥାଏ। ଦୀର୍ଘଦିନ ଏହି ଅବସ୍ଥାରେ ରହିବା ଫଳରେ ତାଙ୍କ ଶରୀର ଚାରିପାଖରେ ଉଇହୁଙ୍କା ଗଢିଉଠେ ବୋଲି ବିଶ୍ୱାସ ରହିଛି। ସଚ୍ଚମାନେ ଧ୍ୟାନ ମୁଦ୍ରାରେ ଥିବା ଯୋଗୁ ହୁଙ୍କା ମଧ୍ୟରେ ଉଇ କାମୁଡ଼ା ସହିବାର ଶକ୍ତି ଥାଏ ଓ ଏଭଳି ସ୍ଥିତିରେ ସେମାନେ ସର୍ବଦା ଅବିଚଳିତ ରହିଥାଆନ୍ତି। ଏଥିପାଇଁ ଉଇହୁଙ୍କାକୁ ଆଧ୍ୟାତ୍ମିକ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଏ। ଏ କଥା ମଧ୍ୟ କୁହାଯାଇଛି ଯେ,ହୁଙ୍କାରେ ଥିବା ସାପମାନେ ଏହା ମଧ୍ୟସ୍ଥ ଧ୍ୟାନସ୍ଥ ସଚ୍ଚଙ୍କ ଶରୀରରେ ବାସ କରନ୍ତି ଓ ବର୍ଷା ଦାଉରୁ ସେମାନଙ୍କୁ ରକ୍ଷା କରିଥାନ୍ତି। ମନ୍ଦିର ପରମ୍ପରା ବା ବିଶ୍ୱାସରେ ମଧ୍ୟ ଭିନ୍ନ ଭାବେ ହୁଙ୍କାର ସ୍ଥାନ ରହିଛି। କୁହାଯାଏ ଯେ, ଗାଈମାନେ ହୁଙ୍କା ଉପରେ ସେମାନଙ୍କ କ୍ଷୀର ସ୍ରାବ କରିଥାନ୍ତି। ଅନେକ ସମୟରେ ଗାଈଗୋଠ ଜଗୁଆଳି ଜଣକ ସେହି ଉଇହୁଙ୍କା ଭାଙ୍ଗି ଦିଅନ୍ତି ଓ ସେଥିରେ ଶିବ କିମ୍ବା ବିଷ୍ଣୁଙ୍କୁ ମୂର୍ତ୍ତି ଦେଖିବାକୁ ପାଇଥାଆନ୍ତି। ଏହି ମୂର୍ତ୍ତିକୁ ଆଧାରକରି ସେଠାରେ ଏକ ମନ୍ଦିର ଗଢିଉଠେ। ମୁରୁଗାଁ (ତାମିଲନାଡୁରେ ଶିବ ଓ ପୃଥିବୀଙ୍କ ପୁତ୍ର ଭାବେ ପୂଜିତ ଦେବତା)ଙ୍କୁ ଉଇହୁଙ୍କା ସୁରକ୍ଷା ଦେଇଥିବା ଅବଧାରଣା ଲୋକକଥାରେ ବେଶ୍ ଲୋକପ୍ରିୟ।

ପିମ୍ପୁଡ଼ି ଓ ଉଇ ଦେଖିବାକୁ ଛୋଟ ହେଲେ ମଧ୍ୟ ସେମାନେ ଆମ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି କରିଥାନ୍ତି। ଆମ ରୋଷେଇଘରେ ପିମ୍ପୁଡ଼ିମାନେ ପଶି ଯାହା ପାଆନ୍ତି ଖାଇ ନଷ୍ଟ କରିପାରନ୍ତି। ଅନ୍ୟ ପକ୍ଷରେ ଘର ନିଅଁଠାରୁ ଆରମ୍ଭ କରି ଘରର ସବୁ ଖାଇ ନଷ୍ଟ କରିପାରିବାର ଶକ୍ତି ଉଇମାନଙ୍କର ରହିଛି। ସେମାନେ କିଭଳି ବିଷ୍ଣୁଙ୍କ ଧନୁର୍ଗୁଣ ଏବଂ ମହିରାବଣଙ୍କ ସିଂହାସନକୁ ଖାଇ ନଷ୍ଟ କରିଦେଇଛନ୍ତି ସେ ସମ୍ପର୍କରେ କାହାଣୀ ଶୁଣିବାକୁ ମିଳେ। ଉଭୟ ପିମ୍ପୁଡ଼ି ଓ ଉଇ ଦେବୀଙ୍କ କ୍ରୋଧର କାରଣ ପାଲଟିଥିବା ମଧ୍ୟ ଦେଖାଯାଇଛି। ତେବେ ଏସବୁ ବ୍ୟତୀତ ସେମାନଙ୍କର ଶୃଙ୍ଖଳିତ, ସାଂଗଠନିକ, ସହଯୋଗୀ ମନୋଭାବ ଏବଂ ଅନବରତ କାର୍ଯ୍ୟକରିବାର କ୍ଷମତାକୁ ଆମେ ପ୍ରଶଂସା କରୁ। ଅନେକ ମହିଳା ସେମାନଙ୍କୁ ଖାଇବାକୁ ଦେବା ଉଦ୍ଦେଶ୍ୟରେ ଘର ପ୍ରବେଶ ପଥରେ ଚାଉଳ ଚୂନାର ମୁରୁଜ କରିବା ସହ ଚାଉଳ ଚୂନାରୁ ପ୍ରସ୍ତୁତ ରଙ୍ଗରେ କାନ୍ଥରେ ଛବି ଆଙ୍କିଥାନ୍ତି। ସାପମାନଙ୍କର ଅପୂର୍ବ ଶକ୍ତି ସମ୍ପର୍କରେ କହାଣୀ ରହିଛି ପୁରାଣରେ। କାତି ଛଡ଼ାଇ ପୁଣି ସୃଷ୍ଟିକରିବାରେ ସେମାନଙ୍କର ବିଚିତ୍ର କ୍ଷମତା ରହିଥିବାରୁ ସେମାନେ ସଞ୍ଜୀବନୀ ବିଦ୍ୟା, ପୁନର୍ଜନ୍ମ ଏବଂ ଅମରତ୍ୱ ସହ ଜଡ଼ିତ ରହିଥିଲେ ବୋଲି ଆମେ ବିଶ୍ୱାସ କରୁ। ଏସବୁ ବେଦିକ୍ ପରମ୍ପରା ନୁହେଁ,କିନ୍ତୁ ହିନ୍ଦୁ ପରମ୍ପରା ଓ ଧର୍ମୀୟ ବିଶ୍ୱାସର ବିଶାଳ ଧାରା ମଧ୍ୟରେ ଆସୁଛି। ସେଥିପାଇଁ ଉଇହୁଙ୍କା, ସାପ ଉପରେ ଆମର ବିଶ୍ୱାସ ବଳବତ୍ତର ରହିଛି।

devdutt.pattanaik@gmail.com

ଶ୍ରେଷ୍ଠତାର ଲଢ଼େଇ

ଡ. ବାସୁଦେବ ମିଶ୍ର

ଧନ, ଜନ, ବିଦ୍ୟା, ଯଶ ଏମିତି ଅନେକ ବିଷୟକୁ ନେଇ ଲୋକେ ନିଜକୁ ଶ୍ରେଷ୍ଠ ବୋଲି ବିଚାରିବା ଦେଖାଯାଏ। ତେବେ ସଂସାରରେ କେବଳ ହିଁ ଈଶ୍ୱରଙ୍କର ନିୟମ ହିଁ ସଦାସର୍ବଦା ପ୍ରଚଳିତ ହୋଇଆସୁଛି । ଈଶ୍ୱରଙ୍କର ସେହି ନିୟମ ଅନୁସାରେ ଜଣେ ଲୋକ ଯେକୌଣସି ବିଷୟରେ ଯେତେ ପ୍ରବୀଣ, ନିପୁଣ ହୋଇଥିଲେ ଅବା ଯେତେ ଶ୍ରେଷ୍ଠତା ଅର୍ଜନ କରିଥିଲେ ମଧ୍ୟ ତା'ଠାରୁ ଶ୍ରେଷ୍ଠ ଏ ସଂସାରରେ ନିଶ୍ଚୟ ଆଉ ଜଣେ କେହି ଅଛନ୍ତି। ତୁମେ ଶ୍ରେଷ୍ଠ ଧନୀ ବୋଲି ଲୋକମାନଙ୍କ ଦ୍ୱାରା ବିବେଚିତ ହେଉଥିଲେ ମଧ୍ୟ ତୁମଠାରୁ ଅନ୍ୟ ଜଣେ କେହି ନିଶ୍ଚୟ ଅଧିକ ଧନୀ ଏ ସଂସାରରେ ରହିଛନ୍ତି। କିନ୍ତୁ ତାଙ୍କର ଶ୍ରେଷ୍ଠତା ପ୍ରତିପାଦିତ ହୋଇପାରି ନ ଥିବାରୁ ହୁଏତ ସେ ଲୋକଲୋଚନକୁ ଆସିପାରିନାହାନ୍ତି। ସଂସାରରେ ଅର୍ଜୁନ ଶ୍ରେଷ୍ଠ ଧନୁର୍ଦ୍ଧର ବୋଲି ସମସ୍ତେ ଜାଣିଥିଲେ ବି ଏକଲବ୍ୟ ଯେ ଅର୍ଜୁନଠାରୁ ଅଧିକ ପ୍ରତିଭାବାନ୍ ଏକଥା ସେଦିନ ଗୁରୁ ଦ୍ରୋଣଙ୍କର ହୃଦ୍‌ବୋଧ ହୋଇଥିଲା ଏବଂ ବୋଧହୁଏ ସେଇଥିପାଇଁ ସେ ତାଙ୍କର ଦକ୍ଷିଣହସ୍ତର ବୃଦ୍ଧାଙ୍ଗୁଷ୍ଠକୁ ଦକ୍ଷିଣା ରୂପରେ ତା'ଠାରୁ ମାଗି ଆଣିଥିଲେ। ସେହିପରି ସମଗ୍ର ମହାଭାରତ ଯୁଦ୍ଧକୁ ଗୋଟିଏ ଦିନରେ ସମାପ୍ତ କରିଦେବାର ସାମର୍ଥ୍ୟ ବେଲାଳସେନଙ୍କଠାରେ ଦେଖି ସେଦିନ ଶ୍ରୀକୃଷ୍ଣ ତା'ଠାରୁ ତା'ର ଛିନ୍ନ ମସ୍ତକ ମାଗି ନେଇଥିଲେ।

କିଛି ଲୋକ ଶ୍ରେଷ୍ଠତା ଅର୍ଜନ କରିବା ଭିତରେ ଶ୍ରେଷ୍ଠ ବୋଲି ଘୋଷିତ ହେବା ଚେଷ୍ଟାରେ ଥାଆନ୍ତି ପ୍ରାୟ ଅନବରତ। ଅଳ୍ପ ଜ୍ଞାନର ଅଧିକାରୀ ହୋଇ ବହୁତ ଜ୍ଞାନ ଅର୍ଜନ କରିଥିବା ପ୍ରମାଣପତ୍ର ପ୍ରାପ୍ତ ହୋଇଥିବା ଲୋକଙ୍କର ସଂଖ୍ୟା ଏ ସଂସାରରେ କମ୍ ନୁହେଁ। ସିଲେଇ ମେଶିନର କାର୍ଯ୍ୟକୁ ଦେଖନ୍ତୁ ତ। ଦୁଇଟି ସୂତା ଗୋଟିଏ ଉପରୁ ଏବଂ ଅନ୍ୟ ଗୋଟିଏ ତଳୁ ସମାନ୍ତରାଳ ଭାବେ ଆଗକୁ ବଢ଼ନ୍ତି ଏବଂ ନିର୍ଦ୍ଦିଷ୍ଟ ଦୂରତାରେ ସେ ଦୁହେଁ ପରସ୍ପର ସହିତ ଛନ୍ଦିହୋଇ ଯାଆନ୍ତି ଏବଂ ସେଇଠି ଗଣ୍ଠିଟିଏ ପଡ଼ିଯାଏ। ଏପରି ମେଶିନକୁ ଉଦ୍ଭାବନ କରିଥିବା ଲୋକଟିର ନାମକୁ କେତେଜଣ ଜାଣନ୍ତି ଅଥବା ମନେରଖିଛନ୍ତି ? ସେହି ମେଶିନ ଖରାପ ହେଲେ ତାକୁ ସଜାଡ଼ିବା ଲୋକ ଦୁଆରେ ଭିଡ଼ ଜମେ ଏବଂ ତା'ର ପ୍ରଶଂସା ଗାନ କରାଯାଏ। ଆଜିକାଲି ଯାନ୍ତ୍ରିକ ଶକ୍ତିର ଉପଯୋଗକରି ବଡ଼ ବଡ଼ ପୋଲ, ବହୁତଳ ପ୍ରାସାଦ ତିଆରି କରାଯାଇପାରୁଛି। ଏସବୁ ମୂଳରେ ଅଛି ଯାନ୍ତ୍ରିକ କୌଶଳ। ତେବେ ସେହି ଯାନ୍ତ୍ରିକ କୌଶଳକୁ ନେଇ ବିସ୍ମୟ ପ୍ରକାଶ କରନ୍ତି ସିନା ତା'ର ଉଦ୍ଭାବକଙ୍କୁ କେହି ମନେପକାନ୍ତି ନାହିଁ। ବରଂ ସେହି ଯାନ୍ତ୍ରିକ କୌଶଳକୁ ପ୍ରୟୋଗକରି କାର୍ଯ୍ୟ କରୁଥିବା ଲୋକଟି ଅନେକ ସମ୍ମାନ ଓ ଅର୍ଥ ତଥା ଧନ୍ୟବାଦ ପ୍ରାପ୍ତ ହୋଇଥାଏ।

ସ୍କୁଲ ପିଲାଙ୍କୁ ପଚାର କୋଣାର୍କ ମନ୍ଦିର ଲାଙ୍ଗୁଳା ନରସିଂହ ଦେବ ତୋଳାଇଥିଲେ ବୋଲି ଇତିହାସରୁ ପଢ଼ିଥିବା ପାଠକୁ କହିବେ ସେମାନେ। ସେଇଟିକୁ ଯେଉଁ ଶିଳ୍ପୀ ତିଆରି କରିଥିଲେ ସେକଥା କେହି କହିବେ ନାହିଁ। ବିଶ୍ୱ ମହାରଣା କଥା ତ ଗୋଟିଏ ଆଖ୍ୟାୟିକା ମାତ୍ର, ଇତିହାସର କଥା ନୁହେଁ। ମନ୍ଦିରଟିଏ ଗଢ଼ିବାରେ ଯେଉଁ ବୈଜ୍ଞାନିକତା ଆବଶ୍ୟକ ଉକ୍ତ କଥାଟି ସେ ସମୟର ସେହି ଶିଳ୍ପୀମାନେ କାର୍ଯ୍ୟରେ ପରିଣତ କରିଯାଇଛନ୍ତି। ତା'ର ସାକ୍ଷୀ ସେହି ମନ୍ଦିର(ସୂର୍ଯ୍ୟମନ୍ଦିର) ଯାହା ଅର୍ଦ୍ଧଭଗ୍ନ ଅବସ୍ଥାରେ ଥାଇ ଆଜି ମଧ୍ୟ ଏସବୁର ଉଦ୍‌ଘୋଷଣା କରୁଛି। ସେହିପରି ଜଗନ୍ନାଥ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ମନ୍ଦିରଗୁଡ଼ିକରେ ବ୍ୟବହୃତ ହଜାର ହଜାର ଟନ୍ ଓଜନର ଅଜସ୍ର ପ୍ରସ୍ତରଖଣ୍ଡ ଏତେ ଉଚ୍ଚତାରେ ବ୍ୟବହୃତ କରିବା କେତେ ଆୟାସସାଧ୍ୟ। ସତରେ ଏହା ଅତ୍ୟନ୍ତ ବିସ୍ମୟର କଥା ନୁହେଁ କି ? ମନ୍ଦିର ନିର୍ମାଣରେ ସେ ସମୟର ରାଜା ମହାରାଜାମାନେ ପୃଷ୍ଠପୋଷକତା କରିଥିଲେ ନିଶ୍ଚୟ। ନଚେତ୍ ଏପରି କାର୍ଯ୍ୟ କୌଣସି ସାଧାରଣ ଲୋକ ପକ୍ଷରେ କରିବା ସମ୍ଭବ ହୋଇ ନ ଥାନ୍ତା। ତଥାପି ଏସବୁ କ୍ଷେତ୍ରରେ ଶିଳ୍ପୀର ଶ୍ରେଷ୍ଠତା ପ୍ରାପ୍ୟ ନୁହେଁ କି ?

ପ୍ରତିଯୋଗିତାରେ ଯିଏ ଶ୍ରେଷ୍ଠତା ପ୍ରାପ୍ତ ହୁଅନ୍ତି, ସେ ଯେ ସତରେ ଶ୍ରେଷ୍ଠ ଏ କଥା ଦମ୍ ଦେଇ କହିବା କଷ୍ଟକର। ସେହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ସେ ହୁଏତ ଶ୍ରେଷ୍ଠ ହୋଇପାରନ୍ତି। କିନ୍ତୁ ସେହି ବିଷୟକୁ ନେଇ ଶ୍ରେଷ୍ଠତାର ଯୋଗ୍ୟ ଅନେକ ହୁଏତ ବିଭିନ୍ନ କାରଣରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ସଂସାରରେ ଯେଉଁମାନେ ବାସ୍ତବରେ ଶ୍ରେଷ୍ଠ, ସେମାନେ ସେମାନଙ୍କର ଶ୍ରେଷ୍ଠତାର ଡେଙ୍ଗୁରା ପିଟନ୍ତି ନାହିଁ। ଅଣଶ୍ରେଷ୍ଠମାନେ ହିଁ ନିଜର ଡେଙ୍ଗୁରା ପିଟିବାରେ ଅଭ୍ୟସ୍ତ ଥାଆନ୍ତି କାଳେ କାଳେ। ଶ୍ରେଷ୍ଠତା ପାଇଁ ଅବଶ୍ୟ କଳିକଜିଆ କରିବା ସ୍ତରକୁ ଓହ୍ଲେଇ ଆସିବାରେ ତାଙ୍କର କିଛି ଅସୁବିଧା ନ ଥାଏ।

ଦଶରଥପୁର, ଯାଜପୁର,
ମୋ:୯୪୩୮୩୨୮୭୫୫

ଏଇ ଭାରତରେ

ଗୁଜରାଟର ନବସାରୀ ଜିଲା ଡୁଙ୍ଗରୀ ଗାଁର ଘରଟି ଏକ ଫାର୍ମ ହାଉସ୍‌ରୁ କମ୍ ନୁହେଁ। ଏହି ଘରର ମାଲିକ ହେଉଛନ୍ତି ସୁରେଶ ଚନ୍ଦ୍ର ପଟେଲ। ସୁରେଶଙ୍କ ବୟସ ଏବେ ୭୦। ଇଞ୍ଜିନିୟର ଭାବେ ୨୦୧୧ରେ ଅବସର ନେବା ପରେ ସେ ଘରେ କୁଣ୍ଡରେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ତାଙ୍କ ଘର ଉପର, ତଳ ଓ ଚାରିପାଖରେ ୮,୦୦୦ରୁ ଅଧିକ ଗଛ ଅଛି। ଏଥିରେ ବିଭିନ୍ନ ପ୍ରକାର ଫୁଲ, ଫଳ, ପରିବା, ଔଷଧୀୟ ଗଛ ସହ ୫୦୦ ପ୍ରକାରେ ଅଡେନିୟମ ରହିଛି। ତାଙ୍କ ସ୍ତ୍ରୀ ହର୍ଷା ଓ ଝିଅ ଡା. ବିନିତା ପଟେଲ ଏହି ସବୁ ଗଛର ଯତ୍ନ ନେବାରେ ସୁରେଶଙ୍କୁ ସହଯୋଗ କରୁଛନ୍ତି। ଜଣେ ଚାଷୀ ଘରର ପୁଅ ହୋଇଥିବାରୁ ସୁରେଶଙ୍କର କୃଷି ପ୍ରତି ରୁଚି ରହିଥିଲେ ମଧ୍ୟ ଶିକ୍ଷା ଓ ଚାକିରି କାରଣରୁ ତାହା ସମ୍ଭବ ହୋଇପାରି ନ ଥିଲା। ହେଲେ ଅବସର ନେବା ପରେ ଗାଁକୁ ଫେରି ୧୧ ବର୍ଷ ହେବ ଜଣେ ଚାଷୀ ଭାବେ ରହି ଢେର ଆନନ୍ଦ ପାଉଛନ୍ତି ବୋଲି କହନ୍ତି ସୁରେଶ।

୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁଲାଇ ୧୯୯୭

- ଆଲଜେରିଆ ଉପକୂଳରେ ସନ୍ଦିଗ୍ଧ ଇସ୍‌ଲାମୀୟ ଉଗ୍ରପନ୍ଥୀମାନେ ଗୋଟିଏ ପରିବାରର ୧୪ ଜଣଙ୍କୁ ହତ୍ୟା କରିଛନ୍ତି।
- କୁଖ୍ୟାତ ହାତୀଦାନ୍ତ ଚୋରା ବେପାରି ବୀରାପ୍ପାନ ଦଳ କର୍ଣ୍ଣାଟକ ଜଙ୍ଗଲ ବିଭାଗର ୯ ଜଣ କର୍ମଚାରୀଙ୍କୁ ବଳପୂର୍ବକ ଅପହରଣ କରିନେଇଛନ୍ତି।
- ମିଗ୍ ବିମାନ ଯୋଗାଣ ଚୁକ୍ତି ଦୁର୍ନୀତିର ଅଂଶ ସ୍ୱରୂପ ରୁଷିଆର ଦୁଇ ବ୍ୟାଙ୍କ ଉପରେ ତଦନ୍ତ ସଂସ୍ଥାର ଚଢ଼ାଉ।
- ବିହାର ଜନତା ବିଧାୟକ ଦଳ (ଜେଡିଏଲ୍‌ପି)ର ନେତା ଭାବେ ଗଣେଶ ପ୍ରସାଦ ଯାଦବଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି।

su|do|ku ସୁ–ଡୋ–କୁ

Puzzles by Srikant Ghosh

		1						7
	9					5	1	8
4				9				
6								3
			4	2	6			
2			8			4		
	1							2
			6			7		
5		4			8			

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

3	5	8	9	4	6	2	1	7
2	7	9	5	1	8	6	4	3
1	6	4	7	2	3	5	8	9
9	4	7	3	5	1	8	2	6
6	2	3	8	9	4	1	7	5
5	8	1	6	7	2	9	3	4
8	1	5	4	6	7	3	9	2
4	3	6	2	8	9	7	5	1
7	9	2	1	3	5	4	6	8

ଗତକାଲିର ଉତ୍ତର

ଜାଗ୍ରତ ହେବାର ବେଳ

ହରେକୃଷ୍ଣ ପଣ୍ଡା

ଆଜିର ଯୁବ ସମାଜକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। କିନ୍ତୁ ସେମାନେ ନିଜକୁ ସେତେ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରୁ ନାହାନ୍ତି। ପିଢ଼ି ପରେ ପିଢ଼ି ଗଡ଼ି ଚାଲିଛି। ଦେଖାଯାଉଛି ଚାଲି ଯାଉଥିବା ପିଢ଼ିର ପ୍ରତିଭା ତା'ର ପର ପିଢ଼ି ମଧ୍ୟରେ ଦେଖାଯାଉ ନାହିଁ। ବିଶେଷତଃ କର୍ମସଂସ୍କୃତି ଭିନ୍ନ ରୂପ ନେଉଛି। ଆଜିର ଯୁବପିଢ଼ି କର୍ମ ଭିତରେ ନିଜ ସଂସ୍କୃତିକୁ ହରାଇ ଦେଉଛନ୍ତି। ସୂଚନା ପ

ଗୁରୁ ସମାଜର ଆଲୋକବର୍ତ୍ତିକା ସଦୃଶ

ନାଉଗାଁ, (ସ୍ୱ..ପ୍ର.):ଜଗତ୍‌ସିଂହପୁର ବ୍ଲକ ସରାମ୍ବୋସ୍ଥିତ ସିଦ୍ଧି ଶ୍ରୀକ୍ଷେତ୍ର ଆଶ୍ରମରେ ବୁଧବାର ପବିତ୍ର ଗୁରୁପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଗୁରୁ ହେଉଛନ୍ତି ସମାଜର ଆଲୋକବର୍ତ୍ତିକା ସଦୃଶ। ଗୁରୁ ବିନା କେହି ତିଷ୍ଠି ପାରିବେ ନାହିଁ। ଗୁରୁଙ୍କ ନିକଟରେ ସମର୍ପଣ କରିବା ସହ ଉପଦେଶ ମାନିଲେ ଜୀବନ ସାର୍ଥକ ହେବା ସହ ସଦ୍‌ଗୁରୁଙ୍କର ଆଶୀର୍ବାଦ ମିଳିଥାଏ ବୋଲି ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ମତବ୍ୟକ୍ତ କରିଥିଲେ। ଗୁରୁପୂର୍ଣ୍ଣିମା ଅବସରରେ ଆଶ୍ରମ ପରିସରରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଗୁରୁପୂଜନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ।

ଜ୍ଞାନ ଆଚାର୍ଯ୍ୟଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ଜଗତ୍‌ସିଂହପୁର ଅଫିସ, ୧୩।୭

ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଗତ୍‌ସିଂହପୁର ବ୍ଲକ ତୁମ୍ବା ଅଣ୍ଡେଇସାହି ପଞ୍ଚାୟତ ଅନ୍ତର୍ଗତ ରଥ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ବୁଧବାର ଦିଆଯାଇଛି। ଏ ନେଇ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଯୋଗଦେଇ ଆଚାର୍ଯ୍ୟଙ୍କୁ ସାର୍ଟିଫିକେଟ୍ ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଆଚାର୍ଯ୍ୟ ବିଦ୍ୟାଳୟରେ ଉଲ୍ଲେଖନୀୟ କାର୍ଯ୍ୟ ଓ ପରିବେଶ ସଚେତନତା ବାର୍ତ୍ତାକୁ ବ୍ୟାପକ କରୁଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ସମୟରେ ପ୍ରତିଯୋଗିତା, ଶୋଭାଯାତ୍ରା ଓ ବନ ମହୋତ୍ସବ ଆୟୋଜନ କରି ସ୍ଥାନୀୟ ଅଞ୍ଚଳରେ ସଚେତନତା ଅଭିଯାନ କରୁଥିଲେ। ୨୦୦୨ ମସିହାରୁ ସେ ଜିଲା ଜାତୀୟ ସବୁଜ ବାହିନୀରେ ସକ୍ରିୟ ଭୂମିକା ନିଭାଇ ଆସିଛନ୍ତି।

୩ ଦୁର୍ବୃତ୍ତ ଗିରଫ: ୯୮,୭୮୦ ଟଙ୍କା, ୩ ମୋବାଇଲ ଜବତ

ରଘୁନାଥପୁର/ତିର୍ତ୍ତୋଲ,୧୩।୭ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ତିର୍ତ୍ତୋଲ ଥାନା ଅନ୍ତର୍ଗତ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରୁ ଜୁନ ୨୧ ମଧ୍ୟରାତ୍ରିରେ ୨ ନଂ. ଦାନବାକ୍ସ ଭାଙ୍ଗି ୧୦ ଲକ୍ଷ ଟଙ୍କା ଲୁଟ୍ ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୨୨ଦିନ ପରେ ବୁଧବାର ୩ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ୯୮,୭୮୦ ଟଙ୍କା ସହ ୩ ଟି ମୋବାଇଲ ସେମାନଙ୍କଠାରୁ ଜବତ କରାଯାଇଛି। ସେମାନେ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା ସାନରାମଚନ୍ଦ୍ରପୁର ଗାଁର ପି.କାମେଶ୍ୱର(୨୬), ରମ୍ଭା ଥାନା ବିଚିରିଂପାଟଣାର ଟି ଲକ୍ଷ୍ମୀକାନ୍ତ(୪୨) ଓ ଯାଜପୁର ଜିଲା ବଡ଼ଚଣା ଥାନା ଚଣ୍ଡିଖୋଲ ସୁଜୁଡା ଅଞ୍ଚଳର ଗୁଡ୍ଡୁ ବାଇମୁଜ ଓରଫ ରିଙ୍କୁ (୨୮)। ଏମାନଙ୍କ ମଧ୍ୟରୁ ପି. କାମେଶ୍ୱର ଓ ଗୁଡ୍ଡୁ ବାଇମୁଜଙ୍କୁ କଟକ ବାରଙ୍ଗ ଥାନା କେଳାସାହି ବଡମୁଣ୍ଡୁଳି ନିକଟରୁ ପୋଲିସ ଗିରଫ କରିଥିଛି। ଏମାନଙ୍କଠାରୁ ଖବର ପାଇ ପୋଲିସ ଟି. ଲକ୍ଷ୍ମୀକାନ୍ତ ପାଖରେ ପହଞ୍ଚି ଥିଲା। ଏହାପୂର୍ବରୁ ସନ୍ଦେହରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଠୋସ ପ୍ରମାଣ ନ ମିଳିବାରୁ ସେମାନଙ୍କୁ ଛାଡ଼ିଦେଇଥିଲା। ଏପ୍ରିଲରେ ପ୍ରଭୁଙ୍କ ଯଜ୍ଞ ଉତ୍ସବ ସମୟରେ

ଗିରଫ ୩ ଅଭିଯୁକ୍ତ, ଜବତ ହୋଇଥିବା ଟଙ୍କା ଓ ମୋବାଇଲ।

ଗୋରେଖନାଥ ଦାନବାକ୍ସ ଭାଙ୍ଗି ୧୦ ଲକ୍ଷ ଲୁଟ ଘଟଣା

ପି. କାମେଶ୍ୱର ନାଲିବାରସ୍ଥିତ ଶ୍ୱଶୁର ଘରକୁ ଆସି ଲୁଟ୍ କରିବାର ପ୍ଲାନ୍ ପ୍ରସ୍ତୁତ କରିଥିବା କୁହାଯାଉଛି। ଥାନାରେ ନଂ. ୪୦୧/୨୨ରେ ମାମଲା ରୁଜୁ ହୋଇଥିଲା। ଏସ୍‌ଆଇ ଦିନେଶ ପଟ୍ଟା ଏହାର ତଦନ୍ତ ଦାୟିତ୍ୱରେ ଥିଲେ। ଜେରା ବେଳେ ସେମାନେ ଦାନବାକ୍ସରୁ ୧ ଲକ୍ଷ ୬୦ ହଜାର ଟଙ୍କା ଲୁଟ କରିଥିବା କହୁଥିବା ନେଇ ଆଇଆଇସି ଯୁଗଳ କିଶୋର ଦାସ ପ୍ରକାଶ କରିଛନ୍ତି। ଦୁର୍ବୃତ୍ତମାନେ ଗିରଫ ହେବାର ଖବର ମିଳିବା ପରେ ଭକ୍ତଙ୍କ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏତେ କମ ପରିମାଣର ଟଙ୍କା ଜବତ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି।

ଦିବ୍ୟାଙ୍ଗ ରାକେଶଙ୍କୁ ସରକାରୀ ସୁବିଧା ଦେବାକୁ ଉଦ୍ୟମ

ଆଳି,୧୩।୭ (ଡି.ଏନ.ଏ.)

ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଏହି ଯୋଜନାର ସୁଫଳ ପାଇବାକୁ ବଞ୍ଚିତ ହୋଇଛନ୍ତି ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ଚୁକୁନା ମଲିକଙ୍କ ଦିବ୍ୟାଙ୍ଗ ପୁଅ ରାକେଶ । ରାକେଶଙ୍କୁ ଏବେ ୧୩ ବର୍ଷ ହେଲାଣି କିନ୍ତୁ ସେ ଶାରୀରିକ ଭାବେ ସମ୍ପୂର୍ଣ୍ଣ ଭାବେ ଦିବ୍ୟାଙ୍ଗ । ସରକାରଙ୍କ ତରଫରୁ ଦିବ୍ୟାଙ୍ଗଙ୍କ ନିମନ୍ତେ ଭତ୍ତା, ରାଶନ, ଆବାସ ଆଦି ବିଭିନ୍ନ ସୁବିଧା ଥିଲେ ମଧ୍ୟ ରାକେଶ ସବୁଥିରୁ ବଞ୍ଚିତ ଥିଲେ । ତେଣୁ ରାକେଶଙ୍କୁ କିପରି ସରକାରୀ ସୁବିଧା ମିଳିବ ସେଥିପ୍ରତି ନରେନ୍ଦ୍ରପୁର ସରପଞ୍ଚ ଇନ୍ଦୁମତୀ ସ୍ୱାଇଁ ଆଳି ବିଡିଓ ଦ୍ୱିବେନ୍ଦୁ ଦାସ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲଙ୍କୁ ଅବଗତ କରିଥିଲେ। ବିଡିଓ ଦାସଙ୍କ ପରାମର୍ଶକ୍ରମେ ବୁଧବାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଆଳି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତାପ ନାୟକ ନରେନ୍ଦ୍ରପୁରସ୍ଥିତ ରାକେଶଙ୍କ ଘରକୁ ଯାଇ ନୂତନ ଆଧାର କାର୍ଡ କରାଇଥିଲେ। ପରେ ଖୁବ୍‌ଶୀଘ୍ର ରାକେଶଙ୍କୁ ଭତ୍ତା ଓ ରାଶନ କାର୍ଡ ଯୋଗାଇ ଦିଆଯିବ। ନରେନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ବଂଶୀଧର ସ୍ୱାଇଁ, ପଞ୍ଚାୟତ ଜିଆରଏସ୍ ଅକ୍ଷୟ ମହାନ୍ତି, ରାଜୁ ଦାସ, ଚିନ୍ମୟ ଜେନା,ଆଦିତ୍ୟ ରାଉତ ଓ ଚୁନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ସମବାୟ ସମିତି ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ରାଜନଗର,୧୩।୭ (ଡି.ଏନ.ଏ.)

ରାଜନଗର ବ୍ଲକ ଡାଙ୍ଗମାଳ ପ୍ରାଥମିକ କୃଷି ସେବା ସମବାୟ ସମିତିର ନୂତନ ସଭାପତି, ଉପସଭାପତି ଓ ନିର୍ଦ୍ଦେଶକମାନେ ବୁଧବାର ଶପଥ ନେଇଛନ୍ତି। ପ୍ରାଥମିକ କୃଷି ସେବା ସମବାୟା ସମିତିର କାର୍ଯ୍ୟାଳୟରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ନବ ନିର୍ବାଚିତ କର୍ମକର୍ତ୍ତା ଶପଥ ନେଇଛନ୍ତି। ନୂତନ ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ଉପସଭାପତି ପୂର୍ଣ୍ଣିମାରାଣୀ ବାରିକ, ସମବାୟ ସମିତିର ନିର୍ଦ୍ଦେଶକ ଜୟୀରାମ ସେଠୀ, ସୀତାକାନ୍ତ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ଜେନା, ତ୍ରିଲୋଚନ ବାରିକ, ନୀଳମଣି ପ୍ରଧାନ, ନାରାୟଣ ଚନ୍ଦ୍ର ଦାସ, ମଞ୍ଜୁଲତା ସ୍ୱାଇଁ, ଗୌରାଙ୍ଗ ଚରଣ ବାରିକ, ଉର୍ମିଳା ବାରିକ, ପ୍ରଭାତ କୁମାର ବେହେରା ପ୍ରମୁଖ ଆଜି ଶପଥ ନେଇଛନ୍ତି। ଏହି ଉତ୍ସବରେ ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, କଣ୍ଟିରା ପଞ୍ଚାୟତର ସମିତିସଭ୍ୟ ଆର୍ତ୍ତତ୍ରାଣ ମହାନ୍ତି, ଖମାରସାହି ସରପଞ୍ଚ ଅନସୂୟା ବିଶ୍ୱାଳ, ସମିତିସଭ୍ୟା ଶ୍ୟାମଳି ମାଇତି, ପ୍ରମୁଖ ଉପସ୍ଥିତ ଥିଲେ।

ଗୟାଧରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ବିରିଡ଼ି,୧୩।୭(ଡି.ଏନ୍.ଏ.): ବିରିଡ଼ି ବ୍ଲକ ୨୨ ମୌଜା ମଙ୍ଗୁଲି ଗାଁର ପରିବେଶବିତ୍ ଗୟାଧର ମହାନ୍ତି ବୁଧବାର ପ୍ରକୃତି ବନ୍ଧୁ ପୁରସ୍କାର ପାଇଛନ୍ତି। ଜଗତ୍‌ସିଂହପୁରଠାରେ ଆୟୋଜିତ ସଭାରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ମହାନ୍ତିଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଚଳିତବର୍ଷ 'ଜଗା ପାଇଁ ଗଛଟିଏ' ଲଗାଇ ପ୍ରଶଂସିତ ହୋଇଛନ୍ତି।

ଦିବ୍ୟାଙ୍ଗ ରାକେଶଙ୍କ ଘରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ମଦନପୁର ମହାବିଦ୍ୟାଳୟରେ ଅଡିଟୋରିୟମ, କ୍ୟାଣ୍ଟିନ ଗୃହ ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୧୩।୭ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ମଦନପୁର ଉତିକଣ କେରଡ଼ା ମହାବୀର ମହାବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ପାଇଁ ଏକ ଅଡ଼ିଟୋରିୟର ଓ କ୍ୟାଣ୍ଟିନ ଗୃହ ବୁଧବାର ଶିଳାନ୍ୟାସ କରାଯାଇଛି। ଛାତ୍ରୀଛାତ୍ରମାନେ ଏଥିପାଇଁ ଦାବି କରିଆସୁଥିଲେ । ରାଜନଗର ବିଧାୟକ ଧ୍ରୁବ ସାହୁ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ସାହୁ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଏକ ଅଡ଼ିଟୋରିୟମ ଓ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ କ୍ୟାଣ୍ଟିନ ଗୃହର ଶିଳାନ୍ୟାସ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁଣ୍ଡ, ପ୍ରାଧ୍ୟାପକ ସବ୍ୟସାଚୀ ତ୍ରିପାଠୀ, ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ଚନ୍ଦନନଗର ସମିତି ସଭ୍ୟ ମାନସ ମଲ୍ଲିକ, ଯୁବନେତା ଚୁନିଆ ବେହେରା, ସୁଶାନ୍ତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

ପଲେଇ ସମବାୟ ସମିତିରେ ସଭାପତି ନିର୍ବାଚନ ଶେଷ

ନିର୍ବାଚିତ ସଭାପତି ରମାକାନ୍ତ ପରିଡା ଓ ଅନ୍ୟମାନେ।

ଡେରାବିଶ,୧୩।୭(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ପଲେଇ ସମବାୟ ସମିତିର ସଭାପତି ପଦ ପାଇଁ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ସଭାପତି ପଦ ପାଇଁ ଦୁଇଜଣ ପ୍ରାର୍ଥୀ ଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରି ରମାକାନ୍ତ ପରିଡ଼ା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ସୁଶାନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ନିର୍ବାଚନ ଦିନ ୧୨ଟାରେ ଶେଷ ହୋଇଥିଲା। ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଡେରାବିଶ ଏସ୍‌ଆଇ ନାରାୟଣ ମହାରଣା ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ । ନିର୍ବାଚନକୁ ସମବାୟ ସମିତି ସମ୍ପାଦକ ମନୋରଞ୍ଜନ ଦାସ ପରିଚାଳନା କରିଥିଲେ। ତେବେ ଚଳିତ ମାସ ୧୬ ତାରିଖରେ ଏହି ବ୍ଲକ ଅଧୀନସ୍ଥ ନହଙ୍ଗ ସମବାୟ ସମିତିରେ ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜିଲା ସହକାରୀ ସମବାୟ ନିବନ୍ଧକ ମନମୋହନ ରାଉତ ସୂଚନା ଦେଇଛନ୍ତି।

ପୂର୍ବତନ ସରପଞ୍ଚଙ୍କ ପରଲୋକ

ବାଲିଆ,୧୩।୭(ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲାର ଜଣାଶୁଣା କଂଗ୍ରେସ ନେତା ତଥା ଅଭିବକ୍ତ ହାଜିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ଭୂୟାଁ(୭୪)ଙ୍କ ବୁଧବାର ହଜିପୁର ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ସାମାଜିକ କର୍ମୀ ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ତେବେ ହାଜିପୁର ପଞ୍ଚାୟତରେ ଗଢି ଉଠିଥିବା ଅଷ୍ଟଶମ୍ଭୁ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଧାନଚନ୍ଦ୍ର କଲେଜର ପ୍ରତିଷ୍ଠାତା ଥିଲେ ସ୍ୱର୍ଗତ ଭୂୟାଁ। ତାଙ୍କର ମୃତ୍ୟୁ ଖବରପାଇ ପୂର୍ବତନ ସରପଞ୍ଚ ବିଧାନ ଚନ୍ଦ୍ର ଜେନା, ପ୍ରଶାନ୍ତ ନନ୍ଦୀ, ବିମଳ ସେଠୀ, ମିର ଆଜମିର ଅଲ୍ଲାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଭୂୟାଁଙ୍କ ମୃତ୍ୟୁରେ ହାଜିପୁର ସରପଞ୍ଚ ଲିଙ୍ଗରାଜ ମଲ୍ଲ ଓ ଅନ୍ୟମାନେ ଶୋକବ୍ୟକ୍ତ କରିଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଜୟପ୍ରକାଶ ମୁଖାଗ୍ନୀ ଦେଇଥିଲେ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୯୫ ବିଜ୍ଞାପନ ତା:୧୧।୦୭।୨୨
No. CAD-1110: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ. ଏଚ୍.ଆଇ.ଜି.–୮/୪ (HIG-8/4)ଟିକୁ ଶ୍ରୀମତୀ ଉଷାରାଣୀ ମହାପାତ୍ର, ସ୍ୱା.: ଡକ୍ଟର ଅଜୟ କୁମାର ମହାପାତ୍ର, ସା.– ଡିହଦୋଳ, ପୋ.– ପରଜଙ୍ଗ, ଥା.– ପରଜଙ୍ଗ, ଜି.: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଉଷାରାଣୀ ମହାପାତ୍ର ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ତାଙ୍କର ପୁତ୍ର ଶ୍ରୀ ପ୍ରଦୀପ କୁମାର ମହାପାତ୍ର, ପି.: ଡକ୍ଟର ଅଜୟ କୁମାର ମହାପାତ୍ର, ସା.: ଡିହଦୋଳ, ପୋ/ଥା.: ପରଜଙ୍ଗ, ଜି.: ଢେଙ୍କାନାଳଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0204/2223

OFFICE OF THE MUNICIPAL COUNCIL, BRAJRAJNAGAR No. C-761
E-Procurement Notice
Bid Identification No. : BRJNRM-02/2022-23
Total No. of Works : 07 Nos.
Tender ID : 2022_ORULB_79691
Tender Value : Rs.13.56 lakhs
Bid Security : Rs.13560.00
Available Period : Dt.14.07.2022, 11.00 A.M. to 25.07.2022, 05.00 P.M.
Tender Opening Date : 28th July 2022, 11.00 A.M.
Bidders are requested to participate in advance with their Class-II and Class-III contractor DSC before the closing date.
Further details pelase visit: **www.tendersorissa.gov.in.**
Sd./- Executive Officer
Brajrajnagar Municipality
OIPR-13099/11/0011/2223

No.CAD-1115
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022
Tender Call Notice No.H.O./P&C/EST-E-1517/01/2020-17559,Dt.13.07.2022
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Sl. No.	Name of Work	Value of Work (Approx.)	Period of Completion
1	"Providing & laying of D.I.S./S Pipe of 250mm dia K-9 for clear water rising main from existing water works of Kotapada NAC to Khandiguda Square (Near Indrabati River) to connect with pipeline for Bamani Industrial Estate in the District of Nawarangpur".	Rs.197.10 Lakh	04 (Four) Calendar Months

1. Other details:

Procurement Officer	Bid Identification No.	Availability of Tender online for Bidding	
		From	To
1	2	3	4
Chief General Manager (P&C), IDCO, IDCO Towers, Bhubaneswar- 751022	Bid ID No. P&C/EST/ E-29/2022-23	17.00 Hours of 19.07.2022	17.00 Hours of 03.08.2022

Further details can be seen from the e-Procurement Portal. www.tendersodisha.gov.in. Corrigendum or addendum if any will not be published in news papers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.
Sd.- Chief General Manager (P&C), IDCO, Bhubaneswar
OIPR-14003/11/0072/2223

GOVT. OF ODISHA No. O-632
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR
Tel.; 06766-258301 (O), email: se_nerwkjr@rediffmail.com
e-Procurement Notice for Road Works under Periodical Maintenance
No. 1355 Identification No. - Road Online NCB. No. 341 Date: 08.07.2022
1. Name of the Work : Periodical Maintenance (SDBC Work) in the District of Keonjhar
2. No. of Work : 10 (Ten) Nos.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

Procurement Officer	Bid Identification No.	Availability of tender Online for Bidding		Last date & time of seeking tender clarification	Date & time of Opening of Tender in O/o. S.E.N.E.R.W. Circle, Keonjhar	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Keonjhar	Road Online NCB No. 341	Dt.18.07.2022 at 11.00 A.M.	Dt.01.08.2022 upto 5.00 P.M.	Dt.30.07.2022 upto 5.00 P.M.	Dt.02.08.2022 at 11.00 A.M.	Will be intimated later

• Further details can be seen from the website: **www.tendersorissa.gov.in.**
OIPR-25177/11/0010/2223 Sd./- Chief Construction Engineer, R.W. Circle, Keonjhar

NATIONAL HYDROLOGY PROJECT
STATE PROJECT MANAGEMENT UNIT (SPMU), ODISHA
HP Administrative Building, Unit-VIII, Delta Square, Bhubaneswar-751012, email: odishagwhp3@gmail.com
SHOPPING FOR GOODS
INVITATION FOR BIDS (IFB)
BID Reference No.: NHP/OD-GW/STUDY/CENSUS/2022-23/33
Dated. 11th July 2022
No.A-391: The Joint Director (Geology), GWD& Procurement Officer (GW), NHP - Odisha, invites tenders through e-Procurement platform online from eligible bidders for the work: - "Census Survey of Ground water abstraction structure in 6(six) nos. of semi critical blocks of Odisha using android mobile application of NHP-Odisha for the year 2022-23". Bidding documents are available online on www.tendersodisha.gov.in which is free of cost. Bidders are advised to participate in the bidding process as per instructions given in bidding document.

Bid Reference Procurement Plan Ref. no	PP Pkg No: NHP-2021-2022-OD-**798675**
Bid documents	Can be downloaded from Website https://tendersodisha.gov.in.
Price of Bid Document	Free of cost
Start date of availability of Bid document Online	14.07.2022 at 11.30 hrs
Last Date of availability of Bid document Online	03.08.2022 at 14.00 hrs
Start Date of e-Bid submission	27.07.2022 at 11.00 hrs
Last date

ମଦ ଜବତ, ଜଣେ ଅଟକ

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା ପୋଲିସ ବୁଧବାର ଚଢ଼ାଉ କରି ଚୋରା ମଦ କାରବାର କରୁଥିବା ବଡ଼ଗାଁ ପଞ୍ଚାୟତ ଗଇଠିପୁରର ମନୋଜ ମହାନ୍ତି ଅଟକ ରଖିଛି। ତାଙ୍କଠାରୁ ୫୪ ଲିଟର ୫ ଶହ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଛି। ଗୁରୁବାର ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ରଜନୀକାନ୍ତ ମିଶ୍ରଙ୍କୁ ସୂଚନା ଦେଇଛନ୍ତି। ଆଇଆଇସି ମିଶ୍ରଙ୍କ ପାରମର୍ଶକ୍ରମେ ଏଏସ୍‌ଆଇ ଜ୍ଞାନରଞ୍ଜନ ଦାସ ଚଢ଼ାଉ କରାଯାଇଥିଲା। ମନୋଜ ମଦ ନେଇଯାଇଥିବାବେଳେ ପୋଲିସ ତାଙ୍କୁ ପିଛା କରି ମାଛଗାଁ କେନାଲ ବନ୍ଧରେ ଧରିଥିଲା।

ସଂକ୍ଷେପରେ

ଅଗ୍ନିକାଣ୍ଡରେ ଗୁହାଳ ସମେତ ୬ ଗୋରୁ ଅର୍ଦ୍ଧଦଗ୍ଧ

ବାଲିକୁଦା,୧୩।୭(ସ୍ୱ.ପ୍ର.): ବାଲିକୁଦା ଥାନା କୁସୁପୁର ପଞ୍ଚାୟତ ଖଡ଼ିକାଦଣ୍ଡା ଗାଁରେ ମଙ୍ଗଳବାର ମଧ୍ୟରାତ୍ରିରେ ଆକସ୍ମିକ ଅଗ୍ନିକାଣ୍ଡରେ ଯୁଗଳ ପ୍ରଧାନଙ୍କର ଗୋଟିଏ ବଖରା ଘର ସମେତ ଗୁହାଳ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରଧାନଙ୍କର ପାଖାପାଖୀ ଦୁଇଲକ୍ଷ ଟଙ୍କାର ସମ୍ପତ୍ତି ଜଳି ଯାଇଥିବା ବେଳେ ୬ଟି ଗାଈ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ, ମୁଗ, ବିରି, ଆଦି ପୋଡ଼ି ଯାଇଛି। ଶୋଇବା ଘରେ ପ୍ରଧାନଙ୍କ ମା' ଶୋଇଥିବା ବେଳେ ଘର ପୋଡ଼ି ନିଆଁରେ ଦେହ ତାତିବାରୁ ସେ ନିଦରୁ ଉଠି ଘର ପୋଡ଼ି ଯାଉଥିବା ଦେଖି ଡାକ ପକାଇଥିଲେ। ପାଟି ଶୁଣି ପରିବାର ଲୋକଙ୍କ ସହ ଗାଁ ଲୋକେ ଉଠି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ବାଲିକୁଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ଧାନକୁଦରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

ବାଲିଆ,୧୩।୭(ଡି.ଏନ୍.ଏ.): ବିରିଡ଼ି ବ୍ଲକ ହାଜିପୁର ଧାନକୁଦଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀଳାଦ୍ରି ବିଜେ କାର୍ଯ୍ୟକ୍ରମ ମଙ୍ଗଳବାର ବିଳମ୍ବିତ ରାତିରେ ସମାପନା ହୋଇଯାଇଛି। ବିଶ୍ୱାବସୁ ବିଭୁଦତ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ସେବାୟତଙ୍କ ସହଯୋଗରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସନ୍ଧ୍ୟା ଆଳତି, ଭୋଗଲାଗି କରାଯିବା ପରେ ଗୋଟି ପହଣ୍ଡିରେ ନିଆଯାଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଭାଇ ଶ୍ରୀବଳଭଦ୍ର, ଭଉଣୀ ସୁଭଦ୍ରାଙ୍କୁ ଗୋଟି ପହଣ୍ଡିରେ ନେଇ ରତ୍ନବେଦିରେ ସ୍ଥାପନ କରାଯାଇଥିଲା। ଶେଷରେ ଜଗତ ନିୟନ୍ତା ଶ୍ରୀଜଗନ୍ନାଥଙ୍କୁ ସେବାୟତମାନେ ଗୋଟି ପହଣ୍ଡିରେ ନେଇ ରତ୍ନବେଦି ଆଡ଼କୁ ଅଗ୍ରସର ହେବା ବେଳେ ମା' ଲକ୍ଷ୍ମୀ ସିଂହଦ୍ୱାରରେ କବାଟ ବନ୍ଦ କରିଥିଲେ। କିଛି ସମୟ ମହାପ୍ରଭୁ ଓ ମା' ଲକ୍ଷ୍ମୀଙ୍କ ସେବାୟତଙ୍କ ମଧ୍ୟରେ ୧୨ ଦିନର ଯାତ୍ରାକୁ ନେଇ କଥା କଟାକଟି ହୋଇଥିଲା। ପରିଶେଷରେ ରସଗୋଲା ଖୁଆଇ ଶ୍ରୀଜଗନ୍ନାଥ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ ଏବଂ ରତ୍ନବେଦିକୁ ଯାଇଥିଲେ। ନୀଳାଦ୍ରି ବିଜେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦୀ, ବାବା ଅରକ୍ଷିତ ଦାସ, ମୁଦିରସ୍ତ ବିଜୟ କୁମାର ମିଶ୍ର ଓ ବହୁ ଶ୍ରଦ୍ଧାଳୁ ଓ ଭକ୍ତ ବିଳମ୍ବିତ ରାତି ପର୍ଯ୍ୟନ୍ତ ରହିଥିଲେ।

ପାଣି ପଞ୍ଚାୟତ କର୍ମ କର୍ତ୍ତା ନିର୍ବାଚନ

ବାଲିକୁଦା,୧୩।୭(ସ୍ୱ.ପ୍ର.): ବାଲିକୁଦା ଜଳ ସେଚନ ଉପଖଣ୍ଡ ଅଧୀନସ୍ଥ ୧୫ତମ ପାଣି ପଞ୍ଚାୟତ ବାଲୁଙ୍କେଶ୍ୱର ୬୨ ନମ୍ବରର କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ରଞ୍ଜନ ଜେନା ଓ ସହକାରୀ ଯନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ପ୍ରଶାନ୍ତ ମହାନ୍ତି, ସମ୍ପାଦକ ସୁଧାଂଶୁ ମୁଦୁଲି, କୋଷାଧକ୍ଷ ବିରଞ୍ଚି ନାରାୟଣ ମହାନ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ଥାଉକି ଏହି ଏହି ଉପଖଣ୍ଡ ଅଧୀନ ଥିବା ସମସ୍ତ ପାଣି ପଞ୍ଚାୟତର ନିର୍ବାଚନ ବୁଧବାର ଶେଷ ହୋଇଛି। ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଜଗତ୍‌ସିଂହପୁର ପାଣି ପଞ୍ଚାୟତ ମହାସଂଘ ସଭାପତି ପ୍ରକାଶ ରାୟ, ସମ୍ପାଦକ ଗୌରାଙ୍ଗ ଚରଣ ଦାସ, କୋଷାଧକ୍ଷ ମନୋଜ ଭୋଇ ପ୍ରମୁଖ ସ୍ୱାଗତ କରିଛନ୍ତି। ଏଥିସହ ନିଜ ନିଜ ଅଞ୍ଚଳର କୃଷି କ୍ଷେତ୍ରର ଉନ୍ନତି ସହ କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

ଜଣେ କର୍ମଚାରୀରେ ପାରାଦୀପ ସମେତ ୩ ବ୍ଲକ

ପାରାଦୀପ, ୧୩।୭(ସ୍ୱ.ପ୍ର.)

ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ।

କଲୋନୀରେ ଥିବା କ୍ୱାର୍ଟର୍ସରେ ଗଛ ଉଠିଗଲାଣି।

- ଭୁଶୁଡ଼ୁଛି ବିଏସ୍‌ଏନ୍‌ଏଲ୍ ଦୁର୍ଗ
- ୪୦ କ୍ୱାର୍ଟର୍ସ ଓ ଅଫିସ ବିଲ୍ଡିଂ ସ୍ଥିତି ଦୟନୀୟ

୧୯୬୨ ମସିହା ଜାନୁୟାରୀ ୩ରେ ପାରାଦୀପ ବନ୍ଦରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପରେ ଅନେକ ସରକାରୀ ଅଫିସ ପାରାଦୀପରେ ସ୍ଥାପନା ହୋଇଥିଲା। ସେଥିମଧ୍ୟରେ ପ୍ରଥମ ଅଫିସ ଥିଲା ବିଏସ୍‌ଏନ୍‌ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ୍)। ୧୯୬୫ରେ ସ୍ଥାପନା ହୋଇଥିବା ଉକ୍ତ ଅଫିସ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚି ଗଲାଣି। ବର୍ତ୍ତମାନର ସ୍ଥିତି ଯଦି ଆଉ କିଛିବର୍ଷ ରୁହେ, ତାହା ହେଲେ ଉକ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି। ୨୦୦୫ ପର୍ଯ୍ୟନ୍ତ ୫୫ ଜଣ କର୍ମଚାରୀ ଥିବା ଏହି ଅଫିସରେ ଏବେ ଜଣେ ଅଧିକାରୀ (ଏସ୍‌ଡିଓ)ଅଛନ୍ତି। ବିଏସ୍‌ଏନ୍‌ଏଲ୍ ଅଫିସ ପରିସରରେ ଥିବା ୩ଟି ବିଲ୍ଡିଂ ମଧ୍ୟରୁ ଗୋଟିଏ ପ୍ରକୋଷ୍ଠରେ ସମ୍ପୃକ୍ତ ଅଧିକାରୀ ବସୁଛନ୍ତି। ଅବଶିଷ୍ଟ ବିଲ୍ଡିଂ ଓ ପ୍ରକୋଷ୍ଠଗୁଡିକ ଭାଙ୍ଗି ଗଲାଣି। ଏପରି କି ବିଲ୍ଡିଂ କାନ୍ଥରେ ବଡ଼ ଗଛ ଉଠି ଜଙ୍ଗଲିଆ ପରିବେଶ ସୃଷ୍ଟି କଲାଣି। ପାରାଦୀପର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବଡ଼ପଡିଆ ବସ୍‌ଷ୍ଟାଣ୍ଡ ପାଖରେ ଏହି ଅଫିସ ଗତ ୬ ଦଶନ୍ଧି ହେଲା ଚାଲିଛି। ନିଜସ୍ୱ ଟାୱାର, ଅଫିସ ଘର, ଷ୍ଟୋର, ଅଭିଯୋଗ ପ୍ରକୋଷ୍ଠ, ଗାଡି ଷ୍ଟାଣ୍ଡ, ଭିନ୍ନ ଭିନ୍ନ ଅଧିକାରୀଙ୍କ ଚାମ୍ବର, ବଗିଚା ଗେଟ୍, ସିକ୍ୟୁରିଟି ଘର ଆଦି ଥିଲା। ପ୍ରାୟ ୧୦ ଏକର ପରିଧି ବିଏସ୍‌ଏନ୍‌ଏଲ୍ ପରିସର ଏବେ ବାହାରକୁ ଜଙ୍ଗଲ ଭଳି ଦୃଶ୍ୟ ହେଉଛି। ଏହି ଅଫିସ ଅଧୀନରେ ପାରାଦୀପ ଶିଳ୍ପାଞ୍ଚଳ ସହ କୁଜଙ୍ଗ, ଏରସମା ଓ ତିର୍ତ୍ତୋଲ ବ୍ଲକ ଯାଉଛି। ଦୁଇଜଣ ଏସ୍‌ଡିଓଙ୍କ ସମେତ ୫୫ ଜଣ କର୍ମଚାରୀ ପାରାଦୀପ ଅଫିସରେ କାମ କରୁଥିଲେ। ଏହାବାଦ୍ ତିର୍ତ୍ତୋଲଠାରେ ୧୦ରୁ ଅଧିକ କର୍ମଚାରୀ ଥିଲେ। ସେତେବେଳେ ପ୍ରାୟ ଲ୍ୟାଣ୍ଡଲାଇନ ପ୍ରଚଳନ ଥିଲା। ୨୦୦୫ ପର୍ଯ୍ୟନ୍ତ ପ୍ରାୟ ୧୨ ହଜାରରୁ ଅଧିକ ଉପଭୋକ୍ତା ଥିଲେ। ଏବେ ଲ୍ୟାଣ୍ଡଲାଇନ ଉପଭୋକ୍ତା ସଂଖ୍ୟା ମାତ୍ର ୪୦୦ ମଧ୍ୟରେ ଥିବା ଜଣାପଡିଛି। ନୂତନ ଫାଇବର ସଂଯୋଗ କରାଯାଉଛି। ପୁରୁଣା ଲ୍ୟାଣ୍ଡଲାଇନ ଓ ନୂଆ ଫାଇବର ଉପଭୋକ୍ତା ସଂଖ୍ୟା ବୁଧବାର ସୁଦ୍ଧା ୧୩୨୫ ବୋଲି ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। କର୍ମଚାରୀଙ୍କ ରହଣି ପାଇଁ ମଧୁବନଠାରେ ସ୍ୱତନ୍ତ୍ର କଲୋନୀ କରାଯାଇଥିଲା। ଏହାର ନାମ ଟେଲିଫୋନ କଲୋନୀ ଭାବେ ପରିଚିତ ଥିଲା। ସେଠାରେ ୪୦ କ୍ୱାର୍ଟର୍ସ ଓ ଅଲଗା ଭାବେ ବରିଷ୍ଠ ଅଧିକାରୀଙ୍କ ବଙ୍ଗଳା ରହିଛି। ଏବେ ସେଠାରେ ଅବସରପ୍ରାପ୍ତ କର୍ମଚାରୀ ଓ ଅନ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀ ରହୁଛନ୍ତି। ଏବେ ବିଏସ୍‌ଏନ୍‌ଏଲ୍ ସେବା ଯୋଗାଇ ଦେବା ପାଇଁ ଠିକାସଂସ୍ଥା ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ଏସ୍‌ଡିଓ ଅସୀତ ସାମଲଙ୍କୁ ପଚାରିବାରେ ଆମ ହାତରେ କିଛି ନାହିଁ। ସମଗ୍ର ଦେଶରେ ଏଭଳି ସ୍ଥିତି। ଅଫିସ ଗୃହ ମରାମତି କାର୍ଯ୍ୟ କିମ୍ବା କୌଣସି ଖର୍ଚ୍ଚ ପାଇଁ ଏବେ ଦିଲ୍ଲୀରୁ ଅର୍ଥ ଆସୁଛି। ପରିବର୍ତ୍ତନ ପାଇଁ ସରକାରୀ ଭାବେ ଏହା କରାଯାଉଛି ବୋଲି ସେ କହିଥିଲେ।

ସୁବର୍ଣ୍ଣବରାହୀ ମନ୍ଦିରରେ ଗୁରୁପୂର୍ଣ୍ଣମୀ

ଜଗତ୍‌ସିଂହପୁର ଅଫିସ, ୧୩।୭

ସ୍ଥାନୀୟ ସୁବର୍ଣ୍ଣବରାହୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଗୁରୁ ପୂର୍ଣ୍ଣମୀ ଉତ୍ସବ ପାଳନ ହୋଇଯାଇଛି। ଆଦିତ୍ୟ ବାହିନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୨୫୦୦ବର୍ଷ ପୂର୍ବର ଗୁରୁ ପରମ୍ପରାକୁ ସ୍ମରଣ କରାଯାଇଥିଲା। ଆଦି ଶଙ୍କରାଚାର୍ଯ୍ୟ ଓ ବର୍ତ୍ତମାନ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀମାନଙ୍କ ଉପସ୍ଥିତରେ ହିନ୍ଦୁ ରାଷ୍ଟ୍ର ସଂଗୋଷ୍ଠୀ ଅନୁଷ୍ଠିତ ହୋଇଥିଲା। ଏହି ସଂଗୋଷ୍ଠୀରେ ବାହୁ ବଳେନ୍ଦ୍ର ମଲିକ ଉପସ୍ଥିତ ରହି ଭବ୍ୟ ଭାରତ ଗଠନରେ ହିନ୍ଦୁମାନଙ୍କ ଭୂମିକା ଓ ଭାରତ ବର୍ଷକୁ ଶୋଷଣ ମୁକ୍ତ, ପକ୍ଷପାତ ବିହୀନ, ସର୍ବହିତପ୍ରଦ ରାଷ୍ଟ୍ର ଗଠନ ପାଇଁ ଗୁରୁଜୀଙ୍କ ମାର୍ଗଦର୍ଶନ କଥା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବାହିନୀର ସୁରେଶ କୁମାର ଚୌଧୁରୀ, ବିଷ୍ଣୁ ଚରଣ ସ୍ୱାଇଁ ଓ ଭବାନୀ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏରସମା ପୋଲିସ ବିରୋଧରେ ଏସ୍‌ପିଙ୍କୁ ଫେରାଦ

ଆହତ ପୂର୍ଣ୍ଣ ଓ ସ୍ତ୍ରୀ ସାବିତ୍ରୀ ବୁଧବାର ଏସ୍‌ପିଙ୍କୁ ଫେରାଦ ହେବାକୁ ଆସିଛନ୍ତି।

କଦଳିବାଡ଼ିରେ ଆକ୍ରମଣ ମାମଲା

ଜଗତ୍‌ସିଂହପୁର ଅଫିସ, ୧୩।୭

ଏରସମା ଥାନା ଅନ୍ତର୍ଗତ କଦଳିବାଡ଼ି (କୁଅକଣା) ଗ୍ରାମର ପୂର୍ଣ୍ଣ ସ୍ୱାଇଁ ଓ ସ୍ତ୍ରୀ ସାବିତ୍ରୀଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ପୋଲିସ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଉଥିବା ଦର୍ଶାଇ ପୂର୍ଣ୍ଣଙ୍କ ପୁଅ ପ୍ରତାପ ଜଗତ୍‌ସିଂହପୁର ଏସ୍‌ପି ଅଖିଳେଶ୍ୱର ସିଂହଙ୍କ ନିକଟରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଜୁନ୍ ୨୯ ତାରିଖ ସକାଳ ୮ଟାରେ ତାଙ୍କ ଜମି ଉପରେ ଗୋଡ଼ା (ମାଛପଦା) ଗାଁର ବିଜୟ ସ୍ୱାଇଁ, ରାମ ହାତୀ, ଛଇଆ ହାତୀ, ଆରତୀ ହାତୀ, ତରୁଣ ହାତୀ, କଦଳିବାଡ଼ିର ରମା ସ୍ୱାଇଁ ଓ ପ୍ରମିଳା ସ୍ୱାଇଁ ଭେଡା ବୁଜୁଥିଲେ। ଏହା ଦେଖି ପୂର୍ଣ୍ଣ ବନ୍ଦ କରିବାକୁ ଯାଇଥିବା ବେଳେ ସେମାନେ ସଂଘବଦ୍ଧ ଭାବେ ତାଙ୍କୁ ଓ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ଅବସ୍ଥାରେ ପୂର୍ଣ୍ଣ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏ ସମ୍ପର୍କିତ ଅଭିଯୋଗ ଉପରେ ଏରସମା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

ସରିତ ମହାପାତ୍ରଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ

ରଘୁନାଥପୁର,୧୩।୭(ଡି.ଏନ.ଏ.)

ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଧରାଧରପୁର ଗାଁର ସାମାଜିକ କର୍ମୀ ତଥା ବୃକ୍ଷପ୍ରେମୀ ସରିତ ମହାପାତ୍ରଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଓ ଜିଲାପାଳ ପାରୁଲ ପଟୱାରୀଙ୍କ ସ୍ୱାକ୍ଷର ଥିବା ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ତାଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଏହାକୁ ପ୍ରଦାନ କରିଥିଲେ। ସେବା ଅନୁଷ୍ଠାନ ସମାଜ ବିକାଶ ମିଶନର ପ୍ରତିଷ୍ଠାତା ସରିତଙ୍କ ସମାଜ ପ୍ରତି ଥିବା ନିଃସ୍ୱାର୍ଥପର ସେବା ଓ ଉନ୍ନତି ଯାଉଥିବା ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଚାରା ରୋପଣ କରିବା ଭଳି ମହତ କାର୍ଯ୍ୟ ତାଙ୍କୁ ଏହି ସମ୍ମାନର ଅଧିକାରୀ କରିଛି ବୋଲି ଶିକ୍ଷାଧିକାରୀ ବେହେରା ପ୍ରକାଶ କରିଥିଲେ। କରୋନା ସମୟରେ ସରିତ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଅମ୍ଳଜାନ ଲଗାଇ ନିଜେ ଆମ୍ବୁଲାନ୍ସରେ ନେଇ ମେଡିକାଲରେ ପହଞ୍ଚାଇବା ଓ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସୂଚନାକ୍ରମେ ବିଭିନ୍ନ ସ୍ଥାନରେ ଅସହାୟ ବ୍ୟକ୍ତିଙ୍କ ମୃତଦେହକୁ ଦାହ କରି ଜିଲାରେ ପ୍ରଶଂସା ସାଉଁଟି ଥିଲେ। ସହକାରୀ ଜିଲା ଶିକ୍ଷାଅଧିକାରୀ ରାଜ୍ୟଶ୍ରୀ ସାହୁ ଓ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ ସମ୍ମାନିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତାଙ୍କର ଏହି ସମ୍ମାନ ବ୍ଲକ ତଥା ଜିଲା ପାଇଁ ଗୌରବ ଆଣିଥିବାରୁ, ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି।

ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଜବତ

କୁଜଙ୍ଗ,୧୩।୭ (ଡି.ଏନ.ଏ.)

କୁଜଙ୍ଗ ଥାନା ଅନ୍ତର୍ଗତ ସନ୍ତରା ଗାଁର ପ୍ରଫୁଲ୍ଲ ସ୍ୱାଇଁଙ୍କ ସାନପୁଅ ଅତୁଲ (୩୩)ଙ୍କ ମୃତଦେହ ଗ୍ରାମର ଗାଦିବ୍ରହ୍ମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ପଛପଟରୁ ଜବତ କରାଯାଇଛି। ପ୍ରକାଶ ଯେ, ବୁଧବାର ପୂର୍ବହ୍ନ ସାଢ ୯ଟାରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ ବିଦ୍ୟାଳୟରେ ପହଞ୍ଚି ଦେଖିଥିଲେ ଯେ, ଜଣେ ଲୋକ ପଛପଟ ଘାସରେ ପଡିଛି। ସେ ଗ୍ରାମର ଲୋକଙ୍କୁ ଡାକି ଦେଖେଇବାରେ ସେମାନେ ଅତୁଲଙଙ୍କୁ ଚିହ୍ନଟ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ତାଙ୍କ ଭାଇ ପହଞ୍ଚି ମୃତଦେହକୁ ସ୍ଥଳ ସାମ୍ନାକୁ ନେଇ ଆସିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରି ଯାଇଛି। ପରେ ତାଙ୍କ ଦାଦା ଦିଲୀପ କୁମାର ସାମଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୨୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମର ଆଶ୍ରୟ ନେଇଥିଲେ। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଯିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ମଙ୍ଗଳବାର ରାତିରେ ଅତୁଲ ଡିୟୁଟିକୁ ଯିବାକୁ କହି ଘରୁ ବାହାରି ଆସିଥିଲେ। ତାଙ୍କ ବାଇକ୍‌କୁ ଏକ ନିରୋଳା ଜାଗାରେ ରଖି ଦେଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ବିଦ୍ୟାଳୟର ଏକ ଗୃହରେ ଅତୁଲର ଚପଲ, ମୋବାଇଲ ସମେତ ମଦ ବୋତଲ, ସିଗାରେଟ, ଅଣ୍ଡା ପ୍ରଭୃତି ପଡିଥିବା ଦେଖିବାକୁ ମିଳିଥିଲା। ମାତ୍ର ଅତୁଲ ଯେଉଁଠି ପଡିଥିଲେ ଉକ୍ତ ରୁମଠାରୁ ପ୍ରାୟ ୫୦ ମିଟର ଦୂର। ତାଙ୍କ ଦାଦାଙ୍କ ଅଭିଯୋଗ ଅନୁସାରେ କେହି ତାଙ୍କୁ ମାରିଦେବା ପରେ ନେଇ ସେଠାରେ ପକାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମର ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

ବୃକ୍ଷ ହିଁ ମଣିଷର ପ୍ରକୃତ ବନ୍ଧୁ

ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦର ଚାରାରୋପଣ

ତିର୍ତ୍ତୋଲ,୧୩।୭(ଡି.ଏନ୍.ଏ.)

ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ତିର୍ତ୍ତୋଲ ବ୍ଲକର ଅଗ୍ରଣୀ ଅନୁଷ୍ଠାନ ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦ ପକ୍ଷରୁ ଗୋରଡ ପଞ୍ଚାୟତ କାଇଁଟୋଲ ଗାଁରେ ପରିବେଶ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୃକ୍ଷ ହିଁ ମଣିଷର ପ୍ରକୃତ ବନ୍ଧୁ ଓ ବୃକ୍ଷରୁ ଆମେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଲାଗି ସହାୟତା ପାଇଥାଉ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଗ୍ରାମର ବଟ ମହାପୁ

ସଂକ୍ଷେପରେ

କୁହୁଡି କୃଷି ସମବାୟ ସମିତିରେ ଅଜୟ ସଭାପତି

ମାର୍ଶାଘାଇ,୧୩।୭(ଡି.ଏନ.ଏ.): ମାର୍ଶାଘାଇ ବ୍ଲକ କୁହୁଡି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ଅଜୟ କୁମାର ଦାସ ନିର୍ବାଚିତ ହୋଇଛନ୍ତି । ମୋଟ ୧୫ ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ଅଜୟଙ୍କୁ ସମସ୍ତ ଭୋଟ ମିଳିଥିବା ବେଳେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୌଦାମିନୀ ରାଉତଙ୍କୁ କୌଣସି ଭୋଟ ମିଳି ନ ଥିଲା । ନିର୍ବାଚନ ଅଧିକାରୀ ସନ୍ତୋଷ ନାୟକ ଅଜୟଙ୍କୁ ବିଜୟ ଘୋଷଣା କରିଥିଲେ । ସେହିପରି ଅନ୍ତେଇ ସମବାୟ ସମିତି ନିର୍ବାଚନରେ ସୁବୋଧ ମହାପାତ୍ର ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଶଙ୍କର ହେମ୍ବ୍ରମ ସୁବୋଧଙ୍କୁ ବିଜୟ ଘୋଷଣା କରିଥିଲେ ।

ପ୍ରଶିକ୍ଷଣ ନେଲେ ଜିଲାର ନବନିର୍ବାଚିତ ସରପଞ୍ଚ

ଭଦ୍ରକ ଅଫିସ,୧୩।୭: ଭଦ୍ରକ ଜିଲାର ପ୍ରତି ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଡ଼ିଆର୍ଡ଼ିଏ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାର ୭ଟି ବ୍ଲକ ପାଇଁ ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଜିଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଯେନା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରତି ଗାଁର ମୌଳିକ ସମସ୍ୟା ଯଥା ଗାଁର ରାସ୍ତା, ଡ୍ରେନେଜ୍, ଆଲୋକୀକରଣ, ପାନୀୟ ଜଳ ଆଦିକୁ ଗୁରୁତ୍ୱ ଦେବା ସହ ଗାଁକୁ ସୁନ୍ଦର କରିବା ପାଇଁ ଉଦ୍ୟାନ, ସୌନ୍ଦର୍ଯ୍ୟମୟ ଜଳାଶୟଆଦି ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟ କରିବା ପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସରପଞ୍ଚମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଏପିଡି କୁଶଳ ଚନ୍ଦ୍ର ନାୟକ, ଡିପିଓ ବଂଶୀଧର ସିଂ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପରେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଥିଲା । ପ୍ରଥମ ଦିନରେ ଭଦ୍ରକ ବ୍ଲକର ୩୬ ଓ ଧାମନଗର ବ୍ଲକର ୩୧ଜଣ, ଦ୍ୱିତୀୟ ଦିନରେ ଚାନ୍ଦବାଲି ବ୍ଲକ୍‌ର ୩୬ ଓ ବାସୁଦେବପୁର ୩୬ଜଣ ଓ ଅନ୍ତିମ ଦିବସରେ ତିହିଡ଼ିର ୩୧, ବନ୍ତର ୨୫ ଓ ଭଣ୍ଡାରିପୋଖରୀର ୨୩ଜଣ ସରପଞ୍ଚ ପ୍ରଶିକ୍ଷଣ ନେବେ।

ମାସେ ନପୂରୁଣୁ ୨ଟ୍ରାନ୍ସଫର୍ମର ଚୋରି

ପାଟଣା,୧୩।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତରେ ମାସେ ନପୁରୁଣୁ ୨ ଟି ପୃଥକ ସ୍ଥାନରେ ଉଠାଜଳସେଚନ ପ୍ରୋଜେକ୍ଟର ୨ଟି ଟ୍ରାନ୍ସଫର୍ମର ଚୋରି ହେବା ପରେ ଚାଷୀ କୂଳରେ ଭାଲେଣି ପଡିବା ସହ କୌଣସି ଘଟଣା ଚୋର ଧରା ନ ପଡିବା ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ବ୍ଲକ ବଡ଼ପାଟଣା ପଞ୍ଚାୟତ ମଙ୍ଗଳପୁର ପାଟନାଳୀ ସାହିର ବୈତରଣୀ ନଦୀ କୂଳରେ ଇରିଗସନ ପାଇଁ ବସିଥିବା ଟ୍ରାନ୍ସଫର୍ମରକୁ ଗତ ସୋମବାର ରାତିରେ କେହି ଦୁର୍ବୃତ୍ତ ଖୋଲି ତାର ଯନ୍ତ୍ରାଂଶ ଚୋରି କରିନେଇଥିବା ନେଇ ବୁଧବାର ପାଣି ପଞ୍ଚାୟତ କମିଟି ସଭାପତି କରୁଣାକର ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଉକ୍ତ ପଞ୍ଚାୟତ ଲେଖେନା ଗ୍ରାମ ପାଣି ପଞ୍ଚାୟତର ଟ୍ରାନ୍ସଫର୍ମରକୁ ଜୁନ ୧୮ ତାରିଖ ରାତିରେ କେହି ଚୋରି କରିନେଇଥିବା ପାଟଣା ଥାନାରେ ସଭାପତି ମୋହନ ସୁନ୍ଦର ମହାନ୍ତ ଅଭିଯୋଗ କରିଛନ୍ତି। ଏକ ମାସ ନପୁରୁଣୁ ୨ ଟି ଟ୍ରାନ୍ସଫର୍ମର ଚୋରି ହୋଉଥିବାରୁ ଚାଷୀକୂଳଙ୍କ ମଧ୍ୟରେ ଭାଲେଣି ପଡିଛି। ଜମିକୁ ପାଣି କିଭଳି ମାଡିବ ଚାଷୀ ଚିନ୍ତାରେ ଅଛନ୍ତି।

ଜଳ ପାଲଟିଛି ଜହର, ଜବରଦଖଲରେ ନଦୀପଥ

କେନ୍ଦ୍ରାପଡ଼ା ଅଫିସ, ୧୩।୭

- ମରିଯାଉଛି ପୁରାଣ ପ୍ରସିଦ୍ଧ ଗୋବରୀ ନଦୀ
- ସଙ୍କୁଚିତ ଜଳପଥ ପାଇଁ କ୍ଷେତକୁ ଯାଉନାହିଁ ପାଣି


ଗୋବରୀ ନଦୀରେ ଦଳ ପରିପୂର୍ଣ୍ଣ ।

ପୁରାଣ ପ୍ରସିଦ୍ଧ ମଧୁସାଗର ତଥା କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଗୋବରୀ ନଦୀ ଏବେ ଜଳଧାରଣ କ୍ଷମତା ହରାଇଛି। ଜଳ ମଧ୍ୟ ଜହର ପାଲଟିଛି। ନଦୀମାର୍ଗ ଏବେ ଜବରଦଖଲକୁ ଚାଲି ଯାଇଛି। କୃଷି କ୍ଷେତ୍ରକୁ ଆଉ ପର୍ଯ୍ୟାପ୍ତ ଜଳ ଯାଉନାହିଁ। ଏ ନେଇ ସ୍ଥାନୀୟ ଅଧିବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି ୨୦୧୩ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ଜଳ ପରୀକ୍ଷଣରେ ବିଷାକ୍ତ ପଦାର୍ଥ ଅତ୍ୟଧିକ ଥିବା ରିପୋର୍ଟକୁ ଅଣଦେଖା କରାଯାଉଥିବା ସ୍ଥାନୀୟ ଅଧିବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଜଳ ସମ୍ପଦ ବିଭାଗ ଆକଳନ ଅନୁଯାୟୀ, ଗୋବରୀର ୧୩୮ କିଲୋମିଟର ଲମ୍ବର ଉଭୟ କୂଳରେ ୭,୬୧୬ ହେକ୍ଟର କ୍ଷେତ୍ରଫଳରେ ଜଳସେଚନ ହୋଇଥାଏ। ସେହିପରି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମାଳିବସା, ତନ୍ତିଆପାଳ, ବେଣାକନ୍ଦା ଓ ବିଜୟନଗରଠାରେ କ୍ରିକ୍ ବନ୍ଧ ଯୋଜନା ପରେ ୪ ହଜାର ହେକ୍ଟର ଜମିରେ ଚାଷ ହୁଏ। ଏଠାରୁ ପାଣି ଆସି ରବି ଫସଲ ୩୨୦୦ ହେକ୍ଟର, ବାଦାମ ୬୦୦ ହେକ୍ଟର କ୍ଷେତରେ ଚାଷ ହୁଏ। ଜିଲାର ୮୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ଏହି ପାଣିକୁ ଉପଯୋଗ କରିଥାନ୍ତି। ସେହିପରି ଏହି ଉତ୍ସକୁ ୩୦ ହଜାର ହେକ୍ଟର ଜମିକୁ ଚାଷ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବିନିଯୋଗ କରାଯାଏ ବୋଲି ବିଭାଗୀୟ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି।

ଏ ସମ୍ପର୍କରେ ସହରର ସେକ୍ ଅମଜାନ୍, ଫୋରଡ ଗାଁର ଗୁନା ସାହୁ, କଂସାରର ନୀଳମାଧବ ମହାପାତ୍ର, ନିରଞ୍ଜନ ପରିଡା ପ୍ରମୁଖ କହିଛନ୍ତି, ଜିଲାରେ ଥିବା ୭ ନଦୀର ଜଳ ଜୀବନ ଜୀବିକାକୁ ସମୃଦ୍ଧ କରୁଛି। ଏଥିରେ ଗୋବରୀ ନଦୀର ଅବଦାନ ଅଧିକ। ୫ ଦଶନ୍ଧି ପୂର୍ବରୁ ସଡ଼କପଥ ସୁବିଧା ନ ଥିବାରୁ ଗୋବରୀର ଜଳପଥ ପଣ୍ୟଦ୍ରବ୍ୟ ବ୍ୟବସାୟରେ ମୁଖ୍ୟ ମାଧ୍ୟମ ଥିଲା। ସମୁଦ୍ରରୁ ଜମ୍ବୁ ଦେଇ ଗୋବରୀ ନଦୀରେ ମହାନଦୀ ଜଳପଥରେ କଟକ ପର୍ଯ୍ୟନ୍ତ ପଣ୍ୟଦ୍ରବ୍ୟ କାରବାର ସହ ଯାତାୟାତ ହେଉଥିଲା। ସ୍ୱାଧୀନତା ପରବର୍ତ୍ତୀକାଳରେ ଏହାର ଉନ୍ନତୀକରଣ କରାଯାଇ ନଦୀଜଳକୁ ଚାଷରେ ବ୍ୟବହାର ହେଲା। ଏହା ବ୍ୟତୀତ ବିଭିନ୍ନ ପୁରାଣରୁ ମଧୁସାଗରର ଜନ୍ମ ସହ ଗୋବରୀ ନଦୀର କାହାଣୀ ଲୋକମୁଖରେ ପ୍ରଚଳିତ ଅଛି। ତେବେ ଏହି ନଦୀ ଏବେ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ଏଥିରେ ଭାରି ମାତ୍ରାରେ କାଡ୍‌ମିୟମ, କ୍ରେମିୟମ ଓ ପୋଟାସିୟମ ରହିଥିବା ପରୀକ୍ଷଣରୁ ଜଣାପଡିଛି। ଏହି ଜଳକୁ ବ୍ୟବହାର ଦ୍ୱାରା ଚର୍ମରୋଗ ସହ ଜଳବାହିତ ରୋଗ ଦେଖାଦେଉଛି। ଗ୍ରାମାଞ୍ଚଳ ଅପେକ୍ଷା ସହର ମଧ୍ୟରେ ଏହାର ଜଳପଥକୁ ସର୍ବାଧିକ ଜବରଦଖଲ କରାଯାଇଛି। ନିକଟରେ ଦୁଇଟି ସାଇଫନ ଦ୍ୱାରା ସହରର ଅଳିଆ ଆବର୍ଜନା ପାଣି ନଦୀକୁ ଛଡାଯାଇଛି। ସେହିପରି ନଦୀକୂଳବାସୀଙ୍କ ପାଇଖାନା ଦ୍ୱାର ନଦୀ ମଧ୍ୟକୁ ଅଛି। ଫଳରେ ନଦୀଜଳ ପ୍ରଦୂଷିତ ହେବା ସହ ଜବରଦଖଲକାରୀ ନଦୀପଥକୁ ସଙ୍କୁଚିତ କରିଛନ୍ତି। ସେହିପରି ଉନ୍ନତୀକରଣ ନ ହେବାରୁ ନଦୀରେ ବିଲାତି ଦଳ ଭର୍ତ୍ତି ହୋଇଛି, ଯାହାପାଇଁ କ୍ଷେତକୁ ପାଣି ଯାଇ ପାରୁନାହିଁ। ତେବେ ପ୍ରଶାସନ ପକ୍ଷରୁ ଜଳକର ଆଦାୟ ହେଉଛି। ଗୋବରୀର ଉନ୍ନତୀକରଣରେ ଜିଲାର ଆର୍ଥିକ ସ୍ଥିତି ସୁଧାର ଆସିବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ ଏହାର ଉନ୍ନତୀକରଣ ପାଇଁ ୩ ବର୍ଷ ଧରି ଯୋଜନା ହୋଇଛି। ନଦୀର କେତେକ ଅଂଶରେ ପ୍ରକଳ୍ପ ଆରମ୍ଭ ହୋଇଛି। ଜବରଦଖଲ ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଯାଇଛି ବୋଲି ସେ କହିଛନ୍ତି।

ସଡ଼କ ଦୁର୍ଘଟଣାରେ ବ୍ୟବସାୟୀ ମୃତ

ରାଜନଗର,୧୩।୭ (ଡି.ଏନ.ଏ.)

ରାଜନଗର ବଜାରର ବ୍ୟବସାୟୀ ତଥା କେରେଡାଗଡ ଗାଁର ଶମ୍ଭୁ ନାରାୟଣ ସାହୁ (୪୬)ଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶମ୍ଭୁ ବୁଧବାର ନିଜର ମୋଟର ସାଇକେଲରେ ଭୁବନେଶ୍ୱରକୁ ଟିଭି ଯନ୍ତ୍ରାଂଶ ପାଇଁ ଯାଇଥିଲେ। ସେ ରାଜନଗର ଫେରୁଥିବା ବେଳେ କାଠଯୋଡ଼ି ସେତୁ ଉପରେ ଏକ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବା ପରେ ଶମ୍ଭୁଙ୍କ ଉପରେ ଧକ୍କା ଦେଇଥିବା ଗାଡି ଚଢ଼ି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୋତିଆବିନ୍ଦୁ ଚିହ୍ନଟ ଶିବିର

ରାଜନଗର,୧୩।୭ (ଡି.ଏନ.ଏ.)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ହାତିଆଗଡି ଅଙ୍ଗନୱାଡି କେନ୍ଦ୍ରରେ ମାଗଣା ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା । ଭୂମିକା ଚକ୍ଷୁ ଚିକିତ୍ସାଳୟର ଡାକ୍ତରୀ ଦଳ ଯୋଗଦେଇ ୨୫ଜଣଙ୍କ ମୋତିଆବିନ୍ଦୁ ଚିକିତ୍ସା କରିଥିଲେ। ସେମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ଚିହ୍ନଟ କରାଯାଇ ଅପରେଶନ ପାଇଁ ନିଆଯାଇଛି। ଆସୁଛି ମୋ କାଳିଆ ସୁନା ଗ୍ରୁପ ଅଫ୍ ଓଡିଶା ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା।

ଗାଁରେ ପଶିଲା ସମୁଦ୍ର ଜଳ

ମହାକାଳପଡ଼ା,୧୩।୭(ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ୍ ଅଧୀନ ପାଣିଖିଆ ଗାଁରେ ପ୍ରବେଶ କରିଥିବା ସମୁଦ୍ର ଜଳ ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତଳିଆ ଅଞ୍ଚଳରେ ସମୁଦ୍ର ଜଳ ବୁଧବାର ପ୍ରବେଶ କରିଛି । ସମୁଦ୍ରରେ ଉଚ୍ଚ ଜୁଆର ଉଠିବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଚିଲୁଡ଼ି ଘେରି ବନ୍ଧ ମୁକୁଳା ଥିବାରୁ ସମୁଦ୍ର ଜଳ ଗାଁ ଭିତରକୁ ପ୍ରବେଶ କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପୂର୍ଣ୍ଣିମା ତିଥି ଯୋଗୁ ଉଚ୍ଚ ଜୁଆର ଉଠି ଗାଁ ଭିତରକୁ ପଶି ଆସିଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଏହାକୁ ନେଇ ତଳିଆ ଅଞ୍ଚଳ ଲୋକଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି । ବିଶେଷ କରି ମହାକାଳପଡ଼ା ବ୍ଲକ୍ ଅଧୀନ ନାଞ୍ଚୁରା ପଞ୍ଚାୟତର ପାଣିଖିଆ ଗାଁ ଓ ଚାଷ ଜମିରେ ସମୁଦ୍ର ଜୁଆର ବୁଧବାର ପ୍ରବେଶ କରିଥିଲା । ଏଥିପାଇଁ ଘର ଲୁଣି ପାଣି ଘେରରେ ରହିଛି । ଏବେ ଗାଁରେ ବିଭିନ୍ନ ସରୀସୃପ ବୁଲୁଛନ୍ତି ବୋଲି ସେହି ଗାଁର ଗୁରୁଭା ହାଁସଦା କହିଛନ୍ତି । ସେହିପରି ବ୍ଲକର ଖରିନାଶି ପଞ୍ଚାୟତ ୧୨ନଂ.ଆଦିବାସୀ ଗ୍ରାମର ବନ୍ଧ ବୁଡ଼ି ଗାଁରେ ସମୁଦ୍ର ଜଳ ପ୍ରବେଶ କରିଛି ବୋଲି ଦୀନବନ୍ଧୁ ମୁର୍ମୁ ଅଭିଯୋଗ କରିଛନ୍ତି ।

ଗୋବରୀ ନଦୀରୁ ନାଗମଣିଙ୍କ ମୃତଦେହ ମିଳିଲା

ମହାକାଳପଡ଼ା,୧୩।୭ (ଡି.ଏନ୍.ଏ.)

ମାଛ ଧରୁଥିବା ବେଳେ ଟାଣିନେଇଥିଲା କୁମ୍ଭୀର

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ କିଆରବାଙ୍କ ଗ୍ରାମ ସଂଲଗ୍ନ ଗୋବରୀ ନଦୀରୁ ନାଗମଣୀ ମଲିକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ନାଗମଣି ଗୋବରୀ ନଦୀ କୂଳରେ ଜାଲ ପକାଇଥିବା ସମୟରେ କୁମ୍ଭୀର ଜାଲ ସହ ତାଙ୍କୁ ଟାଣି ନେଇଥିଲା । ନାଗମଣିଙ୍କ ସହ ମାଛଧରିବାକୁ ଯାଇଥିବା ଅନ୍ୟ ୨ ବନ୍ଧୁ ଜମୁଆ ଓ ଟହଲିଙ୍କୁ ସେ ଡାକିଥିଲେ। ହେଲେ ସେମାନେ ନାଗମଣୀଙ୍କୁ ରକ୍ଷା କରି ପାରି ନ ଥିଲେ । ଖବର ପାଇ ସ୍ଥାନୀୟ ଲୋକେ ଡଙ୍ଗାରେ ତାଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ବୁଧବାର ସକାଳେ ସ୍ଥାନୀୟ ଅଗ୍ନିଶମ ଓ ବନ ବିଭାଗ କର୍ମଚାରୀ ନଦୀର ବିଭିନ୍ନ ସ୍ଥାନକୁ ଡଙ୍ଗାରେ ଯାଇ ଖୋଜା ଖୋଜି କରିଥିଲେ ମଧ୍ୟ ନାଗମଣିଙ୍କୁ ପାଇ ନ ଥିଲେ। ତେବେ ଅପରାହ୍ନରେ ସାହାବାଜପୁର ଗାଁ ନିକଟ ଗୋବରୀ ନଦୀରେ ନାଗମଣୀଙ୍କ ମୃତଦେହ ଭାସୁଥିବା ଲୋକମାନେ ଦେଖିଥିଲେ । ପରେ ଗାଁର ଲୋକମାନେ ଏକ ଡଙ୍ଗାରେ ଯାଇ ନାଗମଣୀଙ୍କ ମୃତଦେହ ଉଦ୍ଧାର କରିଥିଲେ । ମୃତଦେହରେ କୁମ୍ଭୀର ଆକ୍ରମଣ କରିଥିବା କ୍ଷତ ରହିଛି । ପୂର୍ବରୁ ନାଗମଣିଙ୍କୁ କୁମ୍ଭୀର ୩ ଥର ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ମହାକାଳପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବ ବୋଲି ସୂଚନା ମିଳିଛି । ଏ ସଂକ୍ରାନ୍ତରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର ।

ରାଜନଗର,୧୩।୭(ଡି.ଏନ.ଏ.)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗା ନାରାୟଣ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫ଶହରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୬ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖମାରସାହି ପଞ୍ଚାୟତର ସରପଞ୍ଚ ଅନସୂୟା ବିଶ୍ୱାଳ ଏବଂ ସମିତିସଭ୍ୟା ଶ୍ୟାମଳି ମାଇତି ପୁଷ୍ପଗୁଚ୍ଛ, ଉପଢୌକନ ଓ ପାଠ୍ୟ ଉପକରଣ ଦେଇ ମେଧାବୀ ଛାତ୍ରୀଛାତ୍ର ଶ୍ରାବଣୀ ସେଠୀ, ମିନତୀ ସେଠୀ, ରୋହିତ ଦାସ, ଅନ୍ନପୂର୍ଣ୍ଣା ବାରିକ, କ୍ରାଷ୍ଣା ଦାସ ଓ ମନୋଜ ମଇସାଲଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷକ ଅମର ମଲିକ, କନକଲତା ଦାସ, ଆଲୋକ ଭୋଇ, ଓମପ୍ରକାଶ ବାରିକ, କସ୍ତୁରୀ ସେଠୀ, ସବ୍ୟସାଚୀ ଦାସ, ଦାଶରଥି ମୁର୍ମୁ, ରୋଜାଲିନ ସାହୁ, ଲଛ୍ମନ ମାରାଣ୍ଡୀ, ଅନୁରାଧା ସେଠୀ, ଦୀପକ ନାୟକ, ବିକାଶ ମହନ୍ତ, ଦିଲ୍ଲୀପ ଦାସ ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ସହିତ ଆଚରଣ ଓ ଉଚ୍ଚାରଣ ଠିକ୍ ଥିଲେ ସଫଳତା ମିଳିଥାଏ ବୋଲି କହିଥିଲେ। ପୁରାତନ ଛାତ୍ର ସମୀର ବେହେରା, ଲକ୍ଷ୍ମଣ ସାହୁ, ସୁରେନ୍ଦ୍ର ମହାନ୍ତି, ରଶ୍ମୀ ରଞ୍ଜନ ଦାସ, ଅଭିଜିତ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଚୋରି ଡିଜେ ମେଶିନ ଜବତ, ଜଣେ ଗିରଫ

ରାଜନଗର,୧୩।୭ (ଡି.ଏନ.ଏ.)

ରାଜନଗର ଥାନା ଅଧୀନ ସାନବଡ଼ଗୋପାଳପୁର ଜଗନ୍ନାଥପୁର ଗାଁର ଶଶିକାନ୍ତ ବଳଙ୍କ ଡିଜେ ମେଶିନ ଗତ ୧୦ ତାରିଖ ରାତିରେ ଚୋରି ହୋଇଯାଇଥିଲା। ଏ ନେଇ ଶଶିକାନ୍ତ ରାଜନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ଜାରି ରଖିଥିଲା । ବୁଧବାର କୁରୁଣ୍ଟି ହାତିନା ରାସ୍ତାର ମଝିରେ ଏକ ବାଲି ଗଦା ଭିତରୁ ଏହି ଡିଜେ ମେଶିନକୁ ପୋଲିସ ଜବତ କରିଛି। ମାସେ ତଳୁ ଜେଲରୁ ଫେରିଥିବା କୁରୁଣ୍ଟି ଗାଁର ରଶ୍ମୀ ରଞ୍ଜନ ପରିଡା ଓରଫ ମୁନା ଏହି ଡିଜେ ମେଶିନ ଚୋରି କରି ବାଲି ଗଦା ଭିତରେ ଲୁଚାଇ ରଖିଥିଲେ। ଉକ୍ତ ଡିଜେ ମେଶିନର ଦାମ ୮୫ହଜାର ଟଙ୍କା। ମୁନାଙ୍କ ନାମରେ ରାଜନଗର ଥାନାରେ ୨୦ଟି ଚୋରି ମାମଲା ରହିଛି।

ଡା.ଅଲେଖ ଚନ୍ଦ୍ର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି ବୃନ୍ଦ ।

କେନ୍ଦ୍ରାପଡ଼ା ଅଫିସ,୧୩।୭

କେନ୍ଦ୍ରାପଡ଼ା ସହର ଟାଉନ ହଲଠାରେ ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଖ୍ୟାତନାମା ଡାକ୍ତର ଅଲେଖ ଚନ୍ଦ୍ର ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ବୁଧବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା,କବି ନିରାକାର ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ପୂର୍ବତନ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ଦାସ, ସାହିତ୍ୟିକ ସର୍ବେଶ୍ୱର ସେଣ, ଶିକ୍ଷାବିତ୍ ଅଜୟ କୁମାର ରାଉତ, ସମସୁର ଅଲ୍ଲୀ, ସାହିତ୍ୟିକା ବାସନ୍ତୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଡାକ୍ତର ସ୍ୱର୍ଗତ ଦାସଙ୍କ ସମର୍ପିତ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ଅଲେଖାୟନ ସ୍ମୃତି ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ସଭାରେ ସଂସଦ ସମ୍ପାଦକ ସୁଶୀଲ ସାମଲ, ବୁଦ୍ଧିଜୀବୀ ପରିକ୍ଷୀତ ପାତ୍ର, ସଚ୍ଚିକାନ୍ତ ନାଥ, ଅବନ୍ତୀ ବେହେରା ପ୍ରମୁଖ ସ୍ୱର୍ଗତ ଡା. ଦାସଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଜିଲା ଟପ୍ପର ମୋନାଶ୍ରୀଙ୍କୁ ସମ୍ବର୍ଦ୍ଧନା

**ଡ

ଓଡ଼ିଶାରେ ମେଲୋରାର ପ୍ରଥମ ଷ୍ଟୋର

ମେଲୋରାର ୧୩ତମ ଷ୍ଟୋରକୁ ବିଏମସି ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରୁଥିବା ବେଳେ ନିକଟରେ ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୭

ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଡି-୨-ସି ଅଳଙ୍କାର ବ୍ରାଣ୍ଡ ମେଲୋରା ପକ୍ଷରୁ ବୁଧବାର ସ୍ଥାନୀୟ ରସୁଲଗଡସ୍ଥିତ ନେକ୍ସସ ଏସପ୍ଲାନେଡ ମଲରେ ତା'ର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଷ୍ଟୋର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

୭୦୦ ବର୍ଗ ଫୁଟ ପରିମିତ ଜମିରେ ଆରମ୍ଭ ହୋଇଥିବା ଏହି ଷ୍ଟୋରରେ ମହିଳାମାନଙ୍କ ପାଇଁ ଏକବିଂଶ ଶତାବ୍ଦୀର ସବୁଠାରୁ ହାଲୁକା, ସୂକ୍ଷ୍ମ, ଟ୍ରେଣ୍ଡି,ମଡ୍ୟୁଲାର ଏବଂ ଫେଶନେବଲ ଅଳଙ୍କାରମାନ ଗଚ୍ଛିତ ରହିଛି। ଆଗାମୀ ଦିନରେ ଓଡିଶା ବଜାରରେ ଏହାର ଅନେକ ଷ୍ଟୋର ଖୋଲିବାର ଯୋଜନା ରହିଥିବା ବେଳେ ୨୦୨୬ ସୁଦ୍ଧା ସାରା ଦେଶରେ ୩୫୦ରୁ ଅଧିକ ଷ୍ଟୋର ଖୋଲିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡିଶାରେ ଏହା ପ୍ରଥମ ଷ୍ଟୋର ହୋଇଥିବା ବେଳେ ଭାରତରେ ଏହା ୧୩ ତମ ବୋଲି ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲି କହିଛନ୍ତି।

ବ୍ରଜରାଜନଗରରେ 'ଟ୍ରେଣ୍ଡ୍ସ'ର ଏକ୍ସକ୍ଲୁସିଭ ଷ୍ଟୋର

ଭୁବନେଶ୍ୱର,୧୩।୭

ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍ସ'ର ନୂଆ ଷ୍ଟୋର ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ବ୍ରଜରାଜନଗରରେ ଖୋଲିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୮୪୭୨ ବର୍ଗଫୁଟ ପରିମିତ ଜାଗାରେ ଶୁଭାରମ୍ଭ ହୋଇଥିବା 'ଟ୍ରେଣ୍ଡ୍ସ ଷ୍ଟୋର'ରେ ଶ୍ରେଷ୍ଠ ଫ୍ୟାଶନ

ଓ ସୁଲଭ ମୂଲ୍ୟ ସହ ପ୍ରାରମ୍ଭିକ ଅଫର ଭାବେ ଗ୍ରାହକମାନଙ୍କ ପାଇଁ ଅନେକ ଆକର୍ଷଣୀୟ ସୁବିଧା ମଧ୍ୟ ରହିଛି। ଏପରିକି କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ବର୍ଗରେ ୩୪୯୯ଟଙ୍କାର ସାମଗ୍ରୀ କିଣିଲେ ଆଉ ୩୪୯୯ ଟଙ୍କା ମୂଲ୍ୟର ସାମଗ୍ରୀ ମାଗଣା ମଧ୍ୟ ପାଇପାରିବେ। ସେହିଭଳି ୨୯୯୯ଟଙ୍କାର କ୍ରୟ ଉପରେ ୩୦୦୦ ଟଙ୍କାର ରିହାତି କୁପନ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ବିଶେଷକରି ବ୍ରଜରାଜନଗରରେ ଖୋଲିଥିବା ଏହି ଅତ୍ୟାଧୁନିକ ଷ୍ଟୋରକୁ ଗ୍ରାହକମାନେ ଆସି ଫ୍ୟାଶନ ସାମଗ୍ରୀ ଶପିଂର ଅନୁଭୂତି ନେଇପାରିବେ।

ଟ୍ରେଣ୍ଡିଂ ଜୁଏଲେରି ବ୍ୟବସାୟକୁ ନୂଆ ପରିଚୟ ଦେଇଛି

ସମୟ ସହ ତାଳ ଦେଇ ସାମ୍ନା ଲୋକର ବ୍ୟବସାୟକୁ କପି ନ କରି କିଛି ନୂଆ ଧରଣର ବ୍ୟବସାୟ କରିବାର ଲକ୍ଷ୍ୟ ନେଇ ସଫଳାତ ହାସଲ କରିବା ସହ ଗ୍ରାହକ ସମ୍ପର୍କ ଓ ଗୁଣାତ୍ମକ ସାମଗ୍ରୀକୁ ସୁନ୍ଦର ଭାବେ ଉପଲବ୍ଧ କରାଇବା କଳାକୁ ନିକ୍ଷୁଣ ଭାବେ ଜଣେ ଓଡିଆ ଝିଅ ସାରା ଭାରତରେ ଏକ ନୂଆ ପରିଚୟ ସୃଷ୍ଟି କରି ପାରିଛନ୍ତି। ସଫଳତା ପାଇବା କୁ ହେଲେ ସ୍ୱପ୍ନ ନ ଦେଖି ବାସ୍ତବତାକୁ ଅନୁଧ୍ୟାନ କରି ଆଧୁନିକ ଜ୍ଞାନକୌଶଳ ସହ କଠିନ ପରିଶ୍ରମ କରିବାକୁ ହୋଇଥାଏ ବୋଲି ବୁଧବାର ଓଡିଶା ଗସ୍ତରେ ଆସିଥିବା ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲିଙ୍କ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର.....

ସରୋଜା ୟେରାମିଲି

➥ ମେଲୋରାର ପରିକଳ୍ପନା ଓ ଯାତ୍ରା ସମ୍ପର୍କରେ କ'ଣ କହିବେ?

ଉ- ମେଲୋରା ହେଉଛି ମୋ ସ୍ୱପ୍ନର ପ୍ରତିଷ୍ଠାନ। ଯେ ହେତୁ ମୁଁ ଜଣେ ଉଚ୍ଚଶିକ୍ଷିତା ଓ ବ୍ୟବସାୟିକ ଓ ପରିଚାଳନାଗତ ଶିକ୍ଷା (ଏମ୍‌ବିଏ)ର ଛାତ୍ରୀ ଥିଲି, ସେଥିପାଇଁ ବ୍ୟବସାୟ କ୍ଷେତ୍ରରେ ପାଦ ଦେବା ପାଇଁ ବେଶ ଆଗଭର ଥିଲି। ପରିଶେଷର ୨୦୧୬ରେ ମୋ ସ୍ୱପ୍ନର ପ୍ରତିଷ୍ଠାନ ସୁଦୂର ବେଙ୍ଗାଲୁରୁଠାରେ ମେଲୋରା ନାମରେ ଶୁଭାରମ୍ଭ କରିଥିଲା। ଦୀର୍ଘ ୬ ବର୍ଷ ମଧ୍ୟରେ ଅନେକ କିଛି ବାଟ ଆସିଥିବା ବେଳେ ଆହୁରି ଅନେକ ବାଟ ଯାତ୍ରା କରିବାର ଅଛି। ଏପରିକି ମନରେ ଏକ ଦୃଢ଼ ସଂକଳ୍ପ ସହ ପ୍ରତିଷ୍ଠି ବ୍ୟବସାୟୀ ହେବାର ଲକ୍ଷ୍ୟକୁ ନେଇ ଆଗକୁ ବଢ଼ିଚାଲିଛି।

➥ମେଲୋରାର ବିଶେଷତ୍ୱ କ'ଣ ରହିଛି ଓ କାହିଁକି ଗ୍ରାହକ ଏହା ପ୍ରତି ଆକୃଷ୍ଟ ହେବେ?

ଉ- ମେଲୋରା ହେଉଛି ଏକବିଂଶ ଶତାବ୍ଦୀର ଏକ ଆଧୁନିକ ବ୍ରାଣ୍ଡ। ଏଠାରେ ଗ୍ରାହକ ଉଭୟ ସୁନା ଓ ହୀରାର ମନଲୋଭା ଡିଜାଇନର ହାଲୁକା, ସୂକ୍ଷ୍ମ, ଟ୍ରେଣ୍ଡି, ମଡ୍ୟୁଲାର ଏବଂ ଫ୍ୟାଶନେବଲ ଗହଣା ସାଙ୍ଗକୁ ୧୭,୦୦୦ରୁ ଊର୍ଦ୍ଧ୍ୱ ଡିଜାଇନ ଏବଂ ପ୍ରତି ସପ୍ତାହରେ ନୂଆ କଲେକ୍ସନର ସମ୍ଭାର ପାଇପାରିବେ, ଯାହା ଅନ୍ୟ କୌଣସି ଅଳଙ୍କାର ପ୍ରତିଷ୍ଠାନରେ ଦେଖିବାକୁ ମିଳେ ନାହିଁ। ସେହିଭଳି ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ପ୍ରତିଷ୍ଠାନ ନୂଆ ନୂଆ ଡିଜାଇନ ମଧ୍ୟ ପ୍ରସ୍ତୁତି କରିଥାଏ। ଗ୍ରାହକ ଚାହିଦା ପୂରଣ ଓ ବିକ୍ରି ପରବର୍ତ୍ତୀ ସେବା ଓ ଅନେକ ପ୍ରକାର ସୁବିଧା ବର୍ଷ ସାରା ପ୍ରଦାନ କରିଥାଏ। ଫଳରେ ଯେଉଁ ଗ୍ରାହକ ଥରେ ମେଲୋରାର ପ୍ରେମରେ ପଡ଼ିଯାଏ ସେ ସାରା ଜୀବନ ମେଲୋରା ସହ ରହିଥାଏ।

➥ ମେଲୋରାରେ କେଉଁ ସବୁ ପ୍ରଡକ୍ଟ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି?

ଉ- ମେଲୋରା ବିଶେଷକରି ୧୮ ଏବଂ ୨୨ କ୍ୟାରେଟର ବିଏସଆଇ ହଲମାର୍କ ସୁନା ଗହଣା ସାଙ୍ଗକୁ ବିଭିନ୍ନ ବର୍ଗର ହୀରା ଅଳଙ୍କାର ଓ ଟ୍ରେଣ୍ଡିଂ ତଥା ଫ୍ୟାଶନେବଲ ଗହଣାର ସମ୍ଭାର ସହ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ବଜାରରେ ମଧ୍ୟ ଏହା ଉପଲବ୍ଧ ରହିଛି।

➥ପ୍ରତିଷ୍ଠାନର ଆଗାମୀ ଯୋଜନା କ'ଣ ରହିଛି?

ଉ- ଦୀର୍ଘ ୬ବର୍ଷ ମଧ୍ୟରେ ସାରା ଭାରତର ଗ୍ରାହକଙ୍କ ସନ୍ତୁଷ୍ଟି ସାଙ୍ଗକୁ ଭଲ ପାଇବା ମଧ୍ୟ ପାଇଛି। ଫଳରେ କମ୍ପାନୀ ୨୦୨୬ ସୁଦ୍ଧା ୩୫୦ରୁ ଊର୍ଦ୍ଧ୍ୱ ଆଉଟଲେଟ ଖୋଲିବାର ଲକ୍ଷ୍ୟ ରଖିଥିବା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ବର୍ତ୍ତମାନର ଷ୍ଟୋରଠାରୁ ୨ଗୁଣା ଅଧିକ ଷ୍ଟୋର ଶୁଭାରମ୍ଭ କରିବା ଯୋଜନା କରିଛି।

➥ମେଲୋରା ବିଶେଷକରି କେଉଁ ବର୍ଗର ଗ୍ରାହକଙ୍କୁ ଅକ୍ତିଆର କରିବାକୁ ଲକ୍ଷ୍ୟ ରଖିଛି।

ଉ- ପ୍ରତିଷ୍ଠାନ ପ୍ରତିବର୍ଷ ନୂଆ ନୂଆ ଗ୍ରାହକ ସହ ଯୋଡ଼ି ହେଉଛି। ବିଶେଷକରି ୨୫ରୁ ୪୫ ବର୍ଷର ମହିଳାକୁ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ପ୍ରାୟ ସବୁ ବର୍ଗର ଗ୍ରାହକଙ୍କୁ ଅକ୍ତିଆର କରିବା ପାଇଁ ମଧ୍ୟ ଯୋଜନା କରିଛି। ସେଥିପାଇଁ ପ୍ରତିଷ୍ଠାନ ନୂଆ ଡିଜାଇନ ସାଙ୍ଗକୁ ପାରମ୍ପରିକ ଗହଣା ସହ ଦୈନନ୍ଦିନ ବ୍ୟବହାର କଲା ଭଳି ପ୍ରଡକ୍ଟକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏପରିକି ବର୍ତ୍ତମାନ ଟ୍ରେଣ୍ଡିଂ ଓ ହାଲୁକା ଗହଣା ଓ ଅଳଙ୍କାର ସମ୍ଭାର ଜରିଆରେ ବଜାର ଲିଡର ହେବାର ଯୋଜନା କରାଯାଉଛି।

➥କେଉଁ ମାଧ୍ୟମରେ ପ୍ରତିଷ୍ଠାନର ବ୍ୟବସାୟ ଅଭିବୃଦ୍ଧି ଘଟୁଛି?

ଉ- ୨୦୧୬ରୁ ୧୯ ଶେଷ ସୁଦ୍ଧା ଅନ୍‌ଲାଇନ ବଜାରର ଡିମାଣ୍ଡ ସେଭଳି ନ ଥିଲା ବର୍ତ୍ତମାନ ଯେଉଁଭଳି ରହିଛି। ବିଶେଷକରି କୋଭିଡ୍ ପରଠାରୁ ଅଫ୍‌ଲାଇନ ବ୍ୟବସାୟ ଠାରୁ ଅନ୍‌ଲାଇନ ବ୍ୟବସାୟ ପ୍ରାୟ ୫୦% ଅଧିକ ରହୁଛି। ନିକଟରେ ହୋଇଥିବା ମେଲୋରା ସର୍ବେକ୍ଷଣ ଅନୁଯାୟୀ ୯୦%ରୁ ଅଧିକ ଗ୍ରାହକ ଅନ୍‌ଲାଇନ ଜରିଆରେ ଟ୍ରେଣ୍ଡିୟର, ଫ୍ୟାଶନେବଲ ଏବଂ ସ୍ୱତନ୍ତ୍ର ଭାବେ ଡିଜାଇନ ହୋଇଥିବା ଅଳଙ୍କାର କିଣିବାକୁ ପସନ୍ଦ କରିଥାନ୍ତି। ଏପରି ନୁହେଁ ଯେ ଅଫ୍‌ଲାଇନରେ ବ୍ୟବସାୟ ଖରାପ ରହୁଛି। ଅଫ୍‌ଲାଇନଠାରୁ ଅନ୍‌ଲାଇନର ଚାହିଦା ଅଧିକ ସାଙ୍ଗକୁ ବ୍ୟବସାୟ ମଧ୍ୟ ବହୁତ ଭଲ ରହୁଛି। ଉଭୟ ପକ୍ଷର ବ୍ୟବସାୟକୁ ଠିକ୍ ଭାବେ ପରିଚାଳନା କରାଯାଇପାରୁଥିବାରୁ ବ୍ୟବସାୟରେ ଅଭିବୃଦ୍ଧି ଘଟିଛି। ସେହିଭଳି ବ୍ରାଣ୍ଡର ବିଭିନ୍ନ ପ୍ରଡକ୍ଟଗୁଡିକର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ମାଧ୍ୟମକୁ ମଧ୍ୟ କମ୍ପାନୀ ଗ୍ରହଣ କରୁଛି।

➥ଓଡ଼ିଶା ବଜାରକୁ କିଭଳି ଦେଖୁଛନ୍ତି, ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ସହ କିପରି ପ୍ରତିଯୋଗୀ କରିବେ ବୋଲି ଭାବିଛନ୍ତି?

ଉ- ଓଡ଼ିଶା ଯେହେତୁ ମୋ ଜନ୍ମଭୂମି, ବର୍ତ୍ତମାନ ଏହା ମୋର କର୍ମଭୂମି ହୋଇଯାଇଛି। ମୁଁ ସେହି ଅନୁସାରେ ଆଗାମୀ ଯୋଜନା ଓ ବ୍ୟବସାୟିକ ପରିକଳ୍ପନା କରିଛି। ହେଲେ ମେଲୋରା ପ୍ରଡକ୍ଟ ଡିଜାଇନ ଓ ଗୁଣାତ୍ମକ ଟ୍ରେଣ୍ଡିଂ ସାମଗ୍ରୀ ସାଙ୍ଗକୁ ପ୍ରିମିୟମ ବର୍ଗର ମନଲୋଭା ସାମଗ୍ରୀ ଉପରେ ଅନେକ ପ୍ରକାରର ସୁବିଧା ଉପଲବ୍ଧ କରାଉଛି। ଓଡ଼ିଶା ବିଗତ ଦିନରେ ସାରା ଦେଶର ବାଣିଜ୍ୟିକ ପେଣ୍ଠସ୍ଥଳୀ ହେବାକୁ ଯାଉଛି। ଏହାକୁ ନଜରରେ ରଖି ଓଡ଼ିଶାରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ ସହ ଆଗାମୀ ଦିନରେ ଆହୁରି ଅନେକ ଷ୍ଟୋର ଖୋଲିବା ନେଇ ଯୋଜନା ରହିଛି। ବ୍ୟବସାୟ କଲେ ଅନ୍ୟ ସମ ବ୍ୟବସାୟ ସହ ପ୍ରତିଯୋଗିତା କରିବାକୁ ପଡ଼ିଥାଏ, ହେଲେ ଆମର ଉତ୍ପାଦ ଅନ୍ୟ ଠାରୁ ଭିନ୍ନ ହୋଇଥିବା ବେଳେ ଆଧୁନିକ ଯୁଗର ମହିଳାଙ୍କ ଦୈନନ୍ଦିନ ବ୍ୟବହୃତ ଅଳଙ୍କାର ସମ୍ଭାର ମେଲୋରାରେ ଉପଲବ୍ଧ। ଫଳରେ ଆମେ କାହା ସହ ପ୍ରତିଯୋଗିତା ନ କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ସେମାନଙ୍କ ଚାହିଦା ପୂରଣ ଦିଗରେ କାର୍ଯ୍ୟ କରିବୁ।

ଫୁଚ୍‌ସାଟ୍

ଟଙ୍କା ଆଦାୟ କରୁଛନ୍ତି ପରାଜିତ ପ୍ରାର୍ଥୀ

ଲକ୍ଷ୍ନୌ

ଉତ୍ତର ପ୍ରଦେଶର ନୀମଚରେ ଏକ ବିବ୍ରତ କଲାଭଳି ଘଟଣା ଘଟିଯାଇଛି। ସରପଞ୍ଚ ନିର୍ବାଚନରେ ହାରିବା ପରେ ଆଶାୟୀ ପ୍ରାର୍ଥୀ ଘର ଘର ବୁଲି ଜୁଲମ କରି ଟଙ୍କା ଜୁଲୁମ କରୁଛନ୍ତି। ଭୋଟ ଦେବା ପାଇଁ ପ୍ରାର୍ଥୀ ରାଜୁ ଡେମା ଭୋଟରମାନଙ୍କୁ ଯେଉଁ ଟଙ୍କା ଦେଇଥିଲେ ଏବେ ସେହି ଟଙ୍କାକୁ ଫେରାଇବା ପାଇଁ ସେ ଲୋକଙ୍କୁ କହୁଛନ୍ତି। ତେବେ କେତେକ ଘରୁ ସେ ଜୋର

ଜବରଦସ୍ତ ଟଙ୍କା ଆଣୁଥିବାବେଳେ ଏ ନେଇ ଉକ୍ତ ରାଜୁଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ସୁଦ୍ଧା ରାଜୁ ଲୋକଙ୍କୁ ଡରାଧମକା କରି ପ୍ରାୟ ୪ ଲକ୍ଷ ଟଙ୍କା ଆଦାୟ କରିସାରିଲେଣି। ମନସା ତହସିଲ ଅନ୍ତର୍ଗତ ଦେବରନ ଗ୍ରାମରେ ରାଜୁ ସରପଞ୍ଚ ପଦ ପାଇଁ ନିର୍ବାଚନରେ ଛିଡ଼ା ହୋଇଥିଲେ। ଆଇପିସି ଧାରା ୩୨୩ (ସାମୂହିକ ଭାବେ କଷ୍ଟ ଦେବା), ୨୯୪ (ଅଶ୍ଳୀଳତା) ଏବଂ ୫୦୬ (ଆପରାଧିକ ଧମକ) ଅନ୍ତର୍ଗତ ରାଜୁଙ୍କ ବିରେଧରେ ଏଫ୍‌ଆଇଆର୍ କରାଯାଇଛି। ଟଙ୍କା ପାଇଁ ରାଜୁ ଏବଂ ତାଙ୍କ ସହଯୋଗୀ ଲୋକଙ୍କୁ ପିଟୁଥିବା ପୋଲିସ କହିଛି। ତେବେ ନିର୍ବାଚନ ସମୟରେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ସମ୍ପୂର୍ଣ୍ଣ ଭାବେ ବେଆଇନ୍ ହୋଇଥିବାବେଳେ ଏ ନେଇ ରାଜୁଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯାଇ ପାରିବ ବୋଲି ପୋଲିସ କହିଛି। ଲୋକଙ୍କୁ ଡରାଧମକା କରି ଟଙ୍କା ମାଗୁଥିବାର ଏକ ଭିଡିଓ ପୋଲିସର ହସ୍ତଗତ ହୋଇଛି। ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

କଙ୍କଡ଼ାର ଦେହସାରା ଦାନ୍ତ

ଏକ ବିରଳ ପ୍ରଜାତିର କଙ୍କାଡ଼ାର ଫଟୋ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। କଙ୍କଡ଼ାର ଦେହସାରା ମନୁଷ୍ୟ ଦାନ୍ତ ସଦୃଶ ଦାନ୍ତ ରହିଥିବା ଫଟୋରେ ଦେଖାଯାଉଛି। ମାଛଧରାଳୀଙ୍କ ଜାଲରେ ଏହି ବିରଳ କଙ୍କଡ଼ା ପଡ଼ିଥିବା ଜଣାପଡ଼ିଛି। ତେବେ ରୁଷିଆର ମାଛଧରାଳୀ ଜାହାଜରେ କାମ କରୁଥିବା ରୋମାନ ଫେଡୋରର୍ଟସୋଭ ଏହି ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

ପୋଷା କୁକୁର କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଲକ୍ଷ୍ନୌ

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ବୁଧବାର ଏକ ବିଚିତ୍ର ଘଟଣା ଘଟିଯାଇଛି। ପୋଷା କୁକୁର କାମୁଡ଼ାରେ କେଶରବାଘ ଅଞ୍ଚଳରେ ରହୁଥିବା ୮୨ ବର୍ଷୀୟା ସୁଶୀଳା ତ୍ରିପାଠୀଙ୍କ ମୃତ୍ୟୁ ହୋଇଯାଇଛି। ପୁଅ ଅମିତ ଜଣେ ଜିମ୍ ଟ୍ରେନର୍ ଭାବେ କାର୍ଯ୍ୟ କରୁଥିବାବେଳେ ସେ ଘରେ ଏକ ପିଟ୍‌ବୁଲ ଏବଂ ଲାବ୍ରେଡର ପ୍ରଜାତିର କୁକୁର ରଖିଥିଲେ। ମହିଳାଙ୍କୁ ଆକ୍ରମଣ କରିଥିବା କୁକୁରର ନାମ ବ୍ରାଉନୀ ବୋଲି ଜଣାପଡ଼ିଛି। ତାକୁ ତିନି ବର୍ଷ ପୂର୍ବେ ଅମିତ ଘରକୁ ଆଣିଥିଲେ। ବୁଧବାର ସକାଳ ୬ଟା ସମୟରେ ଘର ଭିତରୁ କୁକୁର ଭୁକିବାର ଏବଂ ସୁଶୀଳାଙ୍କ ଚିତ୍କାର ଶବ୍ଦ ପଡ଼ୋଶୀ ଶୁଣିଥିଲେ। କିନ୍ତୁ ସେମାନେ ଯେତେବେଳେ ସେଠାରେ ପହଞ୍ଚିଥିଲେ ଘର ଭିତର ପଟୁ ବନ୍ଦ ଥିବା କହିଛନ୍ତି। ଅମିତ ଘରକୁ ଫେରି ଦେଖିଲା ବେଳକୁ ମା' ସୁଶୀଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଛନ୍ତି। ସେ ତୁରନ୍ତ ସୁଶୀଳାଙ୍କୁ ବଳରାମପୁର ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶୀଳାଙ୍କ ଗଳା ଓ ଶରୀରରେ ୧୨ରୁ ଊର୍ଦ୍ଧ୍ୱ ଗଭୀର ଆଘାତ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡ଼ିଛି।

ହ୍ରିତିକ୍‌ଙ୍କ ପ୍ରେମରେ ଚଙ୍କି ପାଣ୍ଡେଙ୍କ ଝିଅ

ଅନନ୍ୟା ପାଣ୍ଡେ

ମୁମ୍ବାଇ: ଅନେକ ଝିଅ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନ୍‌ଙ୍କ ଫ୍ୟାନ୍ସ। ତେବେ ଏ ଝିଅମାନଙ୍କ ସୂଚୀରେ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ଏକ ସାକ୍ଷାତ୍‌କାରରେ ସେ ହ୍ରିତିକ୍‌ଙ୍କ ଜଣେ କ୍ରେଜି ଫ୍ୟାନ୍ ବୋଲି କହିଛନ୍ତି। ହ୍ରିତିକ୍‌ଙ୍କ ପ୍ରଥମ ଫିଲ୍ମ 'କହୋ ନା ପ୍ୟାର ହୈ' ଦେଖିବା ପରଠାରୁ ଅନନ୍ୟାଙ୍କ ଦୁର୍ବଳତା ତାଙ୍କ ପ୍ରତି ବଢ଼ିଥିବା ସେ କହିଛନ୍ତି। ଅନେକ ସମୟରେ ପାର୍ଟି ଫଙ୍କଶନ୍‌ରେ ସେ ହ୍ରିତିକଙ୍କୁ ଦେଖିବାର ସୁଯୋଗ ପାଉଥିଲେ ହେଁ ତାଙ୍କ ସହ କଥା ହୋଇ ପାରୁ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଅବସାଦରୁ ବାହାରିବା ପାଇଁ ଅନନ୍ୟା ନିଜ ଫ୍ୟାନ୍ସଙ୍କୁ ଟିପ୍ସ ଦେଇଛନ୍ତି। ନିକଟରେ ଅନନ୍ୟା ଓ ଈଶାନ ଖଉରଙ୍କ ବ୍ରେକ୍‌ଅପ୍ ହୋଇଛି। ତେବେ ବ୍ରେକ୍‌ଅପ୍ ପରେ ନିଜକୁ ଖୁସିରେ ରଖିବା ପାଇଁ କ'ଣ କରାଯିବ ସେ କହିଛନ୍ତି। ଭଲପାଇବା ଏକ ଇମୋଶନ୍। ବ୍ରେକ୍‌ଅପ୍ ପରେ କାନ୍ଦ ଓ ଦୁଃଖ ଲାଗିବା ସ୍ୱାଭାବିକ କଥା । ଏ ଭିତରୁ ତୁରନ୍ତ ବାହାରିବା ମଧ୍ୟ ଦରକାର। ଏଥିଲାଗି ନିଜ କାମରେ ଫୋକସ୍ କରିବା ଜରୁରୀ । ସବୁବେଳେ ନିଜ କାମରେ ବ୍ୟସ୍ତ ରହିଲେ ବ୍ରେକ୍‌ଅପ୍ ନେଇ କୌଣସି ଚିନ୍ତା ମୁଣ୍ଡକୁ ଆସିବ ନାହିଁ ବୋଲି ସେ କହିଛନ୍ତି। ତେବେ ଦୀର୍ଘ ତିନି ବର୍ଷ ଧରି ଦୁହେଁ ରିଲେଶନ୍‌ଶିପ୍‌ରେ ଥିବାବେଳେ ବ୍ରେକ୍‌ଅପ୍‌ର କାରଣ ଜଣାପଡ଼ିନାହିଁ। ଆଗାମୀ ଦିନରେ ଅନନ୍ୟାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଲିଗର' ରିଲିଜ ହେବ ଯେଉଁଥିରେ ସାଉଥ୍ ଷ୍ଟାର ବିଜୟ ବେଦରୋକୋଣ୍ଡାଙ୍କୁ ମଧ୍ୟ ଦେଖିବାକୁ ମିଳିବ।

୨ ହଜାର ବର୍ଷର ମମିକୁ କ୍ୟାନ୍‌ସର

ଓ୍ୱାର୍ସ: ଓ୍ୱାର୍ସ ମ୍ୟୁଜିୟମରେ ଥିବା ୨ ହଜାର ବର୍ଷ ପୁରୁଣା ମମିରେ ବୈଜ୍ଞାନିକମାନେ କ୍ୟାନ୍‌ସର ଭୂତାଣୁ ଚିହ୍ନଟ କରିଛନ୍ତି। ସୂଚନାଯୋଗ୍ୟ ମହିଳା ଜଣକ ନାସୋଫାରିନଜିଲ୍ (ନାକ) କ୍ୟାନ୍‌ସରେ ପୀଡ଼ିତ ଥିବା ଓ୍ୱାର୍ସର ମମି ପ୍ରୋଜେକ୍ଟରେ ସାମିଲ ଥିବା ଆଣ୍ଟୋପୋଲୋଜିଷ୍ଟ ମାରଜେନା ଓଜାରେକ କହିଛନ୍ତି। ମମିର ନାକ ହାଡ଼ରେ କିଛିଟା ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯିବା ପରେ ମହିଳା ଜଣକ କ୍ୟାନ୍‌ସରେ ଆକ୍ରାନ୍ତ ଥିବା ଜଣାପଡ଼ିଥିବା ଓ୍ୱାରସର ମେଡିକାଲ ୟୁନିଭର୍ସିଟିର ଅଙ୍କଲୋଜି ଡିପାର୍ଟମେଣ୍ଟ ପ୍ରଫେସର ରାଫାଲ ଷ୍ଟେକ୍ ପ୍ରକାଶ କରିଛନ୍ତି। ତେବେ ନାକରେ ଟ୍ୟୁମର ହେବା କାରଣରୁ ମହିଳାଙ୍କ ନାକ ହାଡ଼ରେ ଏ

ପ୍ରକାର ପରିବର୍ତ୍ତନ ହୋଇଥିବା କମ୍ପ୍ୟୁଟର ଜରିଆରେ ରେଡ଼ିଓଲୋଜିଷ୍ଟ ଜାଣିବାକୁ ପାଇଥିଲେ। ତେବେ ଏ ନେଇ ଅଧିକ ତଥ୍ୟ ହାସଲ କରିବା ପାଇଁ ବିଶେଷଜ୍ଞମାନେ ଅନ୍ୟ ଆମେରିକା ଓ ବ୍ରିଟେନର ମ୍ୟୁଜିୟମରେ ଥିବା ମମିମାନଙ୍କ ଟିସୁ ସଂଗ୍ରହ କରି ପରୀକ୍ଷା କରାଯିବ । ତେବେ ଆଗାମୀ ଦି

ଦ୍ରୌପଦୀଙ୍କ ବିଜୟ ଲାଗି ପୂଜାର୍ଚ୍ଚନା

ବହଳଦା ବ୍ଲକ ବଡ଼ପାଳଶା ଗାଁରେ ସାନ୍ତାଳ ସମ୍ପ୍ରଦାୟର ଲୋକେ ପୂଜାର୍ଚ୍ଚନା କରୁଛନ୍ତି।

ବାରିପଦା ଅଫିସ/ରାଇରଙ୍ଗପୁର, ୧୩।୭(ଡି.ଏନ.ଏ.)

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କ ବିଜୟ ନେଇ ରାଜ୍ୟବାସୀ ଉତ୍କଣ୍ଠାର ସହ ଚାହିଁବସିଛନ୍ତି। ତେବେ ନିର୍ବାଚନରେ ତାଙ୍କ ବିଜୟ ଲାଗି ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକେ ପୂଜାପାଠ ଆରମ୍ଭ କରିଛନ୍ତି।

ଦ୍ରୌପଦୀଙ୍କ ଜନ୍ମମାଟି କୁସୁମୀ ବ୍ଲକ ଉପରବେଡ଼ା ଗ୍ରାମର ମହିଳାପୁରୁଷମାନେ ବୁଧବାର ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଜାହେରାଗାଳସ୍ଥିତ ଜାହାରାୟେ ମାରାଂବୁରୁଙ୍କ ପୀଠରେ ପହଞ୍ଚିଥିଲେ। ବିପୁଳ ସଂଖ୍ୟାରେ ଭୋଟ ପାଇ ଦ୍ରୌପଦୀ ରାଷ୍ଟ୍ରପତି ହୁଅନ୍ତୁ ବୋଲି କାମନା କରି ଠାକୁରଙ୍କୁ ଗୁହାରି ଜଣାଇଥିଲେ। ସେହିପରି ଜିଲାର ବହଳଦା ବ୍ଲକ ବଡ଼ପାଳଶାଠାରେ ବୁଧବାର ସାନ୍ତାଳ ସମାଜର ଲୋକେ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ନାଏକ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାହାରାୟେ ମାରାଂବୁରୁ ଓ ଲିଟେ ଗୋସାଇଁଙ୍କୁ ରୀତିନୀତି ଅନୁଯାୟୀ ପୂଜା କରିଥିଲେ। ମାଦଳ ଓ ଧୁମସାର ତାଳେ ତାଳେ ହାତକୁ ହାତ ଛନ୍ଦି ମହିଳାପୁରୁଷମାନେ ନୃତ୍ୟ ଓ ଗୀତ ଗାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ, ଭାଜପା ନେତା ଇଶାନ ମିଶ୍ର, ବହଳଦା ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବସା, ବଡ଼ପାଳଶା ସରପଞ୍ଚ ଗୀତାରାଣୀ ହେମ୍ବ୍ରମ, ଓବିସି ମୋର୍ଚ୍ଚା ସଭାପତି ଘାସିରାମ ସାହୁ, ମାଧବ ମହାପାତ୍ର, ସତ୍ୟବାନ ବସା, କୀର୍ତ୍ତି ମହାନ୍ତ, ମାଝୀମାବା ହାଦି ସୋରେନ, ନାଏକ ବାବା ହମରା ହାଁସଦା, କୁଶାଲ ମୁର୍ମୁ, ରାମ ମୁର୍ମୁ, ଭାଜପା ଆଦିବାସୀ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଖେଲାରାମ ହାଁସଦା, ଗାଁ ମୁଖିଆ ଦୁଃଖିଶ୍ୟାମ ଟୁଡୁ, ବାଗୁନ ସୋରେନ, ସିଦ୍ଧେଶ୍ୱର ମୁର୍ମୁଙ୍କ ସମେତ ଉପରବେଡ଼ା ଓ ବଡ଼ପାଳଶା ଗ୍ରାମର ସାନ୍ତାଳ ସମାଜର ଲୋକେ ଉପସ୍ଥିତ ଥିଲେ। ଏଥିରେ ଆଖପାଖ ଗ୍ରାମର ବହୁ ଜନସାଧାରଣ ଉପସ୍ଥିତ ରହି ଦ୍ରୌପଦୀଙ୍କ ଶୁଭ ମନାସୁଥିବା ଦେଖିବାକୁ ମିଳିଥିଲା।

ଶିବସେନା ଭାଙ୍ଗିବା ପଛରେ ପାୱାର

ମୁମ୍ବାଇ, ୧୩।୭: ମହାରାଷ୍ଟ୍ରର ରାଜନୈତିକ ଯୁଦ୍ଧରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ସମର୍ଥକ ବୁଧବାର ଏନସିପି ମୁଖ୍ୟ ଶରଦ ପାୱାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଏହି ଗୋଷ୍ଠୀର ମୁଖପାତ୍ର ଦୀପକ କେଶରକର କହିଛନ୍ତି, ଶିବସେନା ଭାଙ୍ଗିବା ପଛରେ ଶରଦ ପାୱାରଙ୍କ ହାତ ରହିଛି। ନାରାୟଣ ରାଣେ ଏବଂ ରାଜ ଠାକରେଙ୍କ ବିଦ୍ରୋହ ପ୍ରଚ୍ଛଦରେ ପାୱାର ହିଁ ଥିଲେ। ଏବେ ପାୱାର ବାଲାସାହେବ ଠାକରେଙ୍କ ସମ୍ମାନ ବିଷୟରେ ଯାହା କହୁଛନ୍ତି, ସେଥିଲାଗି ମହାରାଷ୍ଟ୍ରର ଲୋକଙ୍କୁ ସେ ଉତ୍ତର ଦେବା ଉଚିତ ଯେ ବାବାଲାସାହେବ ଜୀବିତ ଥିବାବେଳେ ତାଙ୍କୁ କାହିଁକି ପ୍ରତାରିତ କରାଯାଇଥିଲା। ଏକ ମରାଠୀ ଚ୍ୟାନେଲରେ ଶରଦ ଶିବସେନା ଏବଂ

ନୂଆ ଅଭିଯୋଗ ଆଣିଲେ ଶିନ୍ଦେ ଗୋଷ୍ଠୀ

ଏନସିପି ମିଳିତ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ମତ ଦେଇଥିଲେ। ତାଙ୍କର ଏହି ମତକୁ ନେଇ କେଶରକର ଏଭଳି ପ୍ରତିକ୍ରିୟା ଦେଇଛନ୍ତି।

ଏଥିସହ ନାରାୟଣ ରାଣେ ଓ ଛଗନ ଭୁଜବଳଙ୍କୁ ପୱାର ଶିବସେନାରୁ ବାହାର କରାଇବାରେ ପ୍ରମୁଖ ଭୂମିକା ନିଭାଇଛନ୍ତି। ଏହା ବ୍ୟତୀତ ରାଜ ଠାକରେ ଶିବସେନାରୁ ଦୂରେଇବା ପଛରେ ମଧ୍ୟ ତାଙ୍କର ପ୍ରଚ୍ଛନ୍ନ ସମର୍ଥନ ଥିଲା। ପାୱାର ଶିବସେନାକୁ ଦୁଇ ଥର ଭାଙ୍ଗିଥିବା ଦୀପକ ଅଭିଯୋଗ କରିଛନ୍ତି।

ମହାରାଷ୍ଟ୍ର ରାଜନୀତିରେ ଶରଦ ପାୱାରଙ୍କର ଦବଦବା ରହିଛି। ଏକନାଥ ଶିନ୍ଦେଙ୍କ ଦଳ ପକ୍ଷରୁ ପାୱାରଙ୍କୁ ସିଧାସଳଖ ଟାର୍ଗେଟ୍ କରିବା ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ସମୀକ୍ଷକ ମତପୋଷଣ କରିଛନ୍ତି। କିନ୍ତୁ କେଶରକରଙ୍କ ଅଭିଯୋଗକୁ ନେଇ ଏପର୍ଯ୍ୟନ୍ତ ଏନସିପି ପକ୍ଷରୁ କୌଣସିପ୍ରତିକ୍ରିୟା ଦିଆଯାଇ ନାହିଁ।

ଶରଦ ପାୱାର

ବାଲାସାହେବଙ୍କୁ ମନେ ପକାଇ କେଶରକର କହିଛନ୍ତି, ବାଲାସାହେବ କଂଗ୍ରେସ–ଏନସିପି ସହ ଯିବାକୁ ରାଜି ହୋଇ ନ ଥିଲେ। ବାଲାସାହେବ କହୁଥିଲେ ଯେ ମୁଁ ମୋ ଦଳର ଶେଷ ବ୍ୟକ୍ତି ହେଲେ ବି କଂଗ୍ରେସ ସହିତ ଯିବି ନାହିଁ। ଏକନାଥଙ୍କ ସମର୍ଥକ ଏହି ନେତା କହିଛନ୍ତି ଯେ ସେଥିପାଇଁ ଶିବ ସୈନିକମାନେ କେବେହେଲେ ଶରଦ ପାୱାରଙ୍କ ସହ ରହିବେ ନାହିଁ।

ଦ୍ରୌପଦୀଙ୍କ ପ୍ରାର୍ଥିତ୍ୱକୁ ଆଦିବାସୀଙ୍କ ପ୍ରତୀକ କରା ନ ଯାଉ: କଂଗ୍ରେସ

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ କଂଗ୍ରେସ ଅପମାନିତ କରିଛି: ଭାଜପା

ନୂଆଦିଲ୍ଲୀ, ୧୩।୭

ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦ୍ରୀ ମୁର୍ମୁଙ୍କୁ ନେଇ କଂଗ୍ରେସ ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। କଂଗ୍ରେସ ମୁଖପାତ୍ର ଅଜୟ କୁମାର କହିଛନ୍ତି ଯେ, ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦ୍ରୀ ଭାରତର ଏକ ଭିନ୍ନ ବିଚାରଧାରାର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ପ୍ରାର୍ଥିତ୍ୱକୁ ଆଦିବାସୀଙ୍କ ପ୍ରତୀକ କରାଯିବା ଉଚିତ ନୁହେଁ। ଅଜୟ କୁମାରଙ୍କ ମନ୍ତବ୍ୟ ଉପରେ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ଜୁଲାଇ ୧୮ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଭାଜପା କଂଗ୍ରେସ ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଛି। ଏଏନ୍‌ଆଇକୁ ସାକ୍ଷାତକାର ଦେଇ କଂଗ୍ରେସ ନେତା ଅଜୟ କୁମାର ଅଭିଯୋଗ କରିଛନ୍ତି ଯେ ଦେଶରେ ଅନୁସୂଚିତ ସମ୍ପ୍ରଦାୟର ଅବସ୍ଥା ଖରାପ ହୋଇଯାଇଛି। କଂଗ୍ରେସ ନେତୃତ୍ୱାଧୀନ ମିଳିତ ବିରୋଧୀ ଦଳ ମୁର୍ମୁଙ୍କ ବିରୋଧରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କୁ ପ୍ରାର୍ଥୀ କରିଛି। ଯଶୱନ୍ତ ସିହ୍ନା ଜଣେ ଭଲ ପ୍ରାର୍ଥୀ ଏବଂ ମୁର୍ମୁ ମଧ୍ୟ ଜଣେ ସମ୍ମାନୀୟ ବ୍ୟକ୍ତିତ୍ୱ। କିନ୍ତୁ ମୁର୍ମୁ ଭାରତର ଏକ ଭିନ୍ନ ବିଚାରଧାରାକୁ ପ୍ରତିନିଧିତ୍ୱ କରୁଛନ୍ତି। ଆମେ ତାଙ୍କୁ ଆଦିବାସୀଙ୍କର ପ୍ରତୀକ କରିବା ଉଚିତ ନୁହେଁ। ଆମ ପାଖରେ ରାଷ୍ଟ୍ରପତି ଭାବେ ରାମ ନାଥ କୋବିନ୍ଦ ଅଛନ୍ତି। ତଥାପି ହାଥ୍‌ରସ ଭଳି ଘଟଣା ଘଟିଥିଲା। ଦେଶରେ ଅନୁସୂଚିତ ସମ୍ପ୍ରଦାୟର ଅବସ୍ଥା ବିଗିଡି ଯାଇଛି । ରାଷ୍ଟ୍ରପତି ନିର୍ବାଚନକୁ ଜାତିର ଆତ୍ମା ପାଇଁ ସଂଗ୍ରାମ ବୋଲି ବର୍ଣ୍ଣନା କରି କଂଗ୍ରେସ ନେତା କହିଛନ୍ତି ଯେ ସମସ୍ତ ଦଳ ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଭୋଟ ଦେବା ଆବଶ୍ୟକ। ଅପରପକ୍ଷେ ଅଜୟ କୁମାରଙ୍କୁ ଜବାବ ଦେଇ ଭାଜପାର ଜାତୀୟ ମୁଖପାତ୍ର ଶାହାଜାଦ ପୁନାୱାଲା କହିଛନ୍ତି ଯେ କଂଗ୍ରେସ ମୁର୍ମୁଙ୍କୁ ଅପମାନିତ କରିଛି। ନିର୍ବାଚିତ ହେଲେ ଦ୍ରୌପଦୀ ମୁର୍ମୁ ଭାରତର ପ୍ରଥମ ଆଦିବାସୀ ସହ ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି ହେବେ। ସେ ଝାଡଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ଭାବେ ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ୨୦୧୩ ରୁ ୨୦୧୫ ପର୍ଯ୍ୟନ୍ତ ଭାଜପାର ଏସ୍‌ଟି ମୋର୍ଚ୍ଚାର ଜାତୀୟ କାର୍ଯ୍ୟନିର୍ବାହୀ ସଦସ୍ୟା ଥିଲେ। ତେବେ କଂଗ୍ରେସ ନେତା ଖୁବ୍ ଶୀଘ୍ର ଏହାର ଜବାବ ପାଇଯିବେ ବୋଲି ପୁନାୱାଲା କହିଛନ୍ତି।

GOVERNMENT OF ODISHA, "e"-PROCUREMENT NOTICE
WORKS DEPARTMENT
E-mail: ceworldbankproiects@gmail.com
2nd corrigendum to Bid Identification No. CE-W.B.P. (O) - 09/ 2022 - 23

No.B-361: Following changes are made to the DTCN for the work "Construction of ROB on Jagatsinghpur - Jaipur road in Lieu of L.C No. CP-29 (Chhapada) at road Ch.10.848km on Cuttack - Paradeep Railway Main line in the District of Jagatsinghpur under State Plan" vide RFP Identification No. CE-W.B.P. (0) - 09 / 2022-23 is hereby extended.

Sl. No.	Reference	As per original	Modified as
01	Invitation for bids (IFB) Sl.06	Bids shall be received only on "on line" on or before **5.00 PM of dt.12.07.2022**	Bids shall be received only on "on line" on or before **5.00 PM of dt.18.07.2022**
02	Invitation for bids (IFB) Sl. 07	Bids received on line shall be opened at **11.30 Hours on dt.13.07.2022**	Bids received on line shall be opened at **11.30 Hours on dt.19.07.2022**
03	List of plants & equipments	Truck mounted pilling rig	Truck mounted 1.20 mtr dia pile driving machine / Hydraulic Rig of 18 MT Capacity (for 1.200mtr dia)
04	ANNEXURE - I of Schedule-C	Truck mounted pilling rig	Truck mounted 1.20mtr dia pile driving machine / Hydraulic Rig of 18 MT Capacity (for 1.200mtr dia)
05	ANNEXURE-IV of Schedule-C	Truck mounted pilling rig	Truck mounted 1.20 mtr dia piledriving machine / Hydraulic Rig of 18 MT Capacity (for 1.200 mtr dia)

Accordingly all other terms and conditions are remain unchanged. Details of other can be seen in the website: http://tendersodisha.gov.in.

Sd./- Chief Engineer, World Bank Project, Odisha
OIPR-34003/11/0028/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR
AT/PO- NAYABAZAR, CUTTACK -753004, Tel No. 0671-2444488, Email-serw_kpd@yahoo.com
No.Tender Online RCK-19/22 Letter No.1667, Date:11.07.2022
e-Procurement Notice

No.O-638:1. Name of the Work : Periodical Renewal of 5 year completed (postDLP) PMGSY road work in the District of Kendrapara for the year 2022-23. 2.Class of Contractor: c) Estimated cost more than Rs.6.00 Crore & upto Rs.15.00 Crore: Special Class & Super Class (of Odisha PWD) & relevant class of other licensing authorities. d) Estimated cost more than Rs.3.00 Crore & upto Rs.6.00 Crore: A & Special Class (of Odisha PWD) & Relevant Class of other licensing authorities. c) Estimated cost more than Rs.40.00 Lakh & upto Rs.3.00 Crore.: B & A Class (of Odisha PWD) & relevant class of other licensing authorities. 3. Time for Completion : As specified in the Column-8 of the TCN. 4. Details Projects: As per TCN Attached. 5. Other details:

Procurement Officer	Bid Identification No.	Availability of Tender on-line for bidding		Last date & time of seeking tender clarification	Date & Time of Opening of Tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer,Rural Works Circle, Kendrapara- Jajpur	Tender Online RCK-19/22	15.07.2022 at 11.00 AM	29.07.2022 to 5.00 PM	28.07.2022 upto 1.00 PM	30.07.2022 at 11.30 AM	Will be intimated later

Further details can be seen from the website: **www.tendersorissa.gov.in.**

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0018/2223

Government of Odisha
Higher Education Department
Extension of Timeline for Common P.G. Entrance Test (CPET - 2022) & P.G. e-Admission for the Session 2022-23

No. N-21: Extension of Dateline for Common PG e-Admission for the Session 2022-23 & Entrance Test (CPET - 2022) for State Public Universities and Colleges with PG Courses under project "Student Academic Management System (SAMS)" is given below. Common Prospectus (CP) for CPET - 2022 will be available in the said website. Kindly refer the CP before filling up the CAF.

SL #	Activities	Timeline
1	Last date of applying online CAF through **www.samsodisha.gov.in**	17 July 2022
2	Opening of correction Window for editing the CAF, which is already submitted before (No fresh CAF will be entertained)	18 July 2022 & 19 July 2022
3	Available of Hall Ticket in existing Student login (applicant's e-Space) for downloading	25 July 2022 (2.00 P.M.) onwards

For more details Please Contact: e-Admission Helpline (Toll Free) Number 155335 / 1800-345-6770

N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET - 2022. But, they must upload their marks prior to preparation of "Subject wise and State wide provisional rank" within the dateline, failing which, their applications will not be considered.

OIPR-11001/11/0013/2223 **Sd./- Deputy Director, PTC Section**

OFFICE OF THE VYASANAGAR MUNICIPALITY, VYASANAGAR, JAJPUR
Email_Id: vyasanagarmunicipality@gmail.com
Website: ulbodisha.gov.in
ପତ୍ର ସଂଖ୍ୟା: ୨୪୭୬ **ବିଜ୍ଞାପନ** ତାରିଖ: ୧୧।୦୭।୨୦୨୨

No. C-747: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ୟାସନଗର ପୌର ପାଳିକା ଅଧୀନସ୍ଥ ସମସ୍ତ ୩୪ଗୋଟି ପୋଖରୀକୁ ମ୍ୟୁନିସିପାଲିଟି ଆଇନ ୧୯୫୦ର ଧାରା ୧୨୭ ଅନୁଯାୟୀ ନିଲାମ ମାଧ୍ୟମରେ ତିନି (୩) ବର୍ଷ ଲିଜ୍ ସୂତ୍ରେ ଦିଆଯିବାକୁ ସ୍ଥିର କରାଯାଇଅଛି। ଉକ୍ତ ନିଲାମ ସମ୍ପର୍କିତ ବିସ୍ତୃତ ନିୟମାବଳୀ/ସର୍ତ୍ତାବଳୀ ଓ ସମସ୍ତ ଆବଶ୍ୟକ କାଗଜାତ୍ ଯାଜପୁର ୱେବସାଇଟ୍ **www.jajpur.nic.in**ରେ ଏବଂ ବ୍ୟାସନଗର ମ୍ୟୁନିସିପାଲିଟି ୱେବସାଇଟ୍ **www.vyasanagarmunicipality.in**ରେ ଉପଲବ୍ଧ ଅଟେ। ଉପରୋକ୍ତ ୱେବସାଇଟ୍‌ରୁ ଫର୍ମ ଡାଉନଲୋଡ୍ କରିପାରିବେ। ଲଚ୍ଛୁକ ବ୍ୟକ୍ତି ବିଶେଷ ଉପରୋକ୍ତ ୱେବସାଇଟ୍‌ରେ ଉପଲବ୍ଧ ଥିବା ଉଦ୍ଦିଷ୍ଟ ଫର୍ମରେ ତା୧୨।୦୭।୨୦୨୨ରିଖଠାରୁ ତା୧୮।୦୭।୨୦୨୨ରିଖ ମଧ୍ୟେ ସମସ୍ତ କାର୍ଯ୍ୟଦିବସରେ ଡାକ ଯୋଗେ (ରେଜିଷ୍ଟର୍ଡ ପୋଷ୍ଟ, ସ୍ପିଡ୍ ପୋଷ୍ଟ ବା କୋରିୟର ସର୍ଭିସ୍) ସମ୍ପୃକ୍ତ ବିଭାଗକୁ ଆବେଦନ କରିବେ। ଉପରୋକ୍ତ ନିର୍ଦ୍ଧାରିତ ସମୟ ଅତିକ୍ରମେ କୌଣସି ଆବେଦନ ପତ୍ର ବିଚାର ଗ୍ରହଣୀୟ ହେବ ନାହିଁ। ଟେଣ୍ଡର ଖୋଲା ଓ ଯାଞ୍ଚ ଏବଂ ତତ୍ ସମ୍ବନ୍ଧୀୟ ଆବଶ୍ୟକୀୟ ପ୍ରକ୍ରିୟା ତା୧୯।୦୭।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ସମାପନ କରାଯିବ। ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ଅତିକ୍ରମେ କୌଣସି ଆବେଦନ ପତ୍ରର ବିଚାର ଗ୍ରହଣୀୟ ହେବ ନାହିଁ। ସମ୍ପୃକ୍ତ ପୋଖରୀର ଲିଜ୍ ସମ୍ପର୍କରେ ପୌର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ସର୍ବମାନ୍ୟ ହେବ ଏବଂ ପୌର କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଉକ୍ତ ଲିଜ୍‌କୁ ରଦ୍ଦ କରିପାରିବେ।

ସ୍ୱା./– ନିର୍ବାହୀ ଅଧିକାରୀ
OIPR-13092/11/0009/2223 ବ୍ୟାସନଗର ପୌରପାଳିକା

ODISHA HYDRO POWER CORPORATION LIMITED
OHPC
BALIMELA HYDRO ELECTRIC PROJECT:POST:BALIMELA, DIST: MALKANGIRI (ODISHA) PIN:764051: Phones:06861-232581 (O)/ 232641 (R): FAX:06861-232541, E-mail:unit.head_balimela@yahoo.com
TENDER CALL NOTICE No. BHEP-21/2022-23, Dtd.12.07.2022

No.CAD-1101: Sealed tenders are invited in two part bid basis (Technical Bid & Price Bid) for the following works from reputed Manufacturers/ authorized agencies as per eligibility criteria.

Group No./ Sl.No.	Description of Items	Cost of Tender Paper (in Rs.)
1.	Procurement of Cables & Laying of Cables in Cable Trench From Power House to Valve House of BHEP, Balimela.	Rs.7080/- Inclusive of GST @ 18%

The Sale of Tender Paper will be from : 20.07.2022 to 13.00 Hrs. of 04.08.2022.
The last date & time of receipt of tenders : Upto 16.00 Hrs. of 04.08.2022.
Date and Time of opening of the Techno Commercial Bid : 16.30 Hrs. of 04.08.2022.

For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com.

Sd./-C&P Head, BHEP, Balimela
OIPR-04019/11/0031/2223

WATCO
OFFICE OF THE GENERAL MANAGER
WATCO DIVISION-II, BHUBANESWAR
Near Rajiv Bhawan, Unit-V, Bhubaneswar-751001,Odisha, India
Telefax: - +91-674-2390322, E-mail - gmdivtwowatco@gmail.com
NATIONAL COMPETITIVE BIDDING
No.C-754: **THROUGH e-PROCUREMENT**
Invitation For Bids (IFB) Dtd.11.07.2022

01. Nos. of work : (Two) Nos Works
02. Estimate cost : Rs.10.12 Lakhs/each
03. Period of completion : 1 (One) Month
04. Class of contractor : Registered Manufacturers / Authorized Dealers/ Authorized Distributors of Silent Diesel Generator Sets of different capacity /Electrical Contractors having valid H.T. / M.V. license
05. Date & Time of availability of bid document in the portal : From 11.00 A.M. of Dt.13.07.22 to 5.00 PM of 22.07.2022
06. Last date / time of receipt of bids in the portal : 5.00 PM of 22.07.2022
07. Last date & time of seeking clarification : 5.00 PM of 18.07.2022
08. Date & Time of opening of bids : At 12.30 PM of 25.07.2022
09. Name and Address of the Officer Inviting Bid : General Manager WATCO Division-II, BBSR

Further details can be seen from the e-Procurement portal: **"https://www.tendersorissa.gov.in.**

Sd./- General Manager, Watco Division-II, Bhubaneswar
OIPR-13089/11/0016/2223

OFFICE OF THE MUNICIPAL COUNCIL, KHORDHA
At/P.O./Dist.: Khordha, Phone No.: 06755-220674
E-Mail: khurda_municipality@yahoo.co.in
No. 2322 Date: 12.07.2022
QUOTATION CALL NOTICE

No. C-753: Sealed quotations are invited from Registered/Experienced/ Reputed Consultants/Architects having valid Income Tax and GST Registration Certificates, who are already involved in preparation of plan, designs, detailed estimates and rate analysis of projects may apply to the undersigned for engagement of consultant for different Development Projects of Khordha Municipality in two cover bid. The Cover one will contain technical bids and the cover two will contain the price bid. After evaluation of Technical Bid the Financial Bid of qualified bidders will be opened. The bidder should be a qualified Architect and registered member of Council of Architecture. In case of Proprietorship firm, the proprietor and in case of Partnership firm, all the partners must have valid registration under Council of Architecutre. The consultant should have previous experience of completing one single work of cost not less than Rupees 4 Crore for any urban body of Odisha within last 5 years, having a turnover of Rupees Fifty lakh in any one year in the last 5 years from consultancy service and must have original cad software for preparation of drawing. Tender paper can be obtained from the Municipality office by depositing Rs.2000.00 (Non-refundable) towards paper cost or downloaded in **www.khordha.nic.in (District Portal)** and attach Rs.2000.00 (Non refundable) in DD/BC in favour of **Executive Officer, Khordha Municipality**. Preference shall be given to that consultant who has already rendered similar type of services to various Urban Local Bodies of Odisha State Government. The quotation shal be submitted on or before **Dt.20.07.2022 at 4.00 P.M.** and technical bid (cover one) will be opened on next day at **Dt.21.07.2022 at 11.30 A.M.** in the presence of the bidder or their authorized representative. The undersigned reserves all right to reject any or all quotations without assigning any reason thereof.

Sd./- Executive Officer
OIPR-13082/11/0007/2223 **Khordha Municipality**

OFFICE OF THE MUNICIPAL COUNCIL, SUNDARGARH
No.6368, Dt.11.07.2022
COMPETITIVE BIDDING THROUGH e-Procurement
NOTICE INVITING TENDER
Bid Reference No. SNGM-04/2022-23/Dt.11.07.2022

No.C-744: On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice in Single cover bid system i.e. Technical Bid & Financial Bid for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which Tenders invited: 06 Nos.
2. Place of Execution: Inside of Sundargarh Municipality.
3. Estimated Cost of work: Rs. 56,180/- to Rs.17,73,729/-
4. Eligible Class of Contractors: Registered Contractors of Class- 'D' to Class- 'C' as indicated against the work mentioned in the Tender Call Notice.s
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.in
6. The bid documents will be available in the above website from 11 A.M on dt.13.07.2022 to 5 P.M on dt.22.07.2022 for online bidding.
7. Bids received online will be opened at 11 A.M on dtd.25.07.2022.
8. The bidder must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

Sd./-Executive Officer, Sundargarh Municipality
OIPR-13130/11/0009/2223

OFFICE OF THE ROURKELA MUNICIPAL CORPORATION
UDITNAGAR, ROURKELA, ODISHA - 769012
E-mail ID: rourkelamunicipality@gmail.com
Letter No. 9023 Date: 12.07.2022
TENDER CALL NOTICE

No. C-750: Sealed tender in prescribed format is invited from the reputed Travel Agencies/Tour Operators or Private Individuals having valid GST and PAN Number for providing 04 Nos. of AC Diesel driven vehicle as mentioned in the format annexed, which shall conform to the terms and conditions of the tender for office use under Rourkela Municipal Corporation on monthly rent basis.

The detail tender paper can also be download from the RMC website **www.rmc.nic.in** and while submitting such tender paper a Banker's Demand Draft from any Nationalized/Scheduled Bank of Rs.1120/- (Rupees one thousand one hundred twenty only) in favour of Commissioner, Rourkela Municipal Corporation, Rourkela payable at Rourkela is to be submitted failing which the tender paper will be rejected.

The cost of tender paper is not refundable and the sealed tender paper duly filled up along with all required documents must be sent through Speed Post/Regd. Post/Courier or must be submitted in the tender box kept in Chamber of DC Room No. 29, 1st Floor, Rourkela Municipal Corporation, Uditnagar, Rourkela - 769012 during the office hour of any working day from 13.07.2022 to 25.07.2022 superscribing **"Tender for Hiring of Vehicles"**. The last day of receiving of tender is 25.07.2022 by 1.00 P.M. and will be opened on the same day at 4.30 P.M. in presence of the tenderers or their authorized person who wish to attend.

The tenderer must submit the GST Certificate and PAN Card photocopies with Annexure - II.

However, the undersigned reserves the right to reject/cancel any or all the tenders at any time without assigning reason thereof.

Sd./- Dy. Commissioner
Rourkela Municipal Corporation
OIPR-13131/11/0065/2223

GOVERNMENT OF ODISHA
SKILL DEVELOPMENT & TECHNICAL EDUCATION DEPARTMENT
No. SDTE-HTE-HTE-II-0092-2022/3254/SDTE
Bhubaneswar, Date: 11.07.2022
ADVERTISEMENT FOR APPOINTMENT OF 1ST VICE-CHANCELLOR, ODISHA UNIVERSITY OF TECHNOLOGY AND RESEARCH, BHUBANESWAR

No. KK-82: Applications are invited from eligible candidates (academicians of repute from technical stream with adequate administrative experience), attaining the age of 61 years of less as on the closing date of this advertisement, for the post of 1st Vice-Chancellor, Odisha University of Technology and Research, Bhubaneswar.

The 1st Vice Chancellor shall be appointed by the Chancellor from a panel of three names recommended by the Government as per Section 12(1) of the OUTR Act, 2021. The applicant should be a distinguished academician of proven academic and administrative excellence and a well-rounded personality with a minimum experience of 10 years as Professor in a University system or 10 years in an equivalent position in any reputed research and/or academic organization.

The post carries a pay of Rs.2,10,000/- (Rupees two lakhs and ten thousand) with special allowance of Rs.5000/- per month and other usual alloances. As per the OUTR Act, 2021, the tenure of the Vice-Chancellor shall be four years from the date he/she assumes office or till he/she attains 65 years of age; whichever is earlier.

The applicants are required to apply in the prescribed application proforma through e-Mail attachment (in pdf format only) to e-mail ID **(etet.od@nic.in)** mentioning "Application for the post of 1st Vice-Chancellor, OUTR, Bhubaneswar" as the subject of the e-mail. The e-mail, containing the application in pdf format,

ସଂକ୍ଷେପରେ

ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

ବିଲ୍ ପାସ୍ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ବେଗୁନିଆ,୧୩।୭(ଡି.ଏନ୍.ଏ.): ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର କନିଷ୍ଠ ଯନ୍ତ୍ରୀ ସଂଘମିତ୍ରା ସାହୁ। ବିଲ୍ ପାସ୍ କରିବାକୁ ସେ ଏହି ଟଙ୍କା ନେଉଥିଲେ। ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ ସମେତ ତମାଣ୍ଡୋ ସ୍ଥିତ ବାସଭବନରେ ଚଢ଼ାଉ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମର ମୁସଲିମ ବସ୍ତିରେ ଏକ ପ୍ରକଳ୍ପ ପାଇଁ ୫୦ହଜାର ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ବହୁ ବର୍ଷ ଉକ୍ତ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ପରେ ଜଣେ ଠିକାଦାର ଉକ୍ତ କାର୍ଯ୍ୟ ଶେଷ କରି ବିଲ୍ ପାସ୍ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଏହି ବିଲ୍ ପାସ୍ କରିବାକୁ ଯନ୍ତ୍ରୀ ସାହୁ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଠିକାଦାର ଜଣଙ୍କ ଭୁବନେଶ୍ୱର ଡିଭିଜନ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ପୂର୍ଣ୍ଣାହ୍ନରେ ସମ୍ପୃକ୍ତ ଠିକାଦାରଙ୍କ ଠାରୁ କାର୍ଯ୍ୟାଳୟରେ ଯନ୍ତ୍ରୀ ସାହୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏଥିସହ ଲାଞ୍ଚ ଟଙ୍କା ଜବତ କରିଥିଲା। ପରେ ଏହି ଟିମ୍ ଯନ୍ତ୍ରୀ ସାହୁଙ୍କୁ ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଯାଇଥିଲା।

ଲଘୁଚାପ ସକ୍ରିୟ, ଆହୁରି ବର୍ଷିବ

ଭୁବନେଶ୍ୱର, ୧୩।୭(ବ୍ୟୁରୋ): ଦକ୍ଷିଣ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେଉଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ରହିଛି। ପ୍ରବଳ ବର୍ଷାରେ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ଥିବାବେଳେ ତଳିଆ ଅଞ୍ଚଳରେ ପାଣି ଜମିବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ସତର୍କ କରାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସେସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଗୁରୁବାର ବରଗଡ଼, ନୂଆପଡ଼ା, ବଲାଙ୍ଗୀର, ସୋନପୁର ଓ ବୌଦ୍ଧ, ଶୁକ୍ରବାର ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ, ଶନିବାର ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସେହିପରି ରବିବାର ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ବୁଧବାର ଢେଙ୍କାନାଳରେ ସର୍ବାଧିକ ୪୪.୨ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱର ୨୪.୨, ଖୋର୍ଦ୍ଧା ୨୨, ବାରିପଦା ୨୧, ସମ୍ବଲପୁର ୧୯.୪, ଅନୁଗୋଳ ୧୯.୬, ବୌଦ୍ଧ ୧୭.୪, ନୟାଗଡ଼ ୧୭, ଯାଜପୁର ୧୭, କଟକ ୧୦.୪, ଚାନ୍ଦବାଲି ୭, ପାରାଦୀପ ୭.୮, କେନ୍ଦୁଝର ୪.୧, ଦାରିଙ୍ଗବାଡ଼ି ୬, ଫୁଲବାଣୀ ୬.୬ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ଗାଁ ରାସ୍ତା ମରାମତି ଖର୍ଚ୍ଚ ୩୩୪୭ କୋଟି

- ତଥାପି ସୁଧୁରି ନାହିଁ ରାସ୍ତା ଅବସ୍ଥା
- ଅର୍ଥ ବିନିଯୋଗରେ ଅନିୟମିତତା ଅଭିଯୋଗ

ଯାଜପୁର ଅଫିସ,୧୩।୭

ଓଡ଼ିଶା ଗ୍ରାମ୍ୟ ସଡ଼କ ରକ୍ଷଣାବେକ୍ଷଣ ନୀତି-୨୦୧୭ ଅନୁସାରେ ୪ ପ୍ରକାର ରାସ୍ତା ମରାମତି ହେଉଛି। ଏଥିରେ ସାମୟିକ, ନିୟମିତ, ସ୍ୱତନ୍ତ୍ର ଏବଂ ସ୍ୱତନ୍ତ୍ର ମରାମତି ସେତୁ ଓ ସଂଲଗ୍ନ ରାସ୍ତା ରହିଛି। ଏହି ନୀତି ପ୍ରଣୟନ ହେବା ପରଠାରୁ ଅର୍ଥାତ୍ ୨୦୧୮-୧୯ ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟର ରାସ୍ତା ଏବଂ ବ୍ରିଜ ମରାମତି ବାବଦକୁ ୧୬୪୫ କୋଟି ୮୭ ଲକ୍ଷ ୮୫ ହଜାର ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସୱାଇ)ରେ ୧୪୬୯୨.୭୮ କି.ମି.ରାସ୍ତା ମରାମତି ବାବଦକୁ ୧୬୮୩.୨୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମଏମଏସୱାଇ)ରେ ୭୯୨ କି.ମି. ରାସ୍ତାର ମରାମତି ବାବଦକୁ ୧୮ କୋଟି ୩୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ଭାବେ ସମୁଦାୟ ୩୩୪୭.୪୬ କୋଟି ରାସ୍ତା ମରାମତିରେ ଖର୍ଚ୍ଚ ହୋଇଛି। ଚଳିତ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଦେଇଥିବା ଉତ୍ତରରେ ଏହି ସୂଚନା ମିଳିଛି। କିନ୍ତୁ ଏବେ ବି ଏକାଧିକ ଗାଁ ରାସ୍ତା ମରଣଯନ୍ତା ପାଲଟିଛି। ଏହି ଅର୍ଥର ଉପଯୁକ୍ତ ବିନିଯୋଗ ହୋଇ ନ ଥିବା କାରଣରୁ ରାସ୍ତାର ଅବସ୍ଥା ସୁଧୁରୁନି ବୋଲି ମତପ୍ରକାଶ ପାଇଛି। ଅଧିକ ପିସି କାରବାର ଆଶାରେ ମରାମତି ନାମରେ ବ୍ୟାପକ ଅର୍ଥ ଆତ୍ମସାତ୍ ହେଉଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲା ବାରବାଟି-ରସୁଲପୁର ଆରଡି ରୋଡ୍‌ରେ ବର୍ଷା ପାଣି ଜମିଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୧୦୩୭୩୧.୦୧ କି.ମି. ରାସ୍ତା ରହିଛି। ନୂତନ ଭାବେ ନିର୍ମାଣ ହେଉଥିବା ରାସ୍ତାଗୁଡ଼ିକରେ ଯାତାୟାତ କରୁଥିବା ଯାନବାହନ ସଂଖ୍ୟା, ମୃତ୍ତିକାର ଶକ୍ତିଧାରଣ କ୍ଷମତା, ଭୂତଳ ଜଳସ୍ତର ଓ ନିର୍ମାଣ ସାମଗ୍ରୀ ଆଦିକୁ ବିଚାରକୁ ନେଇ ରାସ୍ତାର ଡିଜାଇନ କରାଯାଇଥାଏ। ଏହାବ୍ୟତୀତ ରାସ୍ତାରେ ଆବଶ୍ୟକ ହେଉଥିବା ରିଟେନିଂ ୱାଲ, କଂକ୍ରିଟ ଡ୍ରେନ, ଗ୍ରାମ୍ୟ କଂକ୍ରିଟ ରାସ୍ତା, ଟେଲିଫୋନ ଓ ଇଲେକ୍ଟ୍ରିକ ପୋଲ ସ୍ଥାନାନ୍ତରଣ ଏବଂ ରାସ୍ତା ଓସାର ପାଇଁ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ଇତ୍ୟାଦିକୁ ନେଇ ରାସ୍ତାର ସବିଶେଷ ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ପ୍ରତିବର୍ଷ ଓଡ଼ିଶା ସରକାରଙ୍କ ତହବିଲରୁ ଏକାଧିକ କୋଟି ଟଙ୍କା ଏଭଳି ଭାବେ ରାସ୍ତା ନିର୍ମାଣ ପାଇଁ ବିନିଯୋଗ ହେଉଛି। କିନ୍ତୁ ଠିକାଦାରି ରାଜନୀତି ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗର ପିସି କାରବାର ଯୋଗୁ ରାସ୍ତାଗୁଡ଼ିକର ଅବସ୍ଥା ସୁଧୁରିପାରୁନି। ଯେଉଁ ଅନୁଦାନ ଆବଣ୍ଟିତ ହେଉଛି, ତାହା ରାଜନୈତିକ କର୍ମୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଏଫ୍-୨ ମାଧ୍ୟମରେ କାର୍ଯ୍ୟାଦେଶ ହେଉଥିବାରୁ ଜିଲାର ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏଠାରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ଅଧୀନ ରସୁଲପୁର-ବାରବାଟି ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତା ଉପରେ ୬ ଗ୍ରାମର ଜନସାଧାରଣ ନିର୍ଭର କରୁଥିବାବେଳେ ଦୀର୍ଘ ବର୍ଷ ହେଲା ମରାମତି କରାଯାଉନାହିଁ। ଫଳରେ ପିଚୁ ଉଠି ରାସ୍ତା ଗମନାଗମନ ଅନୁପଯୋଗୀ ହୋଇ ପଡିଛି। ରାଜ୍ୟ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରି ଗ୍ରାମ୍ୟ ରାସ୍ତା ମରାମତି କରୁଥିବା ଡିଣ୍ଡିମ ପିଟୁଥିଲେ ହେଁ ଏଭଳି ଅନେକ ରାସ୍ତା ରହିଛି, ଯାହାର ମରାମତି ହେଉ ନାହିଁ କିମ୍ବା ମିଥ୍ୟା ବିଲ କରାଯାଇ ରାସ୍ତା ମରାମତି ନାମରେ ଆବଣ୍ଟିତ ଅର୍ଥ ହଡ଼ପ ହେଉଥିବା ସନ୍ଦେହ କରାଯାଉଛି।

ରାଜ୍ୟର ୩୦ ଜିଲାରେ ପିଏମ୍‌ଜିଏସ୍‌ୱାଇରେ ୨୦୧୮-୧୯ରେ ୨୯୩୪ କି.ମି. ରାସ୍ତା ମରାମତି ପାଇଁ ୩୬୦ କୋଟି, ୨୦୧୯-୨୦ରେ ୨୮୫୫.୭୦ କି.ମି. ରାସ୍ତା ପାଇଁ ୩୪୦.୨୮ କୋଟି, ୨୦୨୦-୨୧ରେ ୩୭୫୨.୨୦ କି.ମି. ରାସ୍ତା ଲାଗି ୩୧୩.୨୨ କୋଟି, ୨୦୨୧-୨୨ରେ ୫୧୭୦.୮୮ କି.ମି. ରାସ୍ତା ପାଇଁ ୬୬୯.୭୧ କୋଟି ଖର୍ଚ୍ଚ କରାଯାଇଛି। ରାସ୍ତା ଓ ବ୍ରିଜ ମରାମତି ବାବଦକୁ ୨୦୧୮-୧୯ରେ ୪୯୭.୭୮ କୋଟି, ୨୦୧୯-୨୦ରେ ୨୪୦.୪୦ କୋଟି, ୨୦୨୦-୨୧ରେ ୩୨୦.୪୪ କୋଟି ଏବଂ ୨୦୨୧-୨୨ରେ ୫୮୭.୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମରାମତି ବାବଦକୁ ୨୦୧୮-୧୯ରେ ୨୮୭.୭୦ ଲକ୍ଷ, ୨୦୧୯-୨୦ରେ ୫୪୮.୯୩ ଲକ୍ଷ, ୨୦୨୦-୨୧ରେ ୬୭୫.୧୫ ଲକ୍ଷ, ୨୦୨୧-୨୨ରେ ୩୨୪.୯୨ ଲକ୍ଷ ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ସବୁ ମରାମତି ନାମରେ ଠିକାଦାର ଓ ଯନ୍ତ୍ରୀ ମାଲାମାଲ ହେଉଛନ୍ତି ସିନା ଅଧିକାଂଶ ରାସ୍ତା କାମ ହେଉ ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଧ-୯୮୭

ଧ-୯୯୧

ବିଚାରାଧୀନ କଏଦୀଙ୍କ ବେକ କଟିଲା

- ଗୁରୁତର ଅବସ୍ଥାରେ ପାଇଖାନାରୁ ଉଦ୍ଧାର
- ଆତ୍ମହତ୍ୟା ସନ୍ଦେହ, ବୌଦ୍ଧ ମେଡିକାଲରେ ଭର୍ତ୍ତି

ବୌଦ୍ଧ,୧୩।୭(ସ୍ୱ.ପ୍ର.)

ବୁଧବାର ବୌଦ୍ଧ ଉପକାରାଗାରରେ ସୁଜନ ବେହେରା ନାମକ ଜଣେ ବିଚାରାଧୀନ କଏଦୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଇଖାନା ଘରୁ ଉଦ୍ଧାର କରାଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ ନା ତାଙ୍କୁ କେହି ହତ୍ୟା କରିବାକୁ ଚେଷ୍ଟା କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ।

ଜେଲ ସୂତ୍ରରୁ ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟାରେ କଏଦୀଙ୍କୁ ଖାଦ୍ୟ ଦେଇ ସାରି ଗଣତି କରିବା ସମୟରେ ସୁଜନ ସେଠାରେ ନ ଥିଲେ। ଖୋଜା ଖୋଜି କରିବାରୁ ପାଇଖାନା ଭିତରେ ସେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜେଲ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସୁଜନଙ୍କ ଘର ବୌଦ୍ଧ ଜିଲା ହରଭଙ୍ଗା ଥାନାର ମହୁମୁଣ୍ଡିଆ (ଛତରଙ୍ଗ) ଗ୍ରାମରେ। ସେ ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତ ହୋଇ ଗତ ୨୦୨୦ ଜୁନ୍ ୬ ତାରିଖରୁ ବୌଦ୍ଧ ଉପକାରାଗାରରେ କଏଦୀ ଭାବେ ରହିଛନ୍ତି। ଜେଲର ଆଲୋକ ପ୍ରିୟଦର୍ଶୀ କରଙ୍କୁ ପଚାରିବାରେ ଗଣତି ସମୟରେ ସେ ନ ଥିଲେ। ପରେ କର୍ମଚାରୀମାନେ ତାଙ୍କୁ ପାଇଖାନା ଭିତରୁ ଉଦ୍ଧାର କରିଥିଲେ। ସୁଜନ ପଡ଼ିଥିବା ପାଇଖାନା ଘରେ ଏକ ରକ୍ତଲଗା ଡଟ୍‌ପେନ୍ ପଡିଥିଲା। ସେ ସେଥିରେ ନିଜର ତଣ୍ଟିକୁ ବାରମ୍ବାର ଭୁସି ଏପରି କରିଥିବା ଅନୁମାନ କରାଯାଉଛି। ତାଙ୍କ ବେକରେ କେବଳ ଗୋଟିଏ ସ୍ଥାନରେ କ୍ଷତ ହୋଇଥିବା ମଧ୍ୟ ଜେଲର ପ୍ରକାଶ କରିଥିଲେ। ଏନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ବୌଦ୍ଧ ମେଡିକାଲରେ ବିଚାରାଧୀନ କଏଦୀ ସୁଜନ ବେହେରା।

ନିଜ ଦେଶରେ ଥିବା ମେଡିକାଲ କଲେଜରେ ପାଠପଢ଼ିବାର ସୁବ୍ୟବସ୍ଥା କରିବା ସହ ଅନ୍ୟ କେତେକ ଦାବିରେ ଯୁଦ୍ଧ ପ୍ରପୀଡିତ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରମାନେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ପୂର୍ବରୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

ଅଗଷ୍ଟରେ ପ୍ରକାଶ ପାଇପାରେ ସିବିଏସ୍‌ଇ ରେଜଲ୍ଟ

ଭୁବନେଶ୍ୱର, ୧୩।୭(ବ୍ୟୁରୋ): ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ଅଗଷ୍ଟରେ ପ୍ରକାଶ ପାଇପାରେ। ଏନେଇ କେନ୍ଦ୍ରୀୟ ଅନୁଦାନ ଆୟୋଗ(ୟୁଜିସି) ବିଜ୍ଞପ୍ତି ପ୍ରକାଶ କରିଛି। ପରୀକ୍ଷା ଫଳ ବିଳମ୍ବକୁ ନେଇ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ୁଛି। କାରଣ ବିଭିନ୍ନ ରାଜ୍ୟରେ ୟୁଜି ନାମଲେଖା ଆରମ୍ଭ ହୋଇଯାଇଥିବାରୁ ସେମାନେ ନାମଲେଖାରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏହି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ୟୁଜିସିକୁ ସିବିଏସ୍‌ଇ ଅନୁରୋଧ କରିଥିଲା। ଏବେ ୟୁଜିସି କହିଛି, ଟର୍ମ-୧ ପରୀକ୍ଷା ଫଳ ସବୁ ସ୍କୁଲକୁ ପଠାଯାଇଛି। ଟର୍ମ-୨ ମୂଲ୍ୟାୟନ ଚାଲିଥିବାବେଳେ ରେଜଲ୍ଟ ପ୍ରକାଶ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ଦୁଇଟି ଟର୍ମର ପରୀକ୍ଷାଫଳକୁ ଆଧାର କରି ବୃଢ଼ାନ୍ତ ରେଜଲ୍ଟ ପ୍ରକାଶ କରାଯିବ। ଫଳାଫଳ ଘୋଷଣା ନିମନ୍ତେ ଏସବୁ ପ୍ରକ୍ରିୟା ପ୍ରାୟ ଏକ ମାସ ସମୟ ଲାଗିବ। ତେଣୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ୟୁଜି ନାମଲେଖା ପାଇଁ ଶେଷ ତାରିଖ ସିବିଏସ୍‌ଇ ରେଜଲ୍ଟ ପ୍ରକାଶ କରିବା ପରେ ରଖନ୍ତୁ ବୋଲି ୟୁଜିସି ନିର୍ଦ୍ଦେଶ ଦେଇଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637208910, 7894447167, 9330226625

FINANCE
Any type of Loan from Bank/ NBF/ Private finance available immediately, Contact 9078020885

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବାହାରିଲା ନୀଳାଚଳ ଅବଢ଼ା

ପୁରୀ ଅଫିସ,୧୩।୭

ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପରେ ବୁଧବାର ନୀଳାଚଳ ଅବଢ଼ା ବାହାରିଛି। ନୀଳାଚଳ ଅବଢ଼ା ପାଇଁ ଆନନ୍ଦବଜାରରେ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଛି। ମଙ୍ଗଳବାର ବିଳମ୍ବିତ ରାତ୍ରରେ ଶ୍ରୀମନ୍ଦିର ରତ୍ନସିଂହାସନରେ ରୁନ୍ଧା କାର୍ଯ୍ୟ ଶେଷ ହୋଇଥିଲା। ବୁଧବାର ଭୋରରୁ କୋଠ ସୁଆଁସିଆମାନେ ଚାରମାଳ ଖୋଲିବା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ଅବକାଶ ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ଗୋପାଳବଲ୍ଲଭ ଭୋଗ କରାଯାଇଥିଲା। ଏହାପରେ ନୀଳାଚଳ ଅବଢ଼ା ବାହାରିଥିଲା। ନୀଳାଚଳ ଅବଢ଼ା ସେବନ କଲେ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି। ସେହିପରି ଗୁରୁପୂର୍ଣ୍ଣିମା ଅବସରରେ ମହାପ୍ରସାଦ ସେବନର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ପୁରୀ ସାହିବାସିନ୍ଦା ନୀଳାଚଳ ଅବଢ଼ା ନେଇ ଘରେ ଖାଇଥାନ୍ତି। ଏଣୁ ଭୋଗ ବାହାରିବା ପରେ ସ୍ଥାନୀୟ ଲୋକେ ଅବଢ଼ା ଧରି ଫେରୁଥିବା ଦେଖିବାକୁ ମିଳିଥିଲା। ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ୫୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ କରାଯାଇଥିଲା। ଦିନରେ ୪ଟି ଭୋଗ ବାହାରିଥିଲା। ସକାଳଧୂପ ସମୟରେ ମହାପ୍ରସାଦ ନେବା ପାଇଁ ବହୁ ଗହଳି ଦେଖିବାକୁ ମିଳିଥିଲା। ସେହିପରି ଭକ୍ତ ଶ୍ରୀମୟୀ ପ୍ରଧାନ କହିଛନ୍ତି, ନବବିବାହିତା ବଧୂ ଭାବେ ପ୍ରଥମ ଥର ପାଇଁ ନୀଳାଚଳ ଅବଢ଼ା ନେବାକୁ ଶ୍ରୀମନ୍ଦିର ଆସିଥିଲି। ସାଙ୍ଗରେ ଅବଢ଼ା ନେଇ ଫେରୁଛି। ପରିବାର ଲୋକେ ଘରେ ଏକାଠି ଖାଇବୁ ବୋଲି ସେ କହିଛନ୍ତି।

ଲୋକେ ନୀଳାଚଳ ଅବଢ଼ା ନେଇ ଫେରୁଛନ୍ତି।

ମହିଳା ଇନ୍ସପେକ୍ଟରଙ୍କୁ ଛାଡ଼, ଡ୍ରାଇଭର ଜେଲ ଗଲେ

ପୋଲିସଙ୍କ କାର୍ ଧକ୍କାରେ ୩ ମୃତ ଘଟଣା

ସୋନପୁର,୧୩।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ଏନଏଚ୍ ୫୭ର ଖାରୀ ନିକଟ ବଡବାହାଲି ଛକ ନିକଟରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା। ସୋନପ

ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ପ୍ରିୟଙ୍କା ଚୋପ୍ରା

ଫରହାନ୍ ଅଖ୍‌ତରଙ୍କ ନିର୍ଦ୍ଦେଶିତ 'ଜି ଲେ ଜରା' ରିଲିଜ୍ ଡେଟ୍ ଦିନକୁ ଦିନ ଘୁଞ୍ଚିଚାଲିଛି। ଶୁଣିବାକୁ ମିଳୁଥିଲା ଯେ ଚଳିତ ବର୍ଷ ଫିଲ୍ମଟି ଓଟିଟି ଫର୍ମାଟରେ ରିଲିଜ ହେବ। କିନ୍ତୁ ତାହାକୁ ପରିବର୍ତ୍ତନ କରାଯାଇଛି। ଏହି ଚିତ୍ରଟି ଆସନ୍ତାବର୍ଷ ପରଦା ଉପରକୁ ଆସିବ ବୋଲି ଜଣାପଡିଛି। ଖାସ୍ କଥା ହେଲା, ଏହି ଫିଲ୍ମରୁ ପ୍ରିୟଙ୍କା ଚୋପ୍ରା ପୁଣିଥରେ ବଲିଉଡ୍‌କୁ ବ୍ୟାକ୍ କରୁଛନ୍ତି। ଉକ୍ତ ସିନେମାରେ ତାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ଦେଖିବାକୁ ମିଳିବ। ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ଘରସଂସାର କରିସାରିବା ପରେ ସେ ଏବେ କେତୋଟି ହଲିଉଡ୍ ପ୍ରୋଜେକ୍ଟ ପାଇଁ ବ୍ୟସ୍ତ। ''ଯାହା ହେଉ ଏହି ଫିଲ୍ମର ରିଲିଜ ଶେଷରେ ଫାଇନାଲ ହୋଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହା ଆସନ୍ତା ବର୍ଷ ଜୁନ୍ ମଧ୍ୟଭାଗରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ପୁଣି ବେଶ୍ କିଛି ବର୍ଷ ଗ୍ୟାପ୍ ପରେ ମୁଁ ବଲିଉଡ୍‌କୁ କମବ୍ୟାକ୍ କରୁଛି। ଏହି ଫିଲ୍ମର ସଫଳତା ନେଇ ମୁଁ ବେଶ୍ ଆଶାବାଦୀ ବୋଲି କହନ୍ତି ପ୍ରିୟଙ୍କା।'' ତେବେ ଏହି ଫିଲ୍ମ ଦ୍ୱାରା ସେ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଜାହ୍ନବୀ

ଟେନ୍‌ସନ ଅନ୍ତରାଳେ...

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କୁଆଡ଼େ ୩-୪ଟି ଗରମାଗରମ ଶଟ୍ ଦେବାକୁ ପଡ଼ିବ। ଏ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କର ଟେନ୍‌ସନ ବଢ଼ିଯାଇଛି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ ଶଟ୍ ଦେବାକୁ ପଡିବ। ସବୁଠାରୁ ଖାସ୍ କଥା ହେଲା, କାହାଣୀକୁ ରଙ୍ଗିନ କରିବାକୁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ। ପୁଣି କେହି କେହି ଏପରି ଶଟ୍ ଦେବା ପରେ ନିଜକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇ ଥାଆନ୍ତି। ହେଲେ ମୁଁ ସବୁବେଳେ ଅଭିନୟ କରୁଥିବା ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହି ନୂଆ ସିନେମାରେ ମୋର ବୋଲ୍ଡ ଶଟ୍‌କୁ ଅଯଥା ସଂଯୋଗ କରାଯାଇନାହିଁ। ଏହା ଶତପ୍ରତିଶତ କାହାଣୀ ସହ ଜଡ଼ିତ। ତେବେ ସେପରି ଶଟ୍‌କୁ କିପରି ଦେବି ସେ ନେଇ ମୁଁ ଟେନ୍‌ସନରେ ଅଛି। ଆଶା ରଖିଛି ଏହାକୁ ନେଇ ମୋ ମନରେ ଉଙ୍କିମାରିଥିବା ପ୍ରଶ୍ନଗୁଡିକର ସମାଧାନ ନିର୍ଦ୍ଦେଶକ ସହଜରେ କରିଦେବେ।' ତେବେ ଏହି ଫିଲ୍ମଟି ଜାହ୍ନବୀଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

ଅପେରା ହାଲ୍‌ଚାଲ୍

ପୀରତି ହାଟରେ ପ୍ରୀତି ମାଗଣା

ଏକ ଭିନ୍ନ ଧରଣର ପ୍ରେମ କାହାଣୀ ତଥା ପାରିବାରିକ ତଡକା ଥିବା କାହାଣୀକୁ ନେଇ ରଚିତ ହୋଇଛି ଅପେରା ନାଟକ 'ପୀରତି ହାଟରେ ପ୍ରୀତି ମାଗଣା'। ନାଟ୍ୟକାର ଲକ୍ଷ୍ମୀଧର ସେଠୀଙ୍କ ଏହି ନୂଆ ନାଟକଟିକୁ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳ। ଖାସ୍ କଥା ହେଲା, ଏହି ନାଟକଟିକୁ ୨୦୨୨-୨୩ ଯାତ୍ରା ସିଜନରେ ହିମାଂଶୁ ଶେଖର ଦେଓଙ୍କ ପ୍ରଯୋଜିତ ଧଉଳି ଗଣନାଟ୍ୟ ପରିବେଷଣ କରିବାକୁ ଯାଉଛି। ଯାଜପୁର କଳିଙ୍ଗ ନଗରସ୍ଥିତ ବାରଗାଡିଆଠାରେ ଏହାର ରିହରସାଲ ଚାଲୁ ରହିଛି। ଏହି ପାର୍ଟିର ଦ୍ୱିତୀୟ ନୂଆ ନାଟକ ହେଲା ନୀହାର ରଞ୍ଜନ ମହାନ୍ତିଙ୍କ ରଚିତ ଏବଂ ସୁଶାନ୍ତ ଦାସଙ୍କ ନିର୍ଦ୍ଦେଶିତ 'କହ୍ନେଇ ରାଜା ମୋ ବାଇଦ ବଜା'। ଏହା ବ୍ୟତୀତ ଧଉଳି ଗଣନାଟ୍ୟ ଏଥର ଗତବର୍ଷର ଦୁଇଟି ସୁପରହିଟ୍ ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟିକା' (ରଚନା-ଅଜୟ ସ', ନିର୍ଦ୍ଦେଶନା-ତାପସ ସ୍ୱାଇଁ) ଏବଂ ଦୀପକ ଜେନାଙ୍କ ରଚିତ ଏବଂ ଗୁରୁ ମିଶ୍ରଙ୍କ ନିର୍ଦ୍ଦେଶିତ 'କାନ୍ଦିବୁନି କେବେ ରହିଲା ରାଣ' ରିପିଟ୍ କରିବାକୁ ଯାଉଛି। ''ଏଥର ମଧ୍ୟ ଧଉଳି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ। ଏଥର ହାର୍ଟବିଟ୍ ରେକର୍ଡ ଡ୍ୟାନ୍ସ-ମେଲୋଡି ସାଙ୍ଗକୁ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକ ଏହି ପାର୍ଟି ଭେଟିଦେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି ଏହାର ମୁଖ୍ୟ ପରିଚାଳକ ବାବୁଲି ମହାନ୍ତି।'' ଏଥର ଏହି ପାର୍ଟିରେ ଲୋକପ୍ରିୟ ନାୟକ ଗୌର ଦାସ, ଜଲିଉଡ୍‌ର ଟ୍ରାଜେଡି କୁଇନ୍ ଟୁନିଆ ମଲ୍ଲିକ, କମେଡିଆନ ସାନ ମଣି, ସତ୍ୟ ଦାସ, ମିଲନ, ରିନା, କିଶୋର ସାହୁ, ପହଲି, ସଞ୍ଜୟ, ଜଗା ପଲେଇ, ଡାଙ୍ଗ ଏବଂ ସୁଇଟି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

ଟୁନିଆ ମଲ୍ଲିକ

ଗୌର ଦାସ

ପାଖେଇ ଆସୁଛି ଦିନ

କଥାରେ ଅଛି- 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା।' ଠିକ୍ ସେମିତି ଯେଉଁ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଥିଲେ ତାହା ପୂରଣ ହୋଇଛି। କଥା କ'ଣ କି, ଏକାଧାରରେ ପ୍ରଯୋଜକ-କମ୍-ଅଭିନେତା ସୂର୍ଯ୍ୟକାନ୍ତ ସାମଲ ଏକ ଭିନ୍ନଧରଣର ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଫିଲ୍ମଟି ହେଲା 'ବାଳୀ-ଦ ସିଭିୟର'। ତେବେ ସେ ଯେଉଁଭଳି ଭୂମିକାଟିଏ ଚାହୁଁଥିଲେ, ତାହା ତାଙ୍କୁ ଅବଶ୍ୟ ମିଳିଯାଇଛି। ଏଥିରେ ଜଣେ ସାଧାରଣ ଯୁବକ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏକ ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ଯୁବକ ଜଣକ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ଏଥିରେ ମାମା ଜଣେ ଜର୍ନାଲିଷ୍ଟ ଭୂମିକାରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା। ଫିଲ୍ମଟି ଚଳିତ ମାସ ୧୫ରେ ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଏହାର ପ୍ରଯୋଜକ-କମ୍-ନାୟକ ସୂର୍ଯ୍ୟକାନ୍ତ।

'ବାଳୀ' ଚଳଚ୍ଚିତ୍ରରେ ସୂର୍ଯ୍ୟକାନ୍ତ-ମାମା

ପକେଟ୍ ମନି ପାଇଁ..

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ସେ ଯେତେବେଳେ ଆମେରିକାର ନଟିଂହାମ ୟୁନିଭର୍ସିଟିରେ ପାଠ ପଢୁଥିଲେ ସେତେବେଳର କିଛି ସ୍ମୃତି ଏବେ ବି ତାଙ୍କ ମନରେ ସତେଜ ହୋଇ ରହିଛି। ସେହି ସମୟରେ ସେ ନିଜେ ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରିଥିଲେ। ନିଜର ପକେଟ ମନି ପାଇଁ ସେ ପରିବାର ଉପରେ ନିର୍ଭର କରୁ ନ ଥିଲେ। ଏଥିପାଇଁ ସେ କ'ଣ କରୁଥିଲେ ଜାଣନ୍ତି ? ସେତେବେଳେ ସେ ସେଠାରେ ଥିବା ନାଇଟ୍ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲେ। ଏ ସମ୍ପର୍କରେ ବରୁଣ କହନ୍ତି, 'ସେତେବେଳେ ଲିଫଲେଟ୍ ବାଣ୍ଟି ଯେଉଁ ଟଙ୍କା ମିଳୁଥିଲା ସେଥିରେ ମୋ ପକେଟ୍ ମନି ଆଡ୍‌ଜଷ୍ଟ ହୋଇଯାଉଥିଲା।' ବରୁଣଙ୍କର ଆଉ ଏକ ଭଲ ଗୁଣ ରହିଛି। ସେ ଅଭିନୟ କରୁଥିବା ପ୍ରତିଟି ଫିଲ୍ମର ଶୁଟିଂ ପୂର୍ବରୁ ମନ୍ଦିର ଯାଇଥାଆନ୍ତି।

ବରୁଣ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୪/୨୦୨୨ Bhubaneswar, Thursday, July 14/ 2022

ମେହୁଲି-ତୁଷାର ଦେଲେ ଦ୍ୱିତୀୟ ସ୍ୱର୍ଣ୍ଣ

ଚାଙ୍ଗଓନ୍, ୧୩।୭(ପି.ଟି)

ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପରେ ଭାରତୀୟ ଯୋଡି ମେହୁଲି ଘୋଷ ଓ ଶାହୁ ତୁଷାର ମାନେ ଭାରତ ପାଇଁ ଜିତିଛନ୍ତି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ବୁଧବାର ୧୦ ମିଟର ଏୟାର ରାଇଫଲ ବର୍ଗରେ ମେହୁଲି-ତୁଷାର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ୧୦ ମିଟର ଏୟାର ପିସ୍ତଲ ବର୍ଗରେ ପଲକ ଏବଂ ଶିବା ନରୱାଲ ଜିତିଛନ୍ତି ବ୍ରୋଞ୍ଜ।

ପଦକ ସହ ମେହୁଲି ଘୋଷ ଓ ଶାହୁ ତୁଷାର ମାନେ।

ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍

ଇନ୍‌ଫର୍ମ ଯୋଡି ମେହୁଲି ଏବଂ ତୁଷାର ହଙ୍ଗେରୀର ଏଷ୍ଟର ମେସଜାରୋସ୍ ଏବଂ ଇଷ୍ଟଭାନ ପେନଙ୍କୁ ୧୭-୧୩ରେ ପରାସ୍ତ କରିଥିଲେ। ଉଭୟ ଭାରତୀୟ ଏବଂ ହଙ୍ଗେରୀ ଯୋଡି ପରସ୍ପରକୁ କଡା ଟକ୍କର ଦେଇଥିଲେ ହେଁ ଇନଫର୍ମ ମେହୁଲି-ତୁଷାର ଯୋଡି ବାଜି ମାରି ନେଇଥିଲେ। ୧୦ ମିଟର ଏୟାର ରାଇଫଲ ବର୍ଗରେ ତୃତୀୟ ସ୍ଥାନ ପ୍ଲେଅଫ୍‌ରେ ଅଂଶଗ୍ରହଣ କରିବେ ଇସ୍ରାଏଲ ଓ ଚେକ୍ ରିପବ୍ଲିକ୍। ସିନିୟର ବର୍ଗରେ ଏହା ତୁଷାରଙ୍କ ପ୍ରଥମ ସ୍ୱର୍ଣ୍ଣ ହୋଇଥିବା ବେଳେ ମେହୁଲିଙ୍କ ଦ୍ୱିତୀୟ। ୨୦୧୯ରେ କାଠମାଣ୍ଡୁରେ ଖେଳା ଯାଇଥିବା ଦକ୍ଷିଣ ଏସୀୟ କ୍ରୀଡାରେ ମେହୁଲି ନିଜର ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

୧୦ ମିଟର ଏୟାର ପିସ୍ତଲ ବର୍ଗରେ ଏକପାଖିଆ ବିଜୟ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି ପଲକ ଓ ଶିବା ନରୱାଲ। କାଜାଖସ୍ତାନର ଆଇରିନା ଲୋକ୍ସିଓନୋଭା ଏବଂ ଭାଲେରୀ ରଖ୍‌ମ୍‌ଧାନଙ୍କୁ ୧୬-୦ରେ ପରାସ୍ତ କରିଥିଲେ ପଲକ-ଶିବା। ବୁଧବାରର ପ୍ରଭାବୀ ପ୍ରଦର୍ଶନ ପରେ ଭାରତ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ସହିତ ଭାରତ ସର୍ବିଆ ପଛକୁ ରହିଛି।

ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ଲଣ୍ଡନ, ୧୩।୭ (ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଗୁରୁବାର ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। କେନିଙ୍ଗଟନ ଓଭାଲରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଅତି ସହଜରେ ଜିତି ଭାରତ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଆଗାମୀ ମ୍ୟାଚରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେବା ଲକ୍ଷ୍ୟରେ ରହିଛି। ଟି୨୦ ସିରିଜକୁ ୨-୧ରେ ଜିତିବା ପରେ ଭାରତ ପ୍ରଥମ ଦିନିକିଆରେ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ସମ୍ପ୍ରତି ଫର୍ମରେ ନ ଥିବା ଷ୍ଟାର୍ ବ୍ୟାଟର ବିରାଟ କୋହଲି ଆହତ (ଗ୍ରୋଇନ୍ ଷ୍ଟ୍ରେନ୍) ପାଇଁ ପ୍ରଥମ ଦିନିକିଆ ଖେଳିପାରି ନ ଥିଲେ। ଦ୍ୱିତୀୟ ଦିନିକିଆରେ ମଧ୍ୟ ସେ ଖେଳିବା ନେଇ ସନ୍ଦେହ ରହିଛି।

ଲର୍ଡ୍ସ ପିଚ୍‌ର ପ୍ରକୃତି ଓଭାଲ ଅନୁରୂପ ରହିବ ବୋଲି ରୋହିତ ଶର୍ମାଙ୍କ ଦଳ ଅନୁଭବ କରୁଛି। ବଲ୍ ସୁଇଂ ହେବା ଯୋଗୁ ଭାରତୀୟ ଦ୍ରୁତ ବୋଲରମାନେ ଓଭାଲରେ ଚମତ୍କାରିତା ଦେଖାଇଥିଲେ। ଯଶପ୍ରୀତ୍ ବୁମ୍‌ରା ଏବେ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବାବେଳେ ନିର୍ଭରଯୋଗ୍ୟ ମହମ୍ମଦ ଶାମି ମଧ୍ୟ ଉଇକେଟ ନେଇ ପ୍ରତିପକ୍ଷ ଦଳକୁ ବ୍ୟାକ୍‌ଫୁଟ୍‌ରେ ପହଞ୍ଚାଇଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ଏ ଦୁଇ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ରୋହିତ ଚାହିଁବେ ନିଶ୍ଚିତ। କୋହଲିଙ୍କ ବଦଳରେ ଦଳରେ ସ୍ଥାନ ପାଇଥିବା ଶ୍ରେୟାସ ଆୟାରଙ୍କର ଶର୍ଟ ବଲ୍ ଖେଳିବାରେ ଅସୁବିଧା ରହିଛି। ଏହାକୁ ସୁଧାରି ଆୟାର ବଡ଼ ଇନିଂସ ଖେଳିପାରିବେ ବୋଲି ମ୍ୟାନେଜମେଣ୍ଟ ଆଶା ରଖିଛି। ପ୍ରଥମ ଦିନିକିଆରେ ଅଧିନାୟକ ରୋହିତ ୫୮ ବଲ୍‌ରୁ ଦ୍ରୁତ ୭୬ ରନର ଇନିଂସ ଖେଳି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ତେଣୁ ଲର୍ଡ୍ସ ମ୍ୟାଚ ପାଇଁ ଅଧିନାୟକ ଏବଂ ପୂରା ଭାରତୀୟ ଦଳ ଆତ୍ମବିଶ୍ୱାସରେ ରହିଛି। ଜୋସ ବଟଲର, ଜୋ ରୁଟ୍, ବେନ୍ ଷ୍ଟୋକ୍ସ, ଜନି ବେୟାରଷ୍ଟୋ, ଜାସନ ରୟ ଓ ଲିଆମ ଲିଭିଂଷ୍ଟୋନଙ୍କୁ ନେଇ ଗଠିତ ଇଂଲଣ୍ଡର ଦୃଢ଼ ବ୍ୟାଟିଂ ଲାଇନ୍‌ଅପ୍‌କୁ ଭାରତୀୟ ଦ୍ରୁତ ବୋଲରମାନେ ଓଭାଲରେ ସହଜରେ ଧ୍ୱସ୍ତ କରିବାରେ ସକ୍ଷମ ହୋଇଥିଲେ। ଲର୍ଡ୍ସ ଗ୍ରାଉଣ୍ଡ ସାଧାରଣତଃ ବ୍ୟାଟିଂ ଫ୍ରେଣ୍ଡଲୀ ହୋଇଥାଏ। ମାତ୍ର ବୋଲରଙ୍କ ମନୋବଳ ଦୃଢ଼ ଥିବାରୁ ଭାରତ ଆଉ ଏକ ସିରିଜ ବିଜୟ ଲକ୍ଷ୍ୟ ରଖିଛି।

ରୋହିତ ଶର୍ମା

ଦ୍ୱିତୀୟ ଦିନିକିଆ ଆଜି

ଇଂଲଣ୍ଡ ଦଳ: ଜୋସ ବଟଲର (ଅଧିନାୟକ), ମୋଇନ ଅଲୀ, ଜୋନାଥନ ବେୟାରଷ୍ଟୋ, ହ୍ୟାରୀ ବ୍ରୁକ୍, ବ୍ରେଡନ କାର୍ସ, ସାମ୍ କୁରାନ, ଲିଆମ ଲିଭିଂଷ୍ଟୋନ, କ୍ରେଗ୍ ଓଭର୍ଟନ, ମାଥ୍ୟୁ ପାର୍କିନସନ, ଜୋ ରୁଟ୍, ଜାସନ ରୟ, ଫିଲ୍ ସଲ୍ଟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍‌ଲେ, ଡାଭିଡ ୱିଲି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ୟୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଯଶପ୍ରୀତ୍ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।

ମ୍ୟାଚ ଆରମ୍ଭ: ଅପରାହ୍ନ ୫ଟା ୩୦

ଦ୍ୱିତୀୟ ରାଉଣ୍ଡରେ ସାଇନା, ସିନ୍ଧୁ

ସିଙ୍ଗାପୁର, ୧୩।୭ : ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ଭାରତକୁ ଝଟକା ଲାଗିଛି। ସିଡେଡ୍ ଖେଳାଳି କିଡାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତେବେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ପିଭି ସିନ୍ଧୁ, ସାଇନା ନେହ୍ୱାଲ, ଏଚ୍ ଏସ୍ ପ୍ରଣୟ ଓ ମିଥୁନ ମଞ୍ଜୁନାଥ ନିଜର ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ମଞ୍ଜୁନାଥଙ୍କ ନିକଟରୁ ପରାଜିତ ହୋଇଥିଲେ। ମଞ୍ଜୁନାଥ ୩ ସେଟର କଡା ସଂଘର୍ଷ ପରେ ଶ୍ରୀକାନ୍ତଙ୍କୁ ୨୧-୧୭, ୧୫-୨୧ ଓ ୨୧-୧୮ରେ ପରାସ୍ତ କରିଥିଲେ। ମହିଳା ସିଙ୍ଗିଲ୍ସରେ ସିନ୍ଧୁ ବିଶ୍ୱ ମାନ୍ୟତାର ୩୬ ନମ୍ବରରେ ରହିଥିବା ଲିଆନ୍ନେ ଟାନଙ୍କୁ ୨୧-୧୫ ଓ ୨୧-୧୧ରେ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ଖେଳାଳି ଏଚ୍ ଏସ୍ ପ୍ରଣୟ ଏବଂ ସାଇନା ନେହ୍ୱାଲ ସହଜ ବିଜୟ ହାସଲ କରିଛନ୍ତି। ବିଗତ ସପ୍ତାହରେ ମାଲେସିଆ ମାଷ୍ଟର୍ସ ସେମିରେ ପ୍ରବେଶ କରିଥିବା ପ୍ରଣୟ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ସିଥିକୋମଖ ଥାମ୍ପାସିନଙ୍କୁ ୨୧-୧୩ ଓ ୨୧-୧୬ରେ ପରାସ୍ତ କରିଛନ୍ତି। ଟୁର୍ନାମେଣ୍ଟର ତୃତୀୟ ସିଡ୍ ଚୋଉ ଟିଏନ୍ ଚେନ୍‌ଙ୍କ ସହିତ ପ୍ରଣୟଙ୍କ ଦ୍ୱିତୀୟ ରାଉଣ୍ଡ ମୁକାବିଲା ଖେଳାଯିବ। ନିକଟରେ ମାଲେସିଆ ଓପନରେ ଚେନଙ୍କୁ ପରାସ୍ତ କରିଥିଲେ ପ୍ରଣୟ। ସେହିପରି ଭାରତୀୟ ଖେଳାଳି ମାଳବିକା ବନ୍ସୋଡଙ୍କଠାରୁ ଇଣ୍ଡିଆ ଓପନ ପରାଜୟର ପ୍ରତିଶୋଧ ନେଇଛନ୍ତି ସାଇନା ନେହ୍ୱାଲ। ମାଳବିକାଙ୍କୁ ୨୧-୧୮ ଓ ୨୧-୧୪ ସେଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସାଇନା।

ନମ୍ବରୱାନ୍‌କୁ ଫେରିଲେ ବୁମ୍‌ରା

ଦୁବାଇ, ୧୩।୭ (ପି.ଟି.)

ଓଭାଲ ଗ୍ରାଉଣ୍ଡରେ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ପରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ର୍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନକୁ ଫେରିଛନ୍ତି। ବୁମ୍‌ରା ୧୯ ରନ ବିନିମୟରେ ୬ ଉଇକେଟ ନେଇଥିବାବେଳେ ଭାରତ ଏହି ଦିନିକିଆରେ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ପାଖାପାଖି ୨ ବର୍ଷ ନମ୍ବରୱାନ ରହିବାପରେ ୨୦୨୦ ଫେବୃୟାରୀରେ ବୁମ୍‌ରା ଶୀର୍ଷସ୍ଥାନ ହରାଇଥିଲେ। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଏହି ସ୍ଥାନ ଦଖଲ କରି ନେଇଥିଲେ। ବୁମ୍‌ରା ମୋଟ ୭୩୦ ଦିନ ନମ୍ବରୱାନରେ ରହିଥିଲେ, ଯାହାକି କୌଣସି ଭାରତୀୟ ବୋଲରଙ୍କ କ୍ଷେତ୍ରରେ ସର୍ବାଧିକ ଏବଂ ର୍ୟାଙ୍କିଙ୍ଗ୍ ଇତିହାସରେ ୯ମ ଶ୍ରେଷ୍ଠ। ଅତୀତରେ ଟି୨୦ରେ ମଧ୍ୟ ଶୀର୍ଷସ୍ଥାନରେ ରହି ସାରିଥିବା ବୁମ୍‌ରା ଏବେ ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଦ୍ରୁତ ବୋଲରଭାବେ ବୁମ୍‌ରା ନମ୍ବର ୱାନ ହେବାର ଗୌରବ ପାଇଛନ୍ତି। ଭାରତୀୟ ସ୍ପିନରଙ୍କ ମଧ୍ୟରେ ମନିନ୍ଦର ସିଂ, ଅନିଲ କୁମ୍ବଲେ ଓ ରବୀନ୍ଦ୍ର ଜାଡେଜା ଶୀର୍ଷରେ ପହଞ୍ଚି ପାରିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୩ଟି ଉଇକେଟ ନେଇଥିବା ମହମ୍ମଦ ଶାମିଙ୍କ ର୍ୟାଙ୍କିଙ୍ଗ୍‌ରେ ମଧ୍ୟ ଉନ୍ନତି ଘଟିଛି। ସେ ୩ଟି ସ୍ଥାନ ଉପରକୁ ଉଠି ସାଥି ବୋଲର ଭୁବନେଶ୍ୱର କୁମାରଙ୍କ ସହ ଯୁଗ୍ମଭାବେ ୨୩ତମ ସ୍ଥାନରେ ରହିଛନ୍ତି। ବ୍ୟାଟିଂ ତାଲିକାରେ ଅଧିନାୟକ ରୋହିତ ଶର୍ମା ତୃତୀୟ ସ୍ଥାନରେ ଥିବା ବିରାଟ କୋହଲିଙ୍କ ପଏଣ୍ଟ ପାଖାପାଖି ପହଞ୍ଚି ଯାଇଛନ୍ତି। ଏବେ ଦୁଇ ଖେଳାଳିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ମାତ୍ର ୧ ରହିଛି। ବାମହାତୀ ଶିଖର ଧାୱନ ଗୋଟିଏ ପାହାଚ ଚଢ଼ି ୧୨ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଆଇସିସି ପୁରୁଷ ଟି୨୦ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ୪୪ଟି ସ୍ଥାନ ଉପରକୁ ଲମ୍ଫ ମାରିଛନ୍ତି। ଏଥିସହ ସେ କ୍ୟାରିୟର ଶ୍ରେଷ୍ଠ ୫ମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଦ୍ରୁତ ବୋଲର ଭୁବନେଶ୍ୱର କୁମାର ୭ଟି ସ୍ଥାନ ଉପରକୁ ଯାଇ ଏବେ କ୍ୟାରିୟର ଶ୍ରେଷ୍ଠ ୭ମରେ ପହଞ୍ଚିଛନ୍ତି। ଲେଗ୍ ସ୍ପିନର ୟୁଜବେନ୍ଦ୍ର ଚହଲ ୧୯, ହର୍ଶଲ ପଟେଲ ୨୩ ଓ ବୁମ୍‌ରା ୨୭ତମ ସ୍ଥାନରେ ଅଛନ୍ତି।

ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

ଯଶପ୍ରୀତ୍ ବୁମ୍‌ରା

ଡୋପିଂ ଅଭିଯୋଗରେ ଅଲିମ୍ପିକ୍ସ ପଦକ ବିଜେତା ନିଲମ୍ବିତ

ମୋନାକୋ, ୧୩।୭ (ପି.ଟି) : ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପୂର୍ବରୁ ଡୋପିଂ ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଧାବକ ନାଇଜେଲ ଆମୋସ୍। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ୮୦୦ ମିଟର ଦୌଡରେ ରୌପ୍ୟ ପଦକ ସହିତ ବୋଷ୍ଟୱାନା ପାଇଁ ସେ ପ୍ରଥମ ପଦକ ଜିତିବାର କୃତିତ୍ୱ ହାସଲ କରିଥିଲେ। ଏକ ଅବୈଧ ପଦାର୍ଥ ସେବନ ପାଇଁ ୨୮ ବର୍ଷୀୟ ଆମୋସଙ୍କୁ ମଙ୍ଗଳବାର ଆଥଲେଟିକ୍ସ ଇଣ୍ଟେଗ୍ରେସନ ୟୁନିଟ୍ ପକ୍ଷରୁ ନିଲମ୍ବନ କରାଯାଇଛି। ଜୁନ୍ ୪ ତାରିଖରେ ନିଆଯାଇଥିବା ନମୁନାରୁ ଜିଡନ୍ସ୍ୟୁ୧୫୧୬ ନାମକ ଏକ ରାସାୟନିକ ମିଳିଥିଲା। ଏହା ଶରୀରର ପାଚନ ପ୍ରକ୍ରିୟାକୁ ତୀବ୍ର କରିଥାଏ। ଏହା ସହିତ ଚର୍ବି ହ୍ରାସରେ ସହାୟକ ମଧ୍ୟ ହୋଇଥାଏ। ତେବେ ଏହା ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ରହୁଥିବାରୁ ଆଣ୍ଟି ଡୋପିଂ ଏଜେନ୍ସିଗୁଡିକ ପକ୍ଷରୁ ଏହା ଉପରେ ବ୍ୟାନ୍ ଲଗାଯାଇଥିଲା। ଆସନ୍ତା ୨୦ ତାରିଖରେ ୮୦୦ ମି. ହିଟ୍‌ରେ ଅଂଶଗ୍ରହଣ କରିଥାନ୍ତେ ଆମୋସ୍। ୟୁଜିନିରେ ରହିଥିବା ଆମୋସଙ୍କୁ ନିଲମ୍ବନ କରାଯାଇଥିବା ସ୍ପଷ୍ଟ କରାଯାଇଛି।

ଫାଓ ଲିଗ୍: ରାଧାରମଣ ବିଜୟୀ

ଭୁବନେଶ୍ୱର, ୧୩।୭ (କ୍ରୀଡ଼ା ପ୍ରତିନିଧି): ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ରାଧାରମଣ କ୍ଲବ ୨-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ୟଙ୍ଗ ଉତ୍କଳର ରାକେଶ ସାହୁ ୬ଷ୍ଠ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ରାଧାରମଣ ପକ୍ଷରୁ ଭିକି ସେଠୀ ୪୦+୧ ଏବଂ ବିନୟ କିଷାନ ୪୪ତମ ମିନିଟରେ ଲେଖାଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଗୁରୁବାର ଓଡ଼ିଶା ପୋଲିସ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ମ୍ୟାଚ ଅପରାହ୍ନ ୩ଟା ୩୦ରେ ଅନୁଷ୍ଠିତ ହେବ।

ସହଯୋଗ ପ୍ରତିଶ୍ରୁତି ଦେଲେ ଅନୁରାଗ

ନୂଆଦିଲ୍ଲୀ, ୧୩।୭ (ପି.ଟି)

ଭାରତରେ ଆସନ୍ତା ଅକ୍ଟୋବର ମାସରେ ଖେଳାଯିବ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍। କେନ୍ଦ୍ର କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଏହି ଟୁର୍ନାମେଣ୍ଟ ପାଇଁ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିବା ନେଇ ସର୍ବଭାରତୀୟ ଫୁଟବଲ ସଂଘ(ଏଆଇଏଫଏଫ୍) ପକ୍ଷରୁ କୁହାଯାଇଛି। ନିକଟରେ ଫିଫା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଜେମି ୟାଜରା ଭାରତ ଗସ୍ତରେ ଆସି ଠାକୁରଙ୍କୁ ଭେଟିଥିଲେ। ଏହି ଆଲୋଚନା ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତାର ପ୍ରତିଶ୍ରୁତି ମିଳିଥିବା ନେଇ ଏଆଇଏଫଏଫ ସାଧାରଣ ସମ୍ପାଦକ ସୁନନ୍ଦୋ ଧର ସୂଚନା ଦେଇଛନ୍ତି। ୧୬ ଟି ଟିମ୍ ବିଶିଷ୍ଟ ଏହି ମୁକାବିଲା ଆସନ୍ତା ଅକ୍ଟୋବର୧୧-୩୦ ମଧ୍ୟରେ ଅନୁଷ୍ଠିତ ହେବ। ଭୁବନେଶ୍ୱର, ମଡଗାଓଁ ଏବଂ ନଭି ମୁମ୍ବାଇରେ ଏହି ମୁକାବିଲା ଖେଳାଯିବ।

ଫିଫା ଅଧିକାରୀଙ୍କ ସହ ଅନୁରାଗ ଠାକୁର (ବାମ)।

ୟାଜରାଙ୍କ ଏହି ଗସ୍ତ ସଫଳ ହୋଇଛି ଓ ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଅନୁରାଗ ପ୍ରତିଶ୍ରୁତି ଦେଇଥିବା ନେଇ ଏଆଇଏଫଏଫ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ କୁହାଯାଇଛି। ୟାଜରା ଏହି ଗସ୍ତ ସମୟରେ ଫୁଟବଲ ବିଶ୍ୱକପ୍ ପାଇଁ ହୋଇଥିବା ପ୍ରସ୍ତୁତି କେତେବାଟ ଆଗେଇଛି ତାହାର ଯାଞ୍ଚ କରିବେ। ପୂର୍ବରୁ ଭାରତ ୨୦୧୭ରେ ଫିଫା ୧୭ ବର୍ଷରୁ କମ ପୁରୁଷ ବିଶ୍ୱକପ୍ ସଫଳତାର ସହିତ ଆୟୋଜନ କରି ସାରିଛି।

୧୭ ବର୍ଷରୁ କମ୍ ମହିଳା ଫୁଟବଲ୍ ବିଶ୍ୱକପ୍

ଫିଫା ଅଧିକାରୀଙ୍କ ପକ୍ଷରୁ 'ଫୁଟବଲ ଫର ସ୍କୁଲ' କ୍ୟାମ୍ପେନ୍ ସମ୍ପର୍କରେ ଅନୁରାଗଙ୍କୁ ସୂଚନା ଦିଆଯାଇଥିଲା। ଏହି କ୍ୟାମ୍ପେନରେ ଶିକ୍ଷା ଓ କ୍ରୀଡାର ଏକ ମିଶ୍ରଣ ଦେଖିବାକୁ ମିଳିଥାଏ। ଛାତ୍ରଛାତ୍ରୀଙ୍କୁ ଫୁଟବଲ ସହିତ ଜୀବନଧରଣର ଅନ୍ୟାନ୍ୟ କୌଶଳ ଶିକ୍ଷା ପ୍ରଦାନ କରିବା ଏହି କ୍ୟାମ୍ପେନର ଲକ୍ଷ୍ୟ। ଅନୁରାଗ ମଧ୍ୟ ସମାନ ଭାବରେ ଇ ପାଠଶାଳା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଥଲେଟ ମାନଙ୍କ ପାଇଁ ସାଇ ପକ୍ଷରୁ ଏହି ପ୍ରୋଗ୍ରାମ ଲଞ୍ଚ କରାଯାଇଥିବା ସେ କହିଥିଲେ। ଅମୃତ ମହୋତ୍ସବରେ ଫୁଟବଲକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏଆଇଏଫଏଫ ପ୍ରୟାସ କରିବ ବୋଲି କହିଛନ୍ତି ଅନୁରାଗ। ଅଗଷ୍ଟ ୫ରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ଟିକେଟ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନୁରାଗ ଠାକୁର ମୁଖ୍ୟ ଅତିଥି ରହିବେ।

INDIA'S MOST TRUSTED BRAND
NO. 1 BRAND
WORLD'S GREATEST BRANDS
Divisa
www.divisastore.com
ପ୍ରତିଥର ନୂଆ କାହିଁକି ବାରମ୍ବାର ପରୀକ୍ଷା କରିବା ଛାଡ଼ନ୍ତୁ
ନିଜ ତ୍ୱଚା ଉପରେ ପରୀକ୍ଷା ନିରୀକ୍ଷା କରିବା ବନ୍ଦ କରନ୍ତୁ, କାରଣ ଆପଣଙ୍କ ଆୟୁର୍ବେଦିକ ରୂପ ମନ୍ତ୍ରା ହିଁ ଅଟେ ସର୍ବଶ୍ରେଷ୍ଠ, ଯାହା ଆପଣଙ୍କ ଚେହେରାର ତ୍ୱଚାକୁ ଭିତରୁ ତେଜମୟ ଓ ଚମକଦାର କରିବାରେ ଅତ୍ୟନ୍ତ ସହାୟକ, ଏଥି ସହ ଏହା ଡାର୍କ ସର୍କଲ୍ସ ଓ ବାଦାମୀ ଦାଗକୁ କମ୍ କରି ଆପଣଙ୍କ ଚେହେରାକୁ ଉଜ୍ଜ୍ୱଳ ରଖିବାରେ ମଧ୍ୟ ସହାୟତା କରିଥାଏ।
1 Paraben Free
2 Alcohol Free
3 Steroids Free
4 Silicon Free
5 Mineral Oil Free
Roop Mantra
An Ayurvedic Medicinal Cream
ଶୁଦ୍ଧ ଆୟୁର୍ବେଦିକ ଜଡ଼ି-ବୁଟିରେ ତିଆରି
ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍‌ରେ ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ି ବୁଟି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ଭଳି କାମ କରିଥାଏ । ଏହା କୌଣସି କସ୍‌

ଆଜି କ'ଣ କେଉଁଠି

ଯାଜପୁର ରୋଡ
- ଭିସା ଗ୍ରୁପ ପକ୍ଷରୁ ମହିଳାଙ୍କ ଋତୁସ୍ରାବ, ବ୍ରେଷ୍ଟ ଓ ଓଭାରିଆନ କ୍ୟାନସର ସମ୍ପର୍କିତ ସଚେତନତା କର୍ମଶାଳା। ସ୍ଥାନ- ନବ ଉତ୍କଳ ମହିଳା ସମିତି, ସାପଗଡ଼ିଆ। ସମୟ-ଅପରାହ୍ନ ୨ଟା ୩୦ ।

ଯାଜପୁର
- ଯାଜପୁର ଜିଲା କ୍ରୀଡା ବିଭାଗ ପକ୍ଷରୁ ଜିଲାସ୍ତରୀୟ ପହଁରା ପ୍ରତିଭା ଚୟନ କାର୍ଯ୍ୟକ୍ରମ। ସ୍ଥାନ-ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍। ସମୟ-ପୂର୍ବାହ୍ନ ୯ଟା ।

ଧର୍ମଶାଳା
- କୋତପୁର ଓ ମଧୁସୂଦନପୁର କୃଷି ସେବା ସମବାୟ ସମିତିର ସଭାପତି ନିର୍ବାଚନ, ସ୍ଥାନ- ସମ୍ପୃକ୍ତ ସେବା ସମବାୟ ସମିତି କାର୍ଯ୍ୟାଳୟ, ସମୟ- ଦିବା ୧୦ରୁ ୧୨ ଘଟିକା ପର୍ଯ୍ୟନ୍ତ।

ଶ୍ରମିକଙ୍କୁ ନିଯୁକ୍ତି ଦାବି ତେଜିଲା

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୧୩।୭

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଏକମାତ୍ର ରାଷ୍ଟ୍ରାୟତ ଉଦ୍ୟୋଗ ନୀଳାଚଳ ଇସ୍ପାତ୍ ନିଗମକୁ ଇତିମଧ୍ୟରେ ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ ଅଧିଗ୍ରହଣ କରିଛି। ଏହି କ୍ରମରେ କାରଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ ଛଟେଇ ଠିକା ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଦାବି କରିଛନ୍ତି।

ଘଡେଇ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଇଛନ୍ତି, ରାଉରକେଲା ଇସ୍ପାତ୍ କାରଖାନା ପରେ ଦ୍ୱିତୀୟ ଇସ୍ପାତ୍ କାରଖାନାର ପରିକଳ୍ପନା କରି ଏହି କାରଖାନା ପ୍ରତିଷ୍ଠା କରାଯାଇଥିଲା। ଏହାକୁ ବିଜୁ ପଟ୍ଟନାୟକ ମାତ୍ର ୧ ଟଙ୍କାରେ କେନ୍ଦ୍ର ସରକାରଙ୍କ ୪ ଉଦ୍ୟୋଗ ଏବଂ ରାଜ୍ୟ ସରକାରଙ୍କ ୨ ଉଦ୍ୟୋଗକୁ ଦେଇଥିଲେ। ଯେଉଁଥିରେ କେନ୍ଦ୍ରସରକାରଙ୍କ ଉଦ୍ୟୋଗ ଏମ୍ଏମ୍‌ଟିସି ଲିମିଟେଡର ୪୯.୭୮%, ଏନ୍ଏମ୍‌ଡିସିର ୧୦.୧୦%, ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ ୦.୬୮%, ମେକନର ୦.୬୮% ଏବଂ ରାଜ୍ୟ ସରକାରଙ୍କର ୨ ଉଦ୍ୟୋଗ ଓଡିଶା ଖଣି ନିଗମର ୨୦.୪୭% ଓ ଇପିକଲ୍‌ର ୧୨.୦୦% ଅଂଶଧନ ରହିଥିଲା। ଏହି ପ୍ରକଳ୍ପ ନିର୍ମାଣ ପାଇଁ କଳିଙ୍ଗନଗର ଅଞ୍ଚଳର ୬୩୯ ପରିବାର ନିଜର ଭିଟାମାଟି ଛାଡି ବିସ୍ଥାପିତ ହୋଇଛନ୍ତି। କିନ୍ତୁ ଏହାର ମୁଖ୍ୟ ପରିଚାଳନା ଭାର ଗ୍ରହଣ କରିଥିବା ଏମ୍ଏମ୍‌ଟିସି କାରଖାନା ପାଇଁ କିଣା ଯାଇଥିବା କଞ୍ଚାମାଲ ଏବଂ କାରଖାନାର ଉତ୍ପାଦିତ ପଦାର୍ଥର ଖର୍ଦ୍ଦି ବିକ୍ରିରୁ ନିଜର କମିଶନ ଆଦାୟ ମାଧ୍ୟମରେ ଖଟାଇଥିବା ପୁଞ୍ଜିଠାରୁ ବହୁ ଅଧିକ ଅର୍ଥ ଉଠାଇ ନେଇଥିଲା। ଏଭଳି ଉଦାସୀନ ମନୋଭାବ ପାଇଁ ହେଉ କିମ୍ବା ପରିଚାଳନାଗତ ତ୍ରୁଟି କାରଣରୁ କାରଖାନାଟି ୨୦୧୮ରୁ କ୍ରମାଗତ କ୍ଷତି ସହିଲା। ଶେଷରେ କରୋନା ମହାମାରୀ କାଳରେ ୨୦୨୦ ମାର୍ଚ୍ଚରେ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆ ଗଲା। ଏହାସହ ପୁଞ୍ଜି ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରି ଦିଆଗଲା। ପୁଞ୍ଜି ପ୍ରତ୍ୟାହାର ଏବଂ ଘରୋଇକରଣ ବିରୋଧରେ ପ୍ରଥମେ ନୀଳାଚଳ ଇସ୍ପାତ କାରଖାନାର କର୍ମଚାରୀ, ଶ୍ରମିକ, ଶ୍ରମିକ ସଙ୍ଗଠନ ଏବଂ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇଥିଲେ। ମାତ୍ର କର୍ମଚାରୀ ଏବଂ ଶ୍ରମିକଙ୍କ ପୁନଃନିଯୁକ୍ତି ନିରାପତ୍ତା ସମ୍ପର୍କରେ ନିର୍ଭର ପ୍ରତିଶ୍ରୁତି ପାଇଲା ପରେ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ୍ ଲିମିଟେଡକୁ ସମସ୍ତେ ସ୍ୱାଗତ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ନୀଳାଚଳ ଇସ୍ପାତ କାରଖାନାରେ ନିଯୁକ୍ତି ପ୍ରାପ୍ତ ୧୫୫୦ କର୍ମଚାରୀଙ୍କୁ ପ୍ରାୟତଃ କମ୍ପାନୀ କର୍ତ୍ତୃପକ୍ଷ ନିଯୁକ୍ତି ଦେଇ ସାରିଛନ୍ତି। ହେଲେ କାରଖାନା ନିର୍ମାଣରେ ଆଜି ପର୍ଯ୍ୟନ୍ତ ସହଯୋଗୀ ସାଜିଥିବା ପ୍ରାୟ ୩୦୦୦ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଏବଂ ସ୍ଥାନୀୟ ଠିକାଦାରମାନଙ୍କୁ କାମ ଦେବା ଦିଗରେ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ୍ ଲିମିଟେଡ କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଗ୍ରହଣ କରୁଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା କଳିଙ୍ଗ ନଗର ମଜଦୁର ୟୁନିୟନର ମୁଖ୍ୟ ଉପଦେଷ୍ଟା ଘଡାଇ ଅଭିଯୋଗ କରିଛନ୍ତି। ତେଣୁ କାରଖାନାରେ ପରୋକ୍ଷ ଭାବେ ନିଯୁକ୍ତି ପାଇଥିବା ୩୦୦୦ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଦିଆଯାଉ। ତୁରନ୍ତ କାରଖାନାର କାମ ଆରମ୍ଭ କରିବା ସହିତ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରିବା ଏବଂ ଠିକାଦାରୀ କରୁଥିବା ସମସ୍ତ ସ୍ଥାନୀୟ ଲୋକମାନଙ୍କୁ ସୁଯୋଗ ଦେବା ପାଇଁ ସେ ଦାବି କରିଛନ୍ତି।

ଅପରପକ୍ଷେ ନୀଳାଚଳ ଇସ୍ପାତ କାରଖାନା ନିକଟରେ ୨୫୦୦ ଏକର ନିଜସ୍ୱ ଜମି, ୮୨୪ ହେକ୍ଟର ଲୌହ ଖଣି ସମେତ ଆବଶ୍ୟକ ଭିତ୍ତିଭୂମି ଏବଂ ଶିଳ୍ପ ଅନୁକୂଳ ସ୍ଥାନୀୟ ବାତାବରଣ ରହିଛି। ଟାଟା କମ୍ପାନୀ ଭଳି ଏକ ବୃହତ୍ ଶିଳ୍ପ ସଂସ୍ଥା ଏହାକୁ ଅଧିଗ୍ରହଣ କରିଥିବାରୁ ଏହାର ଉତ୍ପାଦନ କ୍ଷମତା ତୁରନ୍ତ ୧.୧ ମିଲିୟନ ଟନରୁ ବଢାଇ ୫ ମିଲିୟନ ଟନ୍ ଏବଂ ପରବର୍ତ୍ତି ପର୍ଯ୍ୟାୟରେ ୧୦ ମିଲିୟନ ଟନ କରିବା ସହିତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତ, ବ୍ୟବସାୟିକ କ୍ଷେତ୍ରରେ ଅଗ୍ରାଧିକାର, ଆଞ୍ଚଳିକ ଉନ୍ନୟନ ପାଇଁ ଅର୍ଥ ବରାଦ ଏବଂ ଚାରା ରୋପଣ ତଥା ପରିବେଶ ସୁରକ୍ଷା ଦିଗରେ ଧ୍ୟାନ ଦେବାକୁ ଘଡେଇ ଅନୁରୋଧ କରିଛନ୍ତି। ଏହା ଫଳରେ ଟାଟା କମ୍ପାନୀର ଲଙ୍ଗ ପ୍ରଡକ୍ଟସ୍ କମ୍ପ୍ଲେକ୍ସର କ୍ଷମତା ବୃଦ୍ଧି ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ତଥା କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଏଥିରୁ ଅଧିକ ରାଜସ୍ୱ ପାଇ ପାରିବେ। ଏହା କେନ୍ଦ୍ର ସରକାରଙ୍କ ଜାତୀୟ ଇସ୍ପାତ ନୀତି-୨୦୧୭ ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ଦେଶରେ ୩୦୦ ମିଲିୟନ୍ ଟନ ଏବଂ ଓଡିଶା ସରକାରଙ୍କ ଘୋଷଣା ଅନୁଯାୟୀ ରାଜ୍ୟରେ ୧୦୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ପୁରଣ ଦିଗରେ ଆଉ ଏକ ମାଇଲ ଖୁଣ୍ଟ ହୋଇ ପାରିବ ବୋଲି ଘଡାଇ ଆଶାବ୍ୟକ୍ତ କରିଛନ୍ତି।

ନୀଳାଚଳ ଇସ୍ପାତ୍ କାରଖାନାକୁ କାର୍ଯ୍ୟକ୍ଷମ କରିବାକୁ ପ୍ରଫୁଲ୍ଲ ଘଡ଼େଇଙ୍କ ଗୁରୁତ୍ୱ

ହେଟାବାଘ କାମୁଡ଼ାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

ଚଣ୍ଡିଖୋଲ,୧୩।୭(ଡି.ଏନ.ଏ.)

ହେଟାବାଘ କାମୁଡ଼ାରେ ଆହତ ହୋଇଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମର ଅଶୋକ ସେନାପତି(୫୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ହୋଇଛି। ବୁଧବାର ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତେବେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭଯୋଗ ହୋଇଛି। ଅଶୋକ ମେ' ୧୬ରେ ବିଲକୁ ଯାଇଥିବା ବେଳେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ସିପୁରାଠାରେ ଏକ ହେଟାବାଘ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦୀର୍ଘ ଦିନ ଚିକିତ୍ସିତ ହେଲା ପରେ ଘରକୁ ଫେରି ଆସିଥିଲେ। ତେବେ ଗତ ଶୁକ୍ରବାର ପୁନର୍ବାର ତାଙ୍କ ଶରୀରରେ ଜଳାତଙ୍କ ରୋଗ ଦେଖା ଦେଇଥିଲା। ଫଳରେ ପରିବାର ଲୋକେ ତାଙ୍କୁ ପୁଣି କଟକ ବଡ଼ ମେଡିକାଲ ନେଇଥିଲେ। ସେଠାରେ ସେ ଚିକିତ୍ସାଧୀନ ଥିଲେ। ତାଙ୍କ ପରିବାରକୁ ତୁରନ୍ତ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବ୍ୟାସଦେବଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା,୧୩।୭(ଡି.ଏନ.ଏ.): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବୁଧବାର ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସରରେ ସ୍ତମ୍ଭକାର ନବଘନ ଜେନାଙ୍କ ସଭାପତିତ୍ୱରେ ବ୍ୟାସଦେବଙ୍କ ଜୟନ୍ତୀ ପାଳିତ ହାଇଯାଇଛି। ଅତିଥି ଭାବେ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର, ଶିକ୍ଷାବିତ ବେଣୁଧର ନାୟକ ଯୋଗଦେଇ ବ୍ୟାସଦେବ ଭାଗବତ, ଗୀତା, ଅଷ୍ଟାଦଶ ପୁରାଣ ଓ ମହାଭାରତ କାବ୍ୟର ରଚୟିତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଅର୍ଜୁନ ପୃଷ୍ଟି, ସବିତା ମିଶ୍ର, ଗୋଲକ ଚନ୍ଦ୍ର ପଲେଇ ଓ ସରୋଜିନୀ ପଣ୍ଡା ବ୍ୟାସଦେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସତ୍ୟାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ପରିବେଶ ସଚେତନତା କାର୍ଯ୍ୟକ୍ରମ

ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ସିଂହପୁର,୧୩।୭(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ ରାହାସ ଗ୍ରାମର କନକଲତା ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ପରିସରରେ ନଳିନୀପ୍ରଭା ଫାଉଣ୍ଡେଶନ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ନଳିନୀପ୍ରଭା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ସୁଶାନ୍ତ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ରାଜକିଶୋର ପଣ୍ଡା ଯୋଗଦେଇ ପରିବେଶ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ପରିବେଶ ଉପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ବିଜୟିନୀ ଦାସ ସମ୍ବର୍ଦ୍ଧିତ ହୋଇଥିଲେ। ଅନୁଷ୍ଠାନର ସମ୍ପାଦକ ଦିନେଶ ମଲିକ ଧନ୍ୟବାଦ ଦେଇଥିଲେ।

'ଗୌରୀଶଙ୍କର ଓଡ଼ିଆ ସାହିତ୍ୟକୁ ଶକ୍ତିଶାଳୀ ପାଇଁ ସାଧନା କରିଥିଲେ'

ଧର୍ମଶାଳା,୧୩।୭(ଡି.ଏନ.ଏ.): ଧର୍ମଶାଳାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ଆଧୁନିକ ଓ ଶକ୍ତିଶାଳୀ କରିବା ଦିଗରେ ଗୌରୀଶଙ୍କରଙ୍କ ନିରବଚ୍ଛିନ୍ନ ସାଧନା ରହିଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ଯୋଗଦେଇ ଗୌରୀଶଙ୍କର ସମାଜ ସଂସ୍କାରଠାରୁ ଆରମ୍ଭ କରି ଓଡ଼ିଆ ବିରୋଧୀ ଶକ୍ତିମାନଙ୍କର ଦୃଢ଼ ମୁକାବିଲା କରିଥିଲେ, ଯାହା ତାଙ୍କ ଦ୍ୱାରା ପ୍ରକାଶିତ ଉତ୍କଳ ଦୀପିକା ପତ୍ରିକାରୁ ଜଣାପଡ଼େ ବୋଲି ସୂଚନା ଦେଇଥିଲେ। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ସମ୍ପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିଲେ। କବି ବ୍ରଜକିଶୋର ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରତାପରୁଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡ. ରୁଦ୍ରନାରାୟଣ ପୃଷ୍ଟି, ପ୍ରଦୀପ ସାମଲ, ସନ୍ତୋଷ ତରାଇ ଓ ଅଧ୍ୟାପକ ବିଜୟ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆସନ୍ତା ୧୭ ତାରିଖ ପୂର୍ବାହ୍ନରେ ଜାରକାସ୍ଥିତ ସିଭିକ ସେଣ୍ଟର ପରିସରରେ ମହେଶ୍ୱର ପାଢ଼ୀଙ୍କ ସମ୍ପାଦନାରେ ରବୀନ୍ଦ୍ର ଭାରତୀ ପୁସ୍ତକ ଓ ଗୋକର୍ଣ୍ଣିକା ବିଶେଷ ସଂଖ୍ୟା ଲୋକାର୍ପଣ କରାଯିବା ପାଇଁ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡ. ସତ୍ୟପ୍ରିୟ ମହାଳିକ, ପ୍ରଫେସର ଶିରୀଶ ଚନ୍ଦ୍ର ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ବାସନ୍ତୀ ମହାନ୍ତି ପ୍ରମୁଖ ଯୋଗଦେବେ ବୋଲି ସମ୍ପାଦକ ସାମଲ ସୂଚନା ଦେଇଥିଲେ। ଅଜୟ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୫୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୯୫ ତା:୧୧।୦୭।୨୨

ବିଜ୍ଞାପନ

No. CAD-1110: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ. ଏଚ୍.ଆଇ.ଜି.-୮/୪ (HIG-8/4)ଟିକୁ ଶ୍ରୀମତୀ ଉଷାରାଣୀ ମହାପାତ୍ର, ସ୍ୱା.: ଡକ୍ଟର ଅଜୟ କୁମାର ମହାପାତ୍ର, ସା.- ଡିହଦୋଳ, ପୋ.- ପରଜଙ୍ଗ, ଥା.- ପରଜଙ୍ଗ, ଜି.: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଉଷାରାଣୀ ମହାପାତ୍ର ଉକ୍ତ ଗୃହଟିକୁ ଦାନସ୍ୱତ୍ତ ଆଧାରରେ ତାଙ୍କର ପୁତ୍ର ଶ୍ରୀ ପ୍ରଦୀପ କୁମାର ମହାପାତ୍ର, ପି.: ଡକ୍ଟର ଅଜୟ କୁମାର ମହାପାତ୍ର, ସା.: ଡିହଦୋଳ, ପୋ/ଥା.: ପରଜଙ୍ଗ, ଜି.: ଢେଙ୍କାନାଳଙ୍କ ନାମରେ ମାଲିକାନା ସ୍ୱତ୍ତ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ତ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0204/2223

OFFICE OF THE MUNICIPAL COUNCIL, BRAJRAJNAGAR No. C-761

E-Procurement Notice

Bid Identification No. : BRJNRM-02/2022-23
Total No. of Works : 07 Nos.
Tender ID : 2022_ORULB_79691
Tender Value : Rs.13.56 lakhs
Bid Security : Rs.13560.00
Available Period : Dt.14.07.2022, 11.00 A.M. to 25.07.2022, 05.00 P.M.
Tender Opening Date : 28th July 2022, 11.00 A.M.

Bidders are requested to participate in advance with their Class-II and Class-III contractor DSC before the closing date. Further details pelase visit: **www.tendersorissa.gov.in.**

Sd./- Executive Officer
Brajrajnagar Municipality
OIPR-13099/11/0011/2223

No.CAD-1115

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022

Tender Call Notice No.H.O./P&C/EST-E-1517/01/2020-17559,Dt.13.07.2022

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Sl. No.	Name of Work	Value of Work (Approx.)	Period of Completion
1	"Providing & laying of D.I.S./S Pipe of 250mm dia K-9 for clear water rising main from existing water works of Kotapada NAC to Khandiguda Square (Near Indrabati River) to connect with pipeline for Bamani Industrial Estate in the District of Nawarangpur".	Rs.197.10 Lakh	04 (Four) Calendar Months

1. Other details:

Procurement Officer	Bid Identification No.	Availability of Tender online for Bidding	
		From	To
1	2	3	4
Chief General Manager (P&C), IDCO, IDCO Towers, Bhubaneswar- 751022	Bid ID No. P&C/EST/ E-29/2022-23	17.00 Hours of 19.07.2022	17.00 Hours of 03.08.2022

Further details can be seen from the e-Procurement Portal. www.tendersodisha.gov.in. Corrigendum or addendum if any will not be published in news papers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.

Sd.- Chief General Manager (P&C), IDCO, Bhubaneswar
OIPR-14003/11/0072/2223

GOVT. OF ODISHA No. O-632

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

Tel.; 06766-258301 (O), email: se_nerwkjr@rediffmail.com

e-Procurement Notice for Road Works under Periodical Maintenance

No. 1355 Identification No. - Road Online NCB. No. 341 Date: 08.07.2022

1. Name of the Work : Periodical Maintenance (SDBC Work) in the District of Keonjhar
2. No. of Work : 10 (Ten) Nos.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

Procurement Officer	Bid Identification No.	Availability of tender Online for Bidding		Last date & time of seeking tender clarification	Date & time of Opening of Tender in O/o. S.E.N.E.R.W. Circle, Keonjhar	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Keonjhar	Road Online NCB No. 341	Dt.18.07.2022 at 11.00 A.M.	Dt.01.08.2022 upto 5.00 P.M.	Dt.30.07.2022 upto 5.00 P.M.	Dt.02.08.2022 at 11.00 A.M.	Will be intimated later

• Further details can be seen from the website: **www.tendersorissa.gov.in.**

OIPR-25177/11/0010/2223 Sd./- Chief Construction Engineer, R.W. Circle, Keonjhar

NATIONAL HYDROLOGY PROJECT
STATE PROJECT MANAGEMENT UNIT (SPMU), ODISHA
HP Administrative Building, Unit-VIII, Delta Square, Bhubaneswar-751012, email: odishagwhp3@gmail.com

SHOPPING FOR GOODS
INVITATION FOR BIDS (IFB)

BID Reference No.: NHP/OD-GW/STUDY/CENSUS/2022-23/33
Dated. 11th July 2022

No.A-391: The Joint Director (Geology), GWD& Procurement Officer (GW), NHP - Odisha, invites tenders through e-Procurement platform online from eligible bidders for the work: - "Census Survey of Ground water abstraction structure in 6(six) nos. of semi critical blocks of Odisha using android mobile application of NHP-Odisha for the year 2022-23". Bidding documents are available online on www.tendersodisha.gov.in which is free of cost. Bidders are advised to participate in the bidding process as per instructions given in bidding document.

Bid Reference Procurement Plan Ref. no	PP Pkg No: NHP-2021-2022-OD-**798675**
Bid documents	Can be downloaded from Website https://tendersodisha.gov.in.
Price of Bid Document	Free of cost
Start date of availability of Bid document Online	14.07.2022 at 11.30 hrs
Last Date of availability of Bid document Online	03.08.2022 at 14.00 hrs
Start Date of e-Bid submission	27.07.2022 at 11.00 hrs
Last date of e-Bid submission	03.08.2022 at 14.00 hrs
Time & Date of Online opening of bids in the portal	03.08.2022 at 15.00 hrs

Further details can be seen from e-Procurement portal https://tendersodisha.gov.in

Sd./-Joint Director (Geology) GWD
& Procurement Officer (GW), SPMU, N

ସମନ୍ୱିତ ଚାଷ ପାଇଁ ଚାଷୀଙ୍କୁ ପରାମର୍ଶ

ନୟାଗଡ଼ ଅଫିସ,୧୩।୭

ସମୀକ୍ଷା ବୈଠକରେ ଆରଡିସି ଓ ଜିଲାପାଳଙ୍କ ସହ ବିଭାଗୀୟ ଅଧିକାରୀ ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ ବୁଧବାର ନୟାଗଡ଼ ଜିଲା ଗସ୍ତରେ ଆସି ପୂର୍ବାହ୍ନରେ ନୟାଗଡ଼ ଜିଲାପାଳଙ୍କ ସହ କଣ୍ଟିଲୋ ନୀଳମାଧବ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ଅପରାହ୍ନ ୩ଘଟିକା ସମୟରେ ଜିଲା ପରିଷଦର ସୃଜନ ସଭାଗୃହରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ସମୀକ୍ଷା କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ, କ୍ଷୁଦ୍ର ଜଳସେଚନ, ଜଳସେଚନ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, କୃଷି, ପ୍ରାଣୀ ସମ୍ପଦ,ମତ୍ସ୍ୟ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ, ଶ୍ରମ ବିଭାଗ, ନଗର ଉନ୍ନୟନ ବିଭାଗର ରାଜ୍ୟ ଓ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଚାଲୁଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଧାନ ଚାଷ ସହିତ ମାଛ ଚାଷ, ଉଦ୍ୟାନ କୃଷି, କୁକୁଡ଼ା ଚାଷ, ଛେଳି ଓ ଘୁଷୁରୀ ପାଳନ ପରି ଲାଭଜନକ ସମନ୍ୱିତ ଚାଷ କଲେ ସୀମିତ ସମୟ ମଧ୍ୟରେ ଚାଷୀ ଅଧିକ ଉପକୃତ ହୋଇପାରିବେ ସେ ନେଇ ଟିପ୍ପଣୀ ରଖିଥିଲେ । ଏନେଇ ସଂପୃକ୍ତ ବିଭାଗମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନବଦ୍ଧ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଆର୍‌ଡିସିଙ୍କ ସମୀକ୍ଷା ବୈଠକ

ସମନ୍ୱିତ ଚାଷ ପାଇଁ ଚାଷୀମାନଙ୍କୁ ପରାମର୍ଶ, ତାଲିମ, ଆର୍ଥିକ ସହାୟତା, ଉତ୍ପାଦର ବିକ୍ରି ପାଇଁ ବିସ୍ତୃତ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରି କାର୍ଯ୍ୟ କଲେ ନୟାଗଡ଼ ଜିଲାର ଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିବ । ତତ୍‌ସହିତ ଜଳାର ଆର୍ଥିକ ବିକାଶ ଘଟିବ । ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ନିର୍ମାଣଧୀନ ବାଲାଙ୍ଗି ପାର୍କ ପରିଦର୍ଶନ କରିଥିଲେ । ବୈଠକରେ ଜିଲାପାଳ ପୋମା ଟୁଡୁ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

ନୟାଗଡ଼ ଅଫିସ,୧୩।୭

ମିଥ୍ୟା ପ୍ରତିଶ୍ରୁତି ଦେଇ କରିଥିଲେ ବଳାତ୍କାର

ନୟାଗଡ଼ ଫାଷ୍ଟ ଟ୍ରାକ କୋର୍ଟରେ ଶରଣକୂଳ ଥାନା ଅଞ୍ଚଳର ଏକ ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି କୁମାର ରଥ ବଳାତ୍କାରୀ ବଲାଙ୍ଗୀର ଜିଲା ଲୋଇସିଂହା ଥାନା କେଉଟପଲ୍ଲୀ ଗାଁର ଟୁଡୁ ନନ୍ଦ(୪୦)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସରକାରୀ ଓକିଲ ଅମୀୟ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ବଳାତ୍କାରୀ କେଉଟପଲ୍ଲୀ ଗାଁର ଟୁଡୁ ନନ୍ଦ ନୟାଗଡ ଜିଲା ମାଛିପଡାର ଏକ ମିଲରେ କାମ କରୁଥିଲେ । ମିଲ୍‌ରେ କାମ କରିବା ପାଇଁ ଟୁଡୁ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳକୁ ଯାଇ ବିଭିନ୍ନ ଲୋକଙ୍କ ସହ ମିଶି ଶ୍ରମିକ ଖୋଜୁଥିଲେ । ଏଭଳି ସ୍ଥଳେ ସୋଲପଟା ଅଞ୍ଚଳର ଜଣେ ଯୁବତୀଙ୍କୁ ସେ ଭଲ ପାଇ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ । ସମ୍ପୃକ୍ତ ଯୁବତୀ ଟୁଡୁଙ୍କ ସମ୍ପର୍କରେ ପଚାରିବାରୁ ଚତୁରତାର ସହ ସେ ଏଡାଇ ଯାଉଥିଲେ । ତେବେ ଯୁବତୀ ଜଣକ ୪ମାସର ଗର୍ଭବତୀ ହେବା ପରେ ସେ ବିବାହ କରିବାକୁ ଜିଦ୍ କରିଥିଲେ । ଏପରି କି ଶାଶୁ ଘର କେଉଟପଲ୍ଲୀକୁ ଯିବାକୁ କହିଥିଲେ । ତେବେ ଟୁଡୁ ମିଥ୍ୟା କଥା କହି ସବୁବେଳେ ଖସିବାକୁ ପ୍ରଚେଷ୍ଟା କରିଥିଲେ । ଶେଷରେ ଯୁବତୀ ଓ ତାଙ୍କ ପରିବାର ଲୋକ କେଉଟପଲ୍ଲୀ ଯାଇ ଦେଖନ୍ତି ତ ଟୁଡୁ ବିବାହିତା, ତାଙ୍କର ସ୍ତ୍ରୀ,ପିଲା ଅଛନ୍ତି । ଏଭଳି ସ୍ଥଳେ ସମ୍ପୃକ୍ତ ଯୁବତୀଙ୍କୁ ଶାଶୁ ଘରେ ଟୁଡୁ ରଖେଇ ନ ଦେଇ ବରଂ ମାରି ଦେବାକୁ ଯୋଜନା ପ୍ରସ୍ତୁତ କରିଥିଲେ । ଶେଷରେ ଯୁବତୀ ଜଣକ ଶରଣକୂଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୫/୨୦) ରୁଜୁ କରି ତଦନ୍ତ କରିଥିଲା । ଶେଷରେ ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା । ଏଭଳି ସମୟରେ ଯୁବତୀଙ୍କ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । ଏହି ମାମଲା ମହିଳା କୋର୍ଟରେ ବିଚାର ହୋଇ ଫାଷ୍ଟ ଟ୍ରାକ୍ କୋର୍ଟକୁ ସ୍ଥାନାନ୍ତରିତ ହୋଇଥିଲା । ୧୫ ସାକ୍ଷୀ, ତଦନ୍ତକାରୀ ଅଧିକାରୀଙ୍କ ଯୁକ୍ତି, ଡିଏନଏ ଟେଷ୍ଟ ରିପୋର୍ଟ, ସରକାରୀ ଓକିଲଙ୍କ ଯୁକ୍ତିକୁ ଆଧାର କରି ଦଣ୍ଡ ହୋଇଛି । ଅନ୍ୟପକ୍ଷେ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲା ଆଇନସେବା ପ୍ରାଧିକାରଣଙ୍କୁ ନିର୍ଦ୍ଦେଶ ରହିଛି ।

୨୦୧୮ରୁ ନୟାଗଡ଼ ମହାବିଦ୍ୟାଳୟରୁ ହଟିଛି ସ୍ୱୟଂଶାସିତ ମାନ୍ୟତା

ନୟାଗଡ଼ ଅଫିସ,୧୩।୭

ନୟାଗଡ଼ ମହାବିଦ୍ୟାଳୟର ସ୍ୱୟଂ ଶାସିତ ମାନ୍ୟତା ୨୦୧୮ରୁ ଆଉ ବୃଦ୍ଧି ହୋଇ ନାହିଁ । ମିଥ୍ୟାରେ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାହାବା ନିଆଯାଉଛି ବୋଲି ପୁରାତନ ଛାତ୍ର ତଥା ଆଇନଜୀବୀ ରଣଜିତ୍ ଦାଶ ଅଭିଯୋଗ କରିଛନ୍ତି । ରଣଜିତ୍‌ଙ୍କ ସୂଚନା ଅନୁଯାୟୀ, ମହାବିଦ୍ୟାଳୟର କାଛବାଡରେ ମିଛରେ ସ୍ୱୟଂ ଶାସିତ ଲେଖି ଛାତ୍ରୀଛାତ୍ରଙ୍କୁ ଭୁଆଁ ବୁଲା ଯାଉଛି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୮।୧।୨୦୧୮ରୁ ବିଶ୍ୱ ବିଦ୍ୟାଳୟ ଗ୍ରାଣ୍ଟ କମିଶନ (ୟୁଜିସି)ର କୋଲକତାସ୍ଥିତ ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟାଳୟ ଉପସଚିବ ଲଳିତା ଶେଶନ୍ ଉତ୍କଳ ବିଶ୍ୱ ବିଦ୍ୟାଳୟ ରେଜିଷ୍ଟାରଙ୍କୁ ଲେଖିଥିବା ପତ୍ରାଙ୍କ ସଂଖ୍ୟା ଏଫ.୨୨–୧/୨୦୧୨(ଏସି)ନୟାଗଡ ମହାବିଦ୍ୟାଳୟର ସ୍ୱୟଂ ଶାସିତ ମାନ୍ୟତା ୨୦୧୨–୧୩ ଶିକ୍ଷା ବର୍ଷରୁ ୨୦୧୭–୧୮ ୬ ବର୍ଷ ଯାଏ ବଳବତ୍ତର ଥିଲା । ଏହାର ଅବଧି ସଂପ୍ରସାରଣ ପାଇଁ ୟୁଜିସି ଷ୍ଟାଣ୍ଡିଂ କମିଟିର ଏଯାବତ୍ ମଞ୍ଜୁରୀ ପ୍ରାପ୍ତ ହୋଇ ନାହିଁ । ଏଣୁ ସ୍ୱୟଂ ଶାସିତ ମାନ୍ୟତା ପାଇବାରେ ନୟାଗଡ଼ କାହିଁକି ଅଣଦେଖା ହେଲା ତାର କାରଣ ଖୋଜା ଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ନୟାଗଡ଼ ବିଧାୟକ ଅରୁଣ ସାହୁ ୨୮ ମାସ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ଥିବାବେଳେ ନୟାଗଡ଼ ମହାବିଦ୍ୟାଳୟ ଉପେକ୍ଷିତ ହୋଇ ରହିଥିଲା । ୨୦୧୮ରୁ ବିଧାୟକ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଥିଲେ । ଏହା ପରେ ବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ମାନ୍ୟତାର ସଂପ୍ରସାରଣ ହୋଇପାରି ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ଏନେଇ ନୟାଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ କୁହନ୍ତି, ସ୍ୱୟଂ ଶାସିତ ମାନ୍ୟତାର ଅବଧି ବୃଦ୍ଧି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୦୨୬ ପର୍ଯ୍ୟନ୍ତ ୟୁଜିସିକୁ ୨୧।୫।୨୦୨୨ରେ ସୁପାରିଶ କରିଛନ୍ତି । ଏଣୁ ନୟାଗଡ଼ ମହାବଦ୍ୟାଳୟ ପାଇଁ ସ୍ୱୟଂ ଶାସିତ ମାନ୍ୟତା ମିଳିବାରେ ଅସୁବିଧା ନାହିଁ। ଏଯାବତ ଛାତ୍ରୀଛାତ୍ର ପରୀକ୍ଷା ଦେବା, ରେଜଲ୍ଟ ବାହାରିବା ପରି କୌଣସି ଅସୁବିଧା ନାହିଁ । ମହାବିଦ୍ୟାଳୟକୁ ଉନ୍ନତି କରିବାକୁ ପଦକ୍ଷେପ ଜାରି ରହିଛି ବୋଲି ସେ କହିଛନ୍ତି। ଖୁବ୍ ଶୀଘ୍ର କୋଲକତାରୁ ଟିମ୍ ଆସି ମହାବିଦ୍ୟାଳୟର ତଦାରଖ କରିବାର ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି ।

କାର୍–ବାଇକ୍ ଧକ୍କା, ଜଣେ ମୃତ

ଦଶପଲ୍ଲା,୧୩।୭ (ଡି.ଏନ.ଏ.)

ଖୋର୍ଦ୍ଧା–ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଖମାରସାହି ନିକଟରେ ଓଡି ୦୨ ଏକ୍ସ ୬୩୨୫ ନମ୍ବର ଏକ କାର୍ ସହିତ ଏକ ବାଇକ୍(ନଂ.ଓଆର ୦୨ ବିସି ୭୫୨୯) ବାଇକ୍‌ର ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦଶପଲ୍ଲା ନିକଟସ୍ଥ ମଧ୍ୟଖଣ୍ଡ ପଞ୍ଚାୟତର ମର୍ଦାବାଡି ସାହିର ହାତିବନ୍ଧୁ ପରିଡ଼ା। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ହୋଇଥିଲେ । ଦଶପଲ୍ଲା ଦମକଳ ବାହିନୀ ତାଙ୍କ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବୁଗୁଡ଼ା ଗ୍ରାମରେ ବୋମା ଆତଙ୍କ

ଦଶପଲ୍ଲା,୧୩।୭ (ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ଥାନାର ଟାକରା ପଞ୍ଚାୟତ ଅନ୍ତର୍ଗତ ବୁଗୁଡା ଗ୍ରାମର ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଅଭିମନ୍ୟୁ ନାୟକଙ୍କ ପରିତ୍ୟକ୍ତ ଘରେ ଅଜଣା ବ୍ୟକ୍ତି ଏକ ଜରି ବ୍ୟାଗ୍‌ରେ ୨ଟି ବୋମାରଖି ଦେଇଥିଲେ । ସକାଳୁ ଘର କାମ ଲାଗି ଶ୍ରମିକ ମାନେ ଇଟା ଆଣିବାପାଇଁ ଯାଇଥିବାବେଳେ ବ୍ୟାଗ୍‌ରେ କ'ଣ ଅଛି ଭାବି ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମର କେତେଜଣ ଯୁବକ କଣ ଅଛି ଭାବି ସେଥିରୁ ଗୋଟିଏ ଡ଼ବାକୁ ରାସ୍ତା ଉପରକୁ ଫୋପାଡ଼ି ଦେଇବାରୁ ତାହା ପ୍ରଚଣ୍ଡ ଶବ୍ଦ କରି ଫୁଟିଥିଲା । ସେହି ଶବ୍ଦ ବହୁ ଦୂରକୁ ଶୁଭିଥିଲା । ଏହି ବିସ୍ଫୋରଣ ଶବ୍ଦରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୯୫ ତା:୧୧।୦୭।୨୨
ବିଜ୍ଞାପନ
No. CAD-1110: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ. ଏଚ୍.ଆଇ.ଜି.–୮/୪ (HIG-8/4)ଟିକୁ ଶ୍ରୀମତୀ ଉଷାରାଣୀ ମହାପାତ୍ର, ସ୍ୱା.: ଡକ୍ଟର ଅଜୟ କୁମାର ମହାପାତ୍ର, ସା.– ଡିହଦୋଳ, ପୋ.– ପରଜଙ୍ଗ, ଥା.– ପରଜଙ୍ଗ, ଜି.: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଉଷାରାଣୀ ମହାପାତ୍ର ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ତାଙ୍କର ପୁତ୍ର ଶ୍ରୀ ପ୍ରଦୀପ କୁମାର ମହାପାତ୍ର, ପି.: ଡକ୍ଟର ଅଜୟ କୁମାର ମହାପାତ୍ର, ସା.: ଡିହଦୋଳ, ପୋ/ଥା.: ପରଜଙ୍ଗ, ଜି.: ଢେଙ୍କାନାଳଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0204/2223

OFFICE OF THE MUNICIPAL COUNCIL, BRAJRAJNAGAR No. C-761
E-Procurement Notice
Bid Identification No. : BRJNRM-02/2022-23
Total No. of Works : 07 Nos.
Tender ID : 2022_ORULB_79691
Tender Value : Rs.13.56 lakhs
Bid Security : Rs.13560.00
Available Period : Dt.14.07.2022, 11.00 A.M. to 25.07.2022, 05.00 P.M.
Tender Opening Date : 28th July 2022, 11.00 A.M.
Bidders are requested to participate in advance with their Class-II and Class-III contractor DSC before the closing date. Further details pelase visit: www.tendersorissa.gov.in.
Sd./- Executive Officer
Brajrajnagar Municipality
OIPR-13099/11/0011/2223

No.CAD-1115
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022
Tender Call Notice No.H.O./P&C/EST-E-1517/01/2020-17559,Dt.13.07.2022
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Sl. No.	Name of Work	Value of Work (Approx.)	Period of Completion
1	"Providing & laying of D.I.S./S Pipe of 250mm dia K-9 for clear water rising main from existing water works of Kotapada NAC to Khandiguda Square (Near Indrabati River) to connect with pipeline for Bamani Industrial Estate in the District of Nawarangpur".	Rs.197.10 Lakh	04 (Four) Calendar Months

1. Other details:

Procurement Officer	Bid Identification No.	Availability of Tender online for Bidding	
		From	To
1	2	3	4
Chief General Manager (P&C), IDCO, IDCO Towers, Bhubaneswar- 751022	Bid ID No. P&C/EST/ E-29/2022-23	17.00 Hours of 19.07.2022	17.00 Hours of 03.08.2022

Further details can be seen from the e-Procurement Portal. www.tendersodisha.gov.in. Corrigendum or addendum if any will not be published in news papers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.
Sd.- Chief General Manager (P&C), IDCO, Bhubaneswar
OIPR-14003/11/0072/2223

GOVT. OF ODISHA No. O-632
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR
Tel.; 06766-258301 (O), email: se_nerwkjr@rediffmail.com
e-Procurement Notice for Road Works under Periodical Maintenance
No. 1355 Identification No. - Road Online NCB. No. 341 Date: 08.07.2022
1. Name of the Work : Periodical Maintenance (SDBC Work) in the District of Keonjhar
2. No. of Work : 10 (Ten) Nos.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

Procurement Officer	Bid Identification No.	Availability of tender Online for Bidding		Last date & time of seeking tender clarification	Date & time of Opening of Tender in O/o. S.E.N.E.R.W. Circle, Keonjhar	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Keonjhar	Road Online NCB No. 341	Dt.18.07.2022 at 11.00 A.M.	Dt.01.08.2022 upto 5.00 P.M.	Dt.30.07.2022 upto 5.00 P.M.	Dt.02.08.2022 at 11.00 A.M.	Will be intimated later

• Further details can be seen from the website: www.tendersorissa.gov.in.
OIPR-25177/11/0010/2223 Sd./- Chief Construction Engineer, R.W. Circle, Keonjhar

NATIONAL HYDROLOGY PROJECT
STATE PROJECT MANAGEMENT UNIT (SPMU), ODISHA
HP Administrative Building, Unit-VIII, Delta Square, Bhubaneswar-751012, email: odishagwhp3@gmail.com
SHOPPING FOR GOODS
INVITATION FOR BIDS (IFB)
BID Reference No.: NHP/OD-GW/STUDY/CENSUS/2022-23/33
Dated. 11th July 2022
No.A-391:The Joint Director (Geology), GWD& Procurement Officer (GW), NHP - Odisha, invites tenders through e-Procurement platform online from eligible bidders for the work: - "Census Survey of Ground water abstraction structure in 6(six) nos. of semi critical blocks of Odisha using android mobile application of NHP-Odisha for the year 2022-23". Bidding documents are available online on www.tendersodisha.gov.in which is free of cost. Bidders are advised to participate in the bidding process as per instructions given in bidding document.

Bid Reference Procurement Plan Ref. no	PP Pkg No: NHP-2021-2022-OD-798675
Bid documents	Can be downloaded from Website https://tendersodisha.gov.in.
Price of Bid Document	Free of cost
Start date of availability of Bid document Online	14.07.2022 at 11.30 hrs
Last Date of availability of Bid document Online	03.08.2022 at 14.00 hrs
Start Date of e-Bid submission	27.07.2022 at 11.00 hrs
Last date of e-Bid submission	03.08.2022 at 14.00 hrs
Time & Date of Online opening of bids in the portal	03.08.2022 at 15.00 hrs

Further details can be seen from e-Procurement portal https://tendersodisha.gov.in
Sd./-Joint Director (Geology) GWD
& Procurement Officer (GW), SPMU, NHP-Odisha
OIPR-32407/11/0014/2223

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
No.CAD-1113 **TENDER ALERT**
1)Tender Call Notice No.06/2022-23: Hiring of diesel run commercial registered light vehicles Non AC Bolero Camper or equivalent on monthly basis for 132/33 kV Grid S/S, Umerkote under EHT O&M Division, Jayanagar.
2) Tender Call Notice No.04/KHU/2022-23: Dismantling work of WTs & CCs at different Grid S/Ss under EHT O&M Division, Khurda.
3)Tender Call Notice No.06/22-23: Engagement of Commercial Diesel run light vehicle on Hiring basis (AC Swift Dzire/Equivalent) to be used at O/O DGM (Elect.), EHT O&M Division, Dhenkanal under EHT O&M Circle, Chainpal.
4) Tender Call Notice No.03/2022: Supply of 05 nos BMK for 220/132/33kV Grid S/S, Balasore under EHT O&M Division, Balasore.
5) Tender Call Notice No.04/22-23: Replacement of 160KN 245kV old single & double tension type disc insulator by long rod insulator strings at different locations of 220kV Balasore-New Duburi line under EHT O&M Division, Balasore.
6)Tender Call Notice No.13/22-23: Supply of GI foundation bolts of different size for transformer bay work at Barbil Grid S/S under EHT O&M Division, Joda.
For more details please visit OPTCL's website: www.optcl.co.in.
OIPR- 04011/11/0051/2223 FIPR-21/2022-23

OFFICE OF THE CSO-cum-DISTRICT MANAGER
ODISHA STATE CIVIL SUPPLIES CORPORATION LIMITED,
KORAPUT , JEYPORE
No.1785// Dated: 12.07.2022
OFFICE QUOTATION/TENDER CALL NOTICE
No.CAD-1104:Sealed quotations/tenders are invited from the interested reputed Travel Agencies/Tour Operators or Private individuals for providing 1 (One) No. of Non-AC/ AC Diesel driven vehicles having sitting capacity not more than ten including driver, which shall conform to the terms and conditions (Annexure-II) for official use in the Office of the CCSO-cum-District Manager, OSCSC Ltd., Jeypore, Koraput on monthly rent basis. The Application form of Quotation/Tender containing General bid information & terms and conditions for Hiring of Vehicles etc. will be available in the office of the CCSO-cum-District Manager, OSCSC Ltd., Jeypore (K) on payment of Rs.100/- from 14.07.2022 to 20.07.2022 till 11.00 AM (Except Govt. Holidays). The quotation completed in all respect should reach the undersigned on or before 20.07.2022 by 1.00 PM and shall be opened on 21.07.2022 at 11.30 AM in presence of the bidders or their authorized representatives in the Office Chamber of Collector, Koraput.
Sd./- CCSO-cum-District Manager
OSCSC Ltd., Jeypore (K)
OIPR-07038/11/0003/2223

OFFICE OF THE DISTRICT COLLECTOR, NAYAGARH
(EXCISE SECTION)
NOTICE INVITING APPLICATIONS FOR SETTLEMENT OF COUNTRY LIQUOR SHOP OF NAYAGARH DISTRICT
No. 738/Ex. Dated: 11.07.2022
No. F-132: Applications are invited for settlement of 9 (Nine) numbers of Country Liquor Shops of Nayagarh District for the year, 2022-23 onwards by way of lottery. The persons interested to participate may apply online in 'Form - B' through the portal http://stateexcise.odisha.gov.in from 11.07.2022 to 24.07.2022 (5.00 P.M.). Lottery will be held on 03.08.2022 at Conference Hall of Collectorate, Nayagarh from 10.30 A.M. onwards. The details of the shops to be settled and the terms and conditions applicable thereof are available in the said website and notice boards of the District Excise, Nayagarh and Collectorate, Nayagarh.
Sd./- Collector, Nayagarh
OIPR-24009/11/0013/2223

SAMBALPURI BASTRALAYA HANDLOOM COOPERATIVE SOCIETY LTD.
BARGARH, ODISHA - 768028
No. 1250 Dt.12.07.2022
TENDER NOTICE
No. PP-21: Sealed tenders are invited from reputed Manpower Agencies/Security Service provider to provide the service of 11 (Eleven) Security Guard, 1 (One) Sweeper for office of the Sambalpuri Bastralaya for a period of one year on contract basis. The undersigned reserves the right to accept or reject any or all applications without assigning any reason(s) thereof. For details please visit website in bargarh.nic.in, www.sambalpuribastralaya.com.
1. Last date of receipt of sealed Bid is 01.08.2022 upto 5.00 P.M.
2. Date and time of Opening of:
i) Technical Bid - 02.08.2022 at 11.00 A.M.
ii) Financial Bid - 03.08.2022 at 11.00 A.M.
Sd./- Managing Director
OIPR-31032/11/0013/2223

GOVERNMENT OF ODISHA
OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR,
POWER HOUSE SQUARE, UNIT-V,ODISHA, BHUBANESWAR

ସଂକ୍ଷେପରେ

ରଥରୁ କଢ଼ାଗଲା ସାରଥି, ପାର୍ଶ୍ୱଦେବଦେବୀ

ପୁରୀ ଅଫିସ, ୧୩।୭: ଦାରୁଦିଅଁ ନବଦିନାତ୍ମକ ଯାତ୍ରା ସାରି ମଙ୍ଗଳବାର ଶ୍ରୀମନ୍ଦିର ରତ୍ନସିଂହାସନକୁ ବିଜେ କରିଛନ୍ତି। ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଏବେ ସିଂହଦ୍ୱାର ସମ୍ମୁଖରେ ଶୂନ୍ୟ ଥିବା ତିନିରଥ ଦଣ୍ଡାୟମାନ। ବୁଧବାର ତିନିରଥରୁ ସାରଥି, ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଶିଖର ଡମ୍ବରୁ, ଠେକରାବାଡ଼ ଏବଂ ଚାରମାଳ ପ୍ରଭୃତି ଖୋଲାଯାଇଛି। ତିନି ସାରଥିଙ୍କୁ ଦୋଳବେଦି ପରିସର ଏବଂ ଘୋଡ଼ା ଓ ଚାରମାଳଗୁଡ଼ିକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ଅନ୍ୟାନ୍ୟ ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ରହିଛି। ଶ୍ରୀମନ୍ଦିର ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ରଥଭଙ୍ଗା କାମ ଆରମ୍ଭ ହେବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି।

ସମ୍ପତ୍ତି ତାଲିକା ଅବଧି ବଢ଼ାଇବାକୁ ସରକାରୀ କର୍ମଚାରୀଙ୍କ ଦାବି

ଭୁବନେଶ୍ୱର, ୧୩।୭(ବ୍ୟୁରୋ): ସରକାରୀ କର୍ମଚାରୀମାନେ ନିଜର ସମ୍ପତ୍ତି ତାଲିକା ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୩୧ରେ ସାଧାରଣ ପ୍ରଶାସନ ବିଭାଗ ନିକଟରେ ଦାଖଲ କରିଥାଆନ୍ତି। ୨୦୨୧ ବର୍ଷରେ ରାଜ୍ୟ ସରକାରୀ କର୍ମଚାରୀମାନେ ସେମାନଙ୍କର ସମ୍ପତ୍ତି ତାଲିକା ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ଅନ୍‌ଲାଇନ୍ ଜରିଆରେ ଦାଖଲ କରିବାକୁ ସରକାର ଧାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଏହାର ସମୟ ସୀମାକୁ ଜୁନ୍ ୩୦କୁ ବୃଦ୍ଧି କରାଯାଇଥିଲା। ତେବେ କେତେକ କର୍ମଚାରୀ ରାଜ୍ୟ ସଦର ମହକୁମା ତଥା ଜିଲାସ୍ତରରେ କାର୍ଯ୍ୟବ୍ୟସ୍ତତା ଯୋଗୁ ନିଜର ସମ୍ପତ୍ତି ତାଲିକା ସରକାରଙ୍କ ନିକଟରେ ଦାଖଲ କରିପାରି ନାହାନ୍ତି। ଏଥିଯୋଗୁ ସେହି କର୍ମଚାରୀମାନେ ପଦୋନ୍ନତି ତଥା ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଉକ୍ତ ସମୟ ସୀମାକୁ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି।

ଅଗ୍ନିଶମ ବିଭାଗରେ ଆରମ୍ଭ ହେବ ପିସିଆର୍ ୟୁନିଟ୍

କଟକ ଅଫିସ, ୧୩।୭: ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଆରମ୍ଭ ହେବ ପିସିଆର୍ ୟୁନିଟ୍ ଭେଇକିଲ୍। ସଂକୀର୍ଣ୍ଣ ଓ ଅଣଓସାରିଆ ଜାଗାଗୁଡିକରେ ଏହି ଗାଡି ମୁତୟନ ହେବ। ତେବେ ୨୪ ଘଣ୍ଟା ଧରି ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ପ୍ରତିକୂଳ ପରିସ୍ଥିତିରେ ଅଗ୍ନିକାଣ୍ଡ ମୁକାବିଲା ଆହୁରି ଶୀଘ୍ର ହୋଇପାରିବ। ପୋଲିସ ବିଭାଗର ପିସିଆର୍ ଭଳି ଏହା କାମ କରିବ। ପୂର୍ବରୁ ଏହି ବ୍ୟବସ୍ଥା ମୁମ୍ବାଇରେ ଥିବାବେଳେ ଏବେ ଏହା ଓଡ଼ିଶାରେ କାର୍ଯ୍ୟକାରୀ ହେବ। କଟକ ଓ ଭୁବନେଶ୍ୱର ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ବଡ଼ ଗାଡି ଯାତାୟାତରେ ଅନେକ ଅସୁବିଧା ହେଉଛି। ସେଥିପାଇଁ ସହରର ସଂକୀର୍ଣ୍ଣ ଅଞ୍ଚଳରେ ଏହାକୁ ନିୟୋଜିତ କରାଯିବ। ବିଶେଷକରି ସନ୍ଧ୍ୟା ୬ରୁ ୯.୩୦ ମଧ୍ୟରେ ଏକ ୟୁନିଟ୍ ନିୟୋଜିତ ହେବ। ଓଡ଼ିଶା ଅଗ୍ନିଶମ ବିଭାଗ ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି ବୋଲି ଅଗ୍ନିଶମ ବିଭାଗ ଏଡିଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି।

ଅନିୟନ୍ତ୍ରିତ ଟ୍ରାଫିକ ସମସ୍ୟା, ବଢୁଛି ଦୁର୍ଘଟଣା

ଯାଜପୁର ରୋଡ, ୧୩।୭(ଡି.ଏନ.ଏ.)

ଯାଜପୁର ରୋଡ ସହର ଲକ୍ଷ୍ମୀ ମାର୍କେଟରେ ଅନିୟନ୍ତ୍ରିତ ଟ୍ରାଫିକ୍ ବ୍ୟବସ୍ଥା ।

- ସହର ଭିତରେ ଗୁଡ୍‌ସ ସେଡ୍ କାଳ
- ନୀରବଦ୍ରଷ୍ଟା ସାଜିଛି ଜିଲା ପ୍ରଶାସନ

କଳିଙ୍ଗନଗର ଶିଳ୍ପାୟନ ଯୋଗୁ ଯାଜପୁର ରୋଡ ସହରର ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସାଙ୍ଗକୁ ଯାନବାହାନ ସଂଖ୍ୟାରେ ଅଭିବୃଦ୍ଧି ଏହି ସମସ୍ୟାକୁ ଜଟଳି କରିବାରେ ଲାଗିଛି । ଶିଳ୍ପସଂସ୍ଥା ସହର ଉପରେ ଏକ ରକମର ବୋଝ ପାଲଟିଛି। ଫଳରେ ସହର ଭିତରେ ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଥିବା ଅଭିଯୋଗ ହେଉଛି।

ରାଜରାଜୁଡା ଅମଳରୁ ଗଢିଉଠିଥିବା ଯାଜପୁରରୋଡ ସହରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ଏହି ସହର ଗଢି ଉଠିଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ଲୋକେ ଏଠାରେ ବସବାସ କରୁଛନ୍ତି। ସହରର ପ୍ରତ୍ୟେକ ବଜାର ରାସ୍ତା ଏମିତି ଖୁନ୍ଦାଖୁନ୍ଦି ହୋଇ ନିର୍ମାଣ ହୋଇଛି ଯେ ଦୁଇଟି ବାଇକ୍ ଗଲେ ଲୋକେ ଚାଲିବାକୁ ବାଟ ପାଉନାହାନ୍ତି। ଏଭଳି ରାସ୍ତା ସମସ୍ୟା ପ୍ରତି ପୌରସଂସ୍ଥାର ଅଣଦେଖା ସହରର ଟ୍ରାଫିକ ବ୍ୟବସ୍ଥାକୁ ଅନେକ ପଛକୁ ଟାଣି ନେଇଯାଇଛି। ଅନ୍ୟପଟେ ସହରର ମୁଖ୍ୟରାସ୍ତା ସହ ପ୍ରତ୍ୟେକ ଗଳିକନ୍ଦି ଓ ସାହିରେ ଉଠା ଦୋକାନୀଙ୍କ ଭିଡ଼ ବଢିଚାଲିଥିବାରୁ ବିଭିନ୍ନ ରାସ୍ତା ସଙ୍କୁଚିତ ହୋଇଛି। ସହର ଭିତରେ ରେଲୱେ ଗୁଡ୍‌ସ ରହିଥିବାରୁ ଶତାଧିକ ଟ୍ରକ ଚଳାଚଳ ଯୋଗୁ ଗଣେଶ ବଜାର, ଡାକବଙ୍ଗଳା ଛକ ଦେଇ ଦଳା ଛକ ପର୍ଯ୍ୟନ୍ତ ରାସ୍ତା ଏକ ପ୍ରକାର ବ୍ୟସ୍ତ ବହୁଳ ହୋଇଛି। ଖାଲି ଟ୍ରାଫିକ ସମସ୍ୟା ନୁହେଁ ପରିମଳ, ପାନୀୟ ଜଳ ଓ ଆବାସିକ ସଙ୍କଟ ଭଳି ବହୁବିଧ ସମସ୍ୟାକୁ ରେଲୱେ ଜନ୍ମ ଦେବାରେ ଲାଗିଛି । ସହରର ଆଖପାଖରେ ଗଢି ଉଠିଥିବା ଶିଳ୍ପ ସଂସ୍ଥାଗୁଡିକର ନିଜସ୍ୱ ଶ୍ରମିକ କଲୋନୀ ଗୃହ ଓ ଆବାସିକ ବ୍ୟବସ୍ଥା ନ ଥିବାରୁ ଅଧିକାଂଶ ଶ୍ରମିକ ଭଡ଼ା ଘରେ ରହି କାରଖାନାକୁ ଡ୍ୟୁଟି ପାଇଁ ଯାଉଛନ୍ତି । ଶ୍ରମିକଙ୍କ ଯାତାୟତ ପାଇଁ କାରଖାନା କର୍ତ୍ତୃପକ୍ଷ ବସ ବ୍ୟବସ୍ଥା କରିଛନ୍ତି । ଯାହାକି ସହରର ମୁଖ୍ୟ ରାସ୍ତା ଦେଇ ଘନ ଘନ ଯାତାୟତ କରୁଛି । ଟ୍ରକ ଓ ଭାରିଯାନ ଚଳାଚଳକୁ ନିୟନ୍ତ୍ରିତ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। କିନ୍ତୁ ଏହି ବ୍ୟବସ୍ଥାରେ ଟ୍ରାଫିକ ସମସ୍ୟା ସୁଧୁରିବା ପରିବର୍ତ୍ତେ ଆହୁରି ଜଟିଳ ହେଉଛି। ଗୋପବନ୍ଧୁ ଛକଠାରୁ ଚୋର୍ଦ୍ଦା ଛକ ପର୍ଯ୍ୟନ୍ତ ରାସ୍ତା ମଝିରେ ଡିଭାଇଡର ନିର୍ମିତ ହୋଇଥିବାରୁ ସଂକୀର୍ଣ୍ଣ ୱାନୱେରେ ବସ୍‌ଗୁଡିକ ଯିବାବେଳେ ସାଧାରଣ ଦୁଇ ଚକିଆ ଯାନରେ ଯାତ୍ରା କରୁଥିବା ଯାତ୍ରୀ ତାକୁ ଅତିକ୍ରମ କରିବାର ସୁଯୋଗ ନ ପାଇ ବହୁ ସମୟ ଧରି ରାସ୍ତାରେ ଅଟକି ରହୁଛନ୍ତି । ଏହି କାରଣରୁ ସୋମବାର ମିଶ୍ରିଲାଲ ପେଟ୍ରୋଲ ପମ୍ପ ନିକଟରେ ଏକ ସ୍କୁଲ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ସହରର ଅନିୟନ୍ତ୍ରିତ ଟ୍ରାଫିକ ସମସ୍ୟା ପର୍ଯ୍ୟଟକ ତଥା ଅନ୍ୟ ଜିଲାରୁ ଆସୁଥିବା ଲୋକମାନଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି କରୁଛି।

ବିଭାଗୀୟ ଅଧିକାରୀ ସହରର ଭବିଷ୍ୟତ ପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ଏଠାରେ ଜବରଦଖଲ ସମସ୍ୟା ବୃଦ୍ଧି ପାଇ ଚାଲିଛି। ସରକାରୀ ଜମିରେ ଘର ହୋଇଛି। ସେହି ଜମିରୁ ଜବରଦଖଲ ଉଠାଇବା ପ୍ରସଙ୍ଗ ଆସିଲେ କୋର୍ଟ କଚେରୀ ପର୍ଯ୍ୟନ୍ତ କଥା ଯାଉଛି। ମୁଖ୍ୟ ବଜାର କୁହାଯାଉଥିବା ବ୍ୟାଙ୍କ ଷ୍ଟ୍ରିଟ୍ ଅବସ୍ଥା ନ ଦେଖିଲା ଲୋକ ବିଶ୍ୱାସ କରି ପାରିବେ ନାହିଁ। ସେଠାରେ ରାସ୍ତା କଡରେ ଯାନବାହାନ ପାର୍କିଂ ଏବଂ ଜବରଦଖଲ କରାଯାଇ ବ୍ୟବସାୟିକ ଷ୍ଟଲ ସାଙ୍ଗକୁ ବାସଗୃହ ନିର୍ମାଣ କରାଯାଉଥିବାରୁ ସେହି ରାସ୍ତା ନିଜ ପରିଚୟ ହଜାଇ ବସିଛି। ସହରର ଅନ୍ୟ ବ୍ୟସ୍ତବହୁଳ ଦଳା ଛକ ଠାରୁ ଗଣେଶବଜାର ରାସ୍ତାରେ ଟ୍ରାଫିକ ଜାମ ସମସ୍ୟା ସବୁବେଳେ ଲାଗି ରହୁଛି। ସହର ଭିତରୁ ଗୁଡ୍‌ସ ସେଡ୍ ହଟାଇବାକୁ ବାରମ୍ବାର ଦାବି ହେଉଥିଲେ ହେଁ କେହି ଶୁଣୁ ନାହାନ୍ତି। ଏହାବାଦ୍ ଅଣଓସାରିଆ ରାସ୍ତାରେ ଉଦ୍ଧତ ଯୁବକଙ୍କ ବାଇକ୍ ରେସ ମଧ୍ୟ କିଛି କମ ନୁହେଁ। ବିନା ଡ୍ରାଇଭିଂ ଲାଇସେନ୍ସରେ କିଶୋର ବାଇକ୍ ଚାଳକମାନେ ବେପରୁଆ ଗାଡ଼ି ଚାଳନା କରିବା ଦୁର୍ଘଟଣାର ଅନ୍ୟତମ କାରଣ ପାଲଟିଛି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପରିବହନ ଓ ପୋଲିସ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ମତପ୍ରକାଶ ପାଇଛି।

ରନ୍ଧାମଦ ପ୍ରସ୍ତୁତି ରୋକିବାକୁ ନିର୍ଦ୍ଦେଶ

କଟକ ଅଫିସ, ୧୩।୭

ଅବକାରୀ ବିଭାଗ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ତ୍ରୈମାସିକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ଦିନରେ ନିଶାଦ୍ରବ୍ୟର ବେଆଇନ କାରବାର ରୋକିବା ପାଇଁ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା ହୋଇଛି। ଅବକାରୀ କମିଶନର ଆଶିଷ କୁମାର ସିଂ ଅଧ୍ୟକ୍ଷତା କରି ରାଜ୍ୟରେ ଚୋରା ରନ୍ଧା ମଦର ବେଆଇନ ପ୍ରସ୍ତୁତି ରୋକିବା, ବିତରଣ ଓ ବିକ୍ରି ବିରୋଧରେ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ ୧୩,୦୬୭ ମାମଲା ରୁଜୁ ହୋଇଥିବାବେଳେ ୧୦,୭୪୪ ଜଣ ଗିରଫ ହୋଇଛନ୍ତି। ଏନ୍‌ଡିପିଏସ୍ ଆକ୍ଟରେ ୪୫୪ ମାମଲା ରୁଜୁ କରାଯାଇ ୫୨୨ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୧୦୦୧୭.୫୪ କେଜି ଗଞ୍ଜେଇ, ୩୫୪୦.୧ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ୨୭୯ ଲିଟର କଫସିରପ୍ ଜବତ କରାଯାଇଛି। ଅନ୍ୟପକ୍ଷରେ ଅବକାରୀ ବିଭାଗ ପକ୍ଷରୁ ଓକାକ୍ ସହାୟତା ସହ ପୋଲିସ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଗତ ୧୦ ବର୍ଷର ଅବକାରୀ ମାମଲାଗୁଡ଼ିକର ଡାଟା ଡିଜିଟାଇଜେଶନ କରାଯାଉଛି। ଏଥିରେ ରାଜ୍ୟବ୍ୟାପୀ ସମସ୍ତ ଅଭିଯୁକ୍ତଙ୍କ ରେକର୍ଡ ରଖାଯିବ। ଉକ୍ତ ବୈଠକରେ ଡେପୁଟି ଅବକାରୀ କମିଶନର ରାମଚନ୍ଦ୍ର ପାଲଟା, ରାମଚନ୍ଦ୍ର ମିଶ୍ର, ଦିବ୍ୟଶଙ୍କର ମହନ୍ତ, ରଜତ କୁମାର ପ୍ରହରାଜ ଓ ଡମ୍ବରୁଧର ଖଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ

ବ୍ୟାସଦେବଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଯାଜପୁର ରୋଡ, ୧୩।୭(ଡି.ଏନ.ଏ.)

ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ଓ ଗୁରୁ ପୂର୍ଣ୍ଣିମା ଉତ୍ସବ ବୁଧବାର ବ୍ୟାସ ସରୋବର ପୀଠଠାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମହର୍ଷି ବେଦବ୍ୟାସ ଓ ରାଘୁଜୀ ଗୋସାଇଙ୍କ ପୂଜାର୍ଚ୍ଚନା କରାଯିବା ପରେ ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ୟାସଭୂମି ସଙ୍ଗଠନର ସଂଯୋଜକ ଜ୍ଞାନରଞ୍ଜନ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ରାଉତ ବ୍ୟାସ ସରୋବର ପୀଠର ମହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଜଗତର ଗୁରୁ ବେଦବ୍ୟାସଙ୍କ ଜୀବନାଦର୍ଶ ଓ ବାଣୀକୁ ପାଥେୟ କରି ଚାଲିଲେ ସମାଜରେ ବହୁତ ବଡ ପରିବର୍ତ୍ତନ ଆସି ପାରିବ ବୋଲି କହିଥିଲେ। ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ନାୟକ ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଗୟାଧର ନନ୍ଦ, ବ୍ୟାସସେନାର ସଭାପତି ଅଭିଷେକ ପହି, ମଣିଭଦ୍ର ମଲ୍ଲିକ ଓ ସୁରେଶ କୁମାର ରଣା, ସରୋଜ କୁମାର ଦେ, ଶର୍ମିଲା ଦେଓ, ଦିନେଶ ମସକରା, ସରୋଜ ତ୍ରିପାଠୀ, ସତ୍ୟଜିତ ଶତପଥୀ, ବିନୀତ ଗର୍ଗ, ପୂଜକ ଗୌରହରୀ ଦାଶ ଓ ବିନୋଦ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପୌର କର୍ମଚାରୀ ରତ୍ନାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

୬ ଲକ୍ଷ ପରିବାର ପାଇନାହାନ୍ତି କୋଭିଡ୍ ସହାୟତା

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ରାଜ୍ୟରେ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ରାଶନ କାର୍ଡଧାରୀ ପରିବାର ୯୫ ଲକ୍ଷ ୫୧ହଜାର ୬୯୪ ଥିଲା। ଏବେ ତାହା ୯୫ ଲକ୍ଷ ୮୫ହଜାର ୭୬୬ ଅଛି। ଏହି ରାଶନକାର୍ଡଧାରୀ ପରିବାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୩ ଲକ୍ଷ ୪୨ହଜାର ୪୪ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୨ଲକ୍ଷ ୨୧ହଜାର ୨୭୧ଟି ପରିବାରକୁ କୋଭିଡ୍ ସହାୟତା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୯ ହଜାର ୬୫୦ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩ଲକ୍ଷ ୬୪ ହଜାର ୪୯୫ଟି ପରିବାର ନିଜର ମାସିକ ଆବଶ୍ୟକ ଖାଦ୍ୟଶସ୍ୟ ଉଠାଇନାହାନ୍ତି କିମ୍ବା ଏହି ସହାୟତା ନେଇନାହାନ୍ତି। ଗଞ୍ଜାମରେ ସର୍ବାଧିକ ପ୍ରଥମ ପର୍ଯ୍ୟାୟରେ ୩୨,୩୦୪ ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୨.୦୭ ଲକ୍ଷ ପରିବାର, ନୟାଗଡ଼ରେ ୭୪,୧୫୮ ପରିବାର, ଖୋର୍ଦ୍ଧାରେ ୧୭୪୪୯ ପରିବାର ଓ ପୁରୀରେ ୯୯୮୧ ପରିବାର ସେମାନଙ୍କର ଖାଦ୍ୟଶସ୍ୟ ସହ ସହାୟତା ରାଶି ନେଇ ନ ଥିବା ଜଣାପଡ଼ିଛି। ବିଧାନସଭାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି।

ଖରସ୍ରୋତାକୁ ଡେଇଁ ଛାତ୍ରୀ ନିଖୋଜ

- ମାଟ୍ରିକ ରେଜଲ୍ଟ ଖରାପ ଯୋଗୁ ଆତ୍ମହତ୍ୟା ଉଦ୍ୟମ କରିଥିବା ସନ୍ଦେହ
- ବିନା ଲାଇଫ୍ ଜ୍ୟାକେଟରେ ଖୋଜିଲେ ଦମକଳ ବାହିନୀ କର୍ମଚାରୀ

ରସୁଲପୁର, ୧୩।୭(ଡି.ଏନ.ଏ.)

ଦମକଳ ବାହିନୀ କର୍ମଚାରୀ ନଦୀରେ ଛାତ୍ରୀଙ୍କୁ ଖୋଜାଖୋଜି କରୁଛନ୍ତି।

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ବାଉଁଶଅଣ୍ଟା ଗ୍ରାମର ଜଣେ ଛାତ୍ରୀ ବୁଧବାର ଜୋକଡ଼ିଆ ବ୍ୟାରେଜ୍ ନିକଟରେ ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ରୀ ହେଲେ ଉକ୍ତ ଗ୍ରାମର ବିଜୟ ପାଇକରାଏଙ୍କ ଝିଅ ତିଳୋତ୍ତମା(୧୫)। ଏ ସମ୍ପର୍କରେ ଖବର ପାଇ ସ୍ଥାନୀୟ ମତ୍ସ୍ୟଜୀବୀ ଓ ରସୁଲପୁର ଦମକଳ ବାହିନୀ ପକ୍ଷରୁ ଛାତ୍ରୀଙ୍କୁ ଉଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଛି। ହେଲେ ତାଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ଗୁରୁବାର ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ସୂଚନା ମିଳିଛି।

ପୂର୍ବାହ୍ନରେ ତିଳୋତ୍ତମା ସାଇକେଲ ଯୋଗେ ଘରୁ ଆସିଥିଲେ। ଆସିବା ସମୟରେ ମନ୍ଦିରକୁ ଯାଉଛନ୍ତି ବୋଲି ଘରେ କହିଥିଲେ। ପରେ ଜୋକଡ଼ିଆ ଛକ ନିକଟରେ ଥିବା ଏକ ଜଳଖିଆ ଦୋକାନରୁ ପାଣି ପିଇଥିଲେ। ସେଠାରୁ ଖରସ୍ରୋତା ନଦୀର ଜୋକଡ଼ିଆ ବ୍ୟାରେଜ ନିକଟକୁ ଯାଇଥିଲେ। ବ୍ୟାରେଜ୍ ଉପରେ ସାଇକେଲ୍ ଓ ପୋଲ ଖୁଣ୍ଟ ଉପରେ ଚପଲ ରଖି ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀମାନେ ଏହି ଦୃଶ୍ୟ ଦେଖିବା ପରେ ସଙ୍ଗେସଙ୍ଗ ନଦୀକୁ ପଶି ଛାତ୍ରୀଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ଦମକଳ ବାହିନୀ ପହଞ୍ଚିଥିଲେ। ସମ୍ପୃକ୍ତ ଛାତ୍ରୀ ଲକ୍ଷ୍ମୀନଗର ପଞ୍ଚାୟତ ଛୋଟରାୟପୁର ଗାଁରେ ମାମୁଘରେ ରହି ପାଠ ପଢୁଥିଲେ। ତେବେ ସେ କାହିଁକି ଏଭଳି ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇନାହିଁ। ଚଳିତ ମାଟ୍ରିକ ପରୀକ୍ଷାରେ କମ୍ ନମ୍ବର ରଖିଥିବାରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପରିବାର ପକ୍ଷରୁ କୁହାଯାଉଛି।

ଅନ୍ୟପକ୍ଷରେ ରସୁଲପୁର ଦମକଳ ବାହିନୀର ଉଦ୍ଧାର କାର୍ଯ୍ୟକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସେମାନେ ବିନା ଲାଇଫ୍ ଜ୍ୟାକେଟରେ ନଦୀରେ ପଶି ଖୋଜାଖୋଜି କରୁଥିବାରୁ ନିଜ ପାଇଁ ବିପଦକୁ ଆମନ୍ତ୍ରଣ କରିଛନ୍ତି। ଏତେ ବଡ଼ ନଦୀର ଗଭୀର ସ୍ରୋତକୁ ସେମାନେ କିପରି ବିନା ଲାଇଫ୍ ଜ୍ୟାକେଟର ଗଲେ ତାହା ବଡ଼ ପ୍ରସଙ୍ଗ ହୋଇଛି। ନିଖୋଜଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଦମକଳ ବାହିନୀ କର୍ମଚାରୀଙ୍କ ଏପରି ବେପରୁଆ ମନୋଭାବ ଆଗାମୀ ଦିନରେ ବଡ଼ ବିପଦ ଆଣିଦେବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ରସୁଲପୁର ଦମକଳକେନ୍ଦ୍ରର ଅଧିକାରୀ ଜଗନ୍ନାଥ ପଣ୍ଡା କହିଛନ୍ତି, ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଗୁରୁବାର ଉଦ୍ଧାର କାର୍ଯ୍ୟ କରାଯିବ। ତେବେ କର୍ମଚାରୀ ଲାଇଫ୍ ଜ୍ୟାକେଟ୍ ନ ପିନ୍ଧିବା ସମ୍ପର୍କରେ ସେ କହିଛନ୍ତି, ଭୁଲ୍‌ବଶତଃ ଦମକଳ ବାହିନୀ ଲାଇଫ୍ ଜ୍ୟାକେଟ ପିନ୍ଧିନାହାନ୍ତି। ଆଗକୁ ଏପରି ନ ହେବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ।

ପରିବା ଫସଲରେ ବ୍ୟାପୁଛି ପତ୍ର ହଳଦିଆ ରୋଗ

ରସୁଲପୁର, ୧୩।୭(ଡି.ଏନ.ଏ.)

- କମିଯାଉଛ

ସଂକ୍ଷେପରେ

ସାନ ଭାଇଙ୍କୁ ହତ୍ୟା କଲା ବଡ଼

ପାତ୍ରପୁର,୧୩୭(ଡି.ଏନ.ଏ.)-ପାରିବାରିକ କଳହକୁ ନେଇ ରକ୍ତରଞ୍ଜିତ ହେଲା ଆଦିବାସୀ ଗାଁ ଗୁଜିଲିଙ୍ଗି । ସାମାନ୍ୟ କଥାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ରକ୍ତ ସମ୍ପର୍କ ଭୁଲିଯାଇ ବଡ଼ ଭାଇ ସାନ ଭାଇକୁ ହାଣି ହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ଜରଡ଼ା ଥାନା ଗୁଜୁଲିଙ୍ଗା ଗାଁରେ। ପ୍ରକାଶ ଯେ, କୌଣସି କଥାକୁ ନେଇ ବଡ଼ ଭାଇ ଅଶ୍ୱିନୀ କାର୍ଜି ଓ ସାନ ଭାଇ କାର୍ତ୍ତିକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଦେଖୁ ଦେଖୁ ଏହା ବଡ଼ ବିବାଦର ରୂପ ନେଇଥିଲା। ଏଥିରେ ରାଗିଯାଇ ଅଶ୍ୱିନୀ କାର୍ତ୍ତିକଙ୍କୁ କଟୁରିରେ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ କାର୍ତ୍ତିକଙ୍କ ମୃତ୍ୟୁ ଘଟିଥିଲା। ହତ୍ୟା ପରେ ଅଶ୍ୱିନୀ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଜରଡ଼ା ଥାନା ପୋଲିସ, ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭର୍ତ୍ତା ଓ ସାଇଣ୍ଟିଫିକ୍ ଟିମ୍ ବୁଧବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ଏ ନେଇ ଜରଡ଼ା ଥାନାରେ ନଂ. ୨୨୦/୨୨ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଭାବାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି।

କାଶୀନଗର ଏନ୍‌ଏସି ବୈଠକ

କାଶୀନଗର,୧୩୭-କାଶୀନଗର ଏନଏସିର ବୈଠକ ନୂତନ ପରିଷଦ ଗଠନ ପରଠାରୁ ତିନିଥର ବୈଠକ ଅନୁଷ୍ଠିତ ହେଲାଣି। କିନ୍ତୁ କୌଣସି ତଥ୍ୟ ସାମ୍ବାଦିକଙ୍କୁ ସୂଚନା ଦିଆଯାଉନାହିଁ। ବୈଠକରେ କାଉନସିଲରମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ ପାଇଁ ଦାବି କରିଥିଲେ। ଏନଏସିରେ ମନମୁଖୀ କାର୍ଯ୍ୟ ଚାଲିଥିବା ନେଇ ବିରୋଧୀ ଦଳ ପ୍ରଶ୍ନ କରୁଥିବାର ବିବରଣୀ ମିଡିଆରେ ପ୍ରକାଶ ପାଇଯିବା ଭୟରେ ଖବରଦାତାଙ୍କୁ ଡକଯାଉନାହିଁ। ରାଜ୍ୟ ସରକାର ସ୍କୁଲକୁ ମିଡିଆ ପ୍ରବେଶ ମନା କରିଥିଲେ କିନ୍ତୁ ଖବରଦାତାଙ୍କ ଦାବି ପରେ ତାହା ପ୍ରତ୍ୟାହାର ହୋଇଛି। କାଶୀନଗର ଏନଏସିକୁ ମିଡିଆଙ୍କ ପ୍ରବେଶ ନିମନ୍ତେ ନଗର ଉନ୍ନୟନ ବିଭାଗ ଦୃଷ୍ଟି ଦେଇ ଖବରଦାତାଙ୍କ ପ୍ରବେଶ, ବୈଠକକୁ ନିମନ୍ତ୍ରଣ ନିମନ୍ତେ ପଦକ୍ଷେପ ନେବାକୁ ଦାବି ହୋଇଛି। ପେସ କ୍ଲବ ଏ ଦିଗରେ ଧାରଣା ଦେବା ନେଇ ନିଷ୍ପତ୍ତି ହୋଇଛି।

ଧରାକୋଟ ସୁନାବେଶ, ଭଜନ ସମାରୋହ

ଧରାକୋଟ,୧୩୭(ଡି.ଏନ୍.ଏ.)-ରଥଯାତ୍ରାର ଶେଷ ପର୍ଯ୍ୟାୟରେ ଧରାକୋଟରେ ତିନିଠାକୁରଙ୍କ ସୁନାବେଶ ରଥ ଉପରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରିତିନିତି ପ୍ରକାରେ ଠାକୁର ମାନଙ୍କୁ ସୁନା ଓ ରୂପାରେ ତିଆରି ଅଳଙ୍କାର ଓ ଆଭୂଷଣରେ ସଜାଯାଇଥିଲା। ଏହି ଭକ୍ତିମୟ ପରିବେଶ ମଧ୍ୟରେ ଭକ୍ତି ପୁଷ୍ପାଞ୍ଜଳି ଭଜନ ସମାରୋହ ଅନୁଷ୍ଠିତ ହେଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ଯୋଗୀ ଭାଇ ବାଦ୍ୟଯନ୍ତ୍ର ନିର୍ଦ୍ଦେଶକ ଅନନ୍ତଙ୍କ ସମେତ କଣ୍ଠ ଶିଳ୍ପୀ ଭାବେ ଜଗା, ଦିଲୀପ, କାହ୍ନୁ ଓ ରାଧେମା ଭକ୍ତିଯୁତ ସଙ୍ଗୀତ ପରିବେଷଣ କରିଥିଲେ।ତିନି ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ଅଞ୍ଚଳର ସହ ସହ ଭକ୍ତ ଭିଡ଼ ଜମାଇଥିଲେ।

ଲଗାଣ ବର୍ଷାରେ ରାସ୍ତାରେ ଜମିଲା ପାଣି

ରମ୍ପା,୧୩୭-କିଛି ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ରମ୍ପା ଅଞ୍ଚଳରେ ପାଣି ଜମି ରହିଛି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାକୁ ଅପେକ୍ଷାରେ ଥିବା ଚାଷୀମାନେ ଖୁସି ବ୍ୟକ୍ତ କରିଥିବା ବେଳେ ଅଧିକ ବର୍ଷା ହେଲେ ମଧ୍ୟ ଫସଲ କ୍ଷତି ଘଟିବାର ସମ୍ଭାବନା ରହିଥିବା ଚାଷୀ ମତବ୍ୟକ୍ତ କରିଛି। ଏହା ସାଙ୍ଗକୁ ଶିକ୍ଷନୁଷ୍ଠାନ, କଲେଜ ଗୁଡ଼ିକରେ ବର୍ଷା ଲାଗିରହିବାରୁ ଛାତ୍ରୀଛାତ୍ରମାନଙ୍କ ସ୍କୁଲ ଯିବାରେ ଅସୁବିଧା ହେଉଛି।

ହାତୀଦାନ୍ତ ଲୁଟ ଘଟଣାରେ ୩ ଅଟକ, ଦାନ୍ତ ଜବତ

ଭଞ୍ଜନଗର,୧୩୭(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀଙ୍କୁ ବୁଧବାର ଦନ୍ତାହାତୀର ଦାନ୍ତ ଲୁଟ ମାମଲାରେ ବନ ବିଭାଗ ୩ ଜଣଙ୍କୁ ଅଟକ ରଖିଛି। ଏଥିସହ ଲୁଟ ଦାନ୍ତ ୨ଟିକୁ ବୁଧବାର ବନ ବିଭାଗ କର୍ମଚାରୀ ଜବତ କରିଛନ୍ତି। ଏହି ମାମଲାରେ ବର୍ତ୍ତମାନ ଜଣେ ଜଡ଼ିତ ଥିବା ଜଣାପଡୁଥିବା ବେଳେ ଆଉ କେତେଜଣ ଅଭିଯୁକ୍ତ ମଧ୍ୟ ଜଡ଼ିତ ଥିବା ଅନୁମାନ କରାଯାଉଛି । ତେଣୁ ବନ ବିଭାଗ ଅଧିକାରୀମାନେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଘଟଣା ସମ୍ପର୍କରେ ବିଶେଷ କିଛି କହୁନାହାନ୍ତି। ଏହି ଲୁଟ୍ ମାମଲାରେ ଆନ୍ତଃରାଜ୍ୟ ହାତୀଦାନ୍ତ ବେପାରୀମାନେ ମଧ୍ୟ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ଉକ୍ତ ଦିଗ ସମ୍ପର୍କରେ ମଧ୍ୟ ତଦନ୍ତ ଚାଲିଛି। ଅପରପକ୍ଷେ ଏହି ଘଟଣାରେ ବନ ବିଭାଗକୁ ବୁଧବାର ବଡ଼ ସଫଳତା ମିଳିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ତଦନ୍ତ ସରିବା ପରେ ବିଭାଗୀୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ଭାବନା ରହିଛି ।

ପ୍ରକାଶ ଯେ, ଗତ ୬ ତାରିଖରେ କାନବିନ୍ଧା ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ଦନ୍ତାହାତୀ ମରିପଡ଼ିଥିବା ଲୋକେ ଦେଖିଥିଲେ । ଏହାପରେ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦେଖିବା ବେଳକୁ ଦନ୍ତାର ଦାନ୍ତକୁ ଶିକାରୀମାନେ ଲୁଟି ନେଇଥିଲେ । ଶିକାରୀମାନେ ଦନ୍ତାକୁ ଗୁଳିକରି ହତ୍ୟା କରିବା ପରେ ତାର ଦାନ୍ତକୁ ଲୁଟି ନେଇଥିଲେ । ଏହି ଘଟଣା ଘୁମୁସର ଉତ୍ତର ବନଖଣ୍ଡରେ ପ୍ରଥମ। ଯାହାକୁ ନେଇ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ିଯାଇଥିଲା । ଏଥିସହ ଗତ ସପ୍ତାହରେ ଯୋଗ ଦେଇଥିବା ନୂଆଁ ଡିଏଫ୍‌ଓ ସୁଦର୍ଶନ ବେହେରା ମାମଲାଟିକୁ ଗୁରୁତର ସହ ନେଇ ତଦନ୍ତ କରି ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇଛନ୍ତି। ଏ ନେଇ ବନ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ ଏଠାରେ କହିଛନ୍ତି, ଦାନ୍ତ ଜବତ ହୋଇଛି। ମାମଲାର ତଦନ୍ତ ଚାଲିଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

ପେଟ୍ରୋଲ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ।

ଭଞ୍ଜନଗର,୧୩୭(ଡି.ଏନ.ଏ)

ଭଞ୍ଜନଗର ବେଲଗୁଣ୍ଡା ମୁଖ୍ୟ ରାସ୍ତାର ଜାମପଲ୍ଲୀ ନିକଟରେ ବୁଧବାର ଅପରାହ୍ନରେ ଏକ ପେଟ୍ରୋଲ ଟ୍ୟାଙ୍କର ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ବାଇକ ଚାଳକ ଆହତ ହୋଇଛନ୍ତି। ପ୍ରକାଶ ଯେ, ଟ୍ୟାଙ୍କର ଗାଡ଼ିଟି ଭଞ୍ଜନଗରରେ ପେଟ୍ରୋଲ ଖାଲି କରି ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ବାଟରେ ଚାଳକ ଗାଡ଼ିରୁ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ଏହାପରେ ଟ୍ରକ୍‌ଟି ସେଠାରୁ କିଛି ମିଟର ଯିବାପରେ ପୁଣି ଦୁଇଟି ବାଇକ୍‌କୁ ଧକ୍କା ଲଗାଇଥିଲା। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

ଭୁସ୍ଖଳନରେ କ୍ଷତିଗ୍ରସ୍ତ ୩୯ ପରିବାରଙ୍କୁ ସ୍ଥାନାନ୍ତର

ଆର.ଉଦୟଗିରି,୧୩୭(ଡି.ଏନ.ଏ.)

ପରିବାରକୁ ସ୍ଥାନାନ୍ତର କରୁଛି ବ୍ଲକ ପ୍ରଶାସନ।

ନୂଆଗଡ଼ ବ୍ଲକ ଅନ୍ତର୍ଗତ ପରିମଳ ପଞ୍ଚାୟତର ନୂଆପଲ୍ଲୀ ଗ୍ରାମ ନିକଟସ୍ଥ ପାହାଡରେ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ଭୁସ୍ଖଳନ ହୋଇଥିଲା । ଏଥିରେ ବହୁ ଘର ନଷ୍ଟ ହେବା ସହ ୫ ବାଇକ୍ ମଧ୍ୟ ମାଟିରେ ପୋତି ହୋଇଯାଇଥିଲା। ଏଥିସହ ଆସନ୍ତା ୧୪ ଓ ୧୫ ତାରିଖ ବେଳକୁ ପୁଣି ଲଗାଣ ବର୍ଷା ହେବାର ସମ୍ଭାବନା ଥିବା ଯୋଗୁ ଏହାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବିପନ୍ନ ନୂଆପଲ୍ଲୀ ଗ୍ରାମର ସମସ୍ତ ୩୯ ପରିବାରଙ୍କୁ ପରିମଳ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇ ଅସ୍ଥାୟୀ ଭାବେ ଥଇଥାନର ବ୍ୟବସ୍ଥା କରାଯାଇଛି।

ସେହିଭଳି ଥଇଥାନ ହୋଇଥିବା ସମସ୍ତ ପରିବାରଙ୍କୁ ପରିମଳ ପଞ୍ଚାୟତ ପକ୍ଷରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଅଜାଚିତ ସାହାର୍ଯ୍ୟ ମାଧ୍ୟମରେ ଦୁଇବେଳା ରନ୍ଧା ଖାଦ୍ୟ ଦିଆଯିବାର ବ୍ୟବସ୍ଥା କରାଯାଇଛି। ନୂଆଗଡ଼ ବ୍ଲକର ଖଜୁରିପଦା ଥିବା ଆରୋଗ୍ୟ ପ୍ରସ ଦ୍ୱାରା ଦୁଇ ଦିନ ହେବ ୨୦ ଜଣ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରାଯାଇଛି। ଡା. ନିକୁଞ୍ଜ କୁମାର ପଣ୍ଡା, ଫାର୍ମାସିଷ୍ଟ ବାଲାଜୀ ଓ ଏଏନ୍‌ଏମ୍ ପ୍ରିୟାଙ୍କି ସିଂ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଭୀକାରୀ ଚନ୍ଦ୍ର ବେହେରା ସୂଚନା ପ୍ରଦାନ କରିଛନ୍ତି।

ଦୋକାନରୁ ଚୋରି ଘଟଣାରେ ୨ ଗିରଫ

ବୁଗୁଡା,୧୩୭(ଡି.ଏନ.ଏ.)

ବୁଗୁଡା ଥାନା ଭାମଶିଆଳି ପଞ୍ଚାୟତ ଅନ୍ତର୍ଗତ ଚଢିଆପଲ୍ଲୀ ଗାଁର ତିନୋଟି ଦୋକାନରେ ପଶି ଚୋରି କରିଥିବା ଘଟଣାରେ ପୋଲିସ ବୁଧବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମର ଏ.ସନ୍ତୋଷ ଏବଂ ଏ.ଭୀମ। ଗତ ଫେବୃଆରୀ ୧୫ ତାରିଖ ରାତିରେ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ଗହଳିରେ ସକାଳୁ ରାତି ପର୍ଯ୍ୟନ୍ତ ଚଳ ଚଞ୍ଚଳ ଲାଗି ରହିଥିବା ବେଳେ ଚଡିଆପଲ୍ଲୀ ଗ୍ରାମର ମୁଖ୍ୟ ସଡ଼କରେ ଥିବା ମହାଲକ୍ଷ୍ମୀ ଷ୍ଟୁଡିଓର ତାଲା ଭାଙ୍ଗି ମୂଲ୍ୟବାନ ଭିଡିଓ କ୍ୟାମେରା ଚୋରାଇ ନେଇଥିବା ବେଳେ ମହାରଣା ଜୁଏଲାରୀରୁ ସୁନା ଓ ରୁପା ଏବଂ ପ୍ରହରାଜ ଅଟୋମୋବାଇଲ ଦୋକାନରୁ ଟାୟାର, ଟ୍ୟୁବ୍ ସହ ଲୁବ୍ରିକ୍ୟାଣ୍ଟ୍ ପାଉଚ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ କେସ୍ ନଂ ୧୦୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ବେଳେ ଚୋରିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରିଥିବା ନେଇ ଆଇଆଇସି ଚିତ୍ତ ରଞ୍ଜନ ବେହେରାଙ୍କଠାରୁ ପ୍ରକାଶ।

ମିଶନ ଶକ୍ତି ପକ୍ଷରୁ ନିଯୁକ୍ତି ଓ ପରାମର୍ଶ ଶିବିର

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଗୋପାଳପୁର,୧୩୭(ଡି.ଏନ.ଏ.)

ମିଶନ ଶକ୍ତି ବିଭାଗର ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଓରମାସ ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର ନିଯୁକ୍ତି ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପସଭାନେତ୍ରୀ ଏସ୍.ରାଜେଶ୍ୱରୀ ଦୋରା, ଭାରପ୍ରାପ୍ତ ବିଡିଓ ଦ୍ରିପତି ବାଲାଜୀ ସାମନ୍ତରାୟ, ୫୪ନଂ ଜିଲା ପରିଷଦ ଦୀପକ କୁମାର ସାମନ୍ତ, ୫୫ନଂ ଜିଲା ପରିଷଦ ସଭ୍ୟ ତଅପୋଇ ଦାସ ଓ ବିଶ୍ୱନାଥପୁର ସମିତି ସଭ୍ୟ ବିଷ୍ଣୁପ୍ରିୟା ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରକାରଙ୍କ ପକ୍ଷରୁ ପ୍ରଦତ୍ତ ରୋଜଗାର ଓ ନିଯୁକ୍ତିର ଠିକ୍ ସୁଯୋଗ ନେଇ ନିଜେ ଆତ୍ମନିର୍ଭରଶୀଳ ହେବାକୁ ଅତିଥିବୃନ୍ଦ ଆହ୍ୱାନ ଦେଇଥିଲେ। ବିପିଏମ ଅଜୟ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୮ ବେସରକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ। ୧୫୨ ଜଣ ଯୁବତୀ ଯୁବକମାନେ ନିଜର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିମଧ୍ୟରୁ ୮୫ ଜଣଙ୍କୁ ନିଯୁକ୍ତି ଓ ତାଲିମ ପାଇଁ ଚୟନ କରାଯାଇଥିଲା। ଆସନ୍ତା କିଛିଦିନ ମଧ୍ୟରେ ଚୟନ ଯୁବତୀ ଯୁବକଙ୍କୁ ତାଲିମ ପରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସିଏଚ୍ ନରେଶ, ଉପାଧ୍ୟକ୍ଷ ପ୍ରତିନିଧି ବିନୋଦ କୁମାର ମହାଙ୍କୁଡ଼, ବିଏଲ୍‌ସି ପବିତ୍ରା ଦୋରା, ରୋଜାରାଣୀ ପଟ୍ଟନାୟକ, ଚିତ୍ରସେନ ନାୟକ, ଓଏସ୍‌ଡି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ବିପିଏ ସୁନୀଲ କୁମାର ପଟ୍ଟନାୟକଙ୍କ ସମେତ ମିଶନ ଶକ୍ତିର ସିଆର୍‌ପି, ଏମ୍‌ବିକେ, କୃଷି ମିତ୍ର, ପ୍ରାଣୀମିତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ପିଇବା ପାଣି ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ

ଛତ୍ରପୁର,୧୩୭(ଡି.ଏନ.ଏ.)

ଛତ୍ରପୁର ଏନ୍‌ଏସି ୧୪ ନଂ ୱାର୍ଡରେ ପିଇବା ପାଣି ସମସ୍ୟା ହେଉଥିବାରୁ ଏହାର ସମାଧାନ ନେଇ ସାହିବାସିନ୍ଦା ଜିଲାପାଳ ନିକଟରେ ଫେରାଦ ହୋଇଛନ୍ତି। ଏହି ପାଣି ସମସ୍ୟା ଆଜିର ନୁହେଁ ଦୀର୍ଘ ୩ ବର୍ଷ ହେଲା ୱାର୍ଡର ରାମକୃଷ୍ଣନଗର, ନୂଆ ପୋଲିସ ଲାଇନ, ଦଳିତ ସାହି, କାଳିମନ୍ଦିର ସାହି ସମେତ ଅନ୍ୟ ସାହିବାସୀଙ୍କୁ ମଧ୍ୟ ଟୋପାଏ ପିଇବା ପାଣି ଠିକ ଭାବେ ମିଳୁ ନ ଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି କହିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବହୁବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ବି କେବଳ ପ୍ରତିଶ୍ରୁତି ମିଳୁଛି କିନ୍ତୁ ଏହାର କୌଣସି ସ୍ଥାୟୀ ସମାଧାନ ହେଉନାହିଁ। ତୁରନ୍ତ ପାଣି ସମସ୍ୟା ନେଇ ଏକ ବୈଠକ କରି ଏହାର କିପରି ସମାଧାନ ହୋଇପାରିବ ବୋଲି ଜିଲାପାଳ ସାହି ବାସିନ୍ଦାମାନଙ୍କୁ କହିଥିଲେ। ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ୧୪ ୱାର୍ଡର କାଉନସିଲର ଏମ୍.ଅରୁନ୍ଧତୀ ରେଡ୍ଡୀ, ସଞ୍ଜିତ କୁମାର ରାଉଳ, ଅହଲ୍ୟା ଗୌଡ଼, ନିବେଦିତା ପା, ନିଶାରାଣୀ ପାତ୍ର, କେ.ଚନ୍ଦ୍ରଶେଖର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

ବିଧାୟକଙ୍କ ଦ୍ୱାରା ପଟ୍ଟା ବଣ୍ଟନ

ଜି.ଉଦୟଗିରି,୧୩୭(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକରେ ପୂର୍ବରୁ ହାଇସ୍କୁଲଗୁଡିକୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ବୁଧବାର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୦ ସ୍କୁଲଗୁଡିକୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଆୟୋଜିତ ଏହି ପଟ୍ଟା ବଣ୍ଟନ ଉତ୍ସବରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜି.ଉଦୟଗିରି ବ୍ଲକର ୪୦ ସ୍କୁଲକୁ ପଟ୍ଟା ପ୍ରଦାନ କରିଛନ୍ତି। ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକମାନେ ଏହି ପଟ୍ଟା ଗ୍ରହଣ କରିବା ସହିତ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜି.ଉଦୟଗିରି ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଉପାଧ୍ୟକ୍ଷ ଏନ. ଲୁକ୍ ପ୍ରମୁଖ ଯୋଗ ଦେଇଥିଲେ।

ମହାନଗର ଯୁବ ଛାତ୍ର ବିଜେଡିର ଚାରା ରୋପଣ

ବ୍ରହ୍ମପୁର ଅଫିସ,୧୩୭

ଚାରା ରୋପଣ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ, ମେୟର ଓ ବିଜେଡି ନେତୃବୃନ୍ଦ ।

ବିଜୁ ଜନତା ଦଳ ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ବ୍ରହ୍ମପୁର ମହାନଗର ଯୁବ ଓ ଛାତ୍ର ବିଜେଡି ସଂଗଠନ ପକ୍ଷରୁ ବୁଧବାର ଆସିକା ରୋଡସ୍ଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବଡ଼ ବଜାର ଥାନା ପରିସରରେ ଚାରାରୋପଣ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଲେଇ, ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ମହାନଗର ବିଜେଡି ସଭାପତି ବିଜୟ ସାମଲ, ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା, ଛାତ୍ର ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ, ଥାନାଧିକାରୀ ପ୍ରଶାନ୍ତ ଭୂପତି, ସାଇବର ଥାନା ଅଧିକାରୀ ଅବିନାଶ ରେଡ୍ଡୀ ପ୍ରମୁଖ ବିଭିନ୍ନ ଚାରା ଲଗାଇଥିଲେ। କର୍ପୋରେଟର ତଥା ଜିଲା ବିଜେଡି ଉପସଭାପତି ସଞ୍ଜିତ ପାଣିଗ୍ରାହୀଙ୍କ ସମେତ ଅଶ୍ୱିନୀ ପଟ୍ଟନାୟକ, ଶ୍ୱେତା ତ୍ରିପାଠୀ, ପଦ୍ମିନୀ ମିଶ୍ର, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ଏବଂ ନିରଞ୍ଜନ ଜେନା, ଟି. ଗୋପୀ, ସଞ୍ଜୟ ସାବତ, ଭାଗି ପଣ୍ଡା, ଚନ୍ଦ୍ରମୋହନ ସାହୁ, କାହ୍ନୁ ପାତ୍ର, ଅସିତ ସାବତ, ତେଜେଶ୍ୱର ସ୍ୱାମୀ, ରାଜେଶ୍ୱର ବେହେରା, ଅମିତ ମୁଖୀ, ରତ୍ନାକର ମହାପାତ୍ରଙ୍କ ସମେତ ଦଳର ଅନେକ କର୍ମୀ ଓ ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

ଆଦିବାସୀ ନାବାଳିକାଙ୍କୁ ଘରେ ଛାଡ଼ିଲେ ଆନ୍ଧ୍ର ଗାଁ ମୁଖିଆ

ପାତ୍ରପୁର,୧୩୭(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଖରିଆନାଳ ଗ୍ରାମର ଜଣେ ଆଦିବା

ସଂକ୍ଷେପରେ

୨ କଲୋନୀରେ କୃତ୍ରିମ ବନ୍ୟା ପରିସ୍ଥିତି

ନୟାଗଡ଼ ଅଫିସ,୧୩।୭: ନୟାଗଡ଼ ସହରର ଶ୍ରୀହରି ବିହାର ଓ ଦେବୋତ୍ତର କଲୋନୀରେ ଡ୍ରେନେଜ ଜଳ ଲଡଡି ଭାଙ୍ଗୁଛି। କେଉଁଠି ଫୁଟେ ତ ଆଉ କେଉଁଠି ଦେଢ଼ ଫୁଟର ପାଣି ରାସ୍ତା ଉପରେ ଚାଲିଛି। ଲଘୁଚାପ ବର୍ଷା ଲାଗି ରହିଥିବାରୁ ଏହି ସମସ୍ୟା ଦେଖା ଦେଇଛି । ସହରର ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି ।

ନୟାଗଡ଼ ଜିଲାପାଳଙ୍କ ନାମରେ ଫେକ୍ ହ୍ୱାଟ୍‌ସ୍‌ଆପ୍



ନୟାଗଡ଼ ଅଫିସ,୧୩।୭: ନୟାଗଡ ଜିଲାପାଳଙ୍କ ନାମରେ ଫେକ୍ ହ୍ୱାଟସପ୍ ଖୋଲାଯାଇଛି । ସେହି ହ୍ୱାଟସପ୍‌ରେ ନୟାଗଡ ଜିଲାପାଳ ଡ.ପୋମା ଟୁଡୁଙ୍କ ଫଟୋ ଏବଂ ନାମ ରହିଛି । ଏହି ଫେକ୍ ହ୍ୱାଟସପ୍‌ରୁ ବିଭିନ୍ନ ଲୋକଙ୍କୁ ଟଙ୍କା ମଗାଯାଉଛି । ୯୬୬୩୪୨୨୨୮୭ ନମ୍ବରରେ ଏହି ହ୍ୱାଟସପ୍ ଖୋଲାଯାଇଛି। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ପ୍ରତିକ୍ରିୟା ମିଳିନାହିଁ ।

ଫେରାର ବାଇକ୍ ଚାଳକ ଗିରଫ

ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ ଘଟଣା

ବ୍ରହ୍ମପୁର ଅଫିସ,୧୩।୭: ଦୁର୍ଘଟଣାରେ ଜଣେ ଯୁବକଙ୍କର ଜୁନ ୨୫ରେ ମୃତ୍ୟୁ ଘଟିଥିଲା। ଘଟଣା ଘଟିବାର ୧୬ ଦିନ ପରେ ଟ୍ରାଫିକ୍ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଗୋଲାପଲ୍ଲୀ ସାହିର ଅନିଲ ସେଠୀ (୩୨)। ଦୁର୍ଘଟଣା ଘଟାଇଥିବା ବାଇକ (ନଂ ଓଆର ୨୧ବି ୪୫୧୧)କୁ ମଧ୍ୟ ଜବତ କରାଯାଇଛି। ମାମଲା ନମ୍ବର ୨୪/୨୨ରେ ଅନିଲଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅନନ୍ତନଗରରେ ରହୁଥିବା ଗୁରୁଦତ୍ତ ପଣ୍ଡା ଜୁନ ୧୦ରେ କୌଣସି କାମରେ ଚମାଖଣ୍ଡି ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟା ବେଳେ ସେ ସ୍କୁଟି (ନଂ ଓଡ଼ି ୦୭ ଏକେ ୭୭୮୬)ରେ ଘରକୁ ଫେରୁଥିଲେ। ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖ ଜାତୀୟ ରାଜପଥରେ ଏକ ବାଇକ୍ ତାଙ୍କ ପଛ ପଟରୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ି ଡିଭାଇଡରରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜୁନ ୨୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଖଣ୍ଡଗିରି ଥାନାରେ ୧୦୧/୨୨ ରେ ଏକ ମାମଲା ରୁଜୁ ହୋଇଥିଲା।

ପରିତ୍ୟକ୍ତ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୩।୭: ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ଦ୍ୱିତୀୟ ଲାଇନ୍‌ର ଏକ ଘରୋଇ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଥିବା ପରିତ୍ୟକ୍ତ ଘରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୦ ବର୍ଷ ହେବ ବୋଲି କହିଛି। ମୃତଦେହ ଜବତ କରି ନଂ.୯/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ଅନୁସନ୍ଧାନରୁ ସେ ଜଣେ ରିକ୍ସାଚାଳକ ହୋଇଥିବା ଜାଣିବାକୁ ପାଇଛି ଏବଂ ନିକଟରେ ଥିବା ତାଙ୍କ ରିକ୍ସା ମଧ୍ୟ ଜବତ କରିଛି। ଯୁବକ ଜଣକ ଉକ୍ତ ଘର ଭିତରକୁ କାହିଁକି ଯାଇଥିଲେ ଓ ସେ କିଭଳି ଆତ୍ମହତ୍ୟା କଲେ ସେନେଇ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

୫୦ରୁ ଉର୍ଦ୍ଧ୍ୱ ଗାଁ ସହ ଯୋଗାଯୋଗ ବିଚ୍ଛିନ୍ନ

ନୟାଗଡ଼ ଅଫିସ,୧୩।୭

ଭଙ୍ଗା ପୋଲ ଉପରେ ଲୋକମାନେ ଯାତାୟାତ କରୁଛନ୍ତି ।

ଧୋଇ ହୋଇଯାଇଥିବା ଅସ୍ଥାୟୀ ରାସ୍ତା

- ନଦୀ ଭିତର ଅସ୍ଥାୟୀ ରାସ୍ତା ଧୋଇ ହୋଇଗଲା
- ଦୁଆଣ୍ଟ ପୋଲ ଦବିବା ପରେ ବଢ଼ିଲା ଦୁଃଖ
- ଜଗନ୍ନାଥ ସଡ଼କକୁ ଅଣଦେଖା
- ବର୍ଷା ପୂର୍ବରୁ ଅସ୍ଥାୟୀ ରାସ୍ତାର ଉଚ୍ଚତା ବଢ଼ା ଯାଇ ନ ଥିଲା

ନୟାଗଡ଼ ଜିଲାର ଶରଣକୁଳ ଲଡୁବାବାଙ୍କ ଧାମରୁ ଶ୍ରୀକ୍ଷେତ୍ର ପୁରୀକୁ ପଡିଥିବା ନୂଆ ଜଗନ୍ନାଥ ସଡ଼କର ଡିମିଶର ପନ୍ଦାରିଛକ ଦୁଆଣ୍ଟ ନଦୀ ପୋଲ ଭୁଶୁଡ଼ିବାର ସାଢ଼େ ୬ମାସ ବିତି ଯାଇଛି। ହେଲେ ନୂଆ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ ପାରିନି । ଏଭଳି ପରିସ୍ଥିତିରେ ଲଘୁଚାପ ବର୍ଷାରେ ନଦୀ ଭିତର ରାସ୍ତା ବୁଧବାର ଧୋଇ ନେଇଛି । ବର୍ଷାଋତୁ ଆସିଥିଲେ ମଧ୍ୟ ପୂର୍ତ୍ତ ବିଭାଗ ନଦୀ ଭିତର ରାସ୍ତାକୁ ମରାମତି କରି ନ ଥିଲା । ପୁଣି ଉଭୟ ପାର୍ଶ୍ୱରେ ବାଲି ବସ୍ତା ଦେଇ ନ ଥିଲା କି ରାସ୍ତାର ଉଚ୍ଚତା ବଢ଼ାଯାଇ ନ ଥିଲା । ଏଣୁ ନଦୀର ସ୍ୱଳ୍ପ ଜଳ ବି ରାସ୍ତାକୁ କଟ୍‌ଅପ୍ କରି ଦେଲା । ଏଣୁ ଗୋଡିପଡା, ଡମସାହି, ଡିମିଶର, ପଞ୍ଚୁମୁ, ଭାଲିଆଡିହି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁ ଜିଲା ମହକୁମା ସହିତ ବିଚ୍ଛିନ୍ନ ହୋଇ ପଡିଛି । ଅନ୍ୟପକ୍ଷେ କେତେଜଣ ଲୋକ ଭଙ୍ଗାପୋଲ ଉପରେ ଯାତାୟତ କରୁଥିବାରୁ ସାଧାରଣରେ ଭୟ ବଢ଼ିଛି ।

ପ୍ରାୟ ୩୮ ବର୍ଷ ତଳେ ତତ୍କାଳୀନ ରଣପୁର ବିଧାୟକ ରମାକାନ୍ତ ମିଶ୍ର ଦୁଆଣ୍ଟ ନଦୀର ପୋଲକୁ ଉଦ୍‌ଘାଟନ କରିଥିଲେ । ପୋଲଟି ବହୁ ବର୍ଷର ପୁରୁଣା ହୋଇଥିଲେହେଁ ଭଲ ଥିଲା । ବାଲି ବ୍ୟବସାୟୀମାନେ ନଦୀର ଶର୍ଯ୍ୟା ଖୋଳି ବାଲି ନେଇ ଯିବା ପରେ ବନ୍ୟା ଜଳରେ ପୋଲର ରାଫ୍ଟ ଫାଉଣ୍ଡେଶନର ପାର୍ଶ୍ୱରେ ଗାତ ସୃଷ୍ଟି ହୋଇଥିଲା । ରାଫ୍ଟ ଫାଉଣ୍ଡେଶନର ଗାତକୁ ମରାମତି ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେହେଁ ପୂର୍ତ୍ତ ବିଭାଗ ସେଥିପ୍ରତି ଅଣଦେଖା କରିଥିଲା । ଏଣୁ୨୦୨୧ ଡିସେମ୍ବର୨୯ରେ ପୋଲଟି ଦବି ଯାତାୟତ ବନ୍ଦ ରହିଥିଲା। ଯଦିଓ ପୋଲଟି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ନାହିଁ ତେବେ ଧିରେ ଧିରେ ଦବି ଚାଲିଛି। ପୂର୍ତ୍ତ ବିଭାଗ ପକ୍ଷରୁ ପୋଲକୁ ବିପଦ ସଙ୍କୁଳ ଘୋଷଣା କରାଯାଇ ନାମଫଳକ ଲଗାଯିବା ସହିତ ରାସ୍ତା ବନ୍ଦ କରାଯାଇଛି। ହେଲେ କେତେଜଣ ଲୋକ ବାଧ୍ୟ ହୋଇ ଭଙ୍ଗା ପୋଲ ଉପରେ ଯାତାୟତ କରୁଛନ୍ତି। ଏନେଇ ଡିମିଶର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ପ୍ରଧାନ, ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ପଞ୍ଚୁମରୁ ପୂର୍ବତନ ସରପଞ୍ଚ ଜୀବନ ରାୟ ଓ ନାରାୟଣ ସାହୁ କୁହନ୍ତି, ବର୍ଷାଋତୁ ପୂର୍ବରୁ ପୂର୍ତ୍ତ ବିଭାଗ ନଦୀ ଭିତର ଅସ୍ଥାୟୀ ରାସ୍ତାକୁ ଗୁରୁତ୍ୱ ଦେଲାନି । ରାସ୍ତାର ଉଚ୍ଚତା ବଢ଼ିଥିଲେ ଓ ଉଭୟ ପାର୍ଶ୍ୱରେ ଅସ୍ଥାୟୀ ସୁରକ୍ଷା ପ୍ରାଚୀର କରାଯାଇଥାନ୍ତା ବୁଧବାର ରାସ୍ତା ଧୋଇ ହୋଇ ନ ଥାନ୍ତା । ଜଣେ ଲୋକ ନିଜ ନାମ ଗୋପନ ରଖି କହିଛନ୍ତି ଡିମଶର ପୋଲ ପାଇଁ ୧୧.୨୩ କୋଟି ମଞ୍ଜୁର ହୋଇଛି ବୋଲି ବିଧାୟକ କହୁଛନ୍ତି ।୧ମାସ ପରେ କାମ ଆରମ୍ଭ ହେବ । ତେବେ ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ନାହିଁ । ପୂର୍ତ୍ତ ବିଭାଗ ପକ୍ଷରୁ ଏଷ୍ଟିମେଣ୍ଟ ଆପ୍ରୁଭାଲ ପାଇଁ ପଠାଯାଇଥିବା କୁହାଯାଇଛି । ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅଜାତ ଶତ୍ରୁ ସାହୁ କୁହନ୍ତି, ଡିମିଶର ପୋଲର ଆଲଟମେଣ୍ଟ ଆପ୍ରୁଭ ହୋଇ ଏଷ୍ଟିମେଣ୍ଟ ଆପ୍ରୁଭ ପାଇଁ ପଠାଯାଇଛି। ଏଷ୍ଟିମେଣ୍ଟ ଆପ୍ରୁଭ ହୋଇ ସାରିବା ପରେ ଆଶା କରାଯାଉଛି ସେପ୍ଟେମ୍ବର ମାସରୁ କାମ ଆରମ୍ଭ ହେବ । ଅନ୍ୟପକ୍ଷେ ନଦୀରୁ ପାଣି ଛାଡିଲେ ଅସ୍ଥାୟୀ ରାସ୍ତାର ଉଚ୍ଚତା ବଢ଼ାଯିବ । ଉଭୟ ପାର୍ଶ୍ୱରେ ବାଲିବସ୍ତା ଦିଆଯିବ । ଗୁରୁବାର କ୍ଷେତ୍ର ପରିଦର୍ଶନ କରି ଅସ୍ଥାୟୀ ରାସ୍ତାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବାକୁ ବ୍ୟବସ୍ଥା କରାଯିବ । ଅସ୍ଥାୟୀ ରାସ୍ତା ନଷ୍ଟ ନେଇ ରଣପୁର ବିଧାୟକଙ୍କୁ ଅବଗତ କରାଯାଇଥିବା କହିଛନ୍ତି ।

୨୧୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

କଟକ ଅଫିସ, ୧୩।୭

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ଛକରେ ଚଢାଉ କରାଯାଇ ୧୩୦ ଗ୍ରାମ୍ ବ୍ରାଉନସୁଗାର ବୁଧବାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣ ବ୍ୟବସାୟୀ ଫୁଲନଖରା କାଚରାମାଳର ବଳରାମ ସ୍ୱାଇଁ ଓ ତେଲେଙ୍ଗାପେଣ୍ଠ ନୂଆଗଡ଼ର ବବୁଲ ବାରିକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ଏକ ବାଇକ୍ ଜବତ କରାଯାଇଛି। ଏ ସମ୍ପର୍କରେ ଏକ ମାମଲା (ନଂ.୨୦୭/୨୨) ରୁଜୁ କରାଯାଇଛି। ଫୁଲନଖରା ଛକ ନିକଟରେ ଅଭିଯୁକ୍ତ ଦ୍ୱୟ ବାଇକ୍‌ରେ ଯାଉଥିବା ସମୟରେ ଗୋଇନ୍ଦା ବିଭାଗ ଟିମ୍ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ସେମାନଙ୍କ ନିକଟରୁ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ସେହିପରି ଗୋଇନ୍ଦା ବିଭାଗ ପକ୍ଷରୁ ନୟାଗଡ଼ ଜିଲାର ଫତେଗଡ଼ଠାରେ ଚଢାଉ କରାଯାଇ ୮୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଘଟଣାରେ ଫତେଗଡ଼ ଅଞ୍ଚଳର ମୀନକେତନ ମହାନ୍ତି ଓ ପୀତବାସ ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୦୬/୨୨) ରୁଜୁ ହୋଇଛି।

ନୂଆଗାଁ ରୋଡ୍-ପୁରୀ ପାସେଞ୍ଜର ଟ୍ରେନ ସମୟସାରଣୀକୁ ନେଇ ଅସନ୍ତୋଷ

ନୟାଗଡ଼ ଅଫିସ,୧୩।୭

ସମୟ ସାରଣୀ ପୂର୍ବବତ ରଖିବାକୁ ଦାବି

ପୂର୍ବତତ ରେଳପଥ ପକ୍ଷରୁ ସଦ୍ୟ ପ୍ରକାଶିତ ନୂଆଗାଁରୋଡ଼-ପୁରୀ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନର ସମୟ ସାରଣୀକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶିତ ସମୟ ସାରଣୀ ଦ୍ୱାରା ଯାତ୍ରୀମାନେ ଉପକୃତ ହେବାର ସମ୍ଭାବନା ନ ଥିବା ବେଳେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ପ୍ରକାଶ ପାଇଛି । ଏଣୁ ସମୟ ସାରଣୀ ବିଜ୍ଞପ୍ତିକୁ ପରିବର୍ତ୍ତନ କରି ପୂର୍ବରୁ ଯେପରି ପୁରୀ ପାସେଞ୍ଜର ଟ୍ରେନ ସକାଳ ୫ଟାରେ ଯାତ୍ରା ଆରମ୍ଭ କରୁଥିଲା ସେହିପରି ଯାତ୍ରୀ ଅନୁକୂଳ ସମୟ ସାରଣୀ ପ୍ରସ୍ତୁତ କରିବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରେଳ ବିଭାଗ ନିକଟରେ ଦୃଢ଼ ଦାବି କରାଯାଇଛି।

ପ୍ରକାଶିତ ସମୟ ସାରଣୀ ଅନୁସାରେ ନୂଆଗାଁରୋଡ଼ରୁ ସକାଳ ୮ଟା ୧୦ରେ ପୁରୀ ଅଭିମୁଖେ ଟ୍ରେନ ନଂ-୦୮୪୨୪ ଛାଡ଼ି ପୁରୀରେ ମଧ୍ୟାହ୍ନ ୧୨ଟା ୧୫ରେ ପହଞ୍ଚିବ । ସେହିପରି ପୁରୀରୁ ସଂପୃକ୍ତ ଟ୍ରେନ ନଂ-୦୮୪୨୩ ସନ୍ଧ୍ୟା ୭ଟା ୫୦ରେ ବାହାରି ନୂଆଗାଁରେ ରାତ୍ର ୧୧ଟା ୪୫ରେ ପହଞ୍ଚିବ । ଏହି ସମୟ ଭିତରେ ଜଣେ ବ୍ୟକ୍ତି ପିଲାଛୁଆ ଧରି ପୁରୀ ଶ୍ରୀଜଗନ୍ନାଥ ଦର୍ଶନ ସାରି ରାତ୍ର ୧୧ଟା ୪୫ରେ ନୂଆଗାଁରେ ପହଞ୍ଚିବା ପରେ ରାତିରେ ହଇରାଣ ହେବେ । ସେହିପରି ଭୁବନେଶ୍ୱରରୁ ନୂଆଗାଁରୋଡ଼କୁ ଟ୍ରେନ ନଂ-୦୮୪୨୯ ପୂର୍ବାହ୍ନ ୧୦ଟା ୨୦ରେ ଭୁବନେଶ୍ୱର ଛାଡ଼ି ମଧ୍ୟାହ୍ନ ୧ଟାରେ ନୂଆଗାଁରୋଡ଼ରେ ପହଞ୍ଚିବ । ସଂପୃକ୍ତ ଟ୍ରେନ ନଂ-୦୮୪୩୦ ଅପରାହ୍ନ ୩ଟା୧୫ରେ ନୂଆଗାଁରୋଡ଼ ଛାଡ଼ି ଭୁବନେଶ୍ୱରରେ ସନ୍ଧ୍ୟା ୬ଟା ୧୫ରେ ପହଞ୍ଚିବ । ଯାତ୍ରୀଙ୍କ ପାଇଁ ଏହି ସମୟ ସାରଣୀ ମଧ୍ୟ ଠିକ୍ ନୁହେଁ ବୋଲି କୁହାଯାଉଛି । ଅନ୍ୟପକ୍ଷେ ରେଳ ବିଭାଗର ଏପରି ସମୟ ସାରଣୀ ଯୋଗୁ ଯାତ୍ରୀ ସଂଖ୍ୟା ହ୍ରାସ ପାଇପାରେ। ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଲେ ଟ୍ରେନ ବନ୍ଦ ହେବାର ଆଶଙ୍କା ପ୍ରକାଶ ପାଇଛି । କାରଣ ପୂର୍ବରୁ ରେଳ ବିଭାଗ ନୟାଗଡ଼ ଟାଉନ-ଖଡ଼ଗପୁର ପାସେଞ୍ଜର ଟ୍ରେନ ନଂ-୫୮୦୦୫/୫୮୦୦୬କୁ ଯାତ୍ରୀ ନ ହେଉଥିବା ଆଳ ଦେଖାଇ ବନ୍ଦ କରି ରଖିଛି। ସଂପୃକ୍ତ ଟ୍ରେନକୁ ପୁନର୍ବାର ଚଲାଇବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଗତ ୩୦ ତାରିଖରେ ନୂଆଗାଁ ଷ୍ଟେଶନରେ ସ୍ମାରକପତ୍ର ଦିଆଯାଇଥିଲେ ମଧ୍ୟ ସୁଫଳ ମିଳିନି ବୋଲି ଅଭିଯୋଗ ହୋଇଛି ।

କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ମହାସଭା ପାଇଁ ପ୍ରସ୍ତୁତି

ଗଣିଆ,୧୩।୭ (ଡି.ଏନ୍.ଏ.)

କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖାର ମହାସଭା ପାଇଁ ଏକ ପ୍ରସ୍ତୁତି ବୈଠକ ଗଣିଆ ବ୍ଲକ ଅଧୀନ ବେଲପଡ଼ାପାଟଣା ଲୌହତର ଧାତୁ ଶିଳ୍ପ ସମିତି ଗୃହ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖା 'ଖ' ଜୋନର ସଭାପତି ଚତୁର୍ଭୁଜ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଅଞ୍ଚଳର ୪୫ ଥାନ ମଧ୍ୟରୁ ୫୦ରୁ ଉର୍ଦ୍ଧ୍ୱ ଥାନଭାଇ ତଥା କର୍ମକର୍ତ୍ତା ଯୋଗଦେଇ ଥିଲେ ।

ବୈଠକରେ ବିରଞ୍ଚି ମହାପାତ୍ର, ମହାଦେବ ମହାରଣା, ପିତାମ୍ବର ମହାରଣା ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ କର୍ମକର୍ତ୍ତା ଅଖିଳ ମହାରଣା, ମହେନ୍ଦ୍ର ମହାରଣା, ଶରତ ଚନ୍ଦ୍ର ମହାରଣା, ଅନାଦି ଚରଣ ସାହୁ, ସୁରେନ୍ଦ୍ର ନାଥ ସାହୁ, ଶ୍ରୀପତି ମହାରଣା, ରମା ବଲ୍ଲଭ ସାହୁ, ସାରଙ୍ଗ ଧର ସାହୁ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ଦୁର୍ଯ୍ୟୋଧନ ମହାରଣା, ନୀରଞ୍ଜନ ମହାରଣା, ବ୍ରହ୍ମାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହି ପରସ୍ପର ମଧ୍ୟରେ ସୁ ସମ୍ପର୍କ ରଖି ଆଗାମୀ ମହାସଭା ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ ।

ନୀଳମାଧବ ମନ୍ଦିର ବୁଲି ଦେଖିଲେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ନୀଳମାଧବ ମନ୍ଦିର ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ଖଣ୍ଡପଡା,୧୩।୭(ସ୍ୱ.ପ୍ର.)

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ସୁରେଶ ଚନ୍ଦ୍ର ଦଳେଇ ବୁଧବାର ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲେ ଶ୍ରୀନୀଳମାଧବ ମନ୍ଦିର ପରିଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ବିକାଶ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲାପାଳ ଡ. ପୋମା ଟୁଡୁଙ୍କ ସହିତ ଆଲୋଚନା କରିଥିଲେ । ଏହି ସମୟରେ ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଓ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ପାର୍ଥ ସାରଥୀ ହାଁସଦା ପ୍ରକଳ୍ପର ନକ୍ସା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ପ୍ରକଳ୍ପ ସହିତ ଜଡିତ ଅନ୍ୟାନ୍ୟ ବିଭାଗର ଅଧିକାରୀ ତଥା ଓଡିଶା ସେତୁ ନିର୍ମାଣ ନିଗମର ନିର୍ବାହୀ ଯନ୍ତ୍ରୀ ଇଂ. ରଶ୍ମି ରଞ୍ଜନ ସାହୁ ଓ ସହକାରୀ ଯନ୍ତ୍ରୀ ଇଂ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ତୁରନ୍ତ ଏହି ପ୍ରକଳ୍ପ କାମ ସାରିବାକୁ ଆରଡିସି ଜିଲାପାଳ ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

ଗୋକୁଳାନନ୍ଦ ପୀଠରେ ଗୁରୁ ପୂଜନ ଉତ୍ସବ

ଖଣ୍ଡପଡା,୧୩।୭(ସ୍ୱ.ପ୍ର)

ଗୋକୁଳାନନ୍ଦ ଜୀଉ ।

ବୁଧବାର ଗୁରୁ ପୂର୍ଣ୍ଣମୀ ଅବସରରେ ଖଣ୍ଡପଡ଼ା ବ୍ଲକ ସିଧାମୂଳାସ୍ଥିତ ମଧୁକର୍ଣ୍ଣିକା ପାହାଡ଼ ଉପରେ ଥିବା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପୀଠର ପ୍ରତିଷ୍ଠାତା ସ୍ୱାମୀ ରାମ ଲକ୍ଷ୍ମଣ ଦାସଙ୍କ ଉଦ୍ଦେଶ୍ୟରେ ଗୁରୁ ପୂଜନ କରାଯାଇଥିଲା । ଏହି ଅବସରରେ ସ୍ୱାମୀ ରାମଲକ୍ଷ୍ମଣ ଦାସ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପୂଜା, ନାମ ସଂକୀର୍ତ୍ତନ, ଗୀତାପାଠ. ଭାଗବତ ପାଠ କରାଯାଇଥିଲା । ବହୁ ଶିଷ୍ୟ ଓ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ ।

ସୁନାଚେନ ଝାମ୍ପି ଲୁଟେରା ଗିରଫ

ବୁଗୁଡ଼ା,୧୩।୭(ଡି.ଏନ.ଏ.)

ଭୋର ସମୟରେ ଫୁଲ ତୋଳୁଥିବା ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରିଥିବା ଲୁଟେରାଙ୍କୁ ବୁଗୁଡ଼ା ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବୁଗୁଡ଼ା ଖଦାଳ ସାହିର ପ୍ରଭାକର ନାୟକ(୨୩) ଓରଫ୍ ମାଠଗୁଣା। ସ୍ଥାନୀୟ ସୀମାଞ୍ଚଳ ମାର୍ଗ ପ୍ରଥମ ଲାଇନରେ ରହୁଥିବା ତାକରଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ